କେନ୍ଦୁ                    ଚତୁର୍ଥ ଓ ପଞ୍ଚମ ସଂଖ୍ୟା

# ବଉଲା ଚରିତ
# ଓ
# ସ୍ୱପ୍ନଗାଥା


ରାଜା ୰ଗୋବିନ୍ଦଚନ୍ଦ୍ର ଭଞ୍ଜ ଦେଓ ପ୍ରଣୀତ



ପ୍ରକାଶକ

କେନ୍ଦୁଝରାଧୀଶ୍ୱର

ଶ୍ରୀମଦ୍ ବଳଭଦ୍ର ନାରାୟଣ ଭଞ୍ଜ ଦେବ

ସଂପାଦକ

ପଣ୍ଡିତ ଶ୍ରୀ ବାନାମ୍ବର ଆଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ

ପ୍ରଥମ ମୁଦ୍ରଣ

୧୯୪୦

ମୂଲ୍ୟ ଟ ୦ ୫

# ଭୂମିକା

ବଉଲାଚରିତ ଖଣ୍ଡିଏ ଶ୍ରେଷ୍ଠ ଉପାଖ୍ୟାନ ପୁସ୍ତକ । ଓଡ଼ିଶାର ସୁରଣସ୍ଥାନୀୟ ନାଥମାନେ ଏହି ଉପାଖ୍ୟାନଟିକୁ ଆବୃତ୍ତି କରି ଭିକ୍ଷା କରିଥାନ୍ତି । ଉତ୍କଳର ପୁରପଲ୍ଲୀବାସୀ ସମସ୍ତେ ପିଲାଦିନୁଁ ଅଳ୍ପ ବହୁତେ କେନ୍ଦରାବାଦକ ନାଥମାନଙ୍କ ମୁଖରୁ ଏହା ଶୁଣିଥିବେ । ଆଜିକାଲି ତଥା-କଥିତ ଉନ୍ନତ ଶିକ୍ଷାର ପ୍ରଭାବରେ ବଉଲାଚରିତ ପରି ଧର୍ମନୀତି-ଶିକ୍ଷା-ସମ୍ବଳିତ ଉପାଖ୍ୟାନମାନ ଆଉ ପ୍ରାପ୍ତବୟସ୍କ ଶିକ୍ଷିତ ସମାଜରେ ଆଦୃତ ଓ ଆଲୋଚିତ ହେଉ ନାହିଁ । କାରଣ ନବ୍ୟମାନେ ପ୍ରାୟଶଃ ଶୃଙ୍ଗାରରସାତ୍ମକ ରଚନାକୁ କାବ୍ୟ ଆଖ୍ୟା ଦେଇଥାନ୍ତି । ତେଣୁ (ତାଙ୍କ ମତରେ) ଅନ୍ୟାନ୍ୟ ନୀରସ କାବ୍ୟ ପାଠ କରିବା ପ୍ରବୃତ୍ତି ସେମାନଙ୍କର ନୋହିବା ସ୍ୱାଭାବିକ । ଏତିକିରେ ସେମାନେ ନିବୃତ୍ତ ନୁହନ୍ତି । ଏହି ନୀତି ଓ ନିବୃତ୍ତିମାର୍ଗର ପ୍ରଚାରକ ନାଥବର୍ଗଙ୍କ ପ୍ରତି ଆଳସ୍ୟର ଦୋହି ଦେଇ ଉତ୍କଟ ଅନାସ୍ଥା ପ୍ରଦର୍ଶନ କରିଥାନ୍ତି । ଫଳତଃ ଆଜିକାଲି କୃଷିଜୀବୀ ପ୍ରଧାନ ଉତ୍କଳ-ଦେଶର ବସ୍ତ୍ରଜ୍ଞାନହୀନା ଗୃହକର୍ମଜଞ୍ଜାଳରେ ସର୍ବଦା ଉପଦ୍ରୁତା ସ୍ୱଳ୍ପାବସରା ରମଣୀ-ମାନେ ଏଥିରୁ ବଞ୍ଚିତ ହେଲେଣି । ପକ୍ଷାନ୍ତରେ ସୌଖିନ ଯୁବକମାନେ ସ୍କୁଲ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଯୁଗରୁଚିର ଅନୁକୂଳ ପ୍ରେମ-କାହାଣୀ-ମୟ ଉପନ୍ୟାସ ପାଠରେ ମନୋନିବେଶ କରୁଥିବାରୁ ଉକ୍ତ ନୀତି-ନିବୃତ୍ତି-ମୟ ଉପାଖ୍ୟାନମାନ ସର୍ବଥା ଅବହେଳିତ ହୋଇଅଛି । ବାସ୍ତବିକ ରାଜ-ପୁତାନାର ଚାରଣମାନେ ଯେପରି ବୀରରସାତ୍ମକ ଦେଶର ଓ ଜାତିର ଐତିହ୍ୟ ଗାନକରି ରାଜପୁତମାନଙ୍କ ଉତ୍ସାହ-ପ୍ରଦୀପରେ ସ୍ନେହସଂଯୋଗ କରୁଥିଲେ, ୰ଜଗନ୍ନାଥଙ୍କ ଅଧିଷ୍ଠିତ ଉତ୍କଳର ଚାରଣସ୍ଥାନୀୟ ନାଥ-ମାନେ ସେହିପରି ବଣିକେଶନ, ବଉଲାଚରିତ, ଲକ୍ଷ୍ମୀ ପୁରାଣ, ଗୋବିନ୍ଦ-ଚନ୍ଦ୍ର ପ୍ରଭୃତି ତ୍ୟାଗ, ସତ୍ୟ, ଅହିଂସା, ସାମ୍ୟ, ମୈତ୍ରୀ, ସଦାଚାର ଓ ବୈରାଗ୍ୟମୟ ଉପାଖ୍ୟାନମାନ ଗାନକରି ଉତ୍କଳର ବୈଶିଷ୍ଟ୍ୟ ରକ୍ଷାକରି

ଥିଲେ । ରାଜପୁତାନାର ଚାରଣଗୀତ ପ୍ରଧାନତଃ ପୁରୁଷମାନଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା । କିନ୍ତୁ ଉତ୍କଳ ଚାରଣମାନଙ୍କର ଗୀତ ଗାର୍ହସ୍ଥ୍ୟାଶ୍ରମର ସାର୍ବଭୌମାଧିକାରିଣୀ କୁଳାବଳାମାନଙ୍କର ହୃଦୟ-ପରିଶୁଦ୍ଧି ପାଇଁ ଉଦ୍ଦିଷ୍ଟ ହୋଇଥିଲା । ପ୍ରାଚୀନ ଉତ୍କଳର ଏବଂବିଧ ଧର୍ମାନୁମୋଦିତ ସମାଜଶୃଙ୍ଖଳା ଦେଖି ପ୍ରବଳପ୍ରତାପ ଆକବରଙ୍କ ପ୍ରଧାନ ସେନାନୀ ମାନସିଂହ ପୁଣ୍ୟଭୂମି ଉତ୍କଳ ଶତ୍ରୁର ଆକ୍ରମଣଯୋଗ୍ୟ ନୁହେଁ ବୋଲି ଥରେ ଗମ୍ଭୀର ସ୍ୱରରେ ଘୋଷଣା କରିଥିଲେ ।

ଉତ୍କଳରେ ଉକ୍ତ ପ୍ରକାର ଲୋକଶିକ୍ଷାର ପ୍ରବର୍ତ୍ତିନ ଜଗନ୍ନାଥ, ବଳରାମ ପ୍ରଭୃତି ଭକ୍ତକବିମାନଙ୍କ ସମୟରେ ପରିପୁଷ୍ଟି ଲାଭ କରିଥିଲା । ନାଥମାନଙ୍କଦ୍ୱାରା ଗୀତ ହେଉଥିବା ଉପାଖ୍ୟାନମାନ ମୁଖ୍ୟତଃ ବଳରାମ ପ୍ରଭୃତିଙ୍କ ରଚିତ । ବାସ୍ତବରେ ଉତ୍କଳ ସାହିତ୍ୟ ଏହି ମହାପୁରୁଷମାନଙ୍କ ଅମଳରେ ସର୍ବତୋମୁଖ ଓ ସାର୍ବଜନୀନ ହୋଇ ପାରିଥିଲା । ଏମାନଙ୍କ ଆବିର୍ଭାବ ପୂର୍ବରୁ, ବୋଧହୁଏ, ଏବେ ସୁଦ୍ଧା ଚକୁଳିଆପଣ୍ଡାମାନେ ଯେଉଁ-ପରି ଦାନପ୍ରଶଂସାତ୍ମକ ଗଦ୍ୟଗୀତିକା ଗାନକରି ଭୈକ୍ଷ୍ୟ ସଂଗ୍ରହ କରୁଅଛନ୍ତି, ନାଥମାନେ ତାଦୃଶ କୌଣସି ଗଦ୍ୟଗୀତିକାମାନ ଗାନକରି ଭିକ୍ଷା ସଂଗ୍ରହ କରୁଥିବେ । ସେଗୁଡ଼ିକ କର୍ଣ୍ଣପ୍ରୀତିକର ପଦ୍ୟସୃଷ୍ଟି ଫଳରେ ଅଧୁନା ଅନ୍ତର୍ହିତ ହୋଇଅଛନ୍ତି ।

ଉପରେ ଏହି ଯେ ଆଲୋଚନା କରାଗଲା, ତାହା ପ୍ରକୃତ ପ୍ରସ୍ତାବରେ ଅବାନ୍ତର ବୋଲି ପ୍ରତୀତ ହେଲେ ସୁଦ୍ଧା ଏକାବେଳକେ ବିଷୟସଂପର୍କ-ଶୂନ୍ୟ ନୁହେଁ । କାରଣ ତତ୍କାଳରେ ଆଜିକାଲି ପରି ମୁଦ୍ରାଯନ୍ତ୍ର ସାହାଯ୍ୟରେ ପ୍ରଚାରପଦ୍ଧତି ପ୍ରଚଳିତ ନ ଥିବାରୁ, ବହୁଳ ଭାବେ, ପ୍ରଚାରଯୋଗ୍ୟ କବିତାମାନ ଏହିରୂପେ ଭ୍ରମେ ଭ୍ରମେ ଦେଶତମାମ ବ୍ୟାପି ପାରିବାର ବିଧାନ କରାଯାଇଥିଲା । ତେଣୁ ନାଥମାନେ ସମାଜର ଭାର ରୂପେ ବିବେଚିତ ନ ହୋଇ ପ୍ରତ୍ୟୁତ ଧର୍ମଶିକ୍ଷକ ରୂପେ ଆଦୃତ ହେଉଥିଲେ । ସେ ଚଳ ବର୍ତ୍ତମାନ ଓଲଟିଛି ।

ଓଡ଼ିଆ ସାହିତ୍ୟରେ ତିନଖଣ୍ଡି ବଉଳାବିଷୟକ ଉପାଖ୍ୟାନର ନାମ ଶୁଣାଯାଏ । ସେଥି ମଧ୍ୟରୁ ଜଗନ୍ନାଥ ଓ ବଳରାମଙ୍କ ପୁସ୍ତକର ନାମ

ବଉଳା ଅଧ୍ୟାୟ । ତୃତୀୟ ଖଣ୍ଡି ରାଜା ଗୋବିନ୍ଦ ଭଞ୍ଜଙ୍କର । ଏହାର ନାମ ବଉଳାଚରିତ । ଏହାର ମୂଳ ବସ୍ତୁ ଇତିହାସ-ସମୁଚ୍ଚୟ ନାମକ ସଂସ୍କୃତ ଗ୍ରନ୍ଥରୁ ଗୃହୀତ ହୋଇଥିବା କଥା ଗୋବିନ୍ଦଭଞ୍ଜ ଲେଖିଅଛନ୍ତି । ସେ କହୁଅଛନ୍ତି—

"ଇତିହାସେ ବଉଳା ବ୍ୟାଘ୍ର ସମ୍ବାଦ ବାଣୀ
ଭାଷାରେ ରାଜା ଗୋବିନ୍ଦ ପ୍ରକାଶିଲେ ଆଣି ।"

ବଳରାମଙ୍କ ବଉଳା ଅଧ୍ୟାୟରେ ଏପରି କୌଣସି କଥା ଉକ୍ତ ହୋଇନାହିଁ । ବଉଳାର ପାଳକ, ସ୍ୱାମୀ ଓ ଦେଶ ପ୍ରଭୃତିର ନାମ ଉଭୟ ପୁସ୍ତକରେ ଭିନ୍ନ ଭିନ୍ନ ହେଲେ ମଧ୍ୟ, ସତ୍ୟ ଓ ଅହିଂସାର ମହିମା ପ୍ରକଟିତ କରିବା ଉଭୟ ପୁସ୍ତକର ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ପ୍ରତିପାଦନ କରିବାକୁ ଯାଇ ଗୋବିନ୍ଦ ସପକ୍ଷ ଓ ବିପକ୍ଷଗତ ନାନା ଯୁକ୍ତି ଦେଖାଇ ଶେଷରେ ସତ୍ୟର ଜୟ ଜୟକାର ପ୍ରଚାର କରିଅଛନ୍ତି । ତାହା ଫଳରେ ଅହିଂସା କିପରି ନିଜେ ଆସିଯାଏ, ତାହା ମଧ୍ୟ ଦେଖାଇ ଦେଇଅଛନ୍ତି ।

ଏଥିରେ ପ୍ରଥମପ୍ରସୂତ ଧେନୁର ସନ୍ତାନବାତ୍ସଲ୍ୟ, ବାଳ ସନ୍ତାନର ମାତୃଭକ୍ତି, ପୁତ୍ରବାନ୍‌ର ଭାଗ୍ୟ, ଅପୁତ୍ରକର ଦୁଃଖ ଯେ କୌଣସି ଉପାୟରେ ଶରୀରର ରକ୍ଷାକୁ ପରମ ଧର୍ମ ବୋଲି ମନେ କରୁଥିବା ନୀତିଜ୍ଞମାନଙ୍କ ଯୁକ୍ତିକୁ ଉପେକ୍ଷା କରି ବଉଳା ଧେନୁର ଦୃଢ ସତ୍ୟାଗ୍ରହ, ତତ୍‌ଫଳରେ ଚିରକ୍ରୂର ବ୍ୟାଘ୍ରର ପାଷାଣ-ପରୁଷ-ହୃଦୟର ଦ୍ରବୀଭାବ ଓ ଅହିଂସାଚରଣ ପ୍ରଭୃତି ମହନୀୟ ଭାବରାଜି ଅତି ସହଜ ଭାଷାରେ ବର୍ଣ୍ଣିତ ହୋଇଛି ।

ଏଥିରେ ପ୍ରଯୁକ୍ତ ଭାଷା ସ୍ଥାନେ ସ୍ଥାନେ ବ୍ୟାକରଣଦୁଷ୍ଟ ଅଟେ । ପ୍ରାୟ ସାତେ ଶହବର୍ଷ ତଳେ ଅର୍ଥାତ୍ ଓଡ଼ିଆ ସାହିତ୍ୟର ପୌଗଣ୍ଡ ଅବସ୍ଥାରେ ରଚିତ ଏହି କାବ୍ୟରେ ଏ ପ୍ରକାର ଅଶୁଦ୍ଧି ରହିବା ଯେ ଅତି ସ୍ୱାଭାବିକ, ଏଥିରେ କେହି ଅମତ ହେବେ ନାହିଁ ।

ନିମ୍ନରେ କେତୋଟି ନୀତିର ସଂସ୍କୃତ ଏଠାରେ ଦିଆଗଲା । ପାଠକ-ମହୋଦୟ ଅନୁସନ୍ଧାନ କଲେ ତାହାର ଅନୁବାଦ ଏହି ପୁସ୍ତକରେ ପାଇ ପାରିବେ ।

ବୃକ୍ଷଂ କ୍ଷୀଣଫଳଂ ତ୍ୟଜନ୍ତି ବିହଗାଃ ଶୁଷ୍କଂ ସରଃ ସାରସାଃ
ପୁଷ୍ପଂ ପର୍ଯ୍ୟୁଷିତଂ ତ୍ୟଜନ୍ତି ମଧୁପା ଦଗ୍ଧଂ ବନାନ୍ତଂ ମୃଗାଃ ।
ନିର୍ଦ୍ରବ୍ୟଂ ପୁରୁଷଂ ତ୍ୟଜନ୍ତି ଗଣିକା ଭ୍ରଷ୍ଟଶ୍ରିୟଂ ମନ୍ତ୍ରିଣଃ
ସର୍ବେ ସ୍ୱାର୍ଥବଶା ଜନା ନରପତେ କସ୍ୟାସ୍ତି କୋ ବଲ୍ଲଭଃ ॥
ନ ଭୂତାନାମହିଂସାୟା ଜ୍ୟାୟାନ୍ ଧର୍ମୋଽସ୍ତି କଶ୍ଚନଃ
ଲୋକେ ଯଃ ସର୍ବଭୂତେଭ୍ୟୋ ଦଦାତ୍ୟଭୟଦକ୍ଷିଣାଂ,
ସ ସର୍ବ ଯଜ୍ଞୈର୍ବିଜ୍ଞାନଃ ପ୍ରାପ୍ନୋତ୍ୟଭୟଦକ୍ଷିଣାଂ ।

ବିବାହକାଳେ ରତିସଂପ୍ରୟୋଗେ, ପ୍ରାଣାତ୍ୟୟେ ସର୍ବଧନାପହାରେ ।
ବିପ୍ରସ୍ୟ ଗୃର୍ଥେଽପ୍ୟନୃତଂ ବଦେୟୁଃ ପଞ୍ଚାନୃତାନ୍ୟାହୁରପାତକାନି ॥
ନଦୀନାଂ ଚ ନଖିନାଂ ଚ ଶୃଙ୍ଗିଣାଂ ଶସ୍ତ୍ରପାଣୀନାଂ
ବିଶ୍ୱାସୋ ନ ହି କର୍ତ୍ତବ୍ୟଃ ସ୍ତ୍ରୀଷୁ ରାଜକୁଳେଷୁ ଚ ।
ଗାବୋ ଗନ୍ଧେନ ପଶ୍ୟନ୍ତି ବେଦୈଃ ପଶ୍ୟନ୍ତି ପଣ୍ଡିତାଃ
ଚାରୈଃ ପଶ୍ୟନ୍ତି ରାଜାନଶ୍ଚକ୍ଷୁର୍ଭ୍ୟାମିତରେ ଜନାଃ ।
ନଗଣସ୍ୟାଗ୍ରତୋ ଗଚ୍ଛେତ୍ ସିଦ୍ଧେ କାର୍ଯ୍ୟେ ସମଂ ଫଳଂ
ଯଦି କାର୍ଯ୍ୟେ ବିପତ୍ତିଃ ସ୍ୟାନ୍ମୁଖରସ୍ତତ୍ର ହନ୍ୟତେ ।
ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁଯାତି ଯଃ
ଶରୀରେଣ ସମଂ ନାଶଂ ସର୍ବମନ୍ୟତ୍ତୁ ଗଚ୍ଛତି ।
ଏବଂ ହି ଭଷତେ ଲୋକଶ୍ଚନ୍ଦନଂ କିଲ ଶୀତଳଂ
ପୁତ୍ରଗାତ୍ରସ୍ୟ ସଂସ୍ପର୍ଶଶ୍ଚନ୍ଦନାଦତିରିଚ୍ୟତେ ।
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତପଃ ପରଂ କୃତଯୁଗେ ତ୍ରେତାୟାଂ ଜ୍ଞାନମୁତ୍ତମଂ
ଦ୍ୱାପରେ ଯଜ୍ଞମେବାହୁର୍ଦାନମେକଂ କଳୌ ଯୁଗେ । ଇତ୍ୟାଦି

କେନ୍ଦୁଝର ଗଡ଼
ତା ୨୫।୭।୧୯୩୯

ଶ୍ରୀ ବାନାମ୍ବର ଆଚାର୍ଯ୍ୟ

ଶ୍ରୀ

# ବଉଳା ଚରିତ

ବ୍ୟାସଶିଷ୍ୟ କହନ୍ତି ଶୁଣ ତୁ ଜନ୍ମେଜୟ
ଭୀଷ୍ମଦେବ କହନ୍ତି ଶୁଣନ୍ତି ଧର୍ମରାୟ ।
ଶରଶଯ୍ୟାରେ ଜଳୁଛି ଭୀଷ୍ମଦେବ ଦେହ
ବୃଦ୍ଧ କୁରୁବଂଶର ଅଟନ୍ତି ପିତାମହ ।
ମହା ଧର୍ମଆତ୍ମା ସେ ଯୁଧେଷ୍ଠି ନୃପବର
ଭୀଷ୍ମଦେବ ଚରଣରେ ଦେଇ ରାଜା ଶିର ।
ହେ ଦେବ ତୋହର ତହୁଁ ଶୁଣିଲି ସକଳ
ସତ୍ୟବଚନର ପିତାମହ କହ ଫଳ ।
ସତ୍ୟଫଳ ବଉଳା ପାଇଲା ପୂର୍ବେ ଯାହା
ବିଶେଷି ହେ ପିତାମହ ମୋତେ କହ ତାହା । ୫ ।
ଭୀଷ୍ମେ କହୁଛନ୍ତି ରାଜା ଶୁଣ ସାବଧାନ
ତୁମ୍ଭେ ଅକୁଟିଳ ସର୍ବ ଗୁଣରେ ଉତ୍ତମ ।
କାମରୂପୀ ବାଘ ସେ ବଉଳା ଗାଈ ନାମ
ବାଘ ଗାଈ ଦୁହିଙ୍କର ସମ୍ବାଦ ଉତ୍ତମ ।
ମଥୁରା ନାମେଣ ଏକ ବଡପନ ପୁର ।
ମହାରମ୍ୟ ଧନଧାନ୍ୟେ ସମ୍ପୂର୍ଣ୍ଣ ସେ ପୁର ।
ନାନା ଦେଶ ମଧ୍ୟେ ବ୍ୟାପିଛି ତା ଯଶ ଶିରୀ
ଯକ୍ଷ ଉତ୍ସବରେ ସେ ମଣ୍ଡିତ ଦିବ୍ୟପୁରୀ ।

# ବଉଳା ଚରିତ

ଯମୁନା ତୀରକୁ ପୁରୀ ଅଛି ଆଗ୍ରେକର
ସେ ଯେନ ଅତ୍ୟନ୍ତ (୧) ରାଜା ରମ୍ୟ ସେ ନଗରୀ ।
ଅର୍ଦ୍ଧଚନ୍ଦ୍ର ପ୍ରାୟେ (୨) ରାଜା ହୋଇଛି ବନ୍ଧିତ
ପଣ୍ଡିତ ଜନରେ ପୁରୀ ହୋଇଛି ମଣ୍ଡିତ ।
ଦେବାଳୟମାନ ରହିଅଛି ଠାଏ ଠାଏ
ଗୋଷ୍ଠରେ ମଣ୍ଡିତ ଦେଶ ବେଶ୍ୟକୁଳ ପ୍ରାଏ ।
ନାନା ଦ୍ୱିଜଗଣେ ପୂର୍ଣ୍ଣ ହୋଇଅଛି ପୁର
ନାନା ଦ୍ରବ୍ୟ ବିକା କିଣା ହୁଅଇ ଅପାର ।
ଅନେକ ଅଟ୍ଟାଳୀ ବେଢି ଦୁର୍ଗମ ପାଚେରୀ
ଦୁର୍ଜ୍ଜୟ ଅନେକ ସେନା ତହିଁ ଛନ୍ତି ପୂରି ।
ଘରେ ଘରେ ଦେବାଳୟ (୩) ଦେବଗୃହ ପ୍ରାଏ
କଦଳୀରେ ମଣ୍ଡିତ ବଟନ ଶୋଭା ପାଏ ।
ଧବଳ କମଳେ ପୁର ଶୋଭା ଠାଏ ଠାଏ
ମଙ୍ଗଳ ସୁସଜ୍ଜ ଝଷେ ହଂସମାଳା ପ୍ରାଏ ।
ପଣସ ପିୟାଳ ତାଳ ଜାମ୍ବୁ ନାରିକେଳ
ଅସଂଖ୍ୟ ଆମ୍ବ କମଳା ହିନ୍ତାଳ ତମାଳ ।
ଜାତି କୁନ୍ଦ ମଲ୍ଲୀ ପଦ୍ମ ଉତ୍ପଳ ସକଳ
କରବୀର କର୍ଣ୍ଣିକାର ପାଟଳୀ ଗହଳ ।
ପୁନାଙ୍ଗ ନାଗକେଶର ଅଶୋକ ଚମ୍ପକ
ବିବିଧ କୁସୁମବନ ବକୁଳ ଅନେକ ।
ଧନଧାନ୍ୟେ ଗୋଧନେ ମଣ୍ଡିତ ସେହୁ ପୁର
ବେଦଘୋଷେ ମଙ୍ଗଳେ ପୂରିତ ନିରନ୍ତର ।

---

୧, ୨—ଏଠାରେ ରାଜା ପଦ ସମ୍ବୋଧନ ।
୩—ସ୍ୱର୍ଗରେ ଥିବା ଦେବତାମାନଙ୍କ ଘର ପରି ।

ଲଙ୍କା ଯେସନ୍ତେ ରାବଣର ରତ୍ନମୟ ପୁରୀ
ଚନ୍ଦ୍ରସେନ ନାମେ ରାଜା ପୁର-ଅଧିକାରୀ ।
ଧର୍ମେ ନିରନ୍ତରେ ରାଜା ଅତିଥି-ପୂଜକ
କ୍ଷତ୍ରଧର୍ମେ ଶୂର ରାଜା ଶ୍ରୀମନ୍ତ ବିବେକ ।
ପ୍ରଜାପତି ସମେ ରାଜା ପୃଥିବୀ ଆବୋରି
ପାଳଇ ପ୍ରଜାଙ୍କଦାମ୍ଭ ନୃପତି-କେଶରୀ ।
ନିତ୍ୟେ ହେଁ ଉଚ୍ଛବ ପୁର ପରମ ହରଷ
ଶଙ୍ଖ ନାନା ବାଦ୍ୟ ଠାଏ ଠାଏ ହରିରସ ।
ଦେଖିବାକୁ ହରଷ ସକଳ ଭୂମି ସମ
ପରିଶୋଭିତ ସ୍ବଚ୍ଛ ପଥ କି ଉତ୍ତମ ।
ଦୀର୍ଘ ବା * * * ଘରେ ଘର
ଶତ ଶତ ସଭା ବିଭା ଉଚ୍ଛବ ଅପାର ।
ନାନା ବେଶ ହୋଇ ଶୋଭି ପୁର-ନର-ନାରୀ
ଶୁଣିଛ କି ଦେଖିଛ ସେ ଚନ୍ଦ୍ରାବତୀ ପୁରୀ ।
ଭୀଷ୍ମଦେବ କହନ୍ତି ଶୁଣନ୍ତି ଧର୍ମରାଏ
ମଧୁପୁର ମହତ୍ତ୍ୱ ଅମରପୁର ପ୍ରାଏ ।
ଏକ ଦ୍ୱିଜବରର ମଧୁରା ପୁରେ ଘର
ଶ୍ରୀମତୀ ବଉଳା ନାମେ ଧେନୁଏ ତାହାର ।
ହରଷ ବଦନ ଧେନୁ ଯୋଗ୍ୟ ତାର କାଏ
ବାଞ୍ଛିତ ହୋଇଛି ତାର ଏକଇ ତନୟେ ।
ଧେନୁ ମଣ୍ଡଳରେ ସେ ବଉଳା ଧେନୁରତ୍ନ
ହଂସ ପ୍ରାୟେ କାୟକାନ୍ତି ଘଟ ପ୍ରାୟେ ସ୍ତନ ।
ଦୀର୍ଘ ଶୃଙ୍ଗ ନାସିକା ବଳଣ ସର୍ବକାଏ
ଚର୍ମ ତାର ପାତଳ ଯୀସ୍ୱେଦ ପାଠ ପ୍ରାୟେ ।
ବିସ୍ତାର ସୁନ୍ଦର ଜଙ୍ଘ ମରାଳଗାମିନୀ
ଉଚ୍ଚ ପୟୋଧାର ସେ ଚିକ୍କଣ ଗୁରୁସ୍ତନୀ ।

ସର୍ବ ଲକ୍ଷଣରେ ଯୁକ୍ତ ଶରୀର ତାହାର
ଅକଳଙ୍କ ଧେନୁ ଗୋଟି ସର୍ବାଙ୍ଗେ ସୁନ୍ଦର ।
ନୀଳବର୍ଣ୍ଣ କାନ୍ତି ସେ ସୁନ୍ଦର ଗଳାଗୋଟି
ହେମାସ୍ୱର ମଧୁର କଣ୍ଠରେ ଶୋହେ ଘଣ୍ଟି । ୩୬ ।
କୃଷି ଅପଛଣ୍ଡ (୧) ଭୟେ ପୂର୍ବ ପରି ହୋଇ
ସାଙ୍ଗ ଛାଡି ଆଗ ହୋଇ ନିର୍ଭୟେ ଚରଇ ।
ଏକଦିନେ ଗୋଷ୍ଠ ଘେନି ଗଲା ଗୋଷ୍ଠପାଳ
ଲଉଡ଼ୀ ହସ୍ତରେ ଧରି ଚରାଇ ସକଳ ।
ଲୋହିତ ନାମରେ ତହିଁ ଏକ ଗିରିବରେ
ନିର୍ଝର କନ୍ଦରେ ଗୁହା ଯମୁନାର ତୀରେ ।
ତହିଁର ଉତ୍ତର ଭାଗେ ଅତି ଭୟଙ୍କର
ନବୀନ ପଲ୍ଲବ ତୃଣ ଅଛନ୍ତି ଅପାର ।
ସଙ୍କଟେ ନିର୍ମମ ସେ ଦୁର୍ଗମ ଭୟାଙ୍କର
ରୋମ ଠାକୁରଇ ଭୟେ ଦେଖିଲେ ଶରୀର ।୪୦।
ପୂର୍ଣ୍ଣ ହୋଇଛନ୍ତି ତହିଁ ମୃଗସିଂହ ଆଦି
ବିବିଧ ହିଂସ୍ରକ ଜନ୍ତୁ ଅଛନ୍ତି ଆଚ୍ଛାଦି ।
ନାନା ତରୁଲତାମାନେ ଅଛନ୍ତି ଗହନେ
ଶତେ ଶତେ ଚରନ୍ତି ଶୃଗାଳ ଯୂଥମାନେ ;
ଦୁର୍ଗମ ବନରେ ଭୟଙ୍କର କାମରୂପୀ
ଏକ ବ୍ୟାଘ୍ର ବସଇ ସର୍ବଦା ମହାକୋପୀ ।
ମହାବଳ ତୀକ୍ଷ୍ଣଦନ୍ତ ମହାଭୟଙ୍କର
ରକତ ମାଂସେ ତାର ଆଶା ନିରନ୍ତର ।

---

୧ । ଅପଛଣ୍ଡ—ଅପଖ୍ୟାତ । 'କ୍ଷ'ର ଉଚ୍ଚାରଣ 'ଛ' ଓ 'ଖ୍ୟ' ପରି ହୁଏ । ତେଣୁ ଲେଖକ ଅପଖ୍ୟାତିକୁ 'ଅପକ୍ଷାତି' ଲେଖିବାକୁ ଯାଇ ତାହାର ଅନ୍ୟ ପ୍ରକାର ଉଚ୍ଚାରଣ 'ଅପଛଣ୍ଡ' ଲେଖିଅଛନ୍ତି ।

ମହାଗିରି ପ୍ରାଏକ ଦିଶଇ ତାର କାଏ
ଘ ଘ ଗର୍ଜ୍ଜନ ତାହାର ମେଘସ୍ୱନ ପ୍ରାଏ । ୪୫ ।
ମହାଗିରି ଗୁହା ପ୍ରାଏ ଦିଶଇ ବଦନ
ନଖ ଦନ୍ତେ ସର୍ବଜୀବ କରଇ ନିଧନ ।
ସମୀଲ ନାମେ ଗୋପାଳ ଧର୍ମେ ତାର ଚିତ୍ତ
ଗୋରୁମାନଙ୍କର ସେ ସର୍ବଦା ଅନୁଗତ ।
ଅଖଣ୍ଡ ପଲ୍ଲବ ତୃଣ ଯେଉଁଠାରେ ଥାଇ
ଯୂଥ ଛାଡ଼ି କରି ସେ ବଉଳା ନାମେ ଗାଈ ।
କୋମଳ ତୃଣର ଲୋଭେ ଆନନ୍ଦିତ ହୋଇ
ଆଗ ହୋଇ ଚରଇ ସେ ସଙ୍ଗରେ ନ ଥାଇ ।
ଯେଉଁଠାରେ ବସିଅଛି କାମରୂପୀ ବାଘ
ଚରି ଚରି ବଉଳା ପ୍ରବେଶ ତାର ଆଗ । ୫୦ ।
ବଉଳାକୁ ଦେଖି ବାଘ ଆଗ ହୋଇ ଧାଇଁ
ଡାକୁଅଛି ରହ ରହ ଆଜ ଯିବୁ କାହିଁ ।
ତୁ ମୋର ବିହିତ ଭକ୍ଷ୍ୟ ଭକ୍ଷିବଇଁ ନାଗି
ଶୁଏ ଧେନୁ ପ୍ରାପତ ହୋଇଲୁ ଆଗେ ଆସି ।
କାମରୂପୀ ବାଘ-ବାଣୀ ଶୁଣିଲା ନିଷ୍ଠୁର
ରୋମ ଠାକୁରଇ ଶୁଣି ସକଳ ଶରୀର ।
ବ୍ୟାଘ୍ରର ବଚନ ଶୁଣି ବଛାକୁ ସୁମରି
ବଛା ସ୍ନେହଭରେ ସେ କହଇ କାନ୍ଦିକରି ।
ମନୋହର ବାଛୁରି ଧବଳ ଚନ୍ଦ୍ର ପ୍ରାଏ
ମୋର ବନ୍ଧୁଁ କେ ଅବା ରକ୍ଷିବ ତାର କାଏ । ୫୫ ।
ଦୁଃଖିତ ହୁଅଇ ପୁତ୍ରଶୋକେ ତାର ମନ
ଏକଇ ବାଛୁରି ତାର ଜୀବନ ସମାନ । ୫୬ ।
ପୁତ୍ର ଭେଟିବାରେ ସେ ନିରାଶ ଗାଈ ହୋଇ
ପୁତ୍ର ଦୁଃଖେ ଚିନ୍ତା କରି ଅନେକ କାନ୍ଦଇ ।

ଦେଖିଲା ବଉଳା ଉଭା ହୋଇଛି ଆଗରେ
ନିବେଦନ କରଇ ଧେନୁ ଦୁଃଖିତ ମନରେ
ବଉଳା-ବଚନ ଶୁଣି କାମରୂପୀ ବାଘ
ଗର୍ଜିଣ କହଇ କାହିଁ କାନ୍ଦୁ ମୋର ଆଗ ।
ଯେତେ ଭକ୍ଷ୍ୟ ଦଇବ ଆମ୍ଭନ୍ତ ଭିଆଇଲା
ବ୍ୟାଘ୍ରକୁ ଗାଈ ଆହାର ଆଗ କରି ଦେଲା ।
ତୁ ଅବା ନିବେଦନହୁଁ ସେ ମୋର ଆଗେ କଲେ
ତଥାପି ଜୀବନ ଆଉ ନ ପାଇବୁ ଭଲେ ।୭୧।
ଆଜି ତୋର ମୃତ୍ୟୁକାଳ ବହିଲା ବଧାତା
ଏଅର୍ଥେ ମନରେ କାହିଁ କରୁ ଗରୁ ଚିନ୍ତା ।
ବ୍ୟାଘ୍ରର ନିଷ୍ଠୁର ବାଣୀ ଶୁଣିଲାକ ଯହୁଁ
ବଉଳା ବ୍ୟାଘ୍ରକୁ ବାକ୍ୟ କହୁଅଛି ତହୁଁ ।
କ୍ଷମା କର ନାଥ ତୁହେ ଦୟାକର ମୋତେ
କାମରୂପି ! ନମସ୍କାର କରୁଅଛି ତୋତେ ।
ତୋହର ନିକଟରେ ପ୍ରବେଶ ଯେଉଁ ପ୍ରାଣୀ
ତାହାର ଶରୀରେ ଆଶା କେବେହେଁ ନ ଜାଣି । ୭୨ ।
ଜୀବନର ଅର୍ଥେ ହୋ ଶୋଚନା ମୋର ନାହିଁ
ଜୀବନ ନିମନ୍ତେ ମୁଁ ଶରଣ ମାଗୁନାହିଁ ।
ଯେହୁ ଜାତ ହୁଅଇ ସେ ଅବଶ୍ୟ ମରଇ
ମରନ୍ତେ ସଂସାରେ ଜାତ ଅବଶ୍ୟ ହୁଅଇ ।
ଜାତ ମୃତ୍ୟୁ ଅବଶ୍ୟ ଶୁଣ ତୁ ମୃଗପତି
ନିଶ୍ଚୟ କଥାକୁ କାହିଁ କରିବ ମୁଁ ଭ୍ରାନ୍ତି ।
ସୁରାସୁର ମାନବ ଦାନବ ଆଦି କରି
କାଳକୁ ଉପାୟେ ପୁଣ ନାହିଁ ନା କାହାରି ।
ମୁଁ କେମନ୍ତେ ବ୍ୟାଘ୍ର ଅଦ୍ୟ ମୃତ୍ୟୁ ବଞ୍ଚାଇବି
ସାବଧାନେ ଶୁଣ ଏକ କଥାଏ କହିବି । ୭୩ ।

ଶୁଣ ବ୍ୟାଘ୍ର କେବଳ ସେନେହ ବଶ ହୋଇ
ଯହିଁ ପାଇଁ ଦୁଃଖଭରେ ବେଦନ କରଇ ।
ଯେ ଅଛି ମନେ ସନ୍ତାପ କହୁଅଛି ତୋତେ
ସାବଧାନେ ଶୁଣ କିଛି ଦୟାକର ମୋତେ ।
ଶୁଣ ମୃଗପତି ତୁ ହୋ ଶାନ୍ତ କର ମନ
ପ୍ରଥମ ବୟସେ ମୋର ଏକଇ ନନ୍ଦନ ।
ଅତି ପ୍ରୀତି ମୋହର ପ୍ରଥମେ ଜାତ ସୁତ
କିଛି ନ ଜାଣଇ ସେହୁ ଅଟଇ ବାଳୁତ ।
କ୍ଷୀରମାତ୍ର ଆହାର ସେ କ୍ଷୀରପାନେ ଇଚ୍ଛା
କୋମଳ ତୃଣହିଁ ଗ୍ରାସ ନ କରୁଛି ବଚ୍ଛା ।
ଗୋପାଳେ ବନ୍ଧନ ତାକୁ କରୁଥାନ୍ତି ନିତ୍ୟେ
କ୍ଷୁଧାଏ ଆକୁଳ ହୋଇ ଲୋଡ଼ୁଥାଇ ମୋତେ ।
ସେ ବଚ୍ଛା ଗୋଟିକ ହୋ ଶୋଚନା ମୋର ଚିତ୍ତେ
ମାତା ବିନୁ ବାଳବଚ୍ଛା ବଞ୍ଚିବ କେମନ୍ତେ ।
ସୁନ୍ଦର ସେନେହେ ବଶ ହୋଇଅଛି ଗାଈ
ବେଳେମାତ୍ର ପିବ ସ୍ତନ୍ୟ ଆସିବ ପିଆଇ ।
କ୍ଷୀର ପିଆଇବ ମୁଁ ଅନେକ ଆଶ୍ୱାସିବ
ମଥା ଗୋଟି ଶୁଙ୍ଘି ତାର ଶରୀର ଲେହିବ ।
ସଖୀଜନମାନଙ୍କୁ ପୁତ୍ରକୁ ସମର୍ପିବ
ହିତାହିତ ସୁନ୍ଦର ମୁଁ ତାହାକୁ କହିବ ।
ପୁଣି ମୁଁ ଲଉଟି ଆସି ହୋଇବ ଆଗର
ଇଚ୍ଛାସୁଖେ ଭକ୍ଷିବୁ ତୁ ମୋହର ଶରୀର ।
ଯଦି ମୁଁ ଲଉଟି ନ ଆସିବ ତୋର ପାଶ
ଶୁଣ ବ୍ୟାଘ୍ର ନଇଲେ ପାଇବ ଯେଉଁ ଦୋଷ ।
ସମ୍ମୁଖ ସଂଗ୍ରାମ ତେଜି ପଳାନ୍ତି ଯେ ଶୂର
ତହିଁର ଅଗଣ୍ଡ ଦୋଷ ହୋଇବ ମୋହର ।

## ବଉଲା ଚରିତ୍ର

ବଉଲା ବଚନ ଶୁଣି କହୁଅଛି ବାଘ
ସୁନ କି କରବ ମୃତ୍ୟୁ ହୋଇଲା ନା ଆଗ ।
ଦେଖିବାମାତ୍ରକେ ମୋତେ ପ୍ରାଣୀ କରେ ତ୍ରାସ
ଥୋକେ ଲୋକ ଦେଖିବାମାତ୍ରକେ ଯାନ୍ତି ନାଶ । ୮୫ ।
ତୁ ପୁଣି ସୁତକୁ ଦୟା କରୁଛୁ ଅପାର
ସୁତ ସୁତ ବୋଲି ତୁ ବୋଲୁଛୁ ବାର ବାର ।
ଯେତେବେଳେ ପ୍ରାଣୀକି ଯେ ମୃତ୍ୟୁ ଘୋଟେ ଆସି
ମନ୍ତ୍ର ତପ ଦାନେ ମୃତ୍ୟୁ ନ ପାରଇ ଶୋଷି ।
ମାତା ପିତା ବନ୍ଧୁ ସୁତ ଗଜ ଅଶ୍ୱ ବଳ
କେହୁ ରଖି ନ ପାରନ୍ତି ମରଣର କାଳ ।
କେମନ୍ତେ ଗୋକୁଲରୁ ଆସିବୁ ଧେନୁ ଯାଇ
ଦେଖିବୁ ସକଳ ସୁଖ ନୟନ ପୂରାଇ ।
ଗୋପୀ ଗୋପାଲରେ ଯେ ଯେ ମଣ୍ଡିତ ଗୋକୁଲ
ସମସ୍ତ ହରଷ ଯହିଁ ହୋଇଛନ୍ତି ତୁଲ । ୯୦ ।
ଘୋରନାଦ ବୃଷଭେ କରନ୍ତି ନିରନ୍ତରେ
ଶୋଭିତ ହୋଇଛି ଗୋଷ୍ଠ ବାଲକ ବଚ୍ଛାରେ ।
ଦେବ ଲୋକ ଭୂଷଣ ସେ ସ୍ୱର୍ଗ ଲୋକ ସମ
ନିତ୍ୟେହେଁ ଉଛବ ବାଦ୍ୟ ଗୀତ ମନୋରମ ।
ନିତ୍ୟେହେଁ ହରଷ ତହିଁ ସମ ନାହିଁ ଦୁଜା
ଦେବଗଣ ଗୋଷ୍ଠକୁ କରନ୍ତି ନିତ୍ୟ ପୂଜା ।
ପବିତ୍ର ପବିତ୍ର ସେ ମଙ୍ଗଲର ମଙ୍ଗଲ.
ତୀର୍ଥଙ୍କର ତୀର୍ଥ ଭୂମି ସ୍ୱର୍ଗ ସେ ନିର୍ମଲ ।
ଗୋପୀମାନଙ୍କର ଦଧି ମନ୍ଥନ ଚହଲ
ବାଲବଚ୍ଛାମାନେ ତହିଁ କରୁଥାନ୍ତି ଗୋଲ । ୯୫ ।
ଗୋରୁମାନଙ୍କର ତହିଁ ଶବଦ ହୁଙ୍କାରେ
ଶ୍ରବଣ ମଙ୍ଗଲ ତହିଁ ହୋନ୍ତି ଧାଣ୍ଟକାରେ ।

ହୁଙ୍କାର ଶବଦ ତହିଁ କରୁଥାନ୍ତି ବଚ୍ଛା
ଜନନୀଙ୍କ ଲେଉଟୁଥାନ୍ତି କ୍ଷୀରପାନେ ବାଞ୍ଛା ।
ଚହଲ ଗହଲ ଗୋରୁ ବଚ୍ଛାଙ୍କୁ ଡ଼ାକନ୍ତେ
ବାଳକ ପୁଅକୁ କ୍ଷୀର ଦେବାର ନିମନ୍ତେ ।
ବାହୁଯୁଦ୍ଧେ ସମର୍ଥ ଯେ ଅଟନ୍ତି ଗୋପାଳ
ଗୋରୁ ବଚ୍ଛା ବୃଷଭ କରନ୍ତି ପ୍ରତିପାଳ ।
ନୃତ୍ୟ ଗୀତ ଆଳାପେ ସେ କରୁଥାନ୍ତି ନାଦ
ଶିଙ୍ଗା ବେଣୁ ବାଳକରେ କରୁଥାନ୍ତି ବାଦ୍ୟ । ୧୦୦ ।
ଗୋପୀ ଗୋପ ଗୋରୁ ବଚ୍ଛା କ୍ରୀଡ଼ନ୍ତି ସକଳ
ଗୋଷ୍ଠସରୋବରେ କି ସେ ଫୁଟିଛି କମଳ ।
ଦେଖିବୁ ଖାବନ୍ତ ବୃଦ୍ଧ ମାତା ଭ୍ରାତା ସୁତ
ହରଷ ହୋଇବୁ ଦେଖି ପ୍ରିୟସଖୀ ମିତ ।
କେମନ୍ତେ ବଉଳା ତୁ ଗୋଷ୍ଠକୁ ଆଜ ଯିବୁ
ଏତେକ ଦେଖିଲେ କାହିଁ ବାହୁଡି ଆସିବୁ ।
ଶୁଣ ତୁ କଲ୍ୟାଣି ! ଏ ମୋହର ପଞ୍ଚଭୂତ
ବିପୁତ ହୋଇବ ଖାଇ ତୋହର ରକତ ।
ନିସ୍ୱଶ ହୋଇଣ ମୁଁ କେମନ୍ତେ ନିବର୍ତ୍ତିବି
ବଚନମାନଙ୍କେ ମୁଁ କେମନ୍ତେ ପ୍ରତେ ଯିବି । ୧୦୫ ।
ବଉଳା କହଇ ଶୁଣ ଶୁଣ ମୃଗପତି
ପ୍ରଥମେଣ ଜାତ ମୋର ଏକଇ ସନ୍ତତି ।
ଦେଖିବ ସଖୀ ସୁହୃଦ ଗୋପୀ ଗୋରୁପଲ
ଗୋପୀଜନମାନଙ୍କୁ ମୁଁ କହିବି ସକଳ ।
ମୋହର ସୁତକୁ ମାତା ପ୍ରତିପାଳ କର
ଏତେକ ନ କଲେ ବଚ୍ଛା ଧେନୁବ ସଙ୍ଗର ।
ତୁ ଯେବେ ପ୍ରତୀତି ମୋତେ କରିବୁ ହେ ବାଘ
ଆସିବ ପ୍ରମାଣ ମୁଁ କହୁଛି ତୋର ଆଗ ।

ବ୍ରାହ୍ମଣଙ୍କୁ ପ୍ରାଣବଧ କଲି ଅପ୍ରାଧରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ । ୧୧୦ ।
ମାତା ପିତା ପ୍ରାଣବଧ କଲି ଅପ୍ରାଧରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ଧର୍ମ କଥାମାନ କହୁଥାନ୍ତି ଯେଉଁଠାରେ
ଆନ କଥା କହି ଯେ ତହିଁକି ବିଘ୍ନ କରେ ।
ଯଦି ନ ଆସିବି ମୁଁ ହୋ ଜୀବନ କାଳରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ବିଶ୍ବାସୀ ହୋଇଣ ମିତ୍ର ଗୃହକୁ ଆସଇ
କେହୁଣି ଲୋଭର ବଶେ ମିତ୍ରକୁ ନାଶଇ ।
ଯଦି ଆସି ନୋହିବି ମୁଁ ତୋହର ଆଗରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ । ୧୧୫
ବ୍ରାହ୍ମଣଙ୍କୁ ନିନ୍ଦା ଯେ କରଇ ଦ୍ବେଷଭରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ଏକକୁ ଯାଚଇ ପୁଣି ଦିଅଇ ଆନରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ପରକୁ କହନ୍ତି ଖଳ ପ୍ରଭୁ ଆଗେ ଯାଇଁ
ବିନା ଅପରାଧେ, ଦ୍ରବ୍ୟ ଆଣିବାର ପାଇଁ ।
ଯଦି ଆସି ନୋହିବି ମୁଁ ତୋହର ଆଗରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ସାକ୍ଷୀ ହୋଇ ମିଥ୍ୟାବାକ୍ୟ କହଇ ସଭିରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।୧୨୦।
ଗିରସ୍ତକୁ ଯେଉଁ ନାରୀ ଅମାନନା କରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।
ବିଶ୍ବାସ କରିଣ ଯେ ସମସ୍ତ ଦ୍ରବ୍ୟ ହରେ
ନଇଲେ ଲେପିତ ମୁଁ ହୋଇବି ସେ ପାପରେ ।

ଏତେ ଘୋର ପ୍ରମାଣ କଲୁ ତୁ ଶୁଣ ବାଘ
ପୁଣି ଆସି ପ୍ରବେଶ ହୋଇବ ତୋର ଆଗ ।
ବୁଝି ପ୍ରତେ ଗଲା ବାଘ ଏମନ୍ତ ବୋଇଲା
ପ୍ରମାଣ ଭଉଳା ପ୍ରତେ ମୋହୋର ହୋଇଲା ।
କଦାଚିତେ ବଉଳା ଗୋଷ୍ଠକୁ ତୋର ଯାଇ
ବୋଲୁନାକ ମୂର୍ଖକୁ ମୁଁ ଅଇଲି ଭଣ୍ଡାଇ ।୧୨୫।
ଥୋକେ ଲୋକେ କହିବେ ତୋ ମୁଖକୁ ଅନାଇ
ପ୍ରାଣତ୍ୟାଗ ସମୟେ ପ୍ରମାଣେ ଦୋଷ ନାହିଁ ।
ବୋଲିବେ ପ୍ରୀତିରେ ତୁ ତ ନ କଲୁ ପ୍ରମାଣ
ପ୍ରାଣତ୍ୟାଗ ପ୍ରମାଣରେ ଦୋଷ ନାହିଁ ଜାଣ ।
କେହୁଣିସି ମୂର୍ଖକେ ପଣ୍ଡିତ-ଗର୍ବ ବହି
ସତ୍ୟ ଭଗ୍ନ କରିବେ ବିବିଧ କଥା କହି ।
କୁସଳ ମୃତ୍ତିକା ଯେହ୍ନେ ଚକ୍ରରେ ବସାଇ
ଭ୍ରମ କରାଇବେ ଚାଟୁ କଥାରେ ରସାଇ ।
ଅଜ୍ଞାନ ପ୍ରବେଶ ଯାର ହୋଇଛି ହୃଦୟେ
ତୋର ପକ୍ଷ ଧରି କେହୁ କହିବେ ଥୋକାଏ ।୧୩୦।
କ୍ଷୁଦ୍ର ଲୋକମାନେ ତୋତେ ଦୁର୍ବୁଦ୍ଧି ବୁଝାଇ
କହିବେ ବିବିଧ କଥା ତୋହେ ପ୍ରୀତି ହୋଇ ।
କେ ଜାଣି କହିବ କେଟି କହିବ ନ ଜାଣି
ପ୍ରସ୍ତାବ * ମଧୁର ବାଣୀ ବୁଝାଇବେ ପୁଣି ।
ବିଚିତ୍ର ବିଧାନେ କହି ଜାଣନ୍ତି ଯେ କଥା
ସମଚିତ୍ତ କରି ତୋତେ ରଖିବେ ସର୍ବଥା ।
ଆପଣାର ହିତ ସେ ଯେ ଘେନିଥାନ୍ତି ପ୍ରାଣୀ
ପରହିତ କଥା କେହି ନ ଘେନନ୍ତି ଜାଣି ।

---

* ଉଦାହରଣମୂଳକ ଅନ୍ୟ ଉପାଖ୍ୟାନ ।

କାର୍ଯ୍ୟ ପାଇବାର ଯାଏ ଭଜିଥାନ୍ତି ଜନେ
ପରଲୋକ ଚିନ୍ତା କେହୁ ନ ଘେନନ୍ତି ମନେ ।
ଫଳ ଥିବାଯାଏ ପକ୍ଷୀ ବୃକ୍ଷେ ଥାନ୍ତି ଭଜି
ଫଳକ୍ଷୟ ହୋଇଲେ ବୃକ୍ଷକୁ ଯାନ୍ତି ତେଜି ।
ତୃଣ ଥିବାଯାଏ ମୃଗ ଅରଣ୍ୟରେ ଥାନ୍ତି
ଦହନ ହୋଇଲେ ବନ ମୃଗ ତେଜି ଯାନ୍ତି ।
ହଂସ ଚକ୍ରବାକ ଯେ ସାରସ ପକ୍ଷୀ ଆଦ
ସରୋବରେ ଜଳ ଥିଲେ ରହନ୍ତି ଆହ୍ଲାଦ ।
ଆହାର ନିମନ୍ତେ ଜଳଜନ୍ତୁ ଥାନ୍ତି ଭଜି
ପୁଷ୍କରିଣୀ ଶୁଖିଲେ ସମସ୍ତେ ଯାନ୍ତି ତେଜି ।
ସମ୍ପତ୍ତିରେ ଥିଲେ ନାରୀ ଭର୍ତ୍ତାକୁ ସେବଇ
ଦରିଦ୍ର ହୋଇଲେ ଭର୍ତ୍ତା ନାରୀ ତେଜି ଯାଇ ।
ଶୁଭ ରାଜ୍ୟ ଥିଲେ ମନ୍ତ୍ରୀ ରାଜାକୁ ସେବନ୍ତି
ରାଜ୍ୟଭ୍ରଷ୍ଟ ହୋଇଲେ ସମସ୍ତେ ତେଜିଯାନ୍ତି ।
ଅର୍ଥବଶେ ସମସ୍ତେ ହେ ବଶ ହୋଇଥାନ୍ତି
ବିନା ଲୋଭେ କେହୁ ପ୍ରୀତି କାହାର ନୁହନ୍ତି ।
କ୍ଷୀର ଥିବାଯାଏ ବତ୍ସ ମାତାକୁ ଭଜନ୍ତି
କ୍ଷୀରକ୍ଷୟ ଦେଖିଲେ ସେ ମାତାକୁ ତେଜନ୍ତି ।
ଏମନ୍ତ ମୁ ଜଗତରେ ନ ଦେଖିଲି କାହିଁ
ବିନା ଲୋଭେ ପ୍ରାଣୀକି ଭଜିବେ ଧର୍ମ ଚାହିଁ ।
ସବୁଙ୍କର ଆପଣା ଲୋଭରେ ଚିତ୍ତ ଯାଇ
କେହୁ ନ କହନ୍ତି ଭଲ ପରହିତ ପାଇଁ ।
ଋଷି ଦେବାସୁର ନର ପ୍ରମାଣ କରନ୍ତି
କାର୍ଯ୍ୟସିଦ୍ଧ ହୋଇଲେ ସେ ସତ୍ୟକୁ ତେଜନ୍ତି ।
ତୁହି କାର୍ଯ୍ୟ ପାଇବା ନିମନ୍ତେ ସତ୍ୟ କରୁ
କାର୍ଯ୍ୟ ପାଇ ପ୍ରାଣ ଘେନି ଯିବ ମୁଁ ଏଠାରୁ ।

ତୁ ପୁଣି ବଉଲା ଗୋ ଗୋଷ୍ଠକୁ ଯିବୁ ଚଳି
କେମନ୍ତେ ପରତେ ଯିବ ଆସିବୁ ବାହୁଡ଼ି ।
ସତ୍ୟ ଯେ କରଇ ଦେବ ଅଗ୍ନି ଗୁରୁପାଶ
ତାର ଅଧ ଧର୍ମ ଯମ କାଟଇ ଅବଶ୍ୟ ।
ବୁଦ୍ଧିବଳେ ତୁହି ଯେ ପ୍ରମାଣ ଅଛୁ କରି
ଭଣ୍ଡାଇ ଏଠାରୁ ଆଜ ଯିବ ମୁଁ ଉବୁରି ।
ତଥାପି ତୋହୋର ମୁଁ ପ୍ରମାଣେ ଗଲି ପ୍ରତେ ।
ସାଧୁ ସତ୍ୟ ଯେବେ ତୋର ଆସିବୁ ପୁରତେ ।
ବଉଳା କହଇ ବାଘ ଶୁଣ ମୋ ଉତ୍ତର
କେମନ୍ତେ ଲଙ୍ଘିବି ଏ ପ୍ରମାଣ ମହାଘୋର ।
ପରକୁ ଯେ ମିଥ୍ୟା ବାକ୍ୟ କହଇ ନ ଜାଣି
ଆପଣା ଆତ୍ମାକୁ ଦ୍ରୋହ କଲା ସେହୁ ପ୍ରାଣୀ ।
ନାହିଁ ନାହିଁ ଭୂମି ସମ ନାହିଁ ଆନ ଦାନ
ନାହିଁ ନାହିଁ ସତ୍ୟର ସମାନ ଆନ ଧର୍ମ ।
ଯେଉଁ କର୍ମ କଲେ ପ୍ରାଣୀ ନର୍କକୁ ଗମିବ
ସେ କର୍ମ ସର୍ବଥା ହୋ କେବେହେଁ ନ କରିବ ।
ବଉଳା ବଚନେ ବାଘ କହଇ ଉତ୍ତର
ଦେଖ ଯାଇ ପୁନ ଅଛି ସେନେହେ ତୋହର ।
ବାଛୁରୀ ଗୋଟିକି ସ୍ତନପାନ କରାଇବୁ
ଆଶ୍ୱାସି କୋଡ଼ରେ ଘେନି ସମସ୍ତ କହିବୁ ।
ମାତା ଭ୍ରାତା ଗୃହିବୁ ଦେଖିବୁ ସର୍ବ ସଖୀ
ସଦନ ବାନ୍ଧବଙ୍କୁ ଆସିବୁ ବେଗେ ଦେଖି ।
ବଉଳା ତ ଜାଣୁ ସତ୍ୟ କଲୁ ଯେତେ ବାଗେ
ଶୀଘ୍ର ହୋଇ ପ୍ରବେଶ ହୋଇବୁ ମୋର ଆଗେ ।
ଭୀଷ୍ମେ କହୁଛନ୍ତି ଶୁଣ ଶୁଣ ନୃପମଣି
ସତ୍ୟ କଲା ବଉଳା ସେ ପ୍ରମାଣଭାଷିଣୀ ।

ଅଙ୍କା ମାର ମୃଗପନ୍ତି ଆଗରୁ ସେ ଯାଇ
ସୁନ୍ଦର ନିକଟକୁ ସେ ଧାଇଁ ଅଛି ଗାଈ ।
ଲୋଚନେ ଲୋତକ ପୂରିଅଛି କ୍ରୋଧମୁଖୀ
କାଏ ତାର ମଳିନ କମ୍ପଇ ଅତି ଦୁଃଖୀ ।
ପୁଣି ପୁତ୍ରଦୁଃଖ ମନେ ବିସ୍ମର କରଇ
ସତ୍ୟ କରିଅଛି ଆତ୍ମା ରଖି ନ ପାରଇ ।
କୁରରୀ ପକ୍ଷୀର ପ୍ରାଏ ଛାଡ଼ଇ ନିଃଶ୍ୱାସ
ପଡ଼ିଲି ଦୁଃଖସାଗରେ ଜୀବନେ ନିରାଶ ।
ହସ୍ତିନୀକି ସାଗରେ ବେଢଇ ଯେସନ୍ତେ ନାଗ
ବଉଳାକୁ ସତ୍ୟ ବାକ୍ୟେ ବଶ କଲା ବାଘ । ୧୬୫ ।
ବେଗ ବେଗ ହୋଇ ସେ ବଉଳା ଚଳିଗଲା
ଆପଣା ଗୋଷ୍ଠରେ ଯାଇଁ ପ୍ରବେଶ ହୋଇଲା ।
ଶୁଣିଲା ଆପଣା ବଛା ଡାକଇ ମାତାରେ
ଡାକ ଶୁଣି ଧାଇଁଲା ସେ ବଛା ସମ୍ମୁଖରେ ।
ବାଛୁରୀ କଡରେ ସେ ପ୍ରବେଶ ହେଲା ଯାଇଁ
ଗଦ ଗଦ କଣ୍ଠ ନେତ୍ରୁଁ ଲୋତକ ଗଳଇ ।
ଛନ୍ଦୁଁ ଦନ୍ଦୁଁ ବଡଇ ସୁନ୍ଦର ବଛା ଗୋଟି
ଗୋଷ୍ଠ ମଧ୍ୟେ ବଉଳା ତୁରିତେ ଯାଇଁ ଭେଟି ।
ମାତାକୁ ଦେଖିଣ ବଛା ଅଇଲାକ ଧାଇଁ
ମାତା ମାତା ଡାକି ଯାଇଁ ପାରୁଶେ ସମ୍ଭାଇ । ୧୭୦ ।
ପାଖରେ ସମ୍ଭାଇ ବଛା ମାତା ମୁଖ ଚୁହିଁ
ଦୁଃଖ ମୁଖ ଦେଖିଣ ସେ ବାଛୁରୀ କହଇ ।
ଶୋକ କଲା ପ୍ରାଏ ମାତା ଦିଶୁଛି ବଦନ
କି ନିମନ୍ତେ ଦୁଃଖିତ ଗୋ କରୁଅଛୁ ମନ ।
ଉଦବେଗ ହୋଇଅଛି ନୟନରେ ଜଳ
ଭଏ ଭଏ ପ୍ରାଏ କରି ଦେଖୁଛୁ ସକଳ ;

ବଉଳା କହଇ ପୁତ୍ର ପିଅ ମୋର ସ୍ତନ
କ୍ଷୀରପାନ କରି ପଛେ ଶୁଣ ମୋ ବଚନ ।
ତୋହର ସେନେହେ ବଛା ଆସିଅଛି ମୁହିଁ
କ୍ଷୀରପାନ କର ପୁତ୍ର ଉଦର ପୂରାଇ । ୧୭୫ ।
ଆଜ ତୋର ନିକଟକୁ ଅଇଲି ନନ୍ଦନ
ଦୁର୍ଲ୍ଲଭ ହୋଇଲା ତୋତେ ମାତା ଦରଶନ ।
ଆଜ ମୋର କ୍ଷୀରପାନ କର ତୁ ନନ୍ଦନ
କାଲିଠାରୁ କରିବୁ କାହାର କ୍ଷୀରପାନ ।
ଏହିକ୍ଷଣି ଯିବି ପୁତ୍ର ଘୋର ଅରଣ୍ୟକୁ
ସତ୍ୟ ବାକ୍ୟ ଦେଇ ମୁଁ ଆସିଅଛି ବାଘକୁ ।
କାମରୂପୀ ନାମେ ବାଘ ଅଛି ସେହୁ ବନ
ସତ୍ୟ କରିଅଛି ତାକୁ ଦେବା ଏ ଜୀବନ ।
ବଉଳା ବଚନେ ବଛା କହଇ ଉତ୍ତର
ଶୁଣ ମାତା ମୋହର ବଚନ ହୃଦ ଧାର । ୧୮୦ ।
ତୁ ଯହିଁକି ଯିବାକୁ ଗୋ କରିଅଛୁ ମନ
ତୋହୋର ସଙ୍ଗତେ ମୁଁ ଗୋ କରିବି ଗମନ ।
ଏ କଥାକୁ ସଂଶୟ ନ କର ମାତା ଚିତ୍ତେ
ଧନ୍ୟ ମୁଁ ହୋଇବି ଗଲେ ତୋହୋର ସଙ୍ଗତେ ।
ଅବଶ୍ୟ ତ ମରିବି ମୁଁ ତୋତେ ନ ଦେଖନ୍ତେ
ଯାଇବଇଁ ଗତି କଲେ ତୋହୋର ସଙ୍ଗତେ ।
ମାତାକୁ ଭକତ ହୋନ୍ତି ଯେଉଁ ପୁତ୍ରମାନେ
ସେ ପୁତ୍ର ବସନ୍ତି ଯାଇଁ ଯେଉଁ ପୁଣ୍ୟସ୍ଥାନେ । ୧୮୪ ।
ସେ ସ୍ଥାନ ତ ପ୍ରାପତ ହୋଇବ ମାତା ମୋତେ
ମୁଁ କେମନ୍ତେ ଜନନି ଗୋ ଛାଡ଼ିବଇଁ ତୋତେ । ୧୮୫ ।
ମୁଁ ଯାହା ଜନନି ଗୋ ମରିବି ପଛେ ଝୁରି
ଶାନ୍ତି ହେଉ ବାଘ ଖାଉ ଶରୀର ମୋହୋର ।

ଜଗତ ହୋଇବ ଶୂନ୍ୟ ଜନନୀ ବିହୁନେ
ନ ଛାଡ଼ି ତୋହୋର ସଙ୍ଗେ ଯିବି ଘୋରବନେ ।
ତୋହୋର ବିହୁନେ ମୋତେ ଜଗତ ଅନ୍ଧାର
ମୁଁ ତୋର ବାଳୁତ ଦୁଃଖ କେ କରିବ ପାର ।
ମାତାର ବିଚ୍ଛେଦେ ଯେବେ ହୋଇବି ଗୋ ଦୀନ
ଜୀବନ ରଖିବା ମୋର କିସ ପ୍ରୟୋଜନ ।
ମୋହୋର ବଚନ ଶୁଣ ଜନନି ଗୋ ରହ
ତୋର ସତ୍ୟ ରହୁ ମୁଁ ବାଘକୁ ଦେବି ଦେହ । ୧୯୦ ।
ତୁ ଯେବେ ଅନାଥ କରି ଯିବୁ ମୋତେ ମାତ
ଅରଣ୍ୟ ଭିତରେ ମୋତେ କେ ହୋଇବ ନାଥ ।
କ୍ଷୀରପାନ ଦେଇ ମୋତେ ପୋଷୁଅଛୁ କାଏ
କେ ହୋଇବ ବନ୍ଧୁ ଗୋ ଜନନି, ତୋର ପ୍ରାଏ ।
ମାତା ସମ ହିତ ନାହିଁ ସମସ୍ତେ କହନ୍ତି
ମାତା ସେବା ସମାନ ପୁଣ୍ୟକୁ ନାହିଁ ଗତି ।
ନାହିଁ ନାହିଁ ମାତା ସମ ପୁଣ୍ୟକୁ ସେନେହ
ମାତା ସମ ନାହିଁ ସୁଖେ ତୋଷିବାକୁ ଦେହ ।
ମାତା ସେବା ସମାନ ପୁଣ୍ୟକୁ ଆନ ନାହିଁ
ସେବା ଯେ କରଇ ଇହ ପରଲୋକ ଦୁହିଁ । ୧୯୫ ।
ଜନନୀରେ ଯେଉଁ ପୁତ୍ର କରଇ ଭକତି
ଇହଲୋକ ଯଶ ପରଲୋକେ ଶୁଭଗତି ।
ଦଶମାସ ସହିଇ ଗର୍ଭରେ ବହି ଭର
କେ ଆନ ହୋଇବ ହିତ ଜନନୀର ପର ।
ବିବିଧ ବେଦନା ଗୋ ବିବିଧ ଦୁଃଖ ସହି
ପ୍ରସବ କାଳେ ପଡ଼ଇ ମୂର୍ଚ୍ଛା ଯାଇ ।
କାୟମଳ ଧୋଇ ମାତା ପୁତ୍ର କୋଳେ ଘେନି
ବିବିଧ ପ୍ରକାରେ ପ୍ରତିପାଳଇ ଜନନୀ ।

ମଳମୂତ୍ର-ପଙ୍କରୁ ଉଦ୍ଧାରେ ଗର୍ଭଧାରୀ
ସ୍ତନ୍ୟଦ୍ୱାରା ପାଳଇ ବିବିଧ ଯତ୍ନ କରି । ୨୦୦ ।
ପ୍ରାଣହୁଁ ଅଧିକ କରି ପୋଷଇ ପୁତ୍ରକୁ
କେ ଅଛି ସମାନ ହେବ ମାତା ସେନେହକୁ ।
ବଉଳାକୁ ବାଛୁରୀ କହୁଛି ପୁଣ ପୁଣ
ଶହେ ବରଷରେ କେ ଶୁଝିବ ମାତା ଋଣ ।
ମୋହ ମତେ ଏଡ଼େ ଧର୍ମ ନ ଦେଖିଲି କାହିଁ
ମାତା ସମ ଦେବତା ପୁତ୍ରକୁ ଆନ ନାହିଁ ।
ବଉଳା କହଇ ମୃତ୍ୟୁ ମୋହରେ ପ୍ରାପତ
ତୁ କେମନ୍ତେ ଯିବୁ ପୁତ୍ର ମୋହୋର ସଙ୍ଗତ ।
ତୁ ଯେ ପ୍ରାଣତ୍ୟାଗ କରି ଲୋଡ଼ୁ ମୋର ପାଇଁ
ଆନ ମୃତ୍ୟୁକାଳେ ମୃତ୍ୟୁ ଆନକୁ ନୁହଇ । ୨୦୫ ।
ଲଉଟି ନ ଆସିବ ରେ କରୁଛୁ ଗମନ
ଆଜହୁଁ ଦୁର୍ଲ୍ଲଭ ତୋତେ ମୋହୋ ଦରଶନ ।
ମୋତେ ଛାଡ଼ ସେନେହ ମୋହୋର ବୋଲ କର
ମୋହୋର ବଚନ ପ୍ରତିପାଳିବୁ କୁମର ।
ସର୍ବଥା ନ ଯିବୁ ବାବୁ ଘୋର ଅରଣ୍ୟରେ
ପ୍ରବେଶ ନୋହିବୁ ତୁ ଯେ ଅଗାଧ ଜଳରେ ।
ଅରଣ୍ୟ ଜଳକୁ ଯଦି କରିବୁ ଗମନ
ନିରନ୍ତରେ ପୁତ୍ର ହୋଇଥିବୁ ସାବଧାନ ।
ପ୍ରମାଦ ଭୂମିକି ଯେ ହୋ କରଇ ଗମନ
ପ୍ରମାଦ ପଡ଼ଇ ପ୍ରାଣୀ ହୁଅନ୍ତି ନିଧନ । ୨୧୦ ।
ଅତି ଲୋଭେ ବଶ ବଳା କେବେହେଁ ନୋହିବୁ
ସଂକଟଭୂମିକୁ ତୃଣ ଚରିବେ ନଯିବୁ ।
ଲୋକରେ ଅଯଶ ବାବୁ ଲୋଭେ ପ୍ରବର୍ତ୍ତିଲେ
ପରଲୋକ ଲୋଖିକି ପ୍ରାପତ ହୋଏ ଭଲେ ।

ଲୋଭରେ ସମୁଦ୍ର ମଧ୍ୟେ ଚଳନ୍ତି ବୋହିତ
ପଶନ୍ତି ଗହନ ବନେ ଲୋଭରେ ମୋହିତ ।
ଅତିଲୋଭେ ଅକାର୍ଯ୍ୟ ହୁଅଇ ଶୁଣ ସୁତ
ଜାଣିକରି କାର୍ଯ୍ୟ କରୁଥାନ୍ତି ବୁଦ୍ଧିମନ୍ତ ।
ଲୋଭକରେ ପ୍ରାଣୀ ଯେ ପ୍ରମାଦ ସ୍ଥାନେ ଥାଇ
ଅଚେତନ ହୋଇଲେ ଅବଶ୍ୟ ନାଶଯାଇ । ୨୧୫ ।
ଏ କଥା ବିଚାରି ବାବୁ ଲୋଭ ନ କରିବୁ
ପ୍ରମାଦ ସ୍ଥାନକୁ ତୁ ହୋ ବିଶ୍ୱାସ ନ ଯିବୁ ।
ମୋହୋର ବଚନ ପୁତ୍ର ମନେ ଥିବୁ ଧରି
ରଖିବୁ ସର୍ବଦା ଆତ୍ମା ଅତି ଯତ୍ନ କରି ।
ହିଂସ୍ରକ ସକଳ ଜନ୍ତୁ ସର୍ପ ଆଦିକରି
ମ୍ଳେଚ୍ଛ ଚୋରଗଣ ନାନା ସଂକଟ ବିଚାରି ।
ବହୁତ କାଳରୁ ଯେଉଁ ବନେ ସର୍ପ ଥାଇ
ଭୟେ କେହି ଜନ ସେହି ବନକୁ ନ ଯାଇ ।
ସେ ବନରେ ପ୍ରବେଶ ନୋହିବୁ ଶୁଣ ବଛା
ବିଷ୍ଣୁ ଶିବ ବେଦବର କରୁ ତୋତେ ରକ୍ଷା । ୨୨୦ ।
ହୃଦେ ପାପ ଥୋଇ ଯେହୁ କହନ୍ତି ମଧୁର
ବିଶ୍ୱାସ ନ ଯିବୁ ବାବୁ ବାହୁତ କୁମର ।
ନଖ ଥିଲା ଜନ୍ତୁ ଯଦ୍ଧ ଶିଙ୍ଗ ଥିଲା ବନ
ଏ ବନକୁ ସର୍ବଦା ତୁ ନ ଯିବୁ ନନ୍ଦନ ।
ଶସ୍ତ୍ରଧାରୀ ରାଜଭୃତ୍ୟେ ବିଶ୍ୱାସ ନ ଯିବୁ
ଅବିଶ୍ୱାସ ଲୋକଙ୍କୁ ବିଶ୍ୱାସ ନକରିବୁ ।
ଜୀବନ ସହିତେ ସର୍ବ ସମ୍ପଦ ହରଇ
ଧନକ୍ଷୟୁ ପ୍ରାଣପୀଡା ଅବଶ୍ୟ ହୁଅଇ ।
ଅତିବଳ ଦେହ ଦେଖି ବିଶ୍ୱାସ ନଯିବ
ନ ବୋଲିବ ଏ ଶରୀର ସବୁ ଦିନେ ଥିବ । ୨୨୫ ।

ଜଳର ତରଙ୍ଗ ପ୍ରାଏ ଚଞ୍ଚଳ ଜୀବନ
ଏ କଥା ବିଚାରି ଧର୍ମେ ଦେଇଥିବୁ ମନ ।
ଧର୍ମେ ମତି ନ ଦିଅନ୍ତି ଅତି ମୂଢ଼ ଜନ
ପ୍ରମତ୍ତ ହୋଇ ବୋଲନ୍ତି ଧନ୍ୟ ରେ ଜୀବନ ।
ଆନ ଲୋକ ପରୀକ୍ଷା ମୁଁ କି କହିବି ତୋତେ
ବାସନା ଧେନୁରୁ ତୁ ଯେ ଆହାର ନିମନ୍ତେ ।
ବାସନା-ଚକ୍ଷୁରେ ସର୍ବ ଦେଖନ୍ତି ଯେ ଗାଈ
ଚରଚକ୍ଷୁ ଦେନି ରାଜା ସମସ୍ତ ଦେଖଇ ।
ବ୍ରାହ୍ମଣ ଦେଖଇ ସବୁ ବେଦ-ଚକ୍ଷୁଦ୍ୱାରେ
ଶାସ୍ତ୍ର ପଣ୍ଡିତ ଯୋଗୀ ଦେଖଇ ଜ୍ଞାନରେ ।
ସର୍ବଥା ନୋହିବୁ ଉଭା ଘୋର ଅରଣ୍ୟରେ
ନିରନ୍ତରେ ଧର୍ମଚିନ୍ତା କରିବୁ ମନରେ ।
ବିଦ୍ୟା ବୋଧ ତପ ଧର୍ମ ସନ୍ତ-ଆଚରଣ
ସନ୍ତାପ ଛାଡ଼ି ପଶିବୁ ତାହାଙ୍କ ଚରଣ ।
ସବୁଙ୍କର ଆଗେ ଉଭା ସର୍ବଥା ନୋହିବୁ
ଆଗେ ନ ଗମିବୁ ଉଗ୍ର ବକତା ନୋହିବୁ ।
ତିନିଗୋଟି କଥା ତୁ ସର୍ବଥା ନ କରିବୁ
ମୋହୋର ବଚନ ତୁ ହୃଦରେ ଧରିଥିବୁ ।
ଯେତେ ବନ୍ଧୁ ବାନ୍ଧବଙ୍କୁ ଦେଖୁଛୁ ସୁରଙ୍ଗ
ଛାୟାର ପଥିକ ପ୍ରାଏ ହୋଇଛନ୍ତି ସଙ୍ଗ ।
ଯେସନେ ଏକ ପଥିକ ପନ୍ଥ ଶ୍ରାନ୍ତ ହୋଇ
ଛାୟା ଆଶ୍ରେ କରଇ ପନ୍ଥରେ ବୃକ୍ଷ ପାଇ
ପୁଣି ଯେ ଆସନ୍ତି ପ୍ରାଣୀ ପନ୍ଥଶ୍ରାନ୍ତ ହୋଇ ।
ସେହି ବୃକ୍ଷଛାୟାରେ ବସନ୍ତି ପୁଣି ଯାଇ
ଏମନ୍ତ ପ୍ରକାରେ ଦଶ ପାଞ୍ଚ ମେଳ ହୋଇ
ଏକକୁ ଆରେକ ଦୁଃଖ ସୁଖ କୁହାକୋହି ।

ଯେତେବେଳେ ତାହାଙ୍କର ଶ୍ରମ ହୁଏ ଶାନ୍ତ
ଯାହାର ଯେଣିକି ଇଚ୍ଛା ସଙ୍ଗ ତେଜି ଯାନ୍ତି ।
ସେହିମନ୍ତ ପୁତ୍ର ଦାର ବନ୍ଧୁ ଭୃତ୍ୟମାନେ
ନୋହନ୍ତି କାହାର କେହି ଥାନ୍ତି ଏକସ୍ଥାନେ । ୨୪୦ ।
ଯେତେବେଳେ ପ୍ରାଣୀକି ଗ୍ରାସଇ ଆସି କାଳ
ଏକା ମାତ୍ର ଗମଇ ସେ ଛାଡ଼ଇ ସକଳ ।
ବୃକ୍ଷ ଛାୟାସଙ୍ଗ ପ୍ରାଏ ସଙ୍ଗ ହୋଇଥାନ୍ତି
ତେସନ କୁଟୁମ୍ବ-ସଙ୍ଗ ତେଜି ଏକା ଯାନ୍ତି ।
ବିପୁଳ ସମ୍ପତ୍ତି ଥିଲେ ରହଇ ମେଦିନୀ
ଅର୍ଜିଲା ପାତକ ପୁଣ୍ୟ ସଙ୍ଗେ ଯାନ୍ତି ଘେନି ।
ପାପ କରିଥିଲେ ବାସ କରଇ ନର୍କରେ
ପୁଣ୍ୟ କରିଥିଲେ ଯାଇଁ ବସଇ ସ୍ୱର୍ଗରେ ।
ଏମନ୍ତ ପ୍ରକାରେ ସାତପାଞ୍ଚ ସଙ୍ଗଭ୍ରମ
ଧର୍ମହିଁ ସେ ଏକା ବାରୁ ସୁହୃଦ ଉତ୍ତମ । ୨୪୫ ।
ଏ କଥା ବିଚାରି ପୁତ୍ର ଶୋକ ଛାଡ଼ ମୋତେ
ଧର୍ମ ସେ ପରମ ଲାଭ କହୁଅଛି ତୋତେ ।
ଏତେ କହି ପୁତ୍ରମଥା ଶୁଙ୍ଘିଲା କଲ୍ୟାଣୀ
ପୁଣି-ପୁଣି ଲହଇ ପୁତ୍ରକୁ କୋଡ଼େ ଘେନି ।
ମହାଶୋକେ ବଉଳାର ବୁଡିଅଛି ମନ
ପୂର୍ଣ୍ଣ ହୋଇଅଛି ତାର ଲୋତକେ ଲୋଚନ ।
ନିଃଶ୍ୱାସ ପକାଉଅଛି ଯେସନେ ସର୍ପିଣୀ
ଅତି ଦୀର୍ଘ ଉଷ୍ଣ ସେ ନିଃଶ୍ୱାସ ପୁଣ ପୁଣି ।
ପୁତ୍ରଦୁଃଖେ ଜଗତ ସେ ଦେଖୁଅଛି ଶୂନ୍ୟ
ସତ୍ୟରେ ଯିବାକୁ ବେଗ କରୁଅଛି ମନ । ୨୫୦ ।
ମହାପଙ୍କେ ନିମଗ୍ନ ହୋଇଲା ପ୍ରାଏ ହୋଇ
କେବଳ ପୁତ୍ରକୁ ଦେଖି ହୃଦୟ ଦହଇ ।

ପୁଣିହିଁ ସେ ପୁତ୍ରମଥା ବଉଳା ଲହିଲା
ପୁଣି ସେ କଲ୍ୟାଣୀ ଧେନୁ ଏମନ୍ତ ବୋଇଲା ।
ପୁତ୍ର ସୁଖ ସମ କି ପାଇବା ତାର କାହିଁ
ପୁତ୍ର ସମ ସେନେହ ସଂସାରେ ଆନ ନାହିଁ ।
ଜନନୀ ପିତାଙ୍କୁ ପୁତ୍ର ସମ ନାହିଁ ପ୍ରୀତି
ଜନନୀ ପିତାଙ୍କୁ ପୁତ୍ର ସମ ନାହିଁ ଗତି ।
ଅପୁତ୍ରିକ ପ୍ରାଣୀଙ୍କ ଜଗତ ଦିଶେ ଶୂନ୍ୟ
ଅପୁତ୍ରିକ ଲୋକର ଯେ ଘରହିଁ ଅରଣ୍ୟ । ୧୫୫ ।
ସୁପୁତ୍ର ହୋଇଲେ ପ୍ରାଣୀ ପୁଣ୍ୟଲୋକ ପାଇ
ପୁତ୍ରର ପୁତ୍ରରେ ପ୍ରାଣୀ ସ୍ୱର୍ଗରେ ବସଇ ।
ଯାର କୁଳେ ସୁପୁତ୍ର ସୁନାଶି ଉପୁଜଇ
ଇହ ପରଲୋକେ ସେ ପରମ ଗତି ପାଇ ।
ଚନ୍ଦନ ଶୀତଳ ବୋଲି ବୋଲନ୍ତି ଯେ ଜନ
ମୋର ମନେ ଜାଣିଲି ମୁଁ ମିଥ୍ୟା ସେ ବଚନ ।
ପୁତ୍ରକୁ କୋଡରେ ଧରି ହୃଦରେ ଲଗାଇ
ଚନ୍ଦନହୁଁ ଅଧିକ ଶୀତଳ ସୁଖ ପାଇ ।
ଭୀଷ୍ମେ କହୁଛନ୍ତି ଯେ ପୁତ୍ରର ଗୁଣ କହୁ
ପୁଣ ପୁଣି ବଉଳା ପୁତ୍ରର ମୁଖ ଚୁହିଁ । ୧୬୦ ।
ଜନନୀ ସଖୀଜନଙ୍କ ନିକଟକୁ ଗଲା
ଯିବାରେ ତୁରିତ ମନ ଏମନ୍ତ କହିଲା ।
ବଉଳା କହଇ ସର୍ବ ସଖୀଙ୍କ ଆଗରେ
ପ୍ରବେଶ ହୋଇଲି ମୃଗପତି ସମ୍ମୁଖରେ ।
ପ୍ରଣାମ କରିଣ ବ୍ୟାଘ୍ର ଠାରୁଁ ମୁକ୍ତ ହୋଇ
ଅଇଲି ବାଳକ ବଚ୍ଛା ଦେଖିବାର ପାଇଁ ।
ମାତା ସଖୀଜନ ବନ୍ଧୁ ଦେଖିବା ନିମନ୍ତେ
ସତ୍ୟ କରି ଆସିଅଛି ବାଘର ସଙ୍ଗତେ ।

ସତ୍ୟ ବାକ୍ୟ କର ମୁଁ ଗୋ ଆସିଛୁ କନନି
ସୁଣି ତାର କଣ୍ଠକ ଗୋ ଯିବ ଦେହ ଘେନି । ୨୭୫ ।
ବାଳକବୁଦ୍ଧିରେ ମା ଅପ୍ରାଧ କଲି ଯେତେ
ସମସ୍ତ ଅପ୍ରାଧ ମାତା କ୍ଷମା କର ମୋତେ ।
ମୁଁ କିସ କହିବି ମାତା ତୁମ୍ଭର ଆଗର
ତୋହୋର ନାତିକି ଏବେ ପ୍ରତିପାଳ କର ।
ସୁରଭି ମାଳାମଣ୍ଡିତ ତୋହୋର କଲ୍ୟାଣୀ
ପରମ ପବିତ୍ର ତୁ ସମସ୍ତ ଅଛୁ ଜାଣି ।
ବସୁଧା-ଧାରିଣୀ ଗୋ ଜଗତପ୍ରିୟଦାତା
ପରମ ଆନନ୍ଦ-ଘଟ ଉତ୍କଟ ମୋ ମାତା ।
ଜ୍ଞାନ ଅଜ୍ଞାନରେ ଯାହା କହୁଅଛି ତୋତେ
ଯାହା ମୁଁ ଅର୍ଜିଲି ଦୋଷ କ୍ଷମା କର ମୋତେ । ୨୭୦ ।
ସର୍ବଗୁଣେ ସୁଲକ୍ଷଣା ସର୍ବଜନ-ମାତା
ଯେ ଯାହା ବାଞ୍ଛଇ ତୁ ଗୋ ସର୍ବ ଦେଉ ଦାତା ।
ତୋହୋର ଚରଣତଳେ କରୁଛି ଦାଇନି
ମୋହୋର ପୁତ୍ରକୁ ରକ୍ଷା କର ଗୋ ଜନନି ।
ମୋହୋର ବିନ୍ଦୁ ଅନାଥ ଅବଳ ବାଳୁତ
ଅତି ହୀନ ଦୁଃଖୀ ଯେ ହୋଇଲା ବାଳ ସୁତ ।
ମୋହୋର ବିଚ୍ଛେଦ ଦୁଃଖେ ହେଉଛି ଆକୁଳ
ବହେଣୀ ସକଳ ବଚ୍ଛା କରୁ ପ୍ରତିପାଳ ।
ବହେଣୀସକଳ ଶୁଣ ଏହୁ ବାଳସୁତ
ବିଶେଷେ ପ୍ରତିପାଳିବା ତୁମ୍ଭର ଉଚିତ । ୨୭୫ ।
ସମସ୍ତେ ହେଁ ପ୍ରତିପାଳ କରିବ ତନୟେ
ପୋଷି କ୍ଷୀରପାନ ଦେବ ନିଜ ପୁତ୍ର ପ୍ରାଏ ।
ରଖିବ ଅନାଥ ବାଳ ବଚ୍ଛାଟିର କାଏ
ପ୍ରତିପାଳ କରିବ ଆପଣା ବଚ୍ଛା ପ୍ରାଏ ।

କ୍ଷମା କର ସକଳେ ମୋହର ଦୋଷମାନ
ସତ୍ୟ ଆଶ୍ରେ କରି ମୁଁ ଯେ ଯାଉଅଛି ବନ ।
ସର୍ବସଖୀ ଯଦି ଗୋ କହିବ ଆଗ ହୋଇ,
ଏ କାର୍ଯ୍ୟ ବିଳମ୍ବ ତ ଗୋ ଉଚିତ ନୁହଇ ।
ଯେତେ ଜନ୍ତୁ ଜାତ ହୋଇ ଅଛନ୍ତି ସଂସାରେ
ସବୁଙ୍କର ମୃତ୍ୟୁ ସଖୀ ଅଛି ଗୋ ଆଗରେ ।୨୮୦।
ବଉଳାର ତହୁଁ ଯହୁଁ ଶୁଣିଲେ ଏମନ୍ତ
ମାତା ସଖୀଜନ ସବୁ ହୋଇଲେ ଦୁଃଖିତ ।
ବିସ୍ମୟ ହୋଇଲେ ଶୁଣି ମାତା ସଖୀଜନ
ବଉଳା ବଦନ ଚାହିଁ କହନ୍ତି ବଚନ ।
ଏମନ୍ତ * ଅଶ୍ରିଜ ତ ଶୁଣିଲୁ ନାହିଁ କାହୁଁ
ବଉଳା ଆସିଛୁ ସତ୍ୟ କରି ବ୍ୟାଘ୍ର ତହିଁ ।
ଅତି ଭୟଙ୍କର ଯାର ନାମେ କରି ତ୍ରାସ
ବଉଳା କରିଛୁ ଇଚ୍ଛା ଯିବୁ ତାର ପାଶ ।
ଶପଥ କୁହଁ କରି ସତ୍ୟ ବଚନ ହିଁ ଦେଇ
ଦୁର୍ଗମ ଘୋର ବିପତ୍ତି ନାଶିବାର ପାଇଁ । ୨୮୫ ।
ନାନା ସତ୍ୟ କରି ଭବେ ବଞ୍ଚିବାର ପାଇଁ
ପୁଣି କି ଲଉଛି ପ୍ରାଣୀ ସେଠାବକୁ ଯାଇ ।
ବଉଳା ବନକୁ ଆଉ ଗମନ ନ କର
ଏ କଥାରୁ କେଉଁ ଧର୍ମ ହୋଇବ ତୋହୋର ।
ବାଳପୁତ୍ର ଗୋଟି ତୋର ତେଜିବୁ ଏହାକୁ
ସତ୍ୟ ଲୋଭ ହୋଇ କାହା ପଶିବୁ ବନକୁ ।
ସତ୍ୟବାଦୀ ଋଷି କଥା ପୂର୍ବେ ଛନ୍ତି କହି
ପ୍ରାଣତ୍ୟାଗ ପ୍ରମାଣେ ସର୍ବଦା ପାପ ନାହିଁ ।

---

* ଅଶ୍ରିଜ—ଆଶ୍ଚର୍ଯ୍ୟ ।

ବିବାହେ ବିବାଦେ ପ୍ରାଣତ୍ୟାଗେ ମିଥ୍ୟା ନାହିଁ
ଧନନାଶେ ମିଥ୍ୟା ପାପେ ନୁହନ୍ତି ନା ଦହି ।
ବ୍ରାହ୍ମଣ ନିମନ୍ତେ ମିଥ୍ୟା ଯେ ପୁଣ କହଇ
ଏ ପଞ୍ଚ ମିଥ୍ୟାରେ ହୋ ସର୍ବଥା ପାପ ନାହିଁ ।
ପ୍ରାଣୀ ପ୍ରାଣ ରକ୍ଷିବାକୁ ଯେଉଁ ମିଥ୍ୟା କହି
ଏ ମିଥ୍ୟା ପାପରେ ପ୍ରାଣୀ ନୁହନ୍ତି ନା ଦହି ।
ମିଥ୍ୟାହିଁ ହୁଅଇ ସତ ପ୍ରାଣୀ ରକ୍ଷା କଲେ
ସତ ମିଥ୍ୟା ସମ ପାପ ପ୍ରାଣୀ ନାଶ ଗଲେ ।
ବଉଳା ବୋଲଇ ପର ପ୍ରାଣ-ରକ୍ଷା ପାଇଁ
କହିଲେ ବଚନ ମିଥ୍ୟା ପାତକ ନୁହଇ ।
ଆପଣା ନିମନ୍ତେ ମିଥ୍ୟା କହିବାର ପାଇଁ
କଦାଚିତେ ମାତା ମୋର ଚିତ୍ତ ନ ବଳଇ ।
ଏକା ହୋଇ ଗର୍ଭରୁ ହୁଅଇ ପ୍ରାଣୀ ଜାତ
ଏକା ହୋଇ ପ୍ରାଣତ୍ୟାଗ ହୁଅଇ ଗୋ ମାତ
ଏକା ହୋଇ ପ୍ରାଣୀ ଗୋ ଭୁଞ୍ଜଇ ଦୁଃଖ ସୁଖ
ସେ ହେତୁ ସତ୍ୟରୁ ମୁଁ ଗୋ ନୋହିବି ବିମୁଖ ।
ସତ୍ୟେ ଚତୁର୍ଦ୍ଦଶ ଲୋକେ ଛନ୍ତି ଉଭା ହୋଇ
ସତ୍ୟରେ ସକଳ ଧର୍ମ ସର୍ବଦା ବସଇ ।
ସତ୍ୟରେ ଜନନି ଆଗୋ ସମୁଦ୍ରର ଜଳ
ସତ୍ୟରେ ସର୍ବଥା ସିନ୍ଧୁ ନ ଲଙ୍ଘଇ କୂଳ ।
ସତ୍ୟେ ବଳି ପୃଥିବୀ ବିଷ୍ଣୁର ହାଥେ ଦେଲା
ତ୍ରିଭୁବନ ତେଜି ରାଜା ପାତାଳେ ରହିଲା ।
ସତ୍ୟବାକ୍ୟେ ବଳି ରାଜା ପାତାଳ ଭୁବନ
ହରଷେ ରହିଛି ରାଜା ଚରଣେ ବନ୍ଧନ ।
ବିଂଧ୍ୟଗିରି ବଢିଥିଲା ଶତେ ଶୃଙ୍ଗ ଯେନି
ସତ୍ୟ କରାଇଲେ ଯେ ଅଗସ୍ତି ମହାମୁନି ।

ମୁନିଙ୍କି ସେ ଚିରଞ୍ଜା ସତ୍ୟ ବାକ୍ୟ ଦେଲା
ଅଗସ୍ତି ବଚନେ ସେ ସର୍ବଦା ନବର୍ତ୍ତିଲା ।
ସତ୍ୟ ଥିଲେ ନଚେଁ ପ୍ରାଣୀ ସଙ୍ଗ ମୋକ୍ଷ ପାଇ
ସତ୍ୟରୁ ହୋଇଲେ ଭ୍ରଷ୍ଟ ନର୍କରେ ସମ୍ଭାଇ ।
ସତ୍ୟ କରି ନଷ୍ଟ ଯେ ହୁଅଇ ମନରେ
ଲେପିତ ହୁଅଇ ପ୍ରାଣୀ ସେହି ପାତକରେ ।
ସତ୍ୟ କରି ପ୍ରାଣୀକି କରଇ ଥାଇ ଆଶା
ସତ୍ୟ ଛାଡ଼ି ପୁଣି କେ କହଇ ଆନ ଭାଷା ।
ସେ ପ୍ରାଣୀ ଅଥବା କେଉଁ ପାପ ନ ଅର୍ଜିଲା
ସ୍ୱୈରବୃତ୍ତି କରି ଯେ ଆତ୍ମାକୁ ହତ କଲା ।
ସେ ଯେନ ସତ୍ୟ ଲଙ୍ଘି ମୁଁ କେମନ୍ତେ ରହିବ
ଆପଣା ଆତ୍ମାକୁ ପାପେ କେମନ୍ତେ ଦହିବ ।
ଆତ୍ମାଦ୍ରୋହ କରନ୍ତେ ମୁଁ ଆତ୍ମାକୁ ଭଣ୍ଡାଇ
ନିଚଏଁ ଘୋର ନରକେ ସମ୍ଭାଇବ ଯାଇ ।
ସତ୍ୟ ହିଁ ସେ ତୀର୍ଥ ଦାତ୍ୟ ଅଟଇ ସାଗର
ଅଗାଧ ନିର୍ମଳ ଶୁଦ୍ଧ ମହିମା ଯାହାର ।
ତହିଁ ସ୍ନାନ କଲେ ପାପୀ ପ୍ରାଣୀ ମୁକ୍ତ ହୋଇ
ପ୍ରାନ୍ତକାଳ ହୋଇଲେ ପରମ ଗତି ପାଇ ।
ସତ୍ୟରେ ପବନ ସର୍ବକାଳରେ ବହଇ
ସତ୍ୟରେ ଅଗ୍ନି ଦେବତା ସର୍ବଦା ଜଳଇ ।
ସତ୍ୟେ ଜଳ ବୃଷ୍ଟି କରୁଛନ୍ତି ପୁରନ୍ଦର
ସତ୍ୟେ ରବି ପ୍ରକାଶନ୍ତି ସକଳ ସଂସାର ।
ନାହିଁ ନାହିଁ ସତ୍ୟର ସମାନ ଧର୍ମ ନାହିଁ
ସତ୍ୟର ସମାନ କର୍ମ ଆଉ ଅଛି କାହିଁ ।
ସତ୍ୟର ସମାନେ ଆଉ ନାହିଁ ଟି ସମ୍ପତ୍ତି
ନାହିଁ ନାହିଁ ସତ୍ୟର ସମାନ ଆନ ଗତି ।

ସହସ୍ରେକ ଅଶ୍ୱମେଧ ତୁଳେ ବସାଇଲା
ଆର ଆଡ଼େ ବିଧାତା ଯେ ସତ୍ୟକୁ ରଖିଲା ।
ତୁଳରେ ବସାନ୍ତେ ସତ୍ୟ ଅଧିକ ହୋଇଲା
ଅଶ୍ୱମେଧ ସହସ୍ରେକ ସମାନ ନୋହିଲା ।
ସତ୍ୟ ସମ ସାଧୁଙ୍କର ତପ ନାହିଁ ଆନ
ସତ୍ୟହିଁ ସେ ସାଧୁଜନଙ୍କର ବ୍ରତଜ୍ଞାନ ।
ସତ୍ୟ ଥିଲେ ପ୍ରାଣୀ ସର୍ବ କଲ୍‌ମଷ ନାଶଇ
ସତ୍ୟ ସମ ହିତ ଆନ ସର୍ବଥା ନୁହଇ
ସତ୍ୟହିଁ ସେ ସାଧୁଙ୍କର ବସିବାର ସ୍ଥାନ
ସତ ହିଁ ସେ ସାଧୁଜନଙ୍କର କୁଳଧନ । ୩୨୦।
ସ୍ୱର ଆଶ୍ରମରେ ସତ ଅଟଇ ବଲ୍ଲଭ
ସତର ସମାନେ ଆନ ନାହିଁ ନା ଦୁର୍ଲ୍ଲଭ ।
ଯେଉଁ ସତ ପ୍ରସାଦେ ବସଇ ଦିବ୍ୟସ୍ଥାନେ
ସେ ସତକୁ ତ୍ୟାଗ କରି ରହିବ କେସନେ ।
ଯେଉଁ ପ୍ରାଣୀଙ୍କର ଯାଇ ମିଛ ଯେନି ଦିନ
ଦୁଷ୍ଟଭାବେ ଜନ୍ତୁର ଯେ ଶୋଷନ୍ତି ଜୀବନ ।
ଆପଣାର ଭଲକୁ ଯେ ସର୍ବଦା ଇଚ୍ଛିବ
ସତ୍ୟହୀନ ନିର୍ଦ୍ଦୟକୁ ବିଶ୍ୱାସ ନ ଯିବ ।
ବଉଳା ସକଳ ଧର୍ମ ବିବିଧ ପ୍ରକାରେ
କହିଲା ସୁନ୍ଦରୀ ସର୍ବ ସଖୀଙ୍କ ଆଗରେ । ୩୨୫।
ଧର୍ମରେ କରୁଛି ଇଚ୍ଛା ବଉଳା ସୁମୁଖୀ
ଧନ୍ୟ ଧନ୍ୟ ବଉଳା ବୋଲନ୍ତି ସର୍ବସଖୀ ।
ସୁରସୁର ଯେତେକ କରନ୍ତି ସ୍ୱର୍ଗଭୋଗ
ବଉଳା ତୁ ସବୁଙ୍କର ନମସ୍କାର ଯୋଗ୍ୟ ।
ଯାଅ ଗୋ ବଉଳା ତୁ ସତ୍ୟରେ ଯାଇ ଭଜ
ଦୁଃଖେ ଦହ ନୁହ ଯାଇଁ ପ୍ରାଣ ବେଗେ ତେଜ ।

କି କହିବୁ କଲ୍ୟାଣି ଗୋ ତୋହର ଆଗର
ଯାଅ ତୁ ସତ୍ୟରେ ବହିଅଛୁ ଧର୍ମଭର ।
ଯେଉଁ ତ୍ୟାଗ କରିଛୁ ଏ ସତ୍ୟଧର୍ମ ଗୁହିଁ
ତୋତେ ନରଲୋକରେ ଦୁର୍ଲଭ କିଛି ନାହିଁ । ୩୩୦ ।
ବଉଳା ସତ୍ୟସ୍ବରୂପିଣୀ ତୋର ଧର୍ମ ଯତେ
ଅବିନାଶ ରୂପ କି ଦେଖିବୁ ଆମ୍ଭେ ତୋତେ ।
ନିର୍ମଳ ସର୍ବଦା ଚିତ୍ତ ଯାହାର ଅଟଇ
ସର୍ବଦା ବଉଳା ତାକୁ ଆପଦ ନ ଥାଇ ।
ଦେଖିଲେ ବଉଳା ସର୍ବ ଗୋପ-ଗୋପୀଗଣ
ଗୋଷ୍ଠକୁ ସେ କଲେ ଧେନୁ ତିନି ପ୍ରଦକ୍ଷିଣ ।
ଗୋଷ୍ଠର ଭିତରୁ ସେ ବଉଳା ଆଗ ହୋଇ
ଦେବଗଣମାନଙ୍କୁ ସେ କହଇ ବିନୋଇ ।
ଭୋ ପୃଥ୍ୱି ବରୁଣ ଅଗ୍ନି ରବି ନିଶାକର
ଦଶଦିଗ ଦେବ ନଦୀ ଗ୍ରହ ଗିରିବର ।୩୩୫।
ପବନ ସହିତେ ଦୟା କରିବ ଆମ୍ଭଙ୍କୁ
ପୁଣି ପୁଣି ଦଣ୍ଡବତ କରୁଛି ତୁମ୍ଭଙ୍କୁ ।
ଯେଝାର ପ୍ରଭାବେ ସେ ସକଳ ଦେବଲୋକ
ରକ୍ଷାକର ଏହୁ ମୋର ଅନାଥ ବାଳକ ।
ମୋହୋର ବିଚ୍ଛେଦ ଦୁଃଖେ ଭୂମିରେ ଲୋଟଇ
ମୋତେ ଡ଼ାକି ଉଚସ୍ବରେ ରୋଦନ କରଇ ।
ବାଳକ ମୋହୋର ବଛା ନ ଜାଣଇ କିଛି
କାନ୍ଦୁଅଛି ବଛା ମୋତେ ନ ପାଇ ମୂରୁଛି ।
ସର୍ବ ଦେବ ସର୍ବ ସାଧୁଜନଙ୍କର ମନ
ଦେଖନ୍ତି ସକଳ ଜନ୍ତୁ ବନ୍ଧୁଙ୍କ ସମାନ ।୩୪୦।
ଏ ଘେନ ମୁଁ ପୁଣ ପୁଣି କହୁଛି ଅପାର
ଅନାଥ ବାଳକ ମୋର ପ୍ରତିପାଳ କର ।

ସିଂହ ଆଦି ଅରଣ୍ୟେ ସକଳ ଜନ୍ତୁମାନେ
ଆଗ୍ରେ କରିଛନ୍ତି ଯେତେ ଦେବତା ଅରଣ୍ୟେ ।
ଅରଣ୍ୟରେ ଚରୁଥିବ ଅବଳ କୁମର
ଏ ମୋହୋର ବଚ୍ଛାକୁ ସକଳ ରକ୍ଷାକର ।
ପୁନାଗଂ ଅଶ୍ୱତ୍‌ଥ ଆମ୍ର ଅଶୋକ ଅସନ
ସରଳ କିଂଶୁକ ଶାଳ ତମାଳ ଅର୍ଜୁନ ।
ଶୁଣ ତୁମ୍ଭେ ବନର ସକଳ ତରୁମାନ
କହୁଅଛି ବାକଲେ ବନିତା ମୋର ଧେନ ।
ଦୀନ ଦୁଃଖୀ ବାଳୁତ ଚରନ୍ତେ ଏକା ହୋଇ
ଆହାର ନିମନ୍ତେ ଥିବ ବନସ୍ତେ ସମ୍ଭାଇ ।
ମୋର ଶୋକେ ଦୁଃଖିତ ଯେ ହୋଇଥିବ ବଚ୍ଛା
ଜନ୍ମକାଲୁ ପୁନ ପ୍ରାୟେ କରିଥିବ ରକ୍ଷା ।
ମାତା ପ୍ରତିପାଳରୁ ବିଚ୍ଛେଦ ପୁନ ହୋଇ
ଦୀନ ଦୁଃଖୀ ବାଳକ ସେ ଅନାଥ ଅଟଇ ।
ଭୂମିରେ ଲୋଟୁଛି କାନ୍ଦି ଏହୁ ବାଳସୁତ ।
ମୋହୋର ନିମନ୍ତେ ବଡ଼ ହେଉଛି ଦୁଃଖିତ ।
ମୋହୋର ବାଳୁତ ଏ ବାଳକ ବୁଦ୍ଧି ଧେନ
ନିରନ୍ତରେ ଡାକୁଅଛି ଜନନି ଜନନି ।
ମାତା ଶୋକେ ଶରୀର ହେଉଛି ଅଚେତନ
କ୍ଷୁଧା * ପିବାସରେ ଆତ୍ମା ହେଉଛି ଦହନ ।
କ୍ଷୀରପାନ ବିନକେ ସେ ନ ଜାଣଇ ଆନ
ମୋର ବିନୁଂ ଜଗତ ଦିଶୁଛି ତାକୁ ଶୂନ୍ୟ ।
ଗୃହଆଡ଼େ ଧାଉଁଛି ଡାକୁଛି ପୁଣ ପୁଣ
ବୋଲଇ ଜନନି କେ ଗୋ କରିବ ପୋଷଣ ।

---

* ପିବାସ—ପିପାସ ବା ପିଆସ

ଭୀଷ୍ମେ କହୁଛନ୍ତି ଶୁଣ ଧର୍ମର କୁମର
ପୁତ୍ର ସେନେହରେ ବଶ ହୋଇଛି ଶରୀର ।
ଶୋକ ଅଗ୍ନି ଲାଗି ବଡ଼ ସନ୍ତାପ ପାଇଲା
ପୁତ୍ର ଦରଶନେ ଧେନୁ ନିସ୍ୱସ୍ତ ହୋଇଲା ।
ବିଚ୍ଛେଦ ହୋଇଲା ଚକବାକୀ ପକ୍ଷୀ ପ୍ରାଏ
ସ୍ଖଲନ୍ତେ ଚରଣ ଘର ନ ପଡ଼ଇ ଥଏ ।
ଯେଉଁ ଠାରେ ଅଛି ବାଘ ଅରଣ୍ୟ ଭିତର
ବଉଳା ପ୍ରବେଶ ଯାଇଁ ହୋଇଲା ଆଗର ।
ବଦନ ବିସ୍ତାର କରି ଅଛି ମୃଗପତି
ଦେଖାଇ ତୀକ୍ଷଣ ଦନ୍ତ ଭୟଙ୍କାର ମୂର୍ତ୍ତି ।
ବାଘକୁ ଦେଖିଣ ଧେନୁ ନିକଟକୁ ଗଲା
ଆଗେ ଉଭା ହୋଇ ଧେନୁ ଏମନ୍ତ କହିଲା ।
ଅଇଲି ହୋ ମୃଗପତି କତିକି ତୋହୋର
ସତ୍ୟ ଏ ବଚନ ଆନ ନୋହିଲା ମୋହୋର ।
ହୁଅ ତୁ ନିଶ୍ଚିନ୍ତ ବାଘ ଶୁଣ ମୋ ବଚନ
ମୋହୋର ମାଉଁସ ଖାଇ ବଞ୍ଚ ଆଜି ଦିନ ।
ଏ ତୋହୋର ଶରୀର ଯେ ପଞ୍ଚୁଆତ୍ମାଭୂତ
ମୋହୋର ମାଉଁସ ଦେଇ କର ତୁ ତୃପତ ।
ବ୍ୟାଘ୍ର କହୁଅଛି ସୁଖେ ଅଇଲୁ କଲ୍ୟାଣି
ଧନ୍ୟ ଧନ୍ୟ ବଉଳା ପ୍ରମାଣ ତୋର ବାଣୀ ।
ସତ୍ୟଧର୍ମ ବଉଳା ଯାହାର ତହିଁ ଥାଇ
କିଞ୍ଚିତ ଆପଦ ହିଁ ତାହାକୁ ନ ଲାଗଇ
ବଉଳା ତୁ ସତ୍ୟ କଲୁ ଏହି ଅରଣ୍ୟରେ
ବୋଇଲୁ ହୋଇବି ଆସି ତୋହୋର ଆଗରେ ।
ଏ କଥା ତ କଉତୁକ ହୋଇଲା ଗୋ ମୋତେ
ମୃତ୍ୟୁକୁ ନ କଲୁ ଭୟ ଅଇଲୁ କେମନ୍ତେ ।

ତୋହୋର ଏ ସତ୍ୟଧର୍ମ ଦେଖିବା ନିମନ୍ତେ
ବୋଇଲି ଗୋ ବେଗେ ଯାଇ ଆସ ଯା ତୁରିତେ ।
ମାଏଁସ ଭକ୍ଷନ୍ତି ଯେ ହିଂସ୍ରକ ଜନ୍ତୁମାନେ
ତାହାର ଆଗରୁ ବଞ୍ଚି ଯାଆନ୍ତି କେସନେ ।
ଅପୂର୍ବ କଉତୁକ ଦେଖିଲି ଗୋରୁ ଆଜ
ପ୍ରାଣତ୍ୟାଗେ ସତ୍ୟଧର୍ମ ରଖିଲୁ ତୋ ଆଜ୍ଞ ।
ମୋତେ ଯେଉଁ ସତ୍ୟ ବାକ୍ୟ ଯାଇଥିଲୁ ଦେଇ ।
ସେ କଥାରୁ ମୁକତ ହୋଇଲୁ ନଟେଁ ଗାଈ । ୩୭୦ ।
ସତ୍ୟରେ ସକଳ ଲୋକେ ପାଉଛନ୍ତି ଶୋଭ
ସତ୍ୟରେ ସକଳ ଧର୍ମ ହୋଇଅଛି ଉଭ ।
ଜ୍ଞାନ ମୋକ୍ଷ ବସଇ ସେ ସତ୍ୟର ଭିତର
କି କହିବା ସର୍ବ ସୁଖ ଅଛି ସେ ସତ୍ୟର ।
ସତ୍ୟରେ ଦେବତାମାନେ ନିଂପୁତ ହୁଅନ୍ତି
ସତେ ପିତୃଲୋକମାନେ କଲ୍ୟାଣ କରନ୍ତି ।
ସତ୍ୟରେ ସନ୍ତୋଷ ହୋନ୍ତି ସିଦ୍ଧ ଋଷିମାନେ
ସର୍ବଦା ବସନ୍ତି ସେ ଯେ ସତ୍ୟ ଥିଲା ସ୍ଥାନେ ।
ଯହିଁ ତୁ ବଉଳା ଧେନୁ କରୁଅଛୁ ସ୍ଥିତି
ଧନ୍ୟ ସେହୁ ଗାଈମାନେ ଧନ୍ୟ ସେହୁ ପୃଥ୍ୱୀ ।୩୭୫।
ଧନ୍ୟ ସେହୁ ଦେଶ ସେ ବଚନେ ନୋହେ କହି
ତୁ ସତ୍ୟବାଦିନୀ ଧେନୁ ଯହିଁ ଅଛୁ ରହି ।
ଚନ୍ଦ୍ରସେନ ରାଜା ଧନ୍ୟ ହୋଇଲା ଗୋ ସେହି
ସୁଭଗୀ ବଉଳା ଯାର ରାଜ୍ୟେ ଅଛୁ ରହି ।
ଧନ୍ୟ ସେ ନଗର ତାର ଧନ୍ୟ ମନ୍ତ୍ରିଗଣ
ଧନ୍ୟ ରାଇଜ ତରୁ ଧନ୍ୟ ଲତା ତୃଣ ।
ଭ୍ରମନ୍ତେ ବଉଳା ତୋତେ କରନ୍ତି ଦର୍ଶନ
ଦର୍ଶନମାତ୍ରକେ ପାପ କରନ୍ତି ଦହନ ।

ଧନ୍ୟ ସେହୁ ପ୍ରାଣୀ ସେ ଗୋ ହୋଇଲେ କୃତାର୍ଥ
ଧନ୍ୟ ସେହୁ ପ୍ରାଣୀ କଲେ ସକଳ ସୁକୃତ ।
ଜନମ ସଫଳ ନିଶ୍ଚେ ହୋଇଲା ତାହାର
ଯେ ତୋହର କ୍ଷୀର ପ୍ରାଣୀ କରନ୍ତି ଆହାର ।
ମୃଗପତି ଦେଖିଲାକ ବଉଳାର ସତ
ପୁଣ ପୁଣି ବିସ୍ମୟ ସେ ହୋଇଲା ବହୁତ ।
ମୃଗପତି କହେ ମୋର ଚଉକୁ ଅଇଲା
ନିଶ୍ଚୟ ବିଧାତା ମୋତେ ଉପଦେଶ ଦେଲା ।
ବଉଳାର ସତ ଯାହା ଦେଖିଲି ନୟନେ
ପ୍ରାଣ ରଖିବାକୁ ମୋର ନ ରୁଚଇ ମନେ ।
ଆଜଠାରୁ ଧର୍ମ କର୍ମ ନିଶ୍ଚୟ କରିବି
ଅର୍ଜିଛି ଯେତେକ ପାପ ନିଶ୍ଚୟ ଦହିବି ।
ସହସ୍ର ସହସ୍ର ଜୀବ ପ୍ରାଣେ ଅଛି ମାରି
ସହସ୍ର ସହସ୍ର ଜୀବ ଭକ୍ଷିଲି ସଂହରି ।
ଧର୍ମର ନିମନ୍ତେ ଗୋରୁ ତେଜିଲା ଜୀବନ
ମୁଁ କେଉଁ ଗତିକି ଅବା କରିବି ଗମନ ।
ମୁଁ ଯେ ପାପୀ ଦୁସ୍ତର ନିର୍ଦ୍ଦୟ ଶରୀର
ନିରନ୍ତରେ ଜୀବବଧ କଲି ମୁଁ ଅପାର ।
ଦୁଷ୍କର ପାତକମାନ କରି ମନ୍ଦମତି
କେଉଁ ଲୋକ ପାଇବି ମୁଁ କେଉଁ * ଗର୍ଭଗତି ।
ନାନା ତୀର୍ଥମାନଙ୍କୁ ମୁଁ ଗମନ କରିବି
ପାପମାନ ନାଶି କାଏ ଶୋଧନ କରିବି ।
ପର୍ବତ ଉପରୁ ପଡି ତେଜିବି ଜୀବନ
ନୋହିଲେ ପ୍ରବେଶ ମୁଁ ହୋଇବି ହୁତାଶନ ।

---

* କେଉଁ ପ୍ରାଣିଗର୍ଭରେ ପୁନର୍ଜନ୍ମ ଲଭ କରିବି ।

ବିବିଧ ପ୍ରକାରେ ମୁଁ ଯେ ଶୁଖାଇବି କାଏ ·
ତୃଷାର ସମୟେ ଯେ ଅଳପ ଜଳ ପ୍ରାଏ ।
ଶୁଣ ତୁ ବଉଳା କାର୍ଯ୍ୟ ତପସ୍ୟା ମୋହୋର
ତପେ କାଏ ଶୋଧି ସିଦ୍ଧ କରିବି ଶରୀର ।
କେହୁଣି ଦିଗକୁ ମୁଁ ଯେ କରିବି ଗମନ
କରିବି ତପସ୍ୟା ସିଦ୍ଧ ଧ୍ୟାଇ ଅଛି ମନ । ୩୯୫ ।
ବଉଳା କହଇ ମୃଗପତି ମୁଖ ଚାହିଁ
ଯେଉଁ ଯୁଗେ ଯେଉଁ ଧର୍ମ କଲେ ପାପ ଦହି ।
ସତ୍ୟଯୁଗେ ତପସ୍ୟା ତ୍ରେତୟାଯୁଗେ ଜ୍ଞାନ
ଦ୍ୱାପରେ ବିବିଧ ଯଜ୍ଞ କଳିଯୁଗେ ଦାନ ।
ସବୁ ଦାନ ଭିତରେ ଉତ୍ତମ ଦାନ ଯାହା
ଶୁଣ ମୃଗପତି ମୁଁ କହିବି ତୋତେ ତାହା ।
ସମସ୍ତ ଜୀବକୁ ଯେ ଅଭୟ ଦାନ ଦେଇ
ଆନ ଦାନ ତାହାକୁ ଯେ ସମାନ ନୁହଇ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସହିତେ
କାହାକୁହିଁ ହିଂସା ବୁଦ୍ଧି ନାହିଁ ଯାର ଚିତ୍ତେ । ୪୦୦ ।
ପାପରୁ ମୁକତ ସେ ଯେ ହୁଅଇ ଅବଶ୍ୟ
ପରମ ବ୍ରହ୍ମରେ ଯାଇ ହୁଅଇ ପ୍ରବେଶ ।
ଅହିଂସାର ସମାନ ଧର୍ମ ନାହିଁ ଆନ
ତପସ୍ୟା ଅଧିକ ନାହିଁ ଅହିଂସା ସମାନ ।
ମହାଯୋଗବୃକ୍ଷରେ ଅହିଂସା ତହିଁ ଶାଖା
ବିବେକ-କୁସୁମ ମୁକ୍ତି-ଫଳ ଦେଇ ଦେଖା ।
ତ୍ରିବିଧ ତାପରେ ଯେ ତାପିତ, ସର୍ବପ୍ରାଣୀ
ଯଜ୍ଞ ତରୁବରକୁ ଅହିଂସା କଲି ଜାଣି ।
ପୁଣି ସେ ସଂସାର-ଦୁଃଖେ ନୁହଇ ଦୁଃଖିତ
ପରମ ନିର୍ବାଣ ପାଇ ହୁଅଇ ନିଶ୍ଚିନ୍ତ । ୪୦୫ ।

ସତ୍ସଙ୍ଗ କରୁଛି ମୁଁ କହୁ ଏକ କଥା
ଏହି ସେ ପରମ ଲାଭ ଅଟଇ ସର୍ବଥା ।
ତୁହ୍ମ ତ ସକଳ ଧର୍ମ ଜାଣ ମହାବଳ
ବୁଝି ମୋର ଜାଣିଲଙ୍କୁ ପୁଚ୍ଛିଲୁ ସକଳ ।
ବଉଳା ବଚନେ ବ୍ୟାଘ୍ର କହୁଅଛି ପୁଣ
ତୁ ସତ୍ୟବାଦିନୀ ! ମୋର ପୂର୍ବ କଥା ଶୁଣ ।
ପୂର୍ବେ ଶାପ ଦେବତାଏ ଦେଲେ ମୋତେ କୋପେ
ମର୍ତ୍ତ୍ୟମଣ୍ଡଳରେ ରହ ବନପଶୁ ରୂପେ ।
ତାହାଙ୍କର ଶାପେ ମୋର ଜ୍ଞାନ ଗଲା ନାଶ
ଘୋର ଜନ୍ତୁ ବଧରେ ମୁଁ ହୋଇଲି ପ୍ରବେଶ ।୪୧୦।
ସାଧୁସଙ୍ଗ ଉପଦେଶ ପାଇଲି ତୋହୋର
ପୂର୍ବଜ୍ଞାନ ସ୍ମରଣ ହୋଇଲା ମୋହୋର ।
ଶାପରୁ ମୁକତ ହୋଇ ଆଜ ଅପ୍ରମାଦେ
ପବିତ୍ର ହୋଇଲି ଧେନୁ ତୋହୋର ପ୍ରସାଦେ ।
ଯାଅ ତୁ ବଉଳା ତୋଷ ହୋଇଲି ଗୋ ତୋତେ
ଆନନ୍ଦେ ଗୋଷ୍ଠରେ ରହ ନନ୍ଦନ ସହିତେ ।
ତୁ ଯେ ସତ୍ୟେ ବଉଳା ଅଚଳକଲୁ ମତି
ପ୍ରାପତ ହୋଇବ ତୋତେ ଯେଉଁ ଶୁଭଗତି ।
ଯୋଗ ଆସନ୍ତେ କରି ସେ ବସିଲା ମୃଗପତି
ପରମ ବ୍ରହ୍ମରେ ନେଇ ଖଟାଇଲା ମତି ।୪୧୫।
ପ୍ରାଣତ୍ୟାଗ ଧାରଣେ ବସିଲା ମହାବଳୀ
ଦେହତ୍ୟାଗ କରି ସେ ସ୍ୱର୍ଗକୁ ଗଲା ଚଳି ।
ଶୁଦ୍ଧ ଆତ୍ମା ହୋଇଲା ପାପରୁ ମୁକ୍ତ ହୋଇ
ଆନନ୍ଦ ହୋଇଲା ବଡ଼ ଅଇଶ୍ୱର୍ଯ୍ୟ ପାଇ ।
ମହାବିମାନରେ ଯାଇଁ ବସିଲା ଆପଣ
ବେଢ଼ି ସେବା କରୁଛନ୍ତି ଅପସ୍ୱରଗଣ ।

ଦେଖିଲ୍ ଶରୀର ତେଜ ବସିଲ୍ ବିମାନେ
ଦେଖି ଧେନୁ ପରମବିସ୍ମୟ ହେଲ୍ ମନେ ।
ହରଷେ ବଉଳା ଧେନୁ କାଏ ପୁଷ୍ଟ କରି
ଗୋକୁଳେ ପ୍ରବେଶ ଯାଇ ହୋଇଲ୍ ସୁନ୍ଦରୀ ।୪୬
ପ୍ରବେଶ ହୋଇଲ୍ ଧେନୁ ଆପଣା ଗୋଷ୍ଠର
ବ୍ୟାଘ୍ର ସଙ୍ଗେ ସଂବାଦ ସେ ଯେବଣ ପ୍ରକାର ।
ମାତା ସଖୀଜନ ସୁତ ସବୁଙ୍କର ପାଶେ
ସମସ୍ତ କହିଲ୍ ଧେନୁ ପରମ ହରଷେ ।
ଏକ ଠାବ ହୋଇ ଧେନୁ ଜନନୀତନୟ
ପାଇଲ୍ ପରମ ପ୍ରୀତି ହୋଇଲ୍ ନିର୍ଭୟ ।
ଗୋଧନେ ବୃଷଭେ ସେ ଗୋପାଳେ ଗୋପୀଜନେ
ହରଷେ ରହିଲ୍ ଧେନୁ ଉତ୍ତମ ଭୁବନେ ।
ରହିଲ୍ ଅନେକ କାଳ ସତ୍ୟର ପ୍ରସାଦେ
ଗୃହେ ବନେ ଭ୍ରମଇ ଆନନ୍ଦେ ଅପ୍ରମାଦେ ।୪୬୫।
ଏଥୁ ଅନନ୍ତରେଣ ଅନେକ କାଳ ଗଲ୍
ତହୁଁ ସେ ସତ୍ୟବାଦିନୀ ଯେଉଁ କୃତ୍ୟ କଲ୍ ।
ସକଳ ଗୋକୁଳ ଘେନି ଗଲ୍ ତା ସଙ୍ଗତେ
ସକଳ ଗୋପୀ ଗୋପାଳ ନୃପତି ସହିତେ ।
ଗୋରୁ ସେ ଯେତେକ ଥିଲେ ଘେନିଲ୍ ସଙ୍ଗତେ
ପକ୍ଷୀ କୀଟ ତରୁ ତୃଣ ଲତାଙ୍କ ସହିତେ ।
ଭୀଷ୍ମଦେବ କହନ୍ତି ଶୁଣ ତୁ ଧର୍ମସୁତ
ତହୁଁ ସେ ବଉଳା ଧେନୁ କଲ୍ ଯେଉଁ କୃତ୍ୟ ।
ସର୍ବଜନ ବିସ୍ମିତ କରିଣ ସଙ୍ଗେ ଘେନି
ଚଳଇ ଆକାଶ ପଥେ ସେ ସତ୍ୟବାଦିନୀ ।୪୭୦।
ସଂପତ୍ତିରେ ଯୁକ୍ତ ହୋଇ ଅସଂଖ୍ୟ ବିମାନ
ବଉଳାବିମାନ ବେଢି କରନ୍ତି ଗମନ ।

ଅସଂଖ୍ୟ ବିମାନ ବେଢି ବଉଳାସୁନ୍ଦରୀ
ଊର୍ଦ୍ଧ୍ୱ ପଥେ ଗମିଲା ସ୍ୱର୍ଗକୁ ପଛ କରି ।
ଭୀଷ୍ମଦେବ କହନ୍ତି ଶୁଣ ତୁ ନୃପବର
ବଉଳାର ମହିମା ଦେବଙ୍କୁ ଅଗୋଚର ।
ଗୋଲୋକ ଅଟଇ ସର୍ବ ଭୁବନ ଉପରେ
ସତ୍ୟଧର୍ମେ ବଉଳା ବସିଲା ଗୋଲୋକରେ ।
ବିବିଧ ଭୋଗରେ ପୂର୍ଣ୍ଣ ସମ ନୋହେ ଆନ
ଅସଂଖ୍ୟ ଅମୃତମୟ ଅଟଇ ସେ ସ୍ଥାନ ।
ସର୍ବଜନ ସହିତେ ଭ୍ରମଇ ପୁଣ୍ୟ ବଳେ
ମହାପ୍ରଳେ ପରିଯନ୍ତେ ରହିଲା ଅଚଳେ ।
ତୁ ହୋ ଧର୍ମରାଜା ଯାହା ପଚାରିଲୁ ମୋତେ
ସତ୍ୟବଚନର ଫଳ କହିଲି ମୁଁ ତୋତେ ।
ଯେ ଏହା ପଢଇ ଯେ ଶୁଣଇ ଧର୍ମ କଥା
ସ୍ୱର୍ଗ ଭୁବନରେ ପ୍ରାଣୀ ବସଇ ସର୍ବଥା ।
ପିତା ପୁତ୍ର ବନ୍ଧୁ ସୁତା ସେବକ ଯେ ନାରୀ
ଶୁଣନ୍ତେ ବିଚ୍ଛେଦ ଦୁଃଖ ନୁହଇ କାହାରି ।
ପ୍ରଭାତେ ପଢନ୍ତି ଚତୁର୍ଦ୍ଦଶୀ ପୂର୍ଣ୍ଣମୀରେ
ସଂଶୟ ନକରି ସେ ବସନ୍ତି ସ୍ୱର୍ଗପୁରେ ।
ଗୋଷ୍ଠେ ଯେ ପଢଇ ଗୋରୁ ବଢଇ ତାହାର
କ୍ଷେତେ ଯେ ପଢଇ ଶସ୍ୟ ହୁଅଇ ଅପାର ।
ବଉଳା ଚରିତ ଗୃହ ମଧ୍ୟେ ଯେ ପଢଇ
ଧନ ପୁତ୍ର ସଂପତ୍ତି ଯେ ବହୁତ ବଢଇ ।
ପଢନ୍ତେ ନାଶଇ ଦେବଦୋଷ ଗ୍ରହଦୋଷ
ସଂକଟ ଦୁର୍ଗମ ବନେ ପଡିବ ଅବଶ୍ୟ ।
ପଢନ୍ତେ ଶତ୍ରୁବଂସେ ନାଶ ଯାନ୍ତି ଭୟେ
ନାଶଇ ଦୁଷ୍ଟର ସଙ୍ଗ ଶତ୍ରୁ ଯାନ୍ତି କ୍ଷୟେ ।

ଶୁଣନ୍ତେ ବନ୍ଧ୍ୟାର ହୋଏ ପୁତ୍ର ଉତପତ୍ତି
ନିଜ ପତି ସଙ୍ଗେ ନାରୀ ସମ୍ପତ୍ତି ଭୁଞ୍ଜନ୍ତି । ୪୪୫ ।
ବଉଳା ଚରିତ ଯେବେ କୁମାରୀ ପଢଇ
ପୁଣ୍ୟବନ୍ତ ପତି ତାକୁ ପ୍ରାପତ ହୁଅଇ ।
ପୁରୁଷ ହେଉ କି ସ୍ତ୍ରୀ ଶୁଣନ୍ତି ଏ କଥା
ଦୁଃଖୀ ହୋଇଥିଲେ ସୁଖୀ ହୁଅଇ ସର୍ବଥା ।
ଗୋଷ୍ଠ ମଧ୍ୟେ ପଢଇ ଯେ ସକଳ କର୍ମରେ
ଗୋବୃନ୍ଦ ବଢଇ ବସଇ ଗୋଲୋକରେ ।
ଇତିହାସେ ବଉଳା ବ୍ୟାଘ୍ର ସମ୍ବାଦ ବାଣୀ
ଭାଷାରେ ରାଜା ଗୋବିନ୍ଦ ପ୍ରକାଶିଲେ ଅଣି ।
ମାଗଇ ରାଜା ଗୋବିନ୍ଦ ଶରଣ ତାହାର
ପାପୀ ବ୍ୟାଘ୍ର ନିସ୍ତରିଲା ଦର୍ଶନେ ଯାହାର । ୪୫୦ ।

ସମାପ୍ତ

# ଭୂମିକା

ପ୍ରାଚୀନ ଉତ୍କଳର କବିମାନଙ୍କ ମଧ୍ୟରେ ଗୋବିନ୍ଦ ଭଞ୍ଜଙ୍କ ସ୍ଥାନ ଯେ କେତେ ଉଚ୍ଚରେ ଏହା ତାଙ୍କର 'ଭକ୍ତବିନୋଦ' ପାଠକରିଥିବା ବ୍ୟକ୍ତିମାନେ ସହଜରେ ବୁଝିପାରିଥିବେ । ବର୍ତ୍ତମାନ ତାଙ୍କ ରଚିତ ରାମଗାଥା ପ୍ରକାଶିତ ହେଲା । ଏହା ଚଉଦଅକ୍ଷରୀ ବୃତ୍ତିରେ ସରଳଭାଷାରେ ରଚିତ । ଭକ୍ତବିନୋଦର ଏହା ଶେଷାଂଶ ଅଟେ । ଭକ୍ତବିନୋଦକୁ କବି ଯେପରି ଗୋପିକା ମୁଖରେ କୁହାଇ ଅଛନ୍ତି ଏହାକୁ ମଧ୍ୟ ସେହିପରି କୌଣସି ଗୋପିକା କହୁଅଛି । ଏଥିରେ ରାମଙ୍କ ପୂର୍ବବର୍ତ୍ତୀ ଅନ୍ୟାନ୍ୟ ଅବତାରମାନଙ୍କ ଚରିତ ଅତି ସଂକ୍ଷେପରେ ବର୍ଣ୍ଣିତ କରି ରାମଚରିତକୁ ବିସ୍ତୃତଭାବେ ବର୍ଣ୍ଣିତ କରିଥିବାରୁ କବି ଏହାକୁ ରାମଗାଥା ନାମରେ ଅଭିହିତ କରିଅଛନ୍ତି । କବି ଏଥିରେ ରାମଙ୍କର ବାଲଚରିତକୁ ଛାଡିଦେଇ ତାଙ୍କର ଅଭିଷେକଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ଘଟଣା ବର୍ଣ୍ଣନ କରିଅଛନ୍ତି । ଭାଷାର ସରଳତା ସଙ୍ଗେ ସ୍ଥାନେ ସ୍ଥାନେ ଭାବର ପ୍ରକର୍ଷ ଏହାକୁ ମଧୁରତର କରିଅଛି । ପାଠକ ଭକ୍ତ-କବିଙ୍କର ହୃଦୟୋଚ୍ଛ୍ୱାସର ସନ୍ଧାନ ନିଶ୍ଚୟ ଏଥିରୁ ପାଇପାରିବେ । ସେ ବିଷୟରେ ବେଶି ଲେଖିବା ନିଷ୍ପ୍ରୟୋଜନ ।

କବିଙ୍କର ଜୀବନୀ ଏହି ଗ୍ରନ୍ଥମାଳାର ପ୍ରଥମ ପୁସ୍ତକ ଭକ୍ତବିନୋଦର ମୁଖବନ୍ଧରେ ବିସ୍ତୃତଭାବେ ଦିଆଯାଇଛି । ଅନୁସନ୍ଧିତ୍ସୁ ପାଠକ ତାହା ଦେଖି ପାରିବେ । ଏଠାରେ ତାହାର ପୁନରାବୃତ୍ତି ଶୋଭନ ନୁହେଁ ଭାବି ତହିଁରୁ ବିରତ ହେଲି ।

ଏହି ପୁସ୍ତକଟିର ଆଦର୍ଶ ଖଣ୍ଡି ମୁଁ କେନ୍ଦୁଝରଗଡ଼ସ୍ଥ ଗଡ଼ସାହି-ନିବାସୀ ଶ୍ରୀ ବାବୁ ବଂଶୀଧର ପଟ୍ଟନାୟକଙ୍କଠାରୁ ପାଇଥିବାରୁ ତାହାଙ୍କ ନିକଟରେ ବନ୍ଧୁଜନୋଚିତ ସାଦର ଅଭ୍ୟର୍ଥନାପୂର୍ବକ କୃତଜ୍ଞତା ଜଣାଉଅଛି । ଇତି

କେନ୍ଦୁଝର ଗଡ଼
ତା ୨୫।୭।୧୯୩୯ } ଶ୍ରୀ ବାନାମ୍ବର ଅବୃଧୀ

# ଶ୍ରୀ ଗଣେଶାୟ ନମଃ

# ରାମଗାଥା

କହେ ସ୍ୱଜା ଗୋବିନ୍ଦ ସେ' ଦଶ ଅବତାର
ଦୁର୍ବୁଦ୍ଧି ବିନାଶି ଗୋ ଦୁର୍ଗତି ପାରି କର ।
ଗୋପୀଏ ବୋଇଲେ ଶୁଣ ଶୁଣ ଗୋ ମିତଣି
ସତ୍ୟଯୁଗେ ତାହାର ଗୋ ଦୁଷ୍ଟ-ପଣ ଶୁଣି ।
ଶଙ୍ଖାସୁର ବୋଲି ଦଇତେ ଗୋ ପୂର୍ବେ ଥିଲା
ବ୍ରହ୍ମା ତହୁଁ ବେଦ ହରି ଜଳରେ ପଶିଲା ।
ବ୍ରହ୍ମାର ଗୁହାରି ଶୁଣି ଗଲେ ତାର ପାଇଁ
ଦୁଷ୍ଟର ସଙ୍ଗତେ ତାର ବଇରତା ନାହିଁ ।
ଧରିଲେ ସଜନ ସେ ଗୋ ମତ୍ସ୍ୟ ଅବତାର
ଗାୟନ କରନ୍ତି ଯାହା ସକଳ ସଂସାର । ୫ ।
ଶଙ୍ଖ ଚକ୍ର ଗଦା ପଦ୍ମ ଶୋହେ ଚାରିଭୁଜେ
ଜଳର ଭିତରେ ଗୋ ପଶିଲେ ଦେବରାଜେ ।
ପରଶନ୍ତୁ ଜଳେ ଗୋ ମାଇଲେ ଶଙ୍ଖାସୁର
ବେଦ ଦେଇ ବ୍ରହ୍ମାର ସନ୍ତାପ କଲେ ଦୂର ।
ପୁଣି ଦୁଷ୍ଟପଣେ ସେ ଗୋ କୂର୍ମରୂପ ଧରି
ପୃଷ୍ଠରେ ବହିଲେ ଗୋ ମନ୍ଦର ନାମେ ଗିରି ।
କ୍ଷୀରଜଳ ମନ୍ଥନ ଗୋ କଲେ ତାର ବୁଦ୍ଧି
ତହୁଁ ଉପୁଜିଲା ଗୋ ବିବିଧ ମଉଷୋଧି ।
କାଳକୂଟ ବିଷ ଭୁଞ୍ଜାଇଲେ ତ୍ରିପୁରାରି
ଆପଣେ ହରିଲେ ଗୋ କମଳା ନାମେ ନାରୀ । ୧୦ ।

ପୁଣି ଦୁଷ୍ଟପଣେ ଗୋ ବରାହରୂପ ଧରି
ଅଣ୍ଟୁ ଯାଏ ହୋଇଲା ଅଗାଧ ସିନ୍ଧୁ ବାରି ।
ହିରଣ୍ୟାକ୍ଷ ଦଇତକୁ ପ୍ରାଣେ ନାଶ କରି
ଦନ୍ତମୂନେ ଧଇଲେ. ଅଖିଳ ବସୁନ୍ଧରୀ ।
ତହୁଁ ପୁଣ ଧରିଲା ଗୋ ନରସିଂହ-କାଏ
ନାଗଲୋକ କମ୍ପିଲେ କମ୍ପନ୍ତ ଦେବତାଏ ।
* ପ୍ରଳୟ ଦଇତ ଥିଲା କଶ୍ୟପ କୁମାର
ତ୍ରିଭୁବନେ ସମାନ ଗୋ ନାହିଁ ବଳିଆର ।
ବଜ୍ରଧର କୁବେର ବରୁଣ ଯମ ସାଏ
ଚନ୍ଦ୍ର ସୂର୍ଯ୍ୟ ପବନ ଅନେକ କଲେ ଭଏ । ୧୫ ।
ଛାଡିଲେ ଯେ ଯାହା ସ୍ଥାନ ଲୁଚାଇଲେ କାଏ
ମର୍ତ୍ତ୍ୟପୁରେ ଭ୍ରମିଲେ ସାମାନ୍ୟ ଜନ ପ୍ରାଏ ।
ପ୍ରହ୍ଲାଦ ହୋଇଲା ଗୋ ତାହାର ନନ୍ଦନ
ସର୍ବଦା କଲା ହରି-ଚରଣେ ବନ୍ଦନ ।
ହରି-ସେବା ନିଷେଧ ଗୋ ପିତା ତାର କଲା
ବଚନ ଭଙ୍ଗନ୍ତେ ଗୋ ବହୁତ ଶାସ୍ତି ଦେଲା ।
ତଥାପି ନ ପାଶୋରିଲା ଶ୍ରୀକୃଷ୍ଣର ନାମ
ନିରନ୍ତରେ ହରିଙ୍କି ଭଜିଲା ଅବଶ୍ରାମ ।
ପରମ ଭଗତ ଗୋ ଅଟଇ ପ୍ରହ୍ଲାଦ
କୃଷ୍ଣ ଗୁଣି ଅନ୍ୟ ବାଣୀ ନ ଲାଗଇ ସ୍ୱାଦ । ୨୦ ।
ଭୃତ୍ୟ ଅପମାନ ସେ ଗୋ ନ ପାରିଲା ସହି
ସ୍ତମ୍ଭରୁ ବାହାରି ଗୋ ନୃସିଂହରୂପ ହୋଇ ।
ଆସ୍ଥାନ ଉପରେ ଗୋ ଦଇତ ଥିଲା ବସି
ନୃସିଂହ ବଳନ୍ତେ ଗୋ ଆଗରେ ତାର ଆସି ।

---

* ପ୍ରଳୟ—ପ୍ରବଳ

ଠହ ଠହ ଶବଦ ବଦନ ବିକରାଳ
ଲହ ଲହ ଜିହ୍ୱା ଗୋ ଭ୍ରମାଇ ଅନ୍ତରାଳ ।
ଦନ୍ତ ରଟମଟ ଗୋ ବିକଟ ଝଟ ଝଟ
ତ୍ରିଭୁବନ କମ୍ପିଲା ଶବଦ ଘଟ ଘଟ ।
ଲାଙ୍ଗୁଡ଼ ବାଡ଼ାନ୍ତେ ଗୋ ପର୍ବତ ହୋଏ ଚୂର
ଶିରେ କର ଦେଇ ଗୋ କମ୍ପଇ ବସୁନ୍ଧରା ।
ଆକାଶେ ମୁକୁଟ ଗୋ ପରମ ତେଜୋମୟ
ନୃସିଂହ ସୁମରନ୍ତେ କରଇ ଜୟ ଜୟ ।
କୁଳିଶ-କଠିନ ଗୋ ଭୀଷଣ ଦନ୍ତପନ୍ତି
ବସନ୍ତେ କିଂଶୁକ କଳି ତେମନ୍ତ ଦିଶନ୍ତି ।
ଚନ୍ଦ୍ର ସୂର୍ଯ୍ୟ ଅଟଇ ତାହାର ବେନି ଆଖି
ସୂର୍ଯ୍ୟଚକ୍ଷୁ ଘେନିଣ ଗୋ ଦଇତକୁ ଦେଖି ।
ଚନ୍ଦ୍ରଚକ୍ଷୁ ଘେନି ପ୍ରହ୍ଲାଦକୁ ଅନାଇ
ଭଗତଚିତ୍ତ ଆନନ୍ଦ କରିବାର ପାଇଁ ।
ରଥୀ ମହାରଥ ଅତିରଥମାନେ ଥିଲେ
ଯେ ଯାହାର ଶସ୍ତ୍ର ସେ ହରିଙ୍କି ପ୍ରହାରିଲେ ।
ମାୟାବନ୍ତ ଦଇତ ଆକାଶପଥେ ଗଲେ
ଜଳଧାରା ଅନଳ ପର୍ବତ ବୃଷ୍ଟି କଲେ ।
ଯେତେ ଶସ୍ତ୍ର ପ୍ରହାର ଗୋ କଲେ ମହାବୀରେ
ବେଢ଼ି ତାଙ୍କୁ ପଡ଼ିଲେ ଗୋ ଯୋଜନ ଆକାରେ ।
ସକଳ ଶହସ୍ତ୍ର * ଯହୁଁ ହୋଇଛି ପ୍ରକାଶ
କେଉଁ ଶସ୍ତ୍ର ଏ ଯେ ଗୋ କରିବ ତାଙ୍କୁ ନାଶ ।
ଅତିଦୀର୍ଘ ବର୍ତ୍ତୁଳ ଗୋ ବଳବନ୍ତ କାଏ
ସୁରଗଣ ଗନ୍ଧର୍ବଙ୍କୁ କରାଇଛି ଭଏ ।

---

* ଶହସ୍ତ୍ର—ଶସ୍ତ୍ର

ତାହାଙ୍କୁ ନକଟ ଗୋ ଶ୍ରୀକୃଷ୍ଣ ଯହୁଁ ବସି
କାଳାନଳ ଶକତି ପ୍ରହାର କଲ ହସି । ୩୯ ।
ଶକତିର ତେଜ ସଖି ତ୍ରିଭୁବନ ଗ୍ରାସି
ନୃସିଂହ ହୁଙ୍କାରନ୍ତେ ହୋଇଲା ଭସ୍ମଶେଷ ।
ବଳବନ୍ତ ସିଂହ କି ଗ୍ରାସିଲା ବାଳସୂର୍ଯ୍ୟ
ବେନି କରେ ଆକର୍ଷିଲା ଦଇତର ତନୁକ ।
ଶଙ୍ଖ ଚକ୍ର ସଖି ଗୋ ଭୂଷିତ ବେନି କର
ସ୍ୱର୍ଗରେ ଶୁଭିଲା ଗୋ ହରିଙ୍କି ମାର ମାର ।
ତ୍ରିଭୁବନେ ବିଜୟୀ ଗୋ ହିରଣ୍ୟ କଟିପୁ
ଜାନୁରେ ପକାଇ ତାର ବିଦାରିଲେ ବପୁ ।
ପୁତ୍ରଛଳ ବହିଲା ପିତାକୁ କଲା ନାଶ
ପ୍ରହ୍ଲାଦ ପାଇଲା ବୈକୁଣ୍ଠପୁରେ ବାସ । ୪୦ ।
ଦୁଷ୍ଟପଣେ ଗଲା ଗୋ ବାମନ ରୂପ ଧରି
ଯଜ୍ଞ କରୁଥିଲା ବଳି ଦେବଙ୍କ ଅରି ।
ଦ୍ୱାରରେ ପ୍ରବେଶ ତାର ହୋଇଲେ ବାମନ
ମଧୁର ଶୁଭଇ ସାମବେଦର ଗାୟନ ।
ବେଦ ଶୁଣି ପୁଲକ ଶରୀର ହୁଏ ବଳି
ଆନନ୍ଦେ ନୟନୁଁ ତାର ଅଶ୍ରୁଜଳ ଗଳି ।
ବୋଇଲା ବ୍ରାହ୍ମଣଙ୍କୁ ସମ୍ମୁଖକୁ ମୋର ଆଣ
ଆଜ୍ଞା ପାଇ ଭିତରକୁ ନେଲେ ସେହି କ୍ଷଣ ।
ଇନ୍ଦୀବରଲୋଚନ ମୋଚନ ଭବଭୟେ
ଚରଣେ ପଡ଼ିଲା ବଳି ଅଶକତ କାୟେ । ୪୧ ।
ଉଠି ବଳି ରାଜା ବେନି କରପଦ୍ମ ଯୋଡ଼ି
ମସ୍ତକେ କପୋଳରେ ହୃଦରେ ତାର ଧୂଳି ।
ବୋଲଇ ବ୍ରାହ୍ମଣ ମାଗ ଚିତ୍ତ ସ୍ଥିର କରି
ବସ୍ତ୍ର ଅଳଙ୍କାର ରାଜ୍ୟ ପ୍ରାଣ ଆଦି କରି ।

ହସ୍ତୀ ଅଶ୍ୱ ରଥ ଏ ଭଣ୍ଡାର ପରିବାରି
ମଣି ରତ୍ନ କନ୍ୟାରତ୍ନ ଯେ ତୋର ବିସ୍ତର ।
ତୋର ପରି ସଦପାତ୍ର କାହିଁ ମୁଁ ପାଇବି
ତୁ ଯାହା ମାଗିବୁ ବିପ୍ର ନାହିଁ ନ କରିବି ।
ଭୃଗୁସୁତ କହନ୍ତି ତୁ ଶୁଣ ବଳି ରାଏ
ଦେବକାର୍ଯ୍ୟେ ବାସୁଦେବ କରନ୍ତି ଛଳଏ । ୫୦ ।
ବିଶ୍ୱାସ ନ ଯାଅ ରାଜା ବାମନ ବ୍ରାହ୍ମଣ
ବଚନ ହାରିଲେ ତୁ ହାରିବୁ ବଡ଼ପଣ ।
ମାୟାଧର ମାୟା ତୁ ହୋ ନ ପାରିବୁ ଜାଣି
ଦାନ ଘେନି ସମ୍ପଦ ହରିବ ଏହି କ୍ଷଣି ।
କହନ୍ତି ରାଜନ ବଳି ଶୁଣ ମହାଗୁରୁ
ନାରାୟଣ ଜାଣି ତୁ ନିଷେଧ କର୍ମ କରୁ ?
ଯଜ୍ଞ ଦାନ କରି ଯାର ସନ୍ତୋଷ ନିମନ୍ତେ
ମହାଲଭ ଜାଣି ଯୋଗୀ ଧରିଛନ୍ତି ଚିତ୍ତେ ।
ସେ ହରି ଘେନିବ ଗୁରୁ ମୋର ଠକୁଁ ଦାନ
ସତେ କି ହୋଇବ ମୋର ଏଡ଼େ ବଡ଼ ପୁଣ୍ୟ । ୫୫ ।
ମନ୍ତ୍ରୀର ବଚନ ରାଜା ଅନାଦର କରି
ଶଙ୍ଖରେ ପୂରାଇଲା ପବିତ୍ର ଗଙ୍ଗାବାରି ।
ସତ୍ୟ କରାଇଲା ତାକୁ ସଙ୍କଳ୍ପ କରାଇ
ତିନିପାଦ ଭୂମି ଦାନ ମାଗିବାର ପାଇଁ ।
ଛନ୍ଦ ନ ଜାଣିଲା ଗୋ ବଚନ ବଳି ଦେଲା
ତିନିପାଦ ମାଗି ତ୍ରିଭୁବନ ତାର ନେଲା ।
ଚରଣ ଲଗାଏ ବଳି ପାତାଳକୁ ଗଲା
ସହସ୍ରଲୋଚନକୁ ଗୋ ସ୍ୱର୍ଗ ଭୋଗ ଦେଲା ।
ଦଣ୍ଡିଅଛି ବଳି କି ଗୋ ମଣ୍ଡିବଇ ସେହି
ଚରଣ ଛୁଇଁଲା ବଳି ଧନ୍ୟ ତାର ଦେହି । ୬୦ ।

ଛେଡ଼େ ମହାଦାନୀଙ୍କୁ ଗୋ ଦୁଷ୍ଟପଣେ ଛନ୍ଦ
ପାତାଳ ଭୁବନେ ତାଙ୍କୁ କରାଇଲା ବନ୍ଦୀ ।
କେତେ ମୁଁ କହିବ ସଖି ତାର ଦୁଷ୍ଟପଣ
ପର୍ଶୁରାମ ଅବତାରେ ହୋଇଲା ବ୍ରାହ୍ମଣ ।
ପିତା ବୋଲେ କଲା ମାତା ମସ୍ତକ ଛେଦନ
ପିତାଶନ୍ଦୁ ମାଇଲା ଗୋ ସହସ୍ର ଅର୍ଜୁନ ।
ଘୋର କାଳାନଳ ଗୋ ପର୍ଶୁ ଏ କରେ ଧରି
ଏକୋଇଶ ବାର ଗୋ ନିକ୍ଷତ୍ର ପୃଥ୍ୱୀ କରି ।
ଜଣକର ଦୋଷେ ଗୋ ଅନେକ କଲା ନାଶ
ସେ ଦୁଷ୍ଟ ପ୍ରାଣୀଙ୍କି ସଖି କେ ଯିବ ବିଶ୍ୱାସ । ୬୫।
ରାମ ଅବତାରେ ଦଶରଥ ଘରେ ଜାତ
ମୁନି ଯଜ୍ଞ ରଖିଣ ତାଡ଼କୀ କଲେ ହତ ।
ଗଉତମ-ନାରୀ ହୋଇଥିଲା ଗୋ ପାଷାଣ
ଚରଣ ଲାଗନ୍ତେ ତାର ନାଶିଲା କଷଣ ।
ପ୍ରଚଣ୍ଡ ମହେଶ-ଧନୁ ବେନି ଖଣ୍ଡ କରି
ବିଭା ହୋଇ ଆଣିଲା ଗୋ ଜନକକୁମାରୀ ।
ବିଭା ହୋଇ ଆଣନ୍ତେ ଆଗରେ ପର୍ଶୁଧର
ପଥ ଉଗାଳିଲେ ବାଣୀ କହିଲେ ନିଷ୍ଠୁର ।
ପର୍ଶୁରାମ-ଧନୁ ରାମ ଧରି ଆକର୍ଷିଲା
ଅପମାନେ ପର୍ଶୁଧର ଅରଣ୍ୟେ ପଶିଲା । ୬୦ ।
ତହୁଁ ଆସି ପ୍ରବେଶ ଅଯୋଧ୍ୟାନାମେ ପୁରୀ
ରାମସୀତା ଦେଖି ହରଷ ନରନାରୀ ।
ଦୃଢ଼ପ୍ରଚୁ ଦେଖି ଗୋ ହରଷ ନୃପବର
ଯୁବରାଜ ମଧ୍ୟରେ ସେନେହ ରଘୁବୀର ।
ସକଳ ଗୁଣନିଧାନ ରାମଚନ୍ଦ୍ର ସେହି
ମନରେ ପୁଣି ଜାଣିଲେ ପାଳିବ ଏ ମହୀ ।

ଦଶରଥ ରାଜନ ଗୋ ବିଚାରିଲେ ଚିତ୍ତେ
ରାମଙ୍କୁ ରାଜ୍ୟରେ ରାଜା କରିବା ନିମନ୍ତେ ।
ଘରେ ଘରେ ଉତ୍ସବ ଗୋ ଅଯୋଧ୍ୟା ନଗର
ସକଳ ଦେଶରୁ ଗୋ ଆଇଲେ ନୃପବର । ୭୫ ।
ରାମରାଜା ହୋଇବେ ଶୁଣିଲା ତ୍ରିଭୁବନ
କି କହିବା ନରନାରୀ ହରଷିତ ମନ ।
ଆପଣେ ବଶିଷ୍ଠ ଶୁଭଲଗ୍ନ ଗୋ ଧଇଲେ
ଅଯୋଧ୍ୟାରେ ରାମ ରାଜା ହୋଇବେ ପାହିଲେ ।
କଇକେୟୀ ରାଣୀର ମନ୍ଥୁଡ଼ୀ ନାମେ ଦାସୀ
ରାଣୀଙ୍କ ଦୁର୍ବୁଦ୍ଧି ସେ ମନ୍ଥୁଡ଼ୀ କଲା ଆସି ।
ବୋଇଲା ରାଜନ ପୂର୍ବେ ଦେଇଛନ୍ତି ବର
ଅଯୋଧ୍ୟା ଭୁବନେ ଗୋ ଭରତକୁ ରାଜା କର ।
ବନକୁ ଗମନ ଗୋ କରାଅ ସୀତାପତି
ଅକଣ୍ଟକ କରିଣ ଗୋ ଭୁଞ୍ଜିବା ବିଭୂତି ।
ମନ୍ଥୁଡ଼ୀର ବଚନେ କହୁଲେ କଇକେୟୀ
ଦୂଷଣ-ଚରିତ ମୋତେ କହ କାହିଁପାଇ ।
ମାତାଙ୍କୁ ଅଧିକ ଗୋ ଭଗତି ରାମ ମୋତେ
ଦୁର୍ଗମ ବନକୁ ତାକୁ ପେଷିବି କେମନ୍ତେ ।
କଇକେୟୀ ବଚନ ମନ୍ଥୁଡ଼ୀ ନାରୀ ଶୁଣି
ବିବିଧ ପ୍ରକାରେ ଶିଖାଇଲା କୁଟବାଣୀ ।
ମନ୍ଥୁଡ଼ୀ ବଚନେ ରାଣୀ ଧର୍ମ ନ ବିଚାରି
ଦଇବ ଲେଖନ କେ ପାରିବ ଅନ୍ୟ କରି ।
କଇକେୟୀ ରାଜାଙ୍କୁ ମାଗିଲେ ଯାଇଁ ଦାନ
ଭରତ ହୋଇବେ ରାଜା ରାମ ଯିବେ ବନ । ୮୦ ।
କଇକେୟୀ ମୁଖରୁ ଦାରୁଣ ବାଣୀ ଶୁଣି
ହାରିଲେ ଚେତନା ରାଜା ପଡ଼ିଲେ ଧରଣୀ ।

ଚେତନା ପାଇଣ ଯେ ବୋଇଲେ ଦଶରଥ
ଆଗୋ କଇକେୟୀ ମୋତେ ନଷ୍ଟେ କଲୁ ହତ ।
ଧିକ ଧିକ ବାଣୀ ରାଜା ରାଣୀଙ୍କ ବୋଇଲେ
ହା ହା ରାମଚନ୍ଦ୍ର ବୋଲି ଭୂମିରେ ଶୋଇଲେ ।
ରାମ ପରି ପୁତ୍ରଙ୍କୁ ପେଷିଲେ ଘୋର ବନ
ଆଉ କି ଏ କଳେବରେ ରହିବ ଜୀବନ ।
କାଳରାତ୍ରି * ଅଇଲୁ ତୁ ସ୍ତ୍ରୀର ରୂପ ଧରି
ପଞ୍ଚପ୍ରାଣ ହରୁଅଛୁ ଧର୍ମ ନ ବିଚାରି । ୯୦ ।
ଜନନୀରୁ ଅଧିକ ଦେଖଇ ରାମ ତୋତେ
ବନବାସ ଦୁଃଖ ତାକୁ ଦେବୁ ତୁ କେମନ୍ତେ ?
ଘେନ ତୁ ବିନୟ ମୋର ନ କହ ଏ ବାଣୀ
ରାମର ବିଚ୍ଛେଦ ମୋତେ ନ କହ ତରୁଣି !
ଶୁଣି କୋପେ କହଇ ସେ କଇକେୟୀ ରାଣୀ
ନ କହ ନ କହ ରାଜା ସତ୍ୟଭଗ୍ନ ବାଣୀ ।
ଆଜ୍ଞା ଦିଅ ସୁମନ୍ତ୍ର ରାମକୁ ଘେନି ଆସୁ
ଚଉଦବରଷ ରାମ ଘୋରବନେ ପଶୁ ।
କଇକେୟୀ ବଚନ ତୀକ୍ଷଣ କୁନ୍ତ ଜାଣି
ରାଜାଙ୍କର ହୃଦରେ ପ୍ରହାରେ ପୁଣି ପୁଣି । ୯୫ ।
କଷ୍ଟେ କଷ୍ଟେ ରାଜା ଗୋ ବସିଲେ କରଭରେ
ରାମଙ୍କୁ ସୁମରି ପୁଣ ଶୋଇଲେ ଭୂମିରେ ।
ନୟନରୁ ଜଳ ଗୋ ବହଇ ଅବିଶ୍ରାମ
ଚେତନା ହୋଇଲେ ଏକା ବୋଲୁଥାନ୍ତି ରାମ ।
କଇକେୟୀ ବଚନେ ଗୋ ରାଜାର ମଉନେ
ରଥ ଚଢିଗଲା ମନ୍ତ୍ରୀ ରାମର ଭୁବନେ ।

---

* ଶକ୍ତିଙ୍କର ସଂହାରକାରଣୀ ମୂର୍ତ୍ତିବିଶେଷ

ମଙ୍ଗଳ ସୁବେଶ ହୋଇ ରାମସୀତା ବେନି
ସକଳ ସୁର-ନର ଯେ ପୁଲକ ମେଦିନୀ ।
ରାମଚନ୍ଦ୍ର ଚରଣେ କହଇ ମନ୍ତ୍ରିବର
ରାଜା ଆଜ୍ଞା ଘେନ ରାମ ଉଠ ଧାଡିକାର ।୧୦୦।
ମନ୍ତ୍ରୀର ବଚନେ ରାଜାଆଜ୍ଞା ଶିରେ ଘେନି
ବାହାର ହୋଇଲେ ପୁରୁଁ ରାମସୀତା ବେନି ।
ସୀତାଙ୍କୁ ରୁହାଇ ରାମ ଆରୋହିଲେ ରଥ
ଜନର ଗହଳ ବାଞ୍ଛି ନ ଦିଶଇ ପଥ ।
ମନ୍ଦ ମନ୍ଦ ପବନ ମଦନ ମନୋହର
ଜଳଧରବପୁ ବଜୁ ପ୍ରାଏକ ରାମର ।
କେଶର କାଳିମା କି ଗୋ ଭ୍ରମର ବସିଲା
ଅମାବାସ୍ୟା ନିଶି କି ଗୋ କେଶରେ ପଶିଲା ।
ମସ୍ତକେ ଶୋଭିତ ପାଗ ସୁବର୍ଣ୍ଣ ଲେଖନ
ପାଗରେ ବନ୍ଧନ କଲା ଜଗତର ମନ । ୧୦୫ ।
ପାଗର ଉପରେ ଗୋ ମୁକୁଟ ଦିବ୍ୟକାନ୍ତି
କପୋଳେ ଅଳକା କି କମଳେ ଭୃଙ୍ଗପନ୍ତି ।
କଚନ ମଣି ଖଞ୍ଜଣି କର୍ଣ୍ଣରେ କୁଣ୍ଡଳ
ଅକଳଙ୍କ ପୂର୍ଣ୍ଣଇନ୍ଦୁ ବଦନମଣ୍ଡଳ ।
ସୁନ୍ଦର ଭ୍ରୂଲତା ନାସା ଆବର ଦର୍ଶନ
କହଇ ମଧୁର ବାଣୀ ରାଜୀବଲୋଚନ ।
ସୁଥୂଳ ବର୍ତ୍ତୁଳ ଗୋ ଆଜାନୁ ବେନି ବାହୁ
ଦଇତ-ଚନ୍ଦ୍ରକୁ ଯାର ବାହୁ-ବାଣ ରାହୁ ।
ହୃଦୟ ବିସ୍ତାର କି ଗୋ ମର୍କତ କବାଟ
ହରଙ୍କର ଡମରୁ ଗଞ୍ଜଇ କଟିତଟ । ୧୧୦ ।
କୁମ୍ଭି କୁମ୍ଭ ଗଞ୍ଜଇ ଗୋ ନିତମ୍ବର ଠାଣି
ସୁସଞ୍ଚ ଚରଣ ସ୍ଥଳ ରାଜହଂସ ଜାଣି ।

ଗିରିବର ଉପରେ କି ମଞ୍ଜୁ ସିଂହ ଉଭା
ରଥ ପିଣ୍ଡିକାରେ ଗୋ ତେସନ ରାମ ଶୋଭା ।
ରାମ ରୂପ ଚାହିଁ ଗୋ ସକଳ ଦେଶଜନ
ଏକକୁ ଆରେକ ତହିଁ କହନ୍ତି ବଚନ ।
କେ ବୋଲଇ ଋଷ୍ୟଶୃଙ୍ଗ ମହାଯଜ୍ଞ କରି
ଦଶରଥ ରାଜାଙ୍କୁ ଗୋ ଦେଲା ପୁତ୍ର ଚାରି ।
ଧନ୍ୟ ଧନ୍ୟ ଋଷ୍ୟଶୃଙ୍ଗ ତପସ୍ୟାର ଫଳ
ବଢ଼ିତ କରାଇଅଛି ଚତୁର୍ବର୍ଗ ଫଳ । ୧୧୫ ।
ଚାରିପୁତ୍ରଙ୍କର ମଧ୍ୟେ ଜ୍ୟେଷ୍ଠ ପରା ଏହି
ଗଞ୍ଜଇ ନବୀନ ମେଘ ଦେଖ ଶ୍ୟାମଦେହୀ ।
କେ ବୋଲଇ ଏହି ଗୋ ଭଞ୍ଜିଲା ଶିବଧନୁ
ପାଇଲା ସୀତାଙ୍କୁ ଗୋ କାଞ୍ଚନବର୍ଣ୍ଣ-ତନୁ ।
ଦଶରଥ ରାଜାର ଜୀବନ ସାଧୁ ସାଧୁ
ପୁତ୍ର ଯାର ରାମଚନ୍ଦ୍ର ସୀତାପ୍ରାଣବନ୍ଧୁ ।
ଧନ୍ୟ ଧନ୍ୟ କଉଶଲ୍ୟା ଦେବୀର ଉଦର
ଜଗତନିବାସ ଯହିଁ ଭିଆଇଲା ଘର ।
ଦୟାରେ ଚାହିଁଇ ହସି ଅରୁଣଅଧରେ
ନାହିଁ ନାହିଁ ଏ ରୂପ ଗୋ ତିନି ଭୁବନରେ । ୧୨୦ ।
କେ ବୋଲଇ ସର୍ବଥା ଗୋ ନୁହଇ ମାନବ
ଦଶରଥ ଘରେ ବିଜେ କଲେ ବାସୁଦେବ ।
ରାମଚନ୍ଦ୍ର ତହିଁ ଚକ୍ଷୁ ସବୁଙ୍କର ଅଛି
ଅଠାରେ ଯେସନ ବନ୍ଦୀ ହୋଇ ଥାଇ ପକ୍ଷୀ ।
ଡାକନ୍ତି ସାରଥି ରଥ ସ୍ଥିର କରି ଦିଅ
ରାମରୂପ ଦର୍ଶନେ ଲୋଚନସୁଖ ଦିଅ ।
ଯାଉଛନ୍ତି ପିତା ଆଜ୍ଞା ଧରିଛନ୍ତି ମନେ
ଜନମନ ରଞ୍ଜଇ ଗୋ ଲୋଚନ ବଚନେ ।

ପରମ ମଙ୍ଗଳ ଗୋ ମଙ୍ଗଳ ବେଶ ହୋଇ
ସକଳ ଭୁବନ ଜନମନକୁ ମୋହଇ । ୧୨୫ ।
ପ୍ରବେଶ ହୋଇଲେ ରାମ ରାଜାର ଭୁବନ
ଦେଖିଲେ ଗୋ ଦଶରଥ ଭୂମିରେ ଶୟନ ।
ରାଜାର ଚରଣେ ରାମ ନବେଶିଲେ ଶିର
ଶିରେ କର ଦେଇ ଉଭା ହୋଇଲେ ଭୂମିର ।
ଦେଖିଲେ ରାଜନ ମନ ହୋଇଅଛି ଛନ୍ନ
ପିତା କଷ୍ଟ ଦେଖି ଗୋ ଆକୁଳ ରାମ ମନ ।
ବୋଇଲେ ରାଜନ ତବ ଦୁଃଖ କି ନିମନ୍ତେ
କି ଅବା ଅଶୁଭ ତୋଇ (ତବ) ମୋହର ନିମନ୍ତେ ।
ଗଜଦନ୍ତ ପଲଙ୍କ କମ୍ପାଇ କଲ ତେଜ୍ୟା
କି ନିମନ୍ତେ ମହାରାଜ କଲ ଭୂମିଶଯ୍ୟା ।୧୩୦।
ସକଳ ମଣ୍ଡଳ ଛିତିପତି ଯାର ଦାସ
ଚିନ୍ତାଇଲେ ବୁଡ଼ି କମ୍ପା ଛାଡୁଛ ନିଃଶ୍ୱାସ ।
କି ଅବା କେବଣ ବ୍ୟାଧି ହୋଇଲା ଶରୀରେ
କି ନିମନ୍ତେ ମହାରାଜା ଶୟନ ଭୂମିରେ ।
ମାତୁଳ ଗୃହରେ ଯେ ଭରତ ଅଛି ରହି
ତହିଁର କି କଥା କେ ରାଜାଙ୍କୁ ଅବା କହି ।
କି ଅବା ଅପ୍ରାଧ କଲେ ଜନନୀ ମୋହୋର
ସାବଧାନେ ନ ସେବିଲେ ଚରଣେ ତୁମ୍ଭର ।
କେ ଅବା ଜଗତେ ତୋତେ ଚିନ୍ତିଲା ଅରିଷ୍ଟି (ଅନିଷ୍ଟି)
ବାଣଘାତେ ଦହିବ ସଚରାଚର ସୃଷ୍ଟି ।୧୩୫।
କି ଅବା ଅପ୍ରାଧ ତୋତେ କଲା ବଇଦେହୀ
ଏଥୁ ଯାଣି ତେଜିବ ରଖନ୍ତା କେହୁ ନାହିଁ ।
କି ଆବା ଅପ୍ରାଧ ତୋତେ ହୋଇଲା ମୋହୋର
ଦୋଷକୁ କରିବା ଦଣ୍ଡ ଯେ ଇଚ୍ଛା ତୋହୋର ।

ଦହିବ ଶରୀର ପଛେ ଅଗ୍ନିରେ ସମ୍ଭାଇ
ରାଜାର ଦୁଃଖିତ ଚିତ୍ତ ସହଣ ନ ଯାଇ ।
ରାମର ଅନେକ ଗୋ ବିଳାପ ବାଣୀ ଶୁଣି
* କର ଲେଉଟାଇ ଗୋ ଚାହିଁଲେ ନୃପମଣି ।
ଏକାବେଳେ ରାମ ବୋଲି ବଚନ ବୋଇଲେ
ଆଉ କିଛି କହିବାକୁ ଶକତ ନୋହିଲେ । ୧୫୦ ।
ରାଜାର ମଉନେ କଇକେୟୀ କହେ ବାଣୀ
ରାଜା ଆଜ୍ଞା କହଇ ତୁ ଶୁଣ ଚକ୍ରପାଣି ।
ଅଯୋଧ୍ୟା ନଗରେ ରାଜା ଭରତକୁ କଲେ
ଚଉଦ ବରଷ ବନବାସ ତୋତେ ଦେଲେ ।
ଶୁଣି ରାମଚନ୍ଦ୍ର ଗୋ ହରଷଚିତ୍ତ ହୋଇ
ଏ କଥାକୁ ରାଜନ ଦୁଃଖିତ କାହିଁପାଇଁ ।
ରାଜା ଆଜ୍ଞା ସମାନ ତୁମ୍ଭର ଆଜ୍ଞା ମୋତେ
ଏ କଥାକୁ ସଂଶୟ ନ କର ଦେବ ଚିତ୍ତେ ।
ପିତା ଆଜ୍ଞା ପାଳିବି ରହିବି ଘୋର ବନେ
ରାଜା ହେଉ ଭରତ ଯେ ଅଯୋଧ୍ୟା ଭୁବନେ । ୧୪୫ ।
ପିତାର ନବରୁ ଗୋ ବାହାର ରାମ ହୋଇ
ମାତାର ମନ୍ଦିରେ ସେ ପ୍ରବେଶ ହୋଏ ଯାଇ ।
ରାମ ରାଜା ହୋଇବେ ମଙ୍ଗଳ ଶୁଭ ଧେନି
ପୂଜନ୍ତି ଇଷ୍ଟ ଦେବତା ରାମର ଜନନୀ ।
ଏମନ୍ତ ସମୟେ ରାମ ପ୍ରବେଶ ହୋଇଲେ
ଜନନୀ ଚରଣେ ଶିର ଦେଇଣ ଶୋଇଲେ ।
ବଚ୍ଛାକୁ ଦେଖିଣ ଯେହ୍ନେ ଗଉର ହରଷ
ଉଠ ଉଠ ରାମ ବୋଲି କରନ୍ତି ଆଶିଷ ।

* କର—କଡ଼, ପାର୍ଶ୍ୱ ।

ଉଠି ଶିରେ କର ରାମ ଜନନୀଙ୍କ ଗୃହୁଁ
କଇକେୟୀ ଚରିତ ସକଳ ରାମ କହୁ ।୧୫୦।
କନଷ୍ଠ ଜନନୀଙ୍କ ରାଜନ ଦେଲେ ବର
ହୋଇବ ଭରତ ରାଜା ଅଯୋଧ୍ୟା ନଗର ।
ଚଉଦ ବରଷ ବାସ କରିବ ମୁଁ ବନେ
ଏ କଥାକୁ ଜନନୀ ନ କର ଦୁଃଖ ମନେ ।
ଶୁଣି କଉଶଲ୍ୟା ଯେ ପଡିଲେ ମୋହଯାଇ
ଗିରିଶୃଙ୍ଗ ପଡିଲା କି ବଜ୍ରାଘାତ ପାଇ ।
ଘଡିକ ଉତ୍ତାରୁ ଦେବୀ ପାଇଲେ ଚେତନ
ଶୋକେ ଗଦଗଦ ଦେବୀ କହନ୍ତି ବଚନ ।
ଆର ବେଳେ ଏମନ୍ତ ନ ବୋଲ ଗୃପପାଣି
ସେହୁ ଦୁଷ୍ଟ ବଚନ କିମ୍ପାଇଁ କହୁ ଆଣି ।୧୫୫।
ଅଳପ ବୟସ ସୁକୁମାର ଶ୍ୟାମ କାଏ
ଦଣ୍ଡେ ନ ଦେଖିଲେ ମୁଁ ହୁଅଇ ବାଇ ପ୍ରାଏ ।
ଚଉଦ ବରଷ ତୁ ରହିବୁ ଘୋର ବନେ
ଜନନୀ ଦୁଃସହ ଦୁଃଖ ନ ବିଚାରୁ ମନେ ।
ପିତା ଯେବେ ବନକୁ ପେଷିଲେ ନ ବିଚାରି
ଶୁଣ ରାମଚନ୍ଦ୍ର ମୁଁ ତୋହୋର ଗର୍ଭଧାରୀ ।
ମୋହୋର ବଚନ ଘେନ ନ ଯାଅ ବନକୁ
ନ କର ବିରସ ପୁତ୍ର ମୋହୋର ମନକୁ ।
କର ଟେକି ଯୋଡି ରାମ କରନ୍ତି ବିନଏ
ମୋହୋର ଆଏତ ଗୋ ନୁହଇ ଶୁଣ ମାଏ ।୧୬୦।
ଏ ଦେହର କାରେଣି ଗୋ ମୋହର ପିଅର
ଯେସନ ମୃତ୍ତିକା ପିଣ୍ଡ କୁଲାଳ ଚକର ।
ତୁମ୍ଭେ କି ନ ଜାଣ ପିତା ଭଗତି ବସ୍ତୁର
ସକଳ ନିର୍ମଳ ବୁଦ୍ଧି ହୃଦୟ ବାହାର ।

ପୂର୍ବେ ତ ଶୁଣିଛ ଯାହା କଲେ ପର୍ଶୁଧର
ପିତା ଆଜ୍ଞା ପ୍ରମାଣେ କାଟିଲେ ମାତାଶିର ।
ମାତାଙ୍କୁ ବଧିଲୁ ପିତା ଆଜ୍ଞାର ନିମନ୍ତେ
ବନକୁ ଜନନି ମୁଁ ଗୋ ନ ଯିବି କେମନ୍ତେ ।
ଚଉଦ ବରଷ ମୁଁ ରହିବି ଘୋରବନ
ତୋହୋର ଚରଣ ପୁଣି କରିବି ଦର୍ଶନ ।୧୬୫।
ପିତା ଆଜ୍ଞା କେମନ୍ତେ ମୁଁ ଲଙ୍ଘିବି ଜନନି
ସତ୍ୟ ଭଗ୍ନ ହୋଇଲେ କି ରହିବ ଅବନୀ ?
ସତ୍ୟକୁ ସପତ ସିନ୍ଧୁ ନ ଲଙ୍ଘଇ କୂଳ
ସତେ ଜଳ ବୃଷ୍ଟି ଗୋ କରଇ ଆଖଣ୍ଡଳ ।
କାହିଁ ରାମ ପଛରେ ଗୋଡ଼ାଇଛନ୍ତି ମାତା
ଏମନ୍ତ କୃତ୍ୟ କି ପୁଣି କରଇ ବିଧାତା ।
ପିତା ଆଜ୍ଞା ଶିରେ ଘେନି ମନ୍ଦିରୁ ବାହାର
ବାମକରେ କୋଦଣ୍ଡ ଦକ୍ଷିଣ କରେ ଶର ।
ସଙ୍ଗତେ ଜାନକୀ ଦେବୀ ହୋଇଲେ ବାହାର
ନିନ୍ଦଇ ଶରଦ ଇନ୍ଦୁ ବଦନ ଯାହାର ।୧୭୦।
ବାହାର ହୋଇଲେ ସଙ୍ଗେ ସୁମିତ୍ରା କୁମର
ଦେଖି ନର ନାରୀ ଗୋ କରନ୍ତି ହାହାକାର ।
କେ ବୋଲିବ ରାମ ରାଜା ନୋହୁଲେ କେମନ୍ତେ
ପାଦଗତି ହୋଇ ତ ଚଳନ୍ତି ରାଜପଥେ ।
ଶଶୀ ଦିବାକର ନ ଦେଖନ୍ତି ଯାର ଛାୟା
ରାଜପଥ ମଧ୍ୟରେ ତ ଚଳଇ ସୀତାୟା ।
ପଛରେ ଗୋଡ଼ାଇଛନ୍ତି ସୁମିତ୍ରା କୁମର
ତିନିଜଣ ମଧ୍ୟ କ୍ରମା ନଗରୁ ବାହାର ।
ପାଟ ବସ୍ତ୍ର ତେଜିଲେ, ତେଜିଲେ ମଣିଗଣ
ବକଳ ଗୋବସ୍ତ୍ର କ୍ରମା ହେଇଲେ ଭୂଷଣ ।୧୭୫।

ଏକର ଅଗରେ ସଖୀ ଆରେକ କହିଲା
କଇକେୟୀ ଚରିତ ଗୋ ବଢିତ ହୋଇଲା ।
ଭରତ ହୋଇବ ରଜା ଶୁଭିଲା ଭୁବନେ
ଚଉଦ ବରଷ ରାମ ନିବେଶଲେ ବନେ ।
ଶୁଣି ପୁର ନରନାରୀ ନାନା ଦେଶାନ୍ତରୀ
ସବୁଙ୍କର ଲୋଚନୁଁ ବହିଲ ଶୋକବାରି ।
ବୋଲନ୍ତି ଏ କଇକେୟୀ ଧିକ ତା ଜୀବନ
ସୁକୁମାର ରାମକୁ ପେଷିଲା ଘୋରବନ ।
ଜ୍ଞାନବନ୍ତ ରଜା ତ ସ୍ତ୍ରୀଙ୍କ ବଶ ଗଲା
ନ ବସ୍ତୁର ମହାରାଜା ଏତେ କୃତ୍ୟ କଲା । ୧୮୦ ।
ପିତା ଆଜ୍ଞା ଅଲଙ୍ଘିତ ବନେ କଲା ବାସ
ଧରିଲା ଜଟା ବକଳ ଫଳମୂଳ ଗ୍ରାସ ।
ପିତା ଆଜ୍ଞା ଘେନିଣ ସେ କଷଣ ସହିଲା
ଗଙ୍ଗା ପାରିହୋଇ ଚିତ୍ରକୂଟରେ ରହିଲା ।
ସୀତା ଲକ୍ଷ୍ମଣଙ୍କୁ ସଙ୍ଗେ ଘେନି ରଘୁବୀର
ହରଷେ ରହିଲେ ଗୋ ନିବାନ୍ତି ପଦଧର ।
ଭରତ ଶତ୍ରୁଘ୍ନ ଗୋ ମାଉଳ ଘରେ ଥିଲେ
ତାହାଙ୍କୁ ବଶିଷ୍ଠ ମୁନି ଦୂତ ବରଗିଲେ ।
ବେନି ଭାଇ ଅଣାଇଲେ ଅଯୋଧ୍ୟାପୁରକୁ
ସକଳ ଚରିତ ମୁନି କହିଲେ ତାହାଙ୍କୁ । ୧୮୫ ।
ଶୁଣି ଘୋର କଷଣ ପାଇଲେ ଭାଇ ବେନି
ବୋଇଲେ କି କର୍ମ କଲେ ଆମ୍ଭର ଜନନୀ ।
ବହୁତ ପ୍ରକାରେ ଗୋ ମାତାଙ୍କୁ ନିନ୍ଦାକଲେ
ମନ୍ଥରୀକି ବିବିଧ ପ୍ରକାରେ ଶାସ୍ତି ଦେଲେ ।
ଏଥୁ ଅନନ୍ତରେ ଗୋ ବଶିଷ୍ଠ ମୁନିବରେ
ପିତୃକାର୍ଯ୍ୟ କରାଇଲେ ଭରତ ହସ୍ତରେ ।

ବଶିଷ୍ଠ ସହିତ ସର୍ବ ମନ୍ତ୍ରିଗଣ ଘେନି
ରାମଙ୍କୁ ଆଣିବା ପାଇଁ ଗଲେ ଭାଇ ବେନି ।
ବାହାର ହୋଇଲେ ଗୋ ରାମଙ୍କୁ ନେବା ପାଇଁ
କଉଶଲ୍ୟା ସୁମିତ୍ରା ଅଇଲେ କଇକେୟୀ । ୧୯୦ ।
ଥୋକାଏ ଦିନ ଅନ୍ତରେ ସୈନ୍ୟବଳ ଘେନି
ଚିତ୍ରକୂଟେ ପ୍ରବେଶ ହୋଇଲେ ଭାଇ ବେନି ।
ସୈନ୍ୟ ଗହନ ଚଳନ ଦିଶିଲା ଅପାର
ଚିତ୍ରକୂଟେ ଥାଇ ତା ଜାଣିଲେ ରଘୁବୀର ।
ବୋଇଲେ ଲକ୍ଷ୍ମଣ ଏ କାହାର ସୈନ୍ୟବଳ ।
ଧୂଳି ଢାଙ୍କୁଅଛି ଦେଖ ଆଦିତ୍ୟମଣ୍ଡଳ ।
ତରୁବରେ ଉଠିଲା ଲକ୍ଷ୍ମଣ ଆଜ୍ଞା ପାଇ
ଦେଖିଲା ଭରତ ଶତ୍ରୁଘ୍ନ ବେନି ଭାଇ ।
ରାମଙ୍କୁ ଲକ୍ଷ୍ମଣ ଗୋ କହିଲା ବୃକ୍ଷେ ଥାଇ
ଅଇଲେ ଭରତ ଶତ୍ରୁଘ୍ନ ବେନି ଭାଇ ।୧୯୫।
ଜନନୀ ଏହାର ରାଜ୍ୟ ଦେଲା ଘଉଡ଼ାଇ
ଆସୁଅଛି ଆମ୍ଭଙ୍କୁ ଏ ମାରିବାର ପାଇଁ ।
ଆମ୍ଭଙ୍କୁ ମାରିଣ ପୃଥ୍ୱୀ ଅକଣ୍ଟକ କରି
ଅଯୋଧ୍ୟା ନବରେ ଏ ଭୁଞ୍ଜିବ ରାଜଶିରୀ ।
ଏହିକ୍ଷଣି ଧନୁରୁ ଛାଡ଼ିବି ଘୋର ବାଣ
ଭୂମିରେ ଶୋଇବେ ଯେ କରିବ ହତପ୍ରାଣ ।
ହୃତସୁତ ହୋଇବ ସେ କଇକେୟୀ ରାଣୀ
ଭରତ ରୁଧିର ପାନ କରିବ ଧରଣୀ ।
ଲକ୍ଷ୍ମଣର ବଚନେ କୋପିତ ରଘୁବୀର
ଧନ୍ୟ ଧନ୍ୟ ଲକ୍ଷ୍ମଣ ତୋହୋର ଧନୁଦ୍ଧର । ୨୦୦ ।
ପ୍ରତିଜ୍ଞା କରିଛୁ ଭ୍ରାତ ମାରିବା ନିମନ୍ତେ
କହିବାକୁ ସଂକୋଚ ନ ପାଉ କିମ୍ପା ଚିତ୍ତେ ।

ଆମ୍ଭଙ୍କୁ ନାଶିବ ସେ ଭୁଞ୍ଜିବ ରାଜଶିରୀ
ବୋଇଲୁ ଭରତ ଅବା ଆସୁଛି ବଇରୀ ।
ଅକଳଙ୍କ ଶରୀର ଭରତ ଧର୍ମବୁଦ୍ଧି
ଆସୁଛି ନେବାର ପାଇଁ ଆମ୍ଭଙ୍କୁ ପ୍ରବୋଧି ।
ରାଜ୍ୟକୁ ତ ନ ଯିବ ପାଳିବ ପିତାସତ୍ୟ
ମୋର ବନ୍ଧୁ ତାହାର ଦୁଃଖିତ ଅଛି ଚିତ୍ତ ।
ତୋତେ ଯେବେ ବଡ଼ ହୋ ଦିଶିଲା ରାଜ୍ୟଶିରୀ
ରାଜ୍ୟ ତୋତେ ଦେବଇଁ ଭ୍ରାତକୁ ମାଗି କରି ।
ଶୁଣି ହେଟମାଥ ହୋଇ ସୁମିତ୍ରା ନନ୍ଦନ
ଆସ୍ଥାକୁ ନିନ୍ଦିଲା କଲା ମଳିନ ବଦନ ।
ଏଥୁ ଅନନ୍ତରେ ସଖି ଭ୍ରାତ ଶତ୍ରୁଘନ
ଯେତେ ଦୂରୁଁ ଦିଶିଲା ଗୋ ଶ୍ରୀରାମ ବଦନ ।
ରଥୁ ଓହ୍ଲାଇଲେ ବେନି ଭାଇ ଶସ୍ତ୍ର ଛାଡି
ଦଣ୍ଡବତେ ଶୋଇଲେ କ୍ଷିତିରେ ମୁଣ୍ଡ ମାଡି
ପୁଣି ପୁଣି ଭରତ ଗୁଅନ୍ତି ଦଣ୍ଡମତେ
କଇକେୟୀ ଚରିତ ସୁଣନ୍ତି ଦୁଃଖ ଚିତ୍ତେ ।
ପିତା ହତ ହୋଇଲେ ଅଇଲେ ରାମ ବନ
କି ନିମନ୍ତେ ରହିଅଛି ଆମ୍ଭର ଜୀବନ ।
ସ୍ରବଇ ଲୋତକଧାରା ବେନି ଭାଇଙ୍କର
ଚରଣେ ଲମ୍ବିଲେ ଶିର ଦେଇ ଶ୍ରୀ ପଯ୍ୟର ।
ଆଜାନୁଲମ୍ବିତ ବେନି ବାହୁ ରାମ ଦେଖି
ତୋଳି ବେନି ବାହୁରେ ବସାଇଲେ ଦୁହିଁଙ୍କି ।
ଭ୍ରାତ ମୁଖ ଚାହିଁ ରାମ ପୁଚ୍ଛନ୍ତି ଉତ୍ତର
କହ ବାବୁ କୁଶଳ ସମସ୍ତ ରାଜାଙ୍କର ।
ଆଜ୍ଞା ପାଇ ଉଠିଲେ ଭରତ ଶତ୍ରୁଘନ
ଆଗରେ ହୋଇଲେ ଉଭା ଲୋତକଲୋଚନ ।

କହନ୍ତି ସେ ବେନି ଭାଇ ଯୋଡି ବେନି କର
ତୁମ୍ଭଙ୍କୁ ନ ଦେଖି ରାଜା ତେଜିଲେ ଶରୀର । ୨୧୫ ।
ଭରତର ତହୁଁ ସୁଦାରୁଣ ବାଣୀ ଶୁଣି
ରାମ ସୀତା ଲକ୍ଷ୍ମଣ କାନ୍ଦିଲେ ସର୍ବ ପ୍ରାଣୀ ।
ଅନେକ ପ୍ରକାରେ ଗୋ ବଶିଷ୍ଠ ବୋଧ କଲେ
ମନ୍ଦାକିନି ନଦୀରେ ଗୋ ପିତାଙ୍କୁ ଜଳ ଦେଲେ ।
ଭ୍ରାତା ବନ୍ଧୁ ଘେନି ରାମ ପିତୃକାର୍ଯ୍ୟ ସାରି
ଚିତ୍ରକୂଟ ପର୍ବତେ ବାହୁଡି ବଜେ କରି ।
ରାମଚନ୍ଦ୍ର ଚରଣେ କହିଲେ ବେନି ଭାଇ
ଅଯୋଧ୍ୟା ଭୁବନକୁ ଗୋ ଘେନିଯିବା ପାଇଁ ।
କେତୁଣି ପ୍ରକାରେ ରାମ ନ ଘେନିଲେ ବୋଧ
ପିତା ଆଜ୍ଞା ଘେନିଲେ ତେଜିଲେ ରାଜ୍ୟସଧ । ୨୨୦ ।
ସତ୍ୟର ନିମନ୍ତେ ରାମ ଅବୋଧ ଅଚଳ
ରାମ ବୃହୁଁ ବେନି ଭାଇ ବିଚ୍ଛେଦ ବିକଳ ।
ଏଥୁ ଅନନ୍ତରେ ଗୋ ବଶିଷ୍ଠ ମହାମୁନି
ମାଗିଲେ ପାଦୁକା ଦୁଇ ମନ୍ତ୍ରିଗଣ ଘେନି ।
ବଶିଷ୍ଠ ଆଜ୍ଞାରେ ଗୋ ପାଦୁକା ବେନି ଦେଲେ
ମସ୍ତକରେ ଘେନି ଭ୍ରାତା ଶତ୍ରୁଘ୍ନ ଗଲେ ।
ମନ୍ତ୍ରିଗଣ ଘେନି ଭ୍ରାତା ଶତ୍ରୁଘ୍ନ ବୀର
ପାଦୁକା ପୂଜନ୍ତି ନିତି କରି ନମସ୍କାର ।
କି କହିବା ଭରତ ଭଗତି ଭାଇପଣ
ଚତୁର୍ଦ୍ଧା ମୂରତି ହୋଇଛନ୍ତି ନାରାୟଣ । ୨୨୫ ।
ନନ୍ଦିଗ୍ରାମେ ରହିଲେ ଭରତ ମହାବୀର
ରାଜ୍ୟରକ୍ଷା ନିମନ୍ତେ ଭୁଜରେ ଧନୁଶର ।
ଅଯୋଧ୍ୟା ନଗରେ ଗୋ ପାଦୁକା ପୂଜା କରି
ପାଳନ୍ତି ସକଳ ମହୀ ଶ୍ରୀରାମ ସୁମରି ।

ଏଥୁ ଅନନ୍ତରେ ରାମ ରହି କିଛୁଦିନ
ଚିତ୍ରକୂଟ ତେଜିଲେ ପଶିଲେ ଘୋରବନ ।
ପ୍ରବେଶ ହୋଇଲେ ଅତ୍ରି ମୁନିଆଶ୍ରମରେ
ସୀତାୟା ଲକ୍ଷ୍ମଣ ସଙ୍ଗେ ଘେନି ରଘୁବୀରେ ।
ଅନେକ ଶିଷ୍ୟ ସହିତେ ଅତ୍ରି ମହର୍ଷି
ଗୁଣନ୍ତି ପରମବ୍ରହ୍ମ ଧ୍ୟାନଯୋଗେ ବସି ।
ଭ୍ରାତା ବଧୂ ଘେନି ରାମ ଏମନ୍ତ ସମୟେ
ଦଣ୍ଡମତେ ଶୋଇଲେ ଗୋ ମୁନିଙ୍କର ପାଏ ।
ବେନି କର ଘେନି ମୁନି ତୋଳିଲେ ତାଙ୍କି
ପରମ ଆଶ୍ୱାସେ ମୁନି କୁଶଳ ପୁଚ୍ଛନ୍ତି ।
ଆଜ ମୋର ଆଶ୍ରମେ ଅଛନ୍ତି ତିନିଜଣ
ଏ ସ୍ଥାନେ ବସିବା ମୋର ହୋଇଲା କାରଣ ।
ଏତେ କହି ଅତ୍ରି ବିଧିରେ ପୂଜା କଲେ
ସୀତାମୁଖ ଚାହିଁ ପୁଣି ଏମନ୍ତ ବୋଇଲେ ।
ଧରି ବେନି ଚରଣ ମସ୍ତକେ ଲଗାଇଲେ
କର ଧରି ଋଷିପତ୍ନୀ ପାଶେ ବସାଇଲେ ।
ଅଙ୍ଗଶୋଭା ସୀତାୟାଙ୍କୁ ଦେଲେ ମୁନିନାରୀ
ଆଶ୍ୱାସନା କରି ନେଇ କୋଳାଗ୍ରତ କରି ।
ଯାହା କହୁଅଛି ଆନ କେବେହେଁ ନୋହିବ
ଯୁବା ରୂପ ତୋହର ଜୀବନ୍ତେ ରହିଥିବ ।
ଏତେ କହି ଅମଳାଣ ବସନ ଘେନିଲେ
ହରଷ କରାଇ ଗୋ ସୀତାୟା କରେ ଦେଲେ ।
ଘେନିଲେ ବସନ ସୀତା ଶିରରେ ଲଗାଇ
ଆଜ୍ଞା ଦେବା କୁଶଳେ ବଞ୍ଚିନ୍ତୁ ବେନି ଭାଇ ।
ପତିପତ୍ନୀ ଆସି ସୁକଲ୍ୟାଣ ତାଙ୍କୁ କଲେ
ସେ ମୁନି ଆଶ୍ରମେ ରାମ ସେଦିନ ରହିଲେ ।

ନିଶି ପ୍ରଭାତରେ ଗୋ ମୁନିଙ୍କି ଆଜ୍ଞା ମାଗି
ଗଲେ ରାମଲକ୍ଷ୍ମଣ ସୀତମ୍ୟା ଶରଭଙ୍ଗି ।
ଗମନ୍ତି ସେ ତିନିଜଣ ଘୋର କାନନରେ
ପ୍ରବେଶ ହୋଇଲେ ଯାଇଁ ଋଷିଆଶ୍ରମରେ ।
ଘେନି ଜଳକୁମ୍ଭ ସେ ଆସନ୍ତି ମୁନିଜନେ
ଦୂରନ୍ତୁଁ ଦେଖିଲେ ରାମ ରାଜୀବଲୋଚନେ ।
ଦେଖିଲେ ସୁରସୁନ୍ଦର ସୁକୁମାର କାଏ
ଦେଖନ୍ତି ରାମଙ୍କୁ ରହି ଚଜପଠ ପ୍ରାଏ ।
ତାହାଙ୍କର ମଧ୍ୟରେ ଯେ ମୁଖ୍ୟ ଏକ ମୁନି
ପୂଜାର ନିମନ୍ତେ ଆଶ୍ରମକୁ ଗଲେ ଘେନି ।୨୪୫।
ଷଡ଼ଅର୍ଘ୍ୟ ପୂଜା କଲେ ପର୍ଣ୍ଣକୁଟୀ ଦେଇ
ବିବିଧ ପ୍ରକାରେ ମୁନି କହିଲେ ବିନୋଇ ।
ପରମ ସନ୍ତୋଷେ ରାମ ଦିବସେ ରହିଲେ
ପ୍ରଭାତ ସମୟେ ରାମ ଆଶ୍ରମ ତେଜିଲେ ।
ଦଣ୍ଡକା ଗହନ ବନେ ବିଜେ କଲେ ରାମ
ବିରାଧ ରାକ୍ଷସ ଯହିଁ କରିଛି ଆଶ୍ରମ ।
ଶୂଳର ଉପରେ ବସିଅଛି ଗଜଶିର
ଗଜଶିର ରୁଧିରେ ଶରୀର ଜରଜର ।
ଅତି ଦୀର୍ଘ ଜିହ୍ୱା ଟେଗା ଲୋଚନ ଯେସନ୍ତେ କୂପ
କଣ୍ଠ ସର ପାଟି କେତେ କହିବା ବିରୂପ ?୨୫୦।
ଖାଇଛି ଗଜ ମଇଁଷି ବିପ୍ର ଋଷିଗଣ
ରୁଧିର ମାଏଁସ ଲାଗି ବିକଟ ବଦନ ।
ଅତି ଲମ୍ବ ଉଦର ଗୋ ବଙ୍କ ତାର ନାସା
ଲେପିଛି ଶରୀରେ ଗୋ ରକତ ମାଂସ (ରସା) ।
ଶୂଳ ପୋତି ବସିଛି ବରାହ ମୃଗ ଖାଇଁ
ରାମ ସୀତା ଲକ୍ଷ୍ମଣ ପ୍ରବେଶ ହେଲେ ଯାଇଁ ।

ରାମଙ୍କୁ ଦେଖିଣ ରୋ ବିରାଧ କହେ ବାଣୀ
ମନୁଷ୍ୟ ଆହାର ବହୁ ଭେଟାଇଲା ଆଣି ।
ଏତେ କହି ଧାଇଁଲା ସେ ପବନ ସମାନ
ସୀତାଙ୍କୁ କୋଡ଼ରେ ଘେନି ଉଡ଼ିଲା ଗଗନ । ୨୫୫ ।
ଦେଖି ରାମଚନ୍ଦ୍ର ଗୋ ଧନୁରେ ଗୁଣ ଦେଇ
ସୀତାଦୁଃଖ ଦେଖି ରାମ ଅଦୃଷ୍ଟ ଚିନ୍ତଇ ।
ଘୋର ବାଣ ଧନୁରୁ ଛାଡ଼ିଲେ ରଘୁବୀର
ପଡ଼ିଲା ଅମୋଘ ବାଣ ବିରାଧ ଶରୀର ।
ବାଣେ ପ୍ରାଣ ଆକୁଳେ ଛାଡ଼ିଲା ତା'ର ଦେହୀ
ଆଗେ ଉଭା ହୋଇଲା ବିନୟ ବାଣୀ କହି ।
କରଇ ରକତ ବାନ୍ତି କହଇ ରାମଙ୍କୁ
ମୋତେ ତାରିବାକୁ ରାମ ଅଇଲ ବନକୁ ।
ତୁମ୍ବୁରୁ ଗନ୍ଧର୍ବ ମୁଁ କୁବେର ଶାପ ପାଇ
ପାଇଲି ରାକ୍ଷସ ବପୁ ଋଷି ବିପ୍ର ଖାଇ ।୨୬୦।
ଶାପହିଁ ପରମ ଲାଭ ହୋଇଲା ମୋହୋର
ଦେଖିଲି ଭୁବନଚନ୍ଦ୍ର ଚରଣ ତୋହୋର ।
ଶରଭଙ୍ଗ ଆଶ୍ରମକୁ ଯାଅ ବେଗ ହୋଇ
ମୋତେ ଆଜ୍ଞା ଦିଅ ମୁହିଁ ସ୍ୱର୍ଗକୁ ଯିବଇଁ ।
କହୁଁ କହୁଁ ବିମାନ ପ୍ରବେଶ ହୋଏ ଆସି
ରାମ ଆଜ୍ଞା ପାଇ ସେ ବିମାନେ ଗଲା ବସି ।
ଉପଦର୍ପ ଦେଖି ଗୋ ତେଜିଲେ ସେହୁ ବନ
ଶରଭଙ୍ଗ ଆଶ୍ରମକୁ କଲେ ସେ ଗମନ ।
ଦେଖ ଶରଭଙ୍ଗର ଗୋ ତପସ୍ୟାର ଫଳ
ସ୍ୱର୍ଗକୁ ନେବାକୁ ଆସିଥିଲେ ଆଖଣ୍ଡଳ । ୨୬୫।
ଏମନ୍ତ ସମୟେ ରାମ ହୋଇଲେ ପ୍ରବେଶ
ଦେଖିଲେ ଇନ୍ଦ୍ରର ରଥ ରହିଛି ଆକାଶ ।

ଇନ୍ଦ୍ର ଉଭା ହୋଇଅଛି ଆଶ୍ରମ ଦୁଆରେ
ଉଭା ହୋଇଛନ୍ତି ପାଦ ନ ଦେଇ ଭୂମିରେ ।
ଏମନ୍ତ ସମୟେ ରାମ ଲକ୍ଷ୍ମଣଙ୍କୁ ଚାହିଁ
ଏହିଠାରେ ତୁମ୍ଭେ ଥାଅ ଲକ୍ଷ୍ମଣ ବୈଦେହୀ ।
ଦେଖଇ ମୁଁ ଇନ୍ଦ୍ରକୁଁ କହଇ ଏହୁ ଆନ
ଏତେ ବୋଲି ଆଶ୍ରମକୁ କଲେ ଗୋ ଗମନ ।
ଏଥୁଁ ଅନନ୍ତରେ ଶରଭଙ୍ଗ ମହାମୁନି
ଜାଣିଛନ୍ତି ଅନନ୍ତ ପରମ ଭାଗ୍ୟ ଜ୍ଞାନୀ । ୨୭୦ ।
ରାମର ଗମନ ମୁନି ଜାଣିଛନ୍ତି ଚିତ୍ତେ
ବାଟ ଚାହିଁଛନ୍ତି ମୁନି ଦର୍ଶନ ନିମନ୍ତେ ।
ଏମନ୍ତ ସମୟେ ରାମ ପ୍ରବେଶ ହୋଇଲେ
ମୁନିପାଦେ ଶିର ଦେଇ ଭୂମିରେ ଶୋଇଲେ ।
ଶରଭଙ୍ଗ ମୁନି ରାମ ରୂପକୁ ଚାହିଁଲେ
ସଂସାର କଳୁଷ ମୁନି ନିମିଷେ ହରିଲେ ।
ବୋଇଲେ ଶ୍ରୀରାମ ତୋତେ ଦେଖିବାର ପାଇଁ
ବାଟ ଚାହିଁ ବସିଅଛି ସ୍ୱର୍ଗକୁ ନ ଯାଇ ।
ଶରଭଙ୍ଗ ମୁନିଙ୍କର ଆହରଣୀ (ଶି) ଯେତେ
ଅଗ୍ନିରେ ପଶିଲେ ଯାଇ ଦହନ ନିମନ୍ତେ । ୨୭୫ ।
ଅନ୍ତକାଳେ ନାମ ଯାର ସୁମରିଲେ ବାରେ
ନ ହୋଏ ଜନମ ମୃତ୍ୟୁ ଏ ଭବସଂସାରେ ।
ଯାହାକୁ ଚିନ୍ତନ୍ତି ମୁନି ହୃଦୟକମଳେ
ତାହାକୁ ଦେଖିଲି ମୁହିଁ ପ୍ରାଣତ୍ୟାଗକାଳେ ।
ରାମ ରାମ ସୁମରି ଚାହିଁଇ ରାମମୁଖ
ଶରୀର ସଙ୍ଗତେ ସେ ବହିଲେ ସର୍ବସୁଖ ।
ରାମ ରୂପଦର୍ଶନେ ନିର୍ମଳବପୁଃ ପାଇ
ହଂସଯାନ ବିମାନେ ବସିଲେ ମନ ଯାଇ ।

ମୁନିବର ପୁରନ୍ଦର ଏକ ସଙ୍ଗେ ଗଲେ
ଇନ୍ଦ୍ରମୁଖ ଚାହିଁ ମୁନି ଏମନ୍ତ ବୋଇଲେ । ୨୮୦ ।
ଯାଅ ତୁମ୍ଭେ ପୁରନ୍ଦର ଅମର ଭୁବନ
ଶ୍ରୀ ରାମଦର୍ଶନେ ବ୍ରହ୍ମ ଲୋକେ ମୋର ସ୍ଥାନ ।
ଆଦିତ୍ୟମଣ୍ଡଳ ଭେଦି ଗଲେ ମୁନିବରେ
ହରଷେ ରହିଲେ ଯାଇଁ ପରମ ସ୍ଥାନରେ ।
କହେ ଦ୍ୱିଜ ଗୋବିନ୍ଦ ଶ୍ରୀରାମ ଶ୍ରୀପଦ୍ମରେ
ଚରଣ ବିଚ୍ଛେଦ ନ କରିବୁ ଶ୍ରୀପଦ୍ମରେ ।୨୮୩।

---

ତହୁଁ ଯାଇଁ ପ୍ରବେଶ ଗୋ ଅଗସ୍ତି-ଆଶ୍ରମେ
ଦିଗାନ୍ତ ପୁରୁଷ ଅଛି ଅଗ୍ନିହୋତ୍ର ଧୂମେ (ନାମେ ?) ।୧।
ଶ୍ରୀରାମ ବଚନେ ଶିଷ୍ୟମାନେ ଗଲେ ଧାଇଁ
ଅଗସ୍ତି ମୁନିଙ୍କ ଆଗେ କହିବାର ପାଇଁ ।୨।
ଆସି ରାମ ଲକ୍ଷ୍ମଣ ସୀତାୟା ମହାସତୀ
ଆଜ୍ଞା ଦେଲେ ଆସିବେ ସେ ଉଭାହୋଇଛନ୍ତି ।୩।
ଶୁଣି ମୁନିବର ଗୋ ଗଲେକ ଧାଡ଼କାରେ
ବିଧିମତେ ତିନି ଜଣେ ଦଣ୍ଡବତ କରି ।୪।
କର ଧରି ତୋଳିଲେ ଅଗସ୍ତି ତପସ୍ୱୀ ।୫।
ରାମଙ୍କୁ ସଙ୍ଗତେ ଘେନି ଆଶ୍ରମକୁ ଗଲେ
ବିଧିମତେ ଅଗସ୍ତି ଅତିଥି ପୂଜା କଲେ ।୬।
ଯେତେ ରୂପେ କହିଲେ ଅଗସ୍ତି ମୁନିବର
କି ଅବା କହିବ କେତେ ବୁଦ୍ଧି ଗୋ ମୋହୋର ।୭।
ମଣିଗଣ-ଖଞ୍ଜଣି ବଚନ ମହାଧନୁ
ରାମଙ୍କୁ ଦେବାକୁ ମୁନି ଆଣିଲେ ଭୁବନୁଁ ।୮।
ରାମଚନ୍ଦ୍ର ଶ୍ରୀ କରେଣ ଧନୁ ନେଇ ଦେଲେ
ଅକ୍ଷୟ ତୂଣ ଦେଇ ସେ ଏମନ୍ତ ବୋଇଲେ ।୯।

ମହାଧନୁ ପୁରନ୍ଦର ଦେଇଗଲେ ଆଣି
ତୋହୋର ହସ୍ତରେ ଦେବା ପାଇଁ ନୃପମଣି । ୧୦ ।
ପୃଥିଭର ନାଶିବାରେ ଜାତ ମାନବରେ
ଏ ଧନୁ ଅକ୍ଷୟତୂଣ ଦେଲି ଆଣି ତୋରେ ।
ବୁଦ୍ଧିବଳ ଉପାୟ ସକଳ ମୁନି କହି
ମୁନିର ନିକଟେ ରାମ କିଛୁ ଦିନ ରହି ।
ଅଗସ୍ତି ମୁନିଙ୍କ ଆଜ୍ଞା ମାଗି ରଘୁମଣି
ପଞ୍ଚବଟୀ ବନରେ ରହିଲେ ସୁସ୍ଥ ଜାଣି ।
ସୂର୍ପଲେଖା ଏକ ଦିନେ ଅରଣ୍ୟ ଭିତରେ
ଭ୍ରମନ୍ତେ ପ୍ରବେଶ ପଞ୍ଚବଟୀ ବନସ୍ତରେ ।
ଯେଉଁଠାରେ ଗୃହ କରିଛନ୍ତି ରଘୁମଣି
ସେଠାରେ ହୋଇଲା ଯାଇ ରାବଣ ବହେଣୀ ।୧୫।
ବୋଇଲା ଏ ଅରଣ୍ୟରେ ନିବାସ କାହାର
ଦେଖିବା ନିମନ୍ତେ ନାରୀ ଗଲା ଧୀର ଧୀର ।
ଦୂରରୁଁ ଦେଖିଲା ବଳେ ଶ୍ରୀରାମ ଲକ୍ଷ୍ମଣ
ବାମ କରେ କୋଦଣ୍ଡ ଦକ୍ଷିଣେ ତୀକ୍ଷ୍ଣ ବାଣ ।
ମଦନମୋହନ ମନ (ନ ?) ମୋହନ ମୂରତି
ତେଜରେ ସକଳ ଦିଗ ପ୍ରକାଶ ଦିଶନ୍ତି ।
ସୀତା ବସିଛନ୍ତି ରାମ ବାମ ପାରୁଶରେ
ଶରଦ ଚନ୍ଦ୍ରମା ଦିଶେ ନିର୍ମଳ ମେଘରେ ।
ମନେ ବିଚାର କରଇ ରାବଣ ବହେଣୀ
କେ ଅବା ହୋଇବ ମୁଁ ତ ନ ପାରିଲି ଜାଣି । ୨୦ ।
ଯାହା ଶୁଣିଥିଲି ପଞ୍ଚବଟୀ ବନସ୍ତରେ
ବାସ କରିଛନ୍ତି ଦଶରଥର କୁମରେ ।
ସୀତାଯାହିଁ ସଙ୍ଗତରେ ଅଛନ୍ତି ଗୋ ଭାଇ
ତାହାଙ୍କ ବାହାରେ ଅନ୍ୟ ସର୍ବଥା ନୁହଇ ।

ରାମଲକ୍ଷ୍ମଣଙ୍କୁ ଯହୁଁ ଦେଖିଲା ନୟନେ
ବୋଇଲା ପ୍ରାପତ ମୋତେ ହୋଇବ କେସନେ ।
କେମନ୍ତେ ସୁରତକ୍ରୀଡ଼ା କରିବି ଏକାନ୍ତେ
ଏତେ ବୋଲି ଅସୁରୀ ବିଚାର କଲା ଚିତ୍ତେ ।
ଏତେ ବୋଲି ରାକ୍ଷସୀ ସ୍ୱରୂପ ଦୂର କରି
ହୋଇଲା ଶରୀର ଯେସନ୍ତେ ସ୍ୱର୍ଗର ସୁନ୍ଦରୀ ।୨୫।
ଖୋପାରେ ମୁକୁତାଜାଲି ଶିରେ ସୀମନ୍ତିନୀ
ନାନାରତ୍ନେ ଖଞ୍ଜିଅଛି ଲଲାଟେ ବନ୍ଧନୀ ।
କର୍ଣ୍ଣକଣ୍ଠୀ କର୍ଣ୍ଣଫୁଲ ତାଟଙ୍କ କର୍ଣ୍ଣରେ
ଭୁଜେ ବାହା ବାହୁଟୀ ପଦକ ହୃଦୟରେ ।
ବଚିତ୍ର ବନ୍ଧନ କରିଅଛି ଆଭରଣ
ପୟରେ ନୂପୁର ତାର ବାଜେ ରୁଣଝୁଣ ।
ବଚିତ୍ର ମୁକ୍ତା ଖଞ୍ଜିଅଛି ନାସାତଟେ
ସ୍ୱର୍ଗର ସୁନ୍ଦରୀ ପ୍ରାୟେ ହୋଇଛି କପଟେ ।
ମଦନ ବାଣରେ ମନ ହେଉଅଛି ଛନ୍ନ
ଲଙ୍କା ଭୟ ଛାଡ଼ି ନାରୀ କରଇ ଗମନ । ୩୦ ।
ଯେଣେ ରାମଚନ୍ଦ୍ର ଯହିଁ ଲକ୍ଷ୍ମଣ ସହିତେ
ସେଠାବରେ ସୂପଲେଖା ମିଳିଲା ତ୍ୱରିତେ ।
ଦେଖି ରାମ ଲକ୍ଷ୍ମଣ ବିଚାର କଲେ ଚିତ୍ତେ
କାହାର ଯୁବତୀ ଆସୁଅଛି କି ନିମନ୍ତେ ।
କେ ଅବା ବଳେ ହରଣ କରୁଥିଲା ବନେ
କହିବାକୁ ଆସୁଅଛି ଆମ୍ଭ ସନ୍ନିଧାନେ ।
କେ ଅବା ଅନ୍ୟାୟ ଇଚ୍ଛା କରିଛି ବନରେ
କାହ୍ନେ ତାର ଛେଦିବି ତ୍ୱରିତେ ଘୋର ଶରେ
କି ଅବା କେଉଣ ଜନ ଅଛି ପଠାଇ
ଆମ୍ଭଙ୍କୁ ଦୂତ ବଚନ କହିବାର ପାଇଁ ।୩୫।

କାହାର ଯୁବତୀ କିବା କାହାର କୁମାରୀ
କି ନିମନ୍ତେ ଆସୁଅଛି ମନେ କି ବିଚାରି ।
କଥା ହୋନ୍ତେ ନିକଟରେ ହୋଇଲା ପ୍ରବେଶ
ନାନା ଆଭରଣ ହୋଇ ହୋଇଛି ସୁବେଶ ।
ଆଗେ ଯାଇଁ ଉଭା ଯହୁଁ ହୋଇଲା ଯୁବତୀ
ସୀତମ୍ୟାଙ୍କୁ ଚାହିଁଣ ବୋଲନ୍ତି ରଘୁପତି ।
ଉଠ ଗୋ ସୀତମ୍ୟା ଯାଅ ତାହାଙ୍କ ପାଶକୁ
କୁଶଳ ପ୍ରସଙ୍ଗ କଥା ପଚାର ତାହାଙ୍କୁ ।
କାହାର କୁମାରୀ କିବା ଯୁବତୀ କାହାର
ଆମ୍ଭର ପଚାରିବା ଗୋ ନୁହଇ ସୁନ୍ଦର ।୪୦।
ଯୁବତୀଙ୍କି ଯୁବତୀ ପଚାରି ଆସ ଯାଇଁ
ଯାହା ସେ କହିବେ ମୋତେ କହ ବେଗ ହୋଇ ।
ଶୁଣି କରି ସୀତମ୍ୟା ଉଠିଲେ ଧାଡିକାରେ
ପ୍ରବେଶ ହୋଇଲେ ସୂପଲେଖାର ଆଗରେ ।
ସୀତମ୍ୟା ବୋଲନ୍ତି ଶୁଣ ଶୁଣ ଗୋ ସୁନ୍ଦରି
କି ନିମନ୍ତେ ଆସିଅଛ କହିବା ବିଚାରି ।
ସୂପଲେଖା ବୋଇଲା ମୁଁ କହିବ ସେଠାରେ
ସୀତମ୍ୟା ବୋଇଲେ ଆସି କହ ଧାଡିକାରେ ।
ସୂପଲେଖା କହଇ ଶ୍ରୀରାମ ମୁଖ ଚାହିଁ
ଶୁଣ ତୁ ଶ୍ରୀରାମ ମୁଁ ଅଇଲି ଯହିଁ ପାଇଁ ।୪୫।
ତୁଇ ଭାଇ ଅଛ ତୁମ୍ଭେ ଅରଣ୍ୟ ଭିତରେ
ତୁମ୍ଭର ଭାରିଯା ସୀତା ଅଛି ନିକଟରେ ।
ଆଜ୍ଞା ଦେଲେ ଭଜିବ ମୁଁ ଘରଣୀ ପ୍ରକାରେ
ଏହିପାଇଁ ଅଇଲି ମୁଁ ଶୁଣ ରଘୁବୀରେ ।
ଶୁଣି ରାମ ହସିଲେ ବସନ ମୁଖେ ଦେଇ
ହସି ହସି ଲକ୍ଷ୍ମଣଙ୍କୁ କହନ୍ତି ଅନାଇଁ ।

ସୂପଲେଖା ଚରିତ ଜାଣିଲେ ବେନି ଭାଇ
କହନ୍ତି ଏକ ଆରକେ ପରିହାସ ହୋଇ ।
ଭଲ ଭାରିଯାଏ ବାବୁ ପାଇଲୁ ବନରେ
ବନକାଳ ବଞ୍ଚିବୁ ତୁ ହରଷ ମନରେ ।୫୦।
ଲକ୍ଷ୍ମଣ ବୋଲନ୍ତି ରେ ଯୁବତି ହେଲୁ ବାଇ
ସେବକର ଘରଣୀ ହୋଇବୁ କାହିଁ ପାଇଁ ।
ଭୃତ୍ୟଜନ ହିନା ମୁଁ ଗୋ ଶ୍ରୀରାମ ଅଏତ
ମୋହୋର ଆଏତ ଗୋ ନୁହଇ ମୋର ଚିତ୍ତ ।
ଯେଉଁ ଆଜ୍ଞେ ପେଷିବେ ମୁଁ ସେହି ଆଜ୍ଞେ ଯିବ
ଯହିଁ ଆଜ୍ଞା ଦେବେ ମୁହିଁ ସେହିଠାବେ ଥିବ ।
କାହାର ନିକଟେ ତୁ ଗୋ ରହିବୁ ସୁନ୍ଦରି
ଏ କଥା କିପାଇଁ ତୁ ଗୋ ନ କହୁ ବିଚାରି ।
ଶ୍ରୀରାମର ଯେବେ ତୁ ଗୋ ହୋଇବୁ ଘରଣୀ
ନିଶ୍ଚୟ ହୋଇବୁ ତୁ ଗୋ ମୋର ଠାକୁରାଣୀ ।୫୫।
ଏବେ ଯାଇଁ ଭଜ ତୁ ଗୋ ଶ୍ରୀରାମପୟରେ
ଶ୍ରୀରାମଙ୍କୁ ମଣାଇବୁ ବିବିଧ ପ୍ରକାରେ ।
ଲକ୍ଷ୍ମଣ ବଚନ ଶୁଣି ସୀତ୍କାର କଲା
ହେଉ ବୋଲି ହସି ରାମ ବଦନ ଗ୍ରହିଁଲା ।
ହସି ରାମ ବୋଲନ୍ତି ତୁ ଶୁଣ ରେ ତରୁଣି !
ଲକ୍ଷ୍ମଣ ବଚନ ସବୁ କହିଲା ନ ଜାଣି ।
ଲକ୍ଷ୍ମଣର ସଙ୍ଗତରେ ନାହିଁ ନା ଯୁବତୀ
ସୁକୁମାର ସୁନ୍ଦରକୁ କର ଯାଇଁ ପତି ।
ଏକା ହୋଇ ହରଷରେ ହୋଇବ ତୋ ଘର
ସପତ୍ନୀ ଦୁଃଖ ଆଉ ନ ଥିବ ମନର ।୬୦।
ଲକ୍ଷ୍ମଣ ବୋଇଲେ ମନେ ଆନ ନ ଧରିବୁ
ଠାକୁରାଣୀ ଛାଡି କାହିଁ ସେବକୀ ହୋଇବୁ ।

ଶୁଣି ହସି ରାମଙ୍କୁ ଚାହିଁଲା ବାଙ୍କ କରି
ଶୁଣି ରାମ ହସିଣ ବୋଇଲେ ବାଙ୍କ କରି ।
ପ୍ରତ୍ୟକ୍ଷେ ଦେଖୁଛୁ ମୋ ଭାରିଯା ଅଛି ସୀତା
ସପତଣୀ ବୋଲେ ଗୋ ମଣଇ କଷପିତା ।
ମୋହୋର ନିକଟେ ନ ରହିବ କଦାଚତେ
ସପତ୍ନୀ-ଦୁଃଖ ତୁ ଗୋ ସହିବୁ କେମନ୍ତେ ।
ଶ୍ରୀରାମ ବଚନ ଶୁଣି ସୀତାହିଁ ହସିଲେ
ଏମନ୍ତ ନିର୍ଲଜ କାହୁଁ ଅଇଲା ବୋଇଲେ ।୬୯।
ସୂପଲେଖା ବୋଲଇ ତୁ ଶୁଣ ରଘୁବୀର
ସୀତାଯୁ କଥାକୁ ଭୟ ନ କର ମନର ।
ସୀତାଯୁଙ୍କୁ ମାରି ତାର ଭକ୍ଷିବ ଶରୀର
ଭୟ ଛାଡି ବିହାର କରିବା ରଘୁବୀର ।
ଏତେ କହି ନିଜ ରୂପ ଧଇଲା ସୁନ୍ଦରୀ
ଭୟଙ୍କର ବଦନ ବିକଟ ଦନ୍ତ କରି ।
ସୀତାଯୁଙ୍କୁ ନାଶିବା ନିମନ୍ତେ ଧାଇଁ ପଡି
ମହାଘୋର ଶବଦେ ଛାଡିଲା ସିଂହରଡି ।
ବିସ୍ତାର ବଦନ କରି ଧାଇଁଲା ରାକ୍ଷସୀ
ସୀତାଯୁଙ୍କୁ ଭକ୍ଷିବା ନିମନ୍ତେ ପ୍ରାଣେ ନାଶି ।୭୦।
ଶ୍ରୀରାମ ଡାକନ୍ତି ଧାଅଁ ଧାଅଁରେ ଲକ୍ଷ୍ମଣ
ବେଗେ ଧର ସୀତାଯୁର ହରୁଅଛି ପ୍ରାଣ ।
ଭୟ ପାଇ ସୀତା ଗୋ ପଶିଲେ ରାମପାଶେ
ସୀତାକୁ ଧଇଲେ ରାମ ପରମ ବିଶ୍ୱାସେ ।
ଆଜ୍ଞା ପାଇ ବେଗେ ଆସି ସୁମିତ୍ରାକୁମର
ସୂପଲେଖା କେଶ ଯେ ଧଇଲେ ଧାଡିକାର ।
କେଶ ଧରି ଭୂମିରେ ପକାଇ ନେଲେ ଟାଣି
କାହୁଁ ଆସି ପ୍ରବେଶ ହୋଇଲୁ ଚଣ୍ଡାଳୁଣୀ ।

ମାୟା ରୁପ ଧରି କାହୁଁ ଅଇଲୁ ରାକ୍ଷସୀ
ରାମନାରୀ ହୋଇବୁ ସୀତାଙ୍କୁ ପ୍ରାଣେ ନାଶି । ୭୫ ।
କପଟର ଫଳ ତୁ ପାଇବୁ ଏହିକ୍ଷଣି
ମୁଣ୍ଡି କେଶ ଆକର୍ଷି ଆଣଇ ଶିର ଝୁଣ୍ଣି ।
ନେଇ କଲା ରାକ୍ଷସୀକି ଅରଣ୍ୟ ଭିତରେ
ଛେଦିଲା ଶ୍ରବଣ ନାସା ତୀକ୍ଷ୍ଣ ଖଡ଼୍‌ଗରେ (ନାରଚରେ)
ସୂପଲେଖା ଅଇଲା ଗୋ ଭକ୍ଷିବାର ପାଇଁ
ଛେଦିଲେ ଶ୍ରବଣ ନାସା ଦେଲେ ଘଉଡ଼ାଇ ।
ସୂପଲେଖା ବିରୁପ ହୋଇଣ ତହୁଁ ଗଲା
ତ୍ରିଶିର ଖରଦୂଷଣ ଆଗରେ କହିଲା ।
ସୂର୍ଯ୍ୟବଂଶେ ଜାତ ଦଶରଥର କୁମର
ଏତେ ଶାସ୍ତି ଦେଲା ଦେଖ ବଦନ ମୋହୋର । ୮୦ ।
ସୂପଲେଖା ବଚନେ କୋପିତ ଚିତ୍ତ କଲା
ଚର୍ତୁ(ଉ)ଦ ରାକ୍ଷସ ସେନାପତି ବରଜିଲା ।
ରାମଙ୍କୁ ନାଶିବା ପାଇଁ ସମସ୍ତେ ଧାଇଁଲେ
ଶ୍ରୀରାମ ନିକଟେ ଯାଇଁ ପ୍ରବେଶ ହୋଇଲେ ।
ସୂପଲେଖା ଯାଇଥିଲା ସଙ୍ଗତେ ଗୋଡାଇ
ବେନି ଭାଇଙ୍କର ମୃତ୍ୟୁ ଦେଖିବାର ପାଇଁ ।
ଆଶ୍ରମରେ ଥାଇ ତା ଜାଣିଲେ ରଘୁବୀର
ଧନୁରେ ଚଢାଇ ବାଣ ପ୍ରହାରିଲେ ଶର ।
ଶୁଖିଲା ଅରଣ୍ୟ ଯେସନ୍ତେ ଦହଇ ଅନଳ
ଏକା ନାରଚ କେ ଭସ୍ମ ହୋଇଲେ ସକଳ । ୮୫ ।
ତାହାଙ୍କ ମରଣ ଜାଣି ସୂପଲେଖା ଗଲା
ତ୍ରିଶିର ଖରଦୂଷଣ ଆଗରେ କହିଲା ।
ସୂପଲେଖା ବଚନେ ସାଜିଲା ରଥଗଜ
ବୀରତୂର ବଜାଇ ହୋଇଲେ ସର୍ବେ ସଜ ।

ନିଶିର ଖରଦୂଷଣ ସୈନ୍ୟ ଘେନି ସଙ୍ଗେ
ଧନୁ ଟଙ୍କାରଣ ସେ ଧାଇଁଲେ ରଣରଙ୍ଗେ ।
ବାଦ୍ୟନାଦ ମୂର୍ଖସ୍ୱର ଶୁଣି ରଘୁବୀର
ବୋଇଲେ "ଲକ୍ଷ୍ମଣ ଶୁଣ ସୁମିତ୍ରା କୁମର ।
ସୀତମ୍ଭାଙ୍କୁ ଘେନି ରହିଥାଅ ଗିରିତଟେ
ଦେଖଇଁ କେ ଆସୁଅଛି ମୋହର ନିକଟେ" ।
ବଜ୍ରର କବଚ ଗୋ ଶ୍ରୀରାମ ଅଙ୍ଗେ ଦେଲେ
ଖଡ୍ଗ ଅକ୍ଷୟତୂଣ କଟିରେ ବାନ୍ଧିଲେ ।
ଧନୁରେ ଚଢାଇ ଗୁଣ ଘେନି ତୀକ୍ଷ୍ଣ(କ୍ଷ୍ଣ)ଶର
ପର୍ଣ୍ଣକୁଟୀ ଭିତରୁ ଗୋ ହୋଇଲେ ବାହାର ।
ପ୍ରଭାତ ସମୟେ ଯଥା ଯେହ୍ନେ ଦିବାକର
ତମିର (ର) ନାଶିବା ପାଇଁ ହୋଇଲେ ବାହାର ।
ଅସୁରଙ୍କ ଆଗରେ ବିଜୟେ ରାମରାୟେ
ରହିଲେ ଅଚଳ ହୋଇ ମେରୁଶୃଙ୍ଗ ପ୍ରାୟେ ।
ରାମ ତହିଁ ପଡିଲେ ଗୋ ସବୁଙ୍କର ଦୃଷ୍ଟି
ଧାଇଁଣ ରାକ୍ଷସବଳ କଲେ ଶରବୃଷ୍ଟି ।
ଶରଜାଳେ ନ ଦିଶଇ ଶ୍ରୀରାମର କାୟେ
ଦେଖି ସୁରଗଣ ଗୋ ଆକାଶେ କଲେ ଭୟେ ।
ରାମ ଶରେ ସକଳ ଶହସ୍ତ୍ର (ଶସ୍ତ୍ର) ମାନ କାଟି
ରାକ୍ଷସ-ସୈନ୍ୟରେ ରାମ କଲେ ଶରବୃଷ୍ଟି ।
ନିରନ୍ତେ ଧନୁରୁ ବାହାରିଲା ଶରଧାର
ଗଜଅଶ୍ୱ ରଥୀଙ୍କର ସ୍ରବିଲା ରୁଧିର ।
ଛିଡିଲା କରଚରଣ ଶିର କଟି କନ୍ଧ
ଶତଶତ ହୋଇ ତହୁଁ ଉଠିଲା କବନ୍ଧ ।
ପୁଣି ପୁଣି ଭ୍ରମନ୍ତି ଧାମନ୍ତି ପୁଣ ପୁଣି
ରାମଙ୍କୁ ନାରାଚ ଗୋ ପେଶନ୍ତି ଧନୁ ଟାଣି ।

ରାମଶରେ ଶରୀର ହୋଇଲା ଖଣ୍ଡଖଣ୍ଡ
ପୃଥିବୀରେ ପଡ଼ିଲା ଅନେକ ମୃତପିଣ୍ଡ ।
ଭାଙ୍ଗିଲେ ରାକ୍ଷସବଳ ରାମଶରଘାତେ
ବୀରଙ୍କର ପାଶେ ଯାଇଁ କହନ୍ତି ତୁରିତେ ।
ସୈନ୍ୟଭଙ୍ଗ ଦେଖିଣ ଧାଆନ୍ତି ତିନି ବୀରେ
ପ୍ରବେଶ ହୋଇଲେ ଯାଇଁ ଶ୍ରୀରାମ ଆଗରେ ।
ଅସଂଖ୍ୟ ପେଷିଲେ ବାଣ ଶ୍ରୀରାମ ଉପରେ
ଜଳ ବୃଷ୍ଟି କରଇ ଯେସନେ ଗିରିବରେ ।
ପୁଣି କୋପଭରେ ରାମ ପ୍ରହାରିଲେ ଶର
ଛେଦିଲେ ସକଳ ବାଣ ସାରଥିଙ୍କ ଶିର । ୧୦୫ ।
ଶରଘାତେ ଛେଦିଲେ ଅସୁରଙ୍କ ପିଣ୍ଡ
ଛେଦିଲେ ସକଳ ରଥ କରି ଖଣ୍ଡ ଖଣ୍ଡ ।
ପାଦଗତି ହୋଇଲେ ଅସୁର ତିନିଜଣ
ସୀତାପତି ସଙ୍ଗତେ କରନ୍ତି ଘୋର ରଣ ।
ରାମଚନ୍ଦ୍ର ଶରେ ତିନି ଅସୁରଙ୍କ ଶରେ
ଦିନମଣି ଅଦୃଶ୍ୟ ହୋଇଲେ ଆକାଶରେ ।
ତାହାଙ୍କର ଶର ନାଶ କରି ରଘୁବୀର
ପୁଣି ବାଣ ପ୍ରହାରିଲେ ରାକ୍ଷସ ଉପର ।
ଦେଖିଲେ ଶ୍ରୀରାମ ବାଣ ଆସୁଛି ପ୍ରଚଣ୍ଡ
ତୁରିତେ ରାକ୍ଷସ ତାହା କଲେ ଖଣ୍ଡ ଖଣ୍ଡ ।୧୧୦।
ପୁଣି ବାଣ ପ୍ରହାରିଲେ ଶ୍ରୀରାମ ଉପରେ
ଆସନ୍ତେ ନାରାଚ ରାମ ଛେଦି ଧାଡକାରେ ।
ପୁଣି ରାମ ନାରାଚ ପେଷିଲେ ଭୁଜବଳେ
ତିନିଙ୍କର ଧନୁ ଛେଦି ପକାଇଲେ ତଳେ ।
ପୁଣି ରାମଚନ୍ଦ୍ର ତିନି ବାଣ ପ୍ରହାରିଲେ
କୁଣ୍ଡଳ ସହିତେ ଶିର ଛେଦି ପକାଇଲେ ।

ଯେତିକ୍ଷୁ (?) ଯୋଦ୍ଧାଏ ବଞ୍ଚି ଥିଲେ ରଣ ଶେଷ
ପଳାଇ ଅରଣ୍ୟେ ଯାଇଁ ହୋଇଲେ ପ୍ରବେଶ ।
ଅନେକ ରାକ୍ଷସ ବଳ ସଂଗ୍ରାମେ ସଂହାରି
ତ୍ରିଶିରା ଖର ଦୂଷଣ ରଣେ ପ୍ରାଣେ ମାରି ।୧୧୫।
ବାହୁଡି ବିଜୟୀ ଆସି ହେଲେ ପଞ୍ଚବଟୀରେ
ସୀତାଙ୍କୁ ଲକ୍ଷ୍ମଣ ଆସି ପ୍ରବେଶ କୁଟୀରେ ।
ଦେଖିଲା ଖର ଦୂଷଣ ତ୍ରିଶିରା ନିଧନ
ସୂର୍ପଣଖା ଅତି ଦୁଃଖେ କରଇ ଗମନ ।
ତହୁଁ ସୂର୍ପଣଖା ଗଲା ଲଙ୍କା ଭୁବନକୁ
ସକଳ ବୃତ୍ତାନ୍ତ ସେ କହିଲା ରାବଣକୁ ।
ତ୍ରିଭୁବନେ ବିଜୟୀ ରାବଣ ଯାର ଭାଇ
ମନୁଷ୍ୟ ମାନଙ୍କ ମୋତେ ଏତେ ଶାସ୍ତି ଦେଇ ।
ଶ୍ରୀରାମ ଲକ୍ଷ୍ମଣ ଦଶରଥର କୁମରେ
ଛେଦିଲେ ଶ୍ରବଣ ନାସା ବିନା ଅପ୍ରାଧରେ ।୧୨୦।
ଚଉଦ ସହସ୍ର ସୈନ୍ୟ ସଂଗ୍ରାମେ ସଂହାରି
ତ୍ରିଶିରା ଖର ଦୂଷଣ ଏଙ୍କୁ ପ୍ରାଣେ ମାରି ।
ରାବଣ ବୋଲଇ ପଞ୍ଚବଟୀ ବନସ୍ତରେ
ଅଛନ୍ତି ସେ ବେନି ଭାଇ କେମନ୍ତ ପ୍ରକାରେ ।
କେ ଅବା ସଙ୍ଗ ସାରଥି ଅଛନ୍ତି ତାଙ୍କର
କେଡ଼େ ଯୁଦ୍ଧ ଧନୁ ତାର କେଡ଼େ ବଳିଆର ।
ସୂର୍ପଣଖା ବୋଲଇ ତାଡ଼କୀ ମାରିଥିଲା
ପୂର୍ବେ ତୋତେ ସେ କଥା ତ ମାରିଚ କହିଲା ।
ଇନ୍ଦ୍ରଜିତ ସଙ୍ଗେ ରଣ ନ ପାରିବ କରି
ରୂପେଣ ମଦନ ତାକୁ ନୋହିବ ନା ସରି ।୧୨୫।
ଭାଇ ତାର ଲକ୍ଷ୍ମଣ ଗୁଣରେ ଗୁଣମଣି
କରଇ ରାମଙ୍କୁ ସେବା ଭକ୍ତ ଧର୍ମ ଜାଣି ।

ଭାରିଯା ତାହାର ସୀତା ଜନକକୁମାରୀ
ତ୍ରିଭୁବନେ ନାହିଁ ଆଉ ଏମନ୍ତ ସୁନ୍ଦରୀ ।
ଉମା କି କମଳା କିବା ବେଦବର ନାରୀ
ଅନଙ୍ଗ ଯୁବତୀ ରତି ନୋହେ ତାକୁ ସରି ।
ସୂପଲେଖା ବଚନ ଶୁଣିଣ ଦଶଶିର
ଛନ ଛନ ମନ କାମେ କମ୍ପଇ ଶରୀର ।
ଉଠଇ ବସଇ ମୁଖ ଶୁଖାଇ ତାହାର
ତେଜିଲା ସକଳ ସୁଖ ଶୟନ ବିହାର ।୧୩୦।
ଭୋଜନ ଶୟନେ ଏକା ଭାବୁଥାଏ ସୀତା
ବିପତ୍ତି ନିକଟେ ବାମ ହୋଇଲା ବିଧାତା ।
ଯେତେବେଳେ ପ୍ରାଣୀଙ୍କି ଛାଡ଼ଇ ଭଗବାନ
ବିପତ୍ତି କଥାକୁ ତାର ଭାବୁଥାଇ ମନ ।
କାହାର ଆୟୁତ ଗୋ ନୁହଇ ଭଲ ମନ୍ଦ
ବିଷକୁ ଅମୃତ ଗୋ ମଣିଲା ଦଶକନ୍ଧ ।
ସାରଥିଙ୍କି ବୋଇଲା ବିମାନ ବେଗେ ଆଣ
ବିମାନରେ ପୂରେଇ ଖଡ଼ଗ ଧନୁର୍ବାଣ ।
ଆଜ୍ଞା ପାଇ ସାରଥି ବିମାନ ନେଇ କଲା
ବିମାନରେ ବସିବାକୁ ଦଶମାଥ ଗଲା ।୧୩୪।
ଗମନ୍ତେ ମକୁଟ ତାର ବାଜିଲା ସ୍ଥଳରେ
ଚରଣ ହାବୋଡ଼ିଲା ସେ ବିମାନ ପାଖରେ ।
ଯହିଁ ତୁହି କରିଅଛି ମାରୀଚ ସନ୍ୟାସ
ତହିଁ ଯାଇଁ ଲଙ୍କପତି ହୋଇଲା ପ୍ରବେଶ ।
ରାବଣକୁ ଦେଖିଣ ମାରୀଚ ଅତି ବେଗେ
ହେଲା·କର ଯୋଡ଼ି ଉଭା ରାବଣର ଆଗେ ।
ବୋଇଲା କି ନିମନ୍ତେ ବିଜୟ ଦଶଶିର
ଆଜ୍ଞା ଦେବା କି କାର୍ଯ୍ୟ ମୁଁ କରିବି ତୁମ୍ଭର ।

ରାବଣ ବୋଇଲା ତୁ ଯେ ପରମ ବିଶ୍ୱାସ
ତୋର ବାହୁବଳକୁ ସର୍ବଦା ମୋର ଆଶ ।୧୪୮।
ପଞ୍ଚବଟୀ ବନେ ରହି ଶ୍ରୀରାମ ଲକ୍ଷ୍ମଣ
ଛେଦିଲେ ସୂପଲେଖାର ନାସିକା ଶ୍ରବଣ ।
ଚଉଦ ସହସ୍ର ଘୋର ଅସୁରଙ୍କ ନାଶି
ତ୍ରିଶିରା ଖର ଦୂଷଣ ସର୍ବବଳ ଧ୍ୱଂସି ।
କର୍ଣ୍ଣରେ କି ଶୁଣି ନାହିଁ ମୋହର ମହିମା
ନ ପଳାଇ ରହିଅଛି ଏମନ୍ତ ଗରିମା ।
ତୁହି ଯେବେ ସାହା ମୋତେ ହୋଇବୁ ରାକ୍ଷସ
ରାମର ଭାରିଯା ସୀତା ହରିବ ଅବଶ୍ୟ ।
ମାରୀଚ ତୁ ସମସ୍ତ ଶରୀର ହୋଇ ପାରୁ
ହୋଇବି ସନ୍ତୋଷ ଯଦି ମୋର କାର୍ଯ୍ୟ କରୁ ।୧୪୯।
କନକ ମୃଗ ସ୍ୱରୂପ ହୋଇ କରି ଯିବୁ
ରାମ ସୀତାଙ୍କର ଆଗେ ପ୍ରବେଶ ହୋଇବୁ ।
ରାମ ତ ଆସିବ ତୋତେ ମାରିବାର ପାଇଁ
ଶୂନ୍ୟଗୃହେ ସୀତାଙ୍କୁ ଆଣିବ ହେରାଇ ।
ରାବଣର ବଚନେ ମାରୀଚ କହେ ବାଣୀ
ନାଶକୁ ଉପାୟ ରାଜା ଭିଆଇଲୁ ଆଣି ।
ଶ୍ରୀରାମର ମହିମା କି କର୍ଣ୍ଣେ ଶୁଣି ନାହିଁ
ସମ୍ପତ୍ତି ନାଶନ ବୁଦ୍ଧି ପାଇଅଛ କାହିଁ ?
ଯଜ୍ଞ ରଖିବାର ପାଇଁ ବିଶ୍ୱାମିତ୍ର ମୁନି
ବାଳକାଳେ ବନକୁ ଆଣିଲେ ଭାଇ ବେନି । ୧୫୦ ।
ତାଡ଼କା ଅସୁରୀ ପ୍ରାଣ ଗଲା ରାମଶରେ
ପେଷିଲା ହାବୁଡ଼ା ଶର ମୋହର ଉପରେ ।
ବାଣଘାତେ ଉଡ଼ିଲି ପବନେ ତୁଳା ପ୍ରାଏ
ଅନେକ ଯୋଜନେ ଆସି ପଡ଼ିଲି ମୋ କାଏ ।

ଇନ୍ଦ୍ର ଯମ ବରୁଣ କୁବେର କଲୁ ଜୟୁ
ନ ଦେଖିଲି ଧନୁର୍ଦ୍ଧର ଶ୍ରୀରାମ ପରାୟୁ ।
ମୋହୋର ବଚନ ହିତ କରି ଯେନ ଚାହେ
ବାହୁଡି ଲଙ୍କାରେ ଭୋଗ କର ତୁ ନିଶ୍ଚିନ୍ତେ
ମାରୀଚ ବଚନେ ପୁଣ କହଇ ରାବଣ
ତୁ ମୋର ପରମହିତକର ମୋତେ ଶୁଣ । ୧୫୫ ।
କର ଉପକାର ମୋର ମୃଗ ରୂପ ଧରି
ତୋହୋର ବୁଦ୍ଧିରେ ସୀତା ହୋଇବ ମୋ ନାରୀ ।
ତୋତେ ନାଶିବାକୁ ସେ ସେ ଭଜନ ନୁହଇ
ଧନୁଶର ଯେନି ମୁଁ ସେ ଥିବଇଁ ତୋ ପାଇଁ ।
ମାରୀଚ ବୋଇଲା ଲଙ୍କା କରିବୁ ତୁ କ୍ଷୟ
ବଲେଲିତ କହୁଛୁ ବାତୁଳ (ବାଣୀ) ପ୍ରାଣୀ ପ୍ରାୟ ।
ରାମ ଯେବେ ବସୁରିବ ନାଶିବ ପାତାଳ
ଏକା ନାରାଚକେ ନାଗ ନାଶିବ ସକଳ ।
ପାରଇ ଶୁଖାଇ ବାଣେ ସପତ ସାଗର
ବାଣରେ ପାରଇ ଛେଦି ପୁରନ୍ଦର ପୁର ।୧୬୦ ।
କୁଳ ଗୋତ୍ର ସହିତେ ରାବଣ ନୋହି ନାଶ
ମୋହର ବଚନେ ଯାଇଁ ଲଙ୍କାଗଡେ ପଶ ।
ରାବଣ ବୋଇଲା ମୋର ବଚନେ ନ ଯାଉ
ରାମର ମହିମା କହି ମୋହରେ ଡରାଉ ।
ଭାଇ କୁମ୍ଭକର୍ଣ୍ଣ ମୋର ପୁତ୍ର ଇନ୍ଦ୍ରଜିତ
ପୁତ୍ର ନାତି ମହାରଥୀ ଅଛନ୍ତି ବହୁତ ।
ଦଶଭୁଜେ ଧନୁ ମୋର ଦଶଭୁଜେ ଶର
ସମ୍ମୁଖେ ନୁହନ୍ତି ଉଭା ଦେବତା ଅସୁର ।
ମନୁଷ୍ୟମାନଙ୍କୁ କେତେ କହୁଛୁ ବଡାଇ
କିଞ୍ଚିତ ସଂଗ୍ରାମରେ ମାରିବି ବେନି ଭାଇ । ୧୬୫ ।

ଯାଅ ହୋ ମାରୀଚ ଘେନ ମୋହୋର ବଚନ
କନକର ମୃଗ ରୂପେ ଦିଅ ଦରଶନ ।
ମାରୀଚ ବୋଇଲା ତୋର ଖାଉଅଛି ଅନ୍ନ
ନ ଭଙ୍ଗିବ ସର୍ବଥା ମୁଁ ତୋହୋର ବଚନ ।
ମୋହୋର ବଚନ ତୁ ରାବଣ ଥାଅ ଘେନ
ବୁଡ଼ିଲା ପ୍ରଳୟ ଜଳେ ଲଙ୍କାର ମେଦିନୀ ।
ମନ୍ଦୋଦରୀ ସୁନ୍ଦରୀ ତୋହର ନିଜ ନାରୀ
ସୁରନାରୀ ନାଗନାରୀ ସର୍ବ ଅପଛ (ସ) ରୀ ।
ରହିମସ୍ତୁ ପାଟେରୀ ସମୁଦ୍ର ଯାର ଖଣ୍ଡ ।୧୬୦।
କୁପଥେ ନ ଚଳ ତୁ ସର୍ବଥା ନୁହ ବଣ୍ଡ ।
ମୋହୋର ବଚନ ଏ ପରମ ହିତ ଜାଣ
ଛାଡ଼ ତୁ କୁବୁଦ୍ଧି ଲଙ୍କା ଯାଅ ତୁ ରାବଣ ।
ମାରୀଚ ବଚନ ଶୁଣି କୋପିତ ରାବଣ
ମୋହୋର ବଚନ ଭଙ୍ଗି କହୁ ପୁଣ ପୁଣ ।
ଯାଅ ବେଗେ କନକ ମୃଗ ସ୍ୱରୂପ ହୋଇ
ଆଶ୍ରମ ଛାଡ଼ି ଆସିବ ମାରିବାର ପାଇଁ ।
କେତେ ଭାବେ କାର୍ଯ୍ୟ ହୋଇ ଜାଣୁ ତୁ ସକଳ
ବିବିଧ ଉପାୟ ତୁ କରିବୁ ମହାବଳ ।
ମାରୀଚ ବୋଲଇ ଯେତେ କହୁଛୁ ବିସ୍ତର
ପାତିଲୁ ଫଳର ପ୍ରାୟ ହୋଇଲା ତୋ ଶିରୀ ।୧୬୫।
ମୃଗ ରୂପ ଧରଣ ମାରୀଚ ଗଲା ଚଳି
ରାମ ସୀତା ଲକ୍ଷ୍ମଣ ଆଗରେ ଯାଇଁ ମିଳି ।
ରୂପାର ହୋଇଛି ପେଟ କନକର ପିଠି
ବ୍ରହ୍ମଜାତି ହୀରାରେ ହୋଇଛି ଠୋପି ଠୋପି ।
ପୋହଳାରେ ନିର୍ମିତ ହୋଇଛି ଚାରି ଖୁର
ମର୍କତ ନିର୍ମିତ ଶୃଙ୍ଗ ଚକ୍ଷୁ ମାଣିକ୍ୟର ।

ନୀଳା ରତ୍ନ ପ୍ରାୟେକ ଦିଶଇ କଣ୍ଠକାନ୍ତି
ମୁକ୍ତାର ନିର୍ମଳ ହୋଇଛି ଦନ୍ତପନ୍ତି ।
ଆଗରେ ପ୍ରବେଶ ହୋଇ ମୃଗରୂପ ଧରି
ସ୍ଖଳଇ ଡାକଇ ସେ ବିବିଧ ଗତି କରି ।୧୮୦।
ରାମର ନିକଟେ ଯାଇଁ ହୋଇଲା ପ୍ରବେଶ
ପୁଣ ବନେ ପଶଇ ସେ ହୁଅଇ ଅଦୃଶ୍ୟ ।
ପୁଣି ଖୁର କଣ୍ଠମୂଳେ ଦେଇ ଖୁଜୁ କରେ
ପୁଣି ପୁଣି ଖିନ୍ନ ହୋଇ ଲିହଇ ପାଶରେ ।
ନାନା ରତ୍ନେଶ୍ୱରୀ ଯହୁଁ ହୋଇଛି ନିର୍ମାଣି
ଦେଖିଲେ ବିଚିତ୍ର ରୂପ ଜନକଦୁଲଣୀ ।
କର ଯୋଡି କହନ୍ତି ଶୁଣିମା ରଘୁମଣି
ବିଚିତ୍ର ସ୍ୱରୂପ ମୃଗ ଦିଅ ମୋତେ ଆଣି ।
ମୋରେ ଶ୍ରଦ୍ଧା ଯେବେ ଅଛି ରଘୁକୁଳ ରାଣ
ମୃଗ ଆଣି ଦିଅ ଧରୁଅଛି ଶ୍ରୀଚରଣ ।୧୮୫।
ସୀତାର ବଚନ ଶୁଣି ଦେବ ରଘୁମଣି
ବୋଇଲେ ଧଇର୍ଯ୍ୟ (ଧର) ହୁଅ ଜନକ ଦୁଲଣୀ ।
ଧନୁଶର ଧରିଣ ଗୋ ଅରଣ୍ୟକୁ ଯିବି
ମୃଗ ଧରି ଆଣି ତୋତେ ଦେବି ଗୋ ସାଧବୀ (ବି) ।
ଏତେ ବୋଲି ଧନୁରେ ଗଡାଇ ରାମ ଗୁଣ
ବୋଇଲେ ବଚନ ମୋର ଶୁଣ ହେ ଲକ୍ଷ୍ମଣ ।
ମୃଗ ମାରିବାକୁ ମୁଁ ଯେ କରୁଛି ଗମନ
ସୀତାଙ୍କୁ ରଖିଥାଅ ହୋଇ ସାବଧାନ ।
ଗଣ୍ଡା ଗଜ ଭଲ୍ଲୁକ ଯେ ବାଘ ସିଂହମାନେ
ପୂର୍ଣ୍ଣ ହୋଇଛନ୍ତି ବାରୁ ଗହନ କାନନେ ।୧୯୦।
ଦଇତ ଦାନବମାନେ ଥାନ୍ତି ଅରଣ୍ୟରେ
ସୀତାକୁ ହରିବେଟି ଦେଖିଲେ ଏକାନ୍ତରେ ।

ସାବଧାନ ହୋଇ ଥିବୁ ଘେନି ଧନୁଶର
ଦଣ୍ଡେହେଁ ନ ଛାଡ଼ିବୁ ପଦକୁଟୀ ଦ୍ୱାର ।
ଏତେ ବୋଲି ଧାଇଁଲେ ହରଷ ହୋଇ ମନେ
ଗଜ ନାଶିବାକୁ କି ପଶିଲା ସିଂହ ବନେ ।
ମାରୀଚ ଦେଖିଲା ଧାଇଁଲେ ରଘୁପତି
ମୁହିଁ ନାଶଗଲି ଗଲା ଲଙ୍କାର ସମ୍ପତ୍ତି ।
ସ୍ୱାମୀ ଆଜ୍ଞା ନମନ୍ତେ ହୋଇଲି ଆଗେ ଭସ୍ମ
ବଚନ ସ୍ୱରୂପ ମୃଗ ଦିଶୁଅଛି ଶୋଭ୍ୟ ।୧୯୫।
ମୃଗ ଦେଖି ଧାମନ୍ତେ ଗୋ ଘେନି ଧନୁଶର
ଅନେକ ଯୋଜନ ମୃଗ ହୋଇଲା ଅନ୍ତର ।
ପବନ ସମାନ ବେଗ କରି ରଘୁମଣି
ମାୟା ମୃଗ ନିକଟେ ମିଳିଲେ ଧନୁ ଟାଣି ।
ଦେଖିଲି ମାରୀଚ ରାମ ନିକଟେ ପ୍ରବେଶ
ସେହୁକ୍ଷଣି ମାୟା ମୃଗ ହୋଇଲା ଅଦୃଶ୍ୟ ।
ନାରାଚ ବସାଇ ପ୍ରହାରନ୍ତେ ଧନୁ ଟାଣି
ମାୟାମୃଗ ଆଗରେ ନ ଦେଖି ରଘୁମଣି ।
ଖୋଜନ୍ତି ବନରେ ପଶି ବିବିଧ ସ୍ଥାନରେ
ନିର୍ଝର କନ୍ଦର ନଦୀତଟମାନଙ୍କରେ ।୨୦୦।
ଶ୍ରମଝାଳ ବହିଲା ସେ ଶ୍ୟାମ କଳେବରେ
ଜଳଧାର ସ୍ରବିଲା କି ନବୀନ ମେଘରେ ।
ପୁଣି ଦୃଶ୍ୟ ହେଲା ମୃଗ ଶ୍ରୀରାମ ଆଗରେ
ଚରୁଅଛି ମାୟାମୃଗ ଯୋଜନ ଅନ୍ତରେ ।
ଧାଇଁ ରଘୁମଣି ଗୋ ମିଳିଲେ ମୃଗପାଶେ
ବିଜୁଳି ଛଟକେ ମୃଗ ମିଳିଲା ଆକାଶେ ।
ସନ୍ଧିଲେ ନାରାଚ ରାମ ଆକାଶକୁ ଚାହିଁ
ଭୂମିରେ ଚରଇ ମୃଗ ଆକାଶରେ ନାହିଁ ।

କ୍ଷଣକେ ଆକାଶେ କ୍ଷଣେ ଶୂନ୍ୟରେ ଗମଇ
କ୍ଷଣକେ ଅଦୃଶ୍ୟ କ୍ଷଣେ ଆଗରେ ଥାମଇ ।
ବଡ଼ ଶ୍ରମ ପାଇ ଦଶରଥର ନନ୍ଦନ
ବୋଇଲେ କନକମୃଗ ମୋତେ କଲା ଭ୍ରମ ।
ପୃଥିବୀ ଆକାଶ ଅନ୍ତରୀକ୍ଷ ଆଦି କରି
ଦଶ ଦିଗନ୍ତର ଗୋ ସାଗର ଯେତେ ଗିରି ।
ମନ୍ତ୍ର ପଢ଼ି ବାଣ ରାମ ବସାଇ ଧନୁରେ
ବୋଇଲେ ପଶିବ ଯହିଁ ମାରି ଧାଡ଼କାରେ ।
ସୁରାସୁର ମାନବ ଦାନବ ଯେତେ ଜନ
ରାମବାଣ ନିବାରି କେ ରଖିବ ଜୀବନ ।
ସର୍ବଜଗ ପୂରି ଗୋ ଧାଇଁଲେ ରାମ ଶର
ପଡ଼ିଲା ଅଚଳ ବାଣ ମାରୀଚହୃଦର ।
ପ୍ରାଣ ତ୍ୟାଗସମୟେ ଡାକିଲା ଘୋର ବାଣୀ
ରକ୍ଷାକର ଲକ୍ଷ୍ମଣ ମୋହୋର ଦୁଃଖ ଜାଣି ।
ପୁଣି ପୁଣି ଡାକଇ ଲକ୍ଷ୍ମଣ ରକ୍ଷା କର
ମାୟାରେ ଡାକିଲା ରାମବଚନ ଆକାର ।
ପଦକୁଟୀ ଭିତରେ ସୀତାୟା ବସିଥିଲେ
ମାୟାର ଆରତ ନାଦ ଶ୍ରବଣେ ଶୁଣିଲେ ।
ରାମର ଆରତ ପ୍ରାଏ ଶୁଭିଲା କର୍ଣ୍ଣକୁ
ଶୁଣିଲା କମଳମୁଖୀ ତରଳିଲା ବୁକୁ ।
କଦଳୀ ପଲ୍ଲବ ପ୍ରାଏ କମ୍ପିଲା ଶରୀର
ଢଳିଲେ ଭୂମିରେ ବହେ ନୟନରୁ ନୀର ।
ବୋଇଲେ ଲକ୍ଷ୍ମଣ ଏତ ରାମଙ୍କ ବଚନ
ରଖ ରଖ ଲକ୍ଷ୍ମଣ ଡାକନ୍ତି ଘନ ଘନ ।
ଦେଖ ସ୍ତ୍ରୀବୁଦ୍ଧି ମୋର କଲି ଏଡ଼େ କର୍ମ
ରାମକୁ ପେଷିଲି ବନେ ହୋଇ ମତିଭ୍ରମ ।

କେଜାଣି ପାରିବ ଅବା ଦଇବର ଗତି
ଧର୍ମମୂର୍ତ୍ତି ଶ୍ରୀରାମଙ୍କୁ ଏମନ୍ତ ଦୁର୍ଗତି ।
ପ୍ରଭାତେ ହୋଇବେ ରାଜା ଶୁଭ ଲଗ୍ନ ଦେଖି
ରାଜ୍ୟଭ୍ରଷ୍ଟ କରାଇଲେ ସାବତ ଜନନୀ ।
ଅରଣ୍ୟକୁ ପେଷିଲେ ଜୀବନେ ନ ନାଶିଲେ
ତଥାପି ଜଗତ ତାଙ୍କୁ ଭଲ ନ ବୋଇଲେ ।୧୨୦।
ମୁଁ ଏମନ୍ତ ରାମର ହୋଇଲି ଦୁଷ୍ଟ ନାରୀ
ଘୋର ବନେ ପେଷିଲି କନକମୃଗ ମାରି ।
କି ବୋଲିବେ ଜଗତେ ତୁ ଶୁଣ ହେ ଲକ୍ଷ୍ମଣ
ସୀତାଦୁର୍ବୁଦ୍ଧିରେ ରାମ ହରାଇଲେ ପ୍ରାଣ ।
ଯାବତ ଚନ୍ଦ୍ର ଆଦିତ୍ୟ ହୋଇବ ଉଦୟ
ଅଯଶ ଜଗତେ ମୋର ରହୁଛି ନିଶ୍ଚୟ ।
ଯାଅ ବେଗେ ଲକ୍ଷ୍ମଣ ସ୍ୱାମୀଙ୍କି ଦେଖିଆସ
କେବଣ ଦାନବ ରଣେ କରୁଅଛି ନାଶ ।
ତାହାକୁ ସଂଗ୍ରାମେ ମାରି ଆସ ବେନି ଭାଇ
ନୋହିଲେ ତେଜିବ ପ୍ରାଣ ଅଗ୍ନିରେ ସମ୍ଭାଇ ।୧୨୫।
ଉଠ ଉଠ ଲକ୍ଷ୍ମଣ ତୁ ବିଳମ୍ବ ନକର
ବୋଲୁ ବୋଲୁ ବୁଡୁଅଛି ଚେତନା ମୋହୋର ।
ଲକ୍ଷ୍ମଣ କହଇ ଶୁଣ ସାଧ୍ୱୀ ଉତ୍ତମ
ତୋର ରକ୍ଷା ନିମନ୍ତେ ଛୁହାଇ ଗଲେ ରାମ ।
ଅରଣ୍ୟରେ ଯଦି ଛାଡିକରି ଯିବି ତୋତେ
କରୁଣାସାଗର ଭଲ ବୋଲିବେ କି ମୋତେ ।
ସ୍ୱାମୀଙ୍କି ନ କର ଚିନ୍ତା ଜନକନନ୍ଦିନୀ
ଏହିକ୍ଷଣି ଆସିବେ କନକମୃଗ ଘେନି ।
ରାମଙ୍କୁ ଆଶଙ୍କା ଯାହା କରୁଅଛ ମନେ
ରାମଙ୍କୁ ନାଶିବା ପାଇଁ ନାହିଁ ତ୍ରିଭୁବନେ ।୧୩୦।

ସୀତାୟୀ ବୋଲନ୍ତି ଜ୍ଞାନଭ୍ରଷ୍ଟ କଥା କହୁ
ବେଗ ହୋଇ କ ଯାଇ ମୋହୋର ପ୍ରାଣ ଦହୁ ।
ଲକ୍ଷ୍ମଣ ବୋଲଇଲେ ଯାହା ଆଜ୍ଞା ଦେଇଛନ୍ତି
ପ୍ରତ୍ୟକ୍ଷ ତ ଶୁଣିଛ ସମସ୍ତ ମହାସତୀ ।
ସ୍ୱାମୀ ଆଜ୍ଞା ଲଙ୍ଘି ଗୋ କେମନ୍ତେ ଛାଡ଼ି ଯିବ
ଏକା ତୋତେ ଛାଡ଼ିଗଲେ ଅପ୍ରାଧୀ ହୋଇବ ।
ଶୁଣ ଗୋ ସୀତାୟୀ ତୋତେ କହୁଛି ପ୍ରମାଣ
ତ୍ରିଭୁବନେ ଅଜୟ ରାମଙ୍କୁ ନିଶ୍ଚେ ଜାଣ ।
ସୀତାୟୀ ବୋଇଲେ ଯେତେ କହୁ ତୁ ଉତ୍ତର
ବଜ୍ରଘାତ ପଡୁଅଛି ହୃଦରେ ମୋହୋର ।
ତୁ ଯେବେ ନ ଯାଉ ରାମ ଖୋଜିବା ନିମନ୍ତେ
ହୁଅଇ ଆକୁଳ ସହୁ ବଧ କର ମୋତେ । ୨୩୬।
ଲକ୍ଷ୍ମଣ କହଇ ଦେବି, ଶୁଣ ମୋ ଉତ୍ତର
ମୃଗ ମାରି ତୁରିତେ ଆସିବେ ରଘୁବୀର ।
ଧୈର୍ଯ୍ୟ ଧର ଗୋ ସତି ! ନୋହିବା ବିକଳ
ହେଉଅଛି ରଘୁମଣି ଆସିବାର ବେଳ ।
ସୀତାୟୀ ବୋଇଲେ ଶୁଣ ସୁମିତ୍ରାକୁମର
ତୁ ତ ଜାଣୁ କଇକେୟୀ ରାଣୀର ବେଭାର ।
ସାବତ ହିଂସାରେ ରାମ ବନକୁ ପେଷିଲେ
କାହିଁତେ ଦୟା ହିଁ ଦେବୀ ମନେ ନ ଧଇଲେ ।
ତୁ ତ ପୁଣି ଶ୍ରୀରାମଙ୍କ ସାବତ ସୋଦର
ତୁ କେମନ୍ତେ ଶୁଭ ଚିନ୍ତା କରିବୁ ତାଙ୍କର ।
ବରଂତୁ କି ଶ୍ରୀରାମ ସଂଗ୍ରାମେ ହତ ହୋନ୍ତେ
ସୀତାୟୀକୁ ଘେନିଣ ମୁଁ ରହିବି ନିଶ୍ଚିନ୍ତେ ।
ମୋତେ ଘେନି ରହିରେ ବଞ୍ଚିବୁ ଜୀବନ କାଳ
ଏମନ୍ତ ମନରେ ତୁ କି ବିଚାରୁ ବାତୁଳ ?

ମଂଗ୍ରାମେ ଶ୍ରୀରାମ ଯେବେ ହୋଇବେ ନିଧନ
ଅଧ ନିମିଷକେ କିମ୍ପା ରଖିବ ଜୀବନ ।
ଯେବେ ତୋର ପାପ ଚିନ୍ତା ନାହିଁ ନା ଶରୀରେ
ରାମଙ୍କୁ ଆଣିବା ପାଇଁ ଯାଅ ଧାଡିକାରେ । ୨୪୫ ।
ଲକ୍ଷ୍ମଣ ବୋଲନ୍ତି ସୀତା ଏମନ୍ତ ନ କହ
ବିନା ଦୋଷେ ପାପ ଭାର ଶରୀରେ ନ ବହ ।
କଉଶଲ୍ୟା କଇକେୟୀ ସୁମିତ୍ରା ଏ ତିନି
ତେମନ୍ତ ଜନନୀ ତୁ ଗୋ ଜନକ ନନ୍ଦନୀ ।
ତୁ କିମ୍ପା ଦୂଷଣ ବାଣୀ କହୁ ଗୋ ସୀତାୟି
ମନ ବଚନରେ ମୋର ନାହିଁ କିଛି ମାୟି ।
ମାୟାରେ ରାକ୍ଷସମାନେ ନାନା ରୂପ ହୋନ୍ତି
ବିବିଧ ପ୍ରକାରେ ମାୟା ବଚନ କହନ୍ତି ।
ମୋତେ ଅବା ନେବା ପାଇଁ ରାକ୍ଷସଙ୍କ ମାୟା
ଏକଥା କିମ୍ପା ବିଚାର ନ କରୁ ସୀତାୟି ? ୨୫୦ ।
ବରୁଣ କୁବେର ଯମ ପବନ ଅନଳ
ଆଦିତ୍ୟ ଚନ୍ଦ୍ରମା କିବା ସ୍ୱର୍ଗ ଆଖଣ୍ଡଳ ।
ଶ୍ରୀରାମ ସମ୍ମୁଖେ କେହି ନ ପାରନ୍ତି ରହି
ଏକଥା ବିଚାରି ଚିନ୍ତା ଛାଡ଼ି ଦଇଦେହୀ ।
ଶୂନ୍ୟ ଗୃହେ ସୀତା ତୋତେ ଛାଡ଼ିକରି ଗଲେ
ଚିତ୍ତ ଡ଼ରୁଅଛି ତୋତେ ନ ଦେଖିବୁ ଭଲେ ।
ଲକ୍ଷ୍ମଣ ବଚନ ଶୁଣି କହନ୍ତି ସୀତାୟି
ବାହାରେ ମଧୁର କହୁ ଅନ୍ତରେ ତୋ ମାୟା ।
ରାମଙ୍କୁ ତୋହର ଦୟା ନାହିଁ କଦାଚିତେ
ନିଶ୍ଚୟ ଜାଣିଲି ପାପ ଆଶା ତୋର ମୋତେ ।୨୫୫।
ଲକ୍ଷ୍ମଣ ବୋଇଲେ ଧିକ ଜନ୍ମ ସେବକର
ଦୁହିଙ୍କ ଉଠାରେ ଦୋଷ ହେଉଛି ମୋହୋର ।

ନ ଗଲେ ତ ସୀତାୟ୍ମା କହୁଛ ଦୁଷ୍ଟ ବାଣୀ
ଗଲେ କୋପ କରିବେ ଠାକୁର ରଘୁମଣି ।
ସାକ୍ଷୀ ହୋଇ ଥାଅ ତୁମ୍ଭେ ବନର ଦେବତା
ଏମନ୍ତ ଦୁଷ୍ଟଙ୍କ ବାଣୀ କହୁଅଛ ସୀତା ।
ନିନ୍ଦିତ ବଚନ ଶୁଣି ରହିବ କେମନ୍ତେ
କୋପ କରି ରଘୁପତି ନାଶୁ ପଛେ ମୋତେ ।
ମନ ବଚନରେ ମୋର ନାହିଁ କିଛି ମାୟା
ଦାରୁଣ ବଚନ ମୋତେ କହଇ ସୀତାୟ୍ମା ।
ଦଶ ଦିଗପାଳେ ତୁମ୍ଭେ ହୋଇଥାଅ ସାକ୍ଷୀ
ଅପ୍ରାଧ ମୋହର ନାହିଁ ଯାଉଛି ଉପେକ୍ଷି । ୨୬୦ ।
ଜନକନନ୍ଦିନୀ ଯାହା କହୁଛି ବଚନ
ନିନ୍ଦିତ ବଚନ କିମ୍ପା ଶୁଣିବି ମୁଁ କର୍ଣ୍ଣ ।
ଏତେ ବୋଲି ଲକ୍ଷ୍ମଣ ତୂଣରୁ କାଢି ଶର
ପଞ୍ଚ କୁଟୀ ଦ୍ୱାରରେ କାଟିଲେ ତିନି ଗାର ।
କଦାଚିତେ ଜାନକୀ ତୁ ବାହାର ନୋହିବୁ
ଏ ଗାର ନ ଡେଇଁ ଗୃହ ଭିତରେଣ ଥିବୁ ।
ତୋହର ବଚନ ମୋତେ ଶୁଭ ନ ଦିଶଇ
ଯାଉଅଛି ଏକା ତୋତେ ଅରଣ୍ୟେ ବସାଇ ।
ଏତେ କହି ଲକ୍ଷ୍ମଣ ତୁରିତେ ଚଳିଗଲା
ବିକ୍ରମ ସିଂହର ପ୍ରାଏ ଅରଣ୍ୟେ ପଶିଲା । ୨୬୫ ।
ରାମ ପଦ୍ମଚରଣ ପଡିଛି ଯେଉଁ ମାର୍ଗେ
ସେହି ମାର୍ଗେ ଲକ୍ଷ୍ମଣ ପଶିଲା ବନଭାଗେ ।
ସେହିଠାରେ ରାବଣ ଅନ୍ତର ହୋଇଥିଲା
ଜାଣିଲା ଲକ୍ଷ୍ମଣ ସୀତା ତେଜିକରି ଗଲା ।
ଏକ ତରୁବର ତଳେ ରଥ ରୁହାଇଲା
ଲଙ୍କପତି ପାଦଗତି ହୋଇକରି ଗଲା ।

ତପସ୍ୱୀ ସ୍ୱରୂପ ତହିଁ ହୋଇଲା ରାବଣ
ଶିରେ ଜଟାଭାର ଅଙ୍ଗେ ବିଭୂତିଭୂଷଣ ।
ଭିକ୍ଷାପାତ୍ର ଧରିଅଛି କରପଲ୍ଲବରେ
ପ୍ରବେଶ ହୋଇଲା ପଜନବାସ ଦୁଆରେ ।
ଡାକଇ ରାବଣ ରାମ ଲକ୍ଷ୍ମଣ ନାମରେ
ଅଇଲି ଅତିଥି ମୁଁ ଯେ ତୁମ୍ଭର ମନ୍ଦିରେ ।
ଭିକ୍ଷା ହିଁ ମାଗିବ ମୁଁ ବସିବ ତୁମ୍ଭ ପାଶେ
ସନ୍ତୁ ଦରଶନ କରି ଯିବଇଁ ହରଷେ ।
ବୋଲଇ ନ ଶୁଣ କମ୍ପା ମୋହୋର ବଚନ
ଅତିଥି ପୂଜାକୁ କି ବା ନାହିଁ ସୁସ୍ଥ ମନ ?
ପରାଙ୍‌ମୁଖ ହୋଇ ଯେବେ ଯାଉଛି ଅତିଥି
ନିଶ୍ଚୟ ଭୁଞ୍ଜିବ ତୁମ୍ଭେ ଏଥିର ଦୁର୍ଗତି ।
ଜନକନନ୍ଦିନୀ ତାହା ଶୁଣିଲେ ଶ୍ରବଣେ
ବୋଇଲେ ଅତିଥି କେବା ମୋହୋର ପ୍ରାଙ୍ଗଣେ ।
ସ୍ୱାମୀ ନାମ ଧରି କେ ଡାକଇ ଉଚ୍ଚସ୍ୱରେ
ଦୁର୍ଗତି ପାଇବ କେ ବୋଲଇ ବଚନରେ ।
ପରାଙ୍‌ମୁଖ ହୋଇଣ ଅତିଥି ଯେବେ ଯିବ
ଦୁଷ୍କୃତ ସ୍ୱାମୀଙ୍କୁ ଦେଇ ସୁକୃତ ହରିବ ।
ଏତେ ବୋଲି ମୁନିର ସମ୍ମୁଖେ ଉଭା ହୋଇ
ରାବଣକୁ ବଚନ କହନ୍ତି ବଇଦେହୀ ।
ମନ୍ଦିରେ ମୋହୋର ନାହିଁ ଶ୍ରୀରାମ ଲକ୍ଷ୍ମଣ
ମୃଗୟାବନୋଦେ ଯାଇଛନ୍ତି ବେନି ଜଣ ।
ଏ ତରୁଛାୟାରେ ତୁମ୍ଭେ ସୁଖେ ବସିଥାଅ
ଅଳ୍ପବେଗେ ଆସିବେନି ବିମୁଖ ନ ହୁଅ ।
ସମସ୍ତ ବିଧିରେ ରାମ କରିବେ ତ ତୋଷ
ପୂଜା ପାଇ ବାବୁ ଯିବ ହୋଇଣ ସନ୍ତୋଷ ।

ରାବଣ ବୋଲଇ କ୍ଷୁଧା କରୁଅଛି ପୀଡ଼ା
ବିଳମ୍ବେ ଆସିବେ ଯେବେ ମୃଗ ଗଲେ ଲୋଡ଼ା ।
ଭିକ୍ଷା ମୋତେ ଦିଅ ସତି ! କରିବି ଆହାର
ସନ୍ତୋଷ ହୋଇବ ଧର୍ମ ହୋଇବ ତୁମ୍ଭର ।
ରନ୍ଧନ ଭୋଜନ କରି ନଦୀ ତଟେ ଥିବି
ଆଇଲେ ରାମ ଲକ୍ଷ୍ମଣ ଦର୍ଶନ କରିବି ।
ସୀତୟ୍ୟା ବୋଇଲେ ରାମ ନାହିଁ ଏ ମନ୍ଦିରେ
କେମନ୍ତେ ମୁଁ ଭିକ୍ଷା ଦେବି ତୁମ୍ଭର ହସ୍ତରେ ।୨୮୯।
ଶୁଣି ଲଙ୍କପତି କୋପେ ହୋଇଲା ପ୍ରଚଣ୍ଡ
ଶାପ ଦେବି ବୋଲି କୋପେ କରୁଛିଲା ଦଣ୍ଡ ।
ଲକ୍ଷ୍ମଣ ସହିତେ ରାମ କରିବଇଁ ଭସ୍ମ
ନ ଜାଣୁ ଅତିଥି ପୂଜା କରାଉଛୁ ରୋଷ ।
ଶୁଣି ସୀତା କମ୍ପନ୍ତି ଓଷ୍ଠ ପଦ୍ମ ଜାଣି
ଅରଣ୍ୟକୁ କିମ୍ପାଇଁ ପେଷିଲ ଚକ୍ରପାଣି ।
ରାମ ଗୃହେ ନାହିଁ ମୁଁ କେମନ୍ତେ ଭିକ୍ଷା ଦେବି
କେମନ୍ତେ ମନ୍ଦିର ତେଜି ବାହାର ହୋଇବି ।
କି ବୁଦ୍ଧି କରିବି ମୋତେ ଦଇବ କଷଣ
ବେଗ ହୋଇ ନଇଲେ ତ ଶ୍ରୀରାମ ଲକ୍ଷ୍ମଣ । ୨୯୦ ।
ସୀତୟ୍ୟା ବିଳମ୍ବ ଦେଖି କହଇ ରାବଣ
ଭିକ୍ଷା ଦିଅ ଗୃହଧର୍ମ ନୋହୁ ଅକାରଣ ।
ସୀତୟ୍ୟା ବୋଇଲେ ମୁଁ ଯେ ପିତାର ମନ୍ଦିରେ
ଅତିଥି ପୂଜାର ଧର୍ମ ଶୁଣିଛି କର୍ଣ୍ଣରେ ।
ଗୃହସ୍ଥର ମହାଧର୍ମ ଅତିଥିର ସେବା
ଅତିଥି କେବେହେଁ ପରାଙ୍ମୁଖ ନ କରିବା ।
ଅତିଥିର ପରାଙ୍ମୁଖ ଜାଣିଲେ ଶ୍ରୀରାମ
ବୋଲିବେ ନାଶିଲୁ ସୀତା ଗୃହସ୍ଥର ଧର୍ମ ।

ବେନି କର-ପଲ୍ଲବରେ ଫଳମୂଳ ଘେନି
ବାହାର ହୋଇଲେ ଘରୁ ଜନକନନ୍ଦନୀ ।୨୯୯।
ଦଶମାଥ ବସୁରଇ ଦେଖିଣ ସୀତାଙ୍କୁ
କେତେକାଳେ ବିଧାତା ନିର୍ମାଣ କଲା ଏହା ।
ଅରଣ୍ୟବାସକୁ ଯୋଗ୍ୟ ନୁହଇ ତରୁଣୀ
ଲଙ୍କା ଭୁବନକୁ ନଷ୍ଟେ ହୋଇବ କାରେଣୀ ।
ଯେମନ୍ତ ଭୁବନ ଲଙ୍କା ଏ ତେମନ୍ତ ନାରୀ
ତହିଁକୁ ବିଧାତା ଗଢ଼ିଅଛି ଯତ୍ନ କରି ।
କହେ ରାଜା ଗୋବିନ୍ଦ ଶୁଣ ହେ ଲଙ୍କପତି
ପ୍ରାଣେ ନାଶ ଗଲୁ ଗଲା ଲଙ୍କାର ସମ୍ପତ୍ତି ।
ଯେଉଁ ବୁଦ୍ଧି ହୃଦରେ ତୋ ହୋଇଲା ଉଦୟ
ଲଙ୍କାକୁ ହୋଇଲା ଆସି କାଳଚକ୍ର ପ୍ରାୟ ।୩୦୦।
ବିଭୀଷଣ ହୋଇବ ଲଙ୍କାରେ ଅଧିକାରୀ
ସ୍ୱଗୋତ୍ର ସହିତେ ନାଶଯିବୁ ଦଶଶିରୀ ।୩୦୧।

---

ଭିକ୍ଷାନେଇ ଦେଲେ ଦେବୀ ରାବଣର କରେ
ମୃତ୍ୟୁ ଆସି ଗ୍ରାସିଲା ରାବଣ ମସ୍ତକରେ ।
ଯେଉଁ ଭିକ୍ଷା ରାବଣକୁ ସୀତା ଦେଲେ ନେଇ
ରାବଣ ନାଶନ ସୂତ୍ର ଆହୁଣ୍ଟି ସେହି ।
ଭିକ୍ଷା ଯହୁଁ ଦେଲେ ନେଇ ଶ୍ରୀରାମର ନାରୀ
ସୀତାଙ୍କର ଭୁଜ ଯେ ଧଇଲା ଦଶଶିରୀ ।
ଶ୍ରୀରାମ ସୁମରି କର ଠାଣନ୍ତି ସୀତାୟୀ
ବୋଲନ୍ତି ଶୃଗାଳ ଯତି କେଢ଼େ ତୋର ମାୟା ।
ଛାଡ଼ ଛାଡ ଶୃଗାଳ ତୁ ଛୁଉଁ କାହିଁ ପାଇଁ
ରାମ ବାଣ ପ୍ରତାପ ନ ଜାଣୁ କି ରେ ବାଇ ? ୫ ।
ଛାଡ ରେ ଶୃଗାଳ ଧିକ ହେଉ ରେ ଜୀବନ
ଭ୍ରମମତି ଯତି ନଷ୍ଟେ ହୋଇବୁ ନିଧନ ।

ଯତିବେଶ ସେହୁକ୍ଷଣି ଛାଡିଲା ରାକ୍ଷସ
ବିଂଶଭୁଜ ଦଶମାଥ କଲାକ ପ୍ରକାଶ ।
ଶରୀର ବଢିଲା ଯେସନ୍ତେ ଗିରି କାଳାଞ୍ଜନ
ଝଶଇ ରକ୍ତ ବର୍ଣ୍ଣ କୋଡିଏ ଲୋଚନ ।
ବିଂଶଭୁଜେ ସୀତାମ୍ମାଙ୍କୁ ଧଇଲା ରାବଣ
ବେଗେ ହରିନେଲା ଯେସନ୍ତେ ପବନେ ତରଣ ।
ସୀତାମ୍ମା ଡାକନ୍ତି ଛାଡ଼ ଛାଡ଼ ରେ ଶୃଗାଳ
ନଷ୍ଟମୈ ମାୟାବ ରେ ପୂରିଲା ତୋର କାଳ ।
ଉଚେ ଡାକ ଦ୍ୟନ୍ତି ରାମ ଲକ୍ଷ୍ମଣ ସୁମରି
ବେଗେ ଆସ ରାକ୍ଷସ ନେଉଛି ମୋତେ ଧରି ।
ରାବଣ ବୋଲଇ ସୀତା କି କରିବ ରାମ
ତ୍ରିଭୁବନେ ବିଜଏ (ଯ୍ୟୀ) ରାବଣ ମୋର ନାମ ।
ଦଶଦିଗପାଳେ ରଣେ ନ ପାରନ୍ତି ରହି
କି କରିବ ଶ୍ରୀରାମ ମାନବ ଦେହ ବହି ।
ଆପଣା ରାଜ୍ୟରେ ରାଜା ହୋଇ ନ ପାରିଲା
ରାଜ୍ୟଭ୍ରଷ୍ଟ ହୋଇ ଆସି ବନେ ବାସକଲା ।
କି ଅବା ରଖିବ, ବଳ ହୋଇବ ତାହାର
ମୋତେ ରଣେ ଜିଣି କି ସେ କରିବ ଉଦ୍ଧାର ? ।
ସୀତାମ୍ମା ବୋଇଲେ ରେ ରାବଣ ଗଲୁ ନାଶ
କଣ୍ଠରେ ଖଞ୍ଜିଲୁ ଆଣି କାଳଦଣ୍ଡ ଫାଶ ।
ତୁହି ନାଶ ଯିବୁ ତୋର ବଂଶ ନାଶଯିବ
ସିଂହର ଘରଣୀ କାହୁଁ ଶୃଗାଳ ହରିବ ।
ଲଙ୍କାହୁଁ ଦକ୍ଷିଣେ ଯମପଥ ହୁଁ ଦକ୍ଷିଣେ
ଯହୁଁ ନାଶଯିବ ସେ ରାବଣ ରାମବାଣେ ।
ଲଙ୍କାକୁ ଯିବାକୁ ବେଗେ ବଳାଇଲା ମତି
ଦକ୍ଷିଣକୁ ସମ୍ମୁଖ ହୋଇଲା ଲଙ୍କପତି ।

ସୀତାଙ୍କୁ ଲଙ୍କପତି ଘେନି ଯିବାବେଳେ
ରାମ ଲକ୍ଷ୍ମଣଙ୍କୁ ସୀତା ଡାକନ୍ତି ଚଞ୍ଚଳେ ।୨୦।
ଆସ ବେଗେ ଶ୍ରୀରାମ ମୋହୋର ପ୍ରାଣବନ୍ଧୁ
ସୂର୍ଯ୍ୟବଂଶ କୁମୁଦ-ବନର ପୂର୍ଣ୍ଣ ଇନ୍ଦୁ ।
ରାବଣ ରାକ୍ଷସ ବଳେ ନେଉଅଛି ଧରି
ସଂକଟରୁ ଉଦ୍ଧର ରାବଣ ବେଗେ ମାରି ।
କେ ଅଛ ଅରଣ୍ୟବାସୀ ଶୁଣ ମୋର ବାଣୀ
ରାବଣ ନେଉଛି ରଘୁନାଥର ଘରଣୀ ।
ଦଶରଥ କୁଳବଧୂ ନେଉଛି ରାବଣ
ରାମଙ୍କୁ ବାରତା କହ ବାକ୍ୟ ମୋର ଶୁଣ ।
ଜଟାୟୁଷ ପକ୍ଷିବର ଥିଲା ଅରଣ୍ୟରେ
ସୀତାଙ୍କ କାରୁଣ୍ୟ ବାଣୀ ଶୁଣିଲା କର୍ଣ୍ଣରେ । ୨୫ ।
ବୋଲଇ କେ ଡାକଇ ଶ୍ରୀରାମ ନାମ ଧରି
କେ ବୋଲଇ ରାବଣ ନେଉଛି ମୋତେ ଧରି ।
ଏତେ କହି ପଥେ ଆସି ହୋଇଲା ପ୍ରବେଶ
ଦେଖିଲା ଆସଇ ବେଗେ ରାବଣ ରାକ୍ଷସ ।
ରଥରେ ବସାଇଅଛି ଜନକକୁମାରୀ
ରାମ ଲକ୍ଷ୍ମଣଙ୍କୁ ଡାକୁଛନ୍ତି ଉଚ୍ଚ କରି ।
ଜଟାୟୁଷ କହଇ ହୋ ରାବଣ ରାକ୍ଷସ
କି ନିମନ୍ତେ ଅର୍ଜୁଅଛ ଏମନ୍ତ ଅଯଶ ?
ଛାଡ଼ ଛାଡ଼ ସୀତାଙ୍କୁ ନ ପାଅ ଅଯଶ
ପକ୍ଷିବର ବଚନ ସେ ଶୁଣିଣ ରାକ୍ଷସ ।୩୦।
ରାବଣ ବୋଲଇ ବେଗେ ପଥ ଛାଡ଼ିଦିଅ
ମୋହୋର ବାଣରେ ପକ୍ଷୀ ତୁ ନାଶ ନ ଯାଅ ।
ଜଟାୟୁଷ ବୋଲଇ ତୁ ଶୁଣ ହୋ ରାବଣ
ନେଉଛୁ ଶ୍ରୀରାମ ନାରୀ କେବଣ କାରଣ ।

ମଇଦ ଅଟନ୍ତି ମୋର ଦଶରଥ ରାଜା
ତାହାଙ୍କର ବଧୂ ସୀତା ଜନକତନୁଜା ।
ମୋହର ଦେଖନ୍ତେ ତୁ କେମନ୍ତେ ନେବୁ ହରି
କେମନ୍ତେ ସହିବି ମୁଁ ଶରୀରେ ପ୍ରାଣ ଧରି ।
ଜଟାୟୁଷ ବୋଲି ଶୁଣି କୋପିତ ରାବଣ
ପକ୍ଷୀବର ଉପରେ ପ୍ରହାର କଲା ବାଣ ।୩୫।
ତେଣାରେ ଉଡିଲା ପଡି ଲଙ୍କପତି-ଶର
ଚରଣ ପ୍ରହାର କଲା ରାବଣ ହୃଦର ।
ପୁଣି କୋପେ ବାଣ ପ୍ରହାରିଲା ମହାବଳ
ତେଣାରେ ପଡି ନାରାଚ ଭାଙ୍ଗିଲା ସକଳ ।
ପୁଣି ଜଟାୟୁଷ ଯାଇଁ ବସିଲା ରଥରେ
ନଖ ଥଣ୍ଟ ପ୍ରହାରିଲା ରାବଣ ହୃଦରେ ।
ଗେରୁଧାରେ ଯେସନେ ଦିଶଇ ଗିରିବର
ରାବଣ ଶରୀରରେ ରୁଧିର ଜରଜର ।
ପୁଣି ଲଙ୍କପତି କୋପେ ବାଣ ବୃଷ୍ଟି କଲା
ଜଟାୟୁଷ ପକ୍ଷିଘାତେ ସବୁ ଉଡିଗଲା ।୪୦।
ଜଟାୟୁଷ ଉଡି ରଥ ଉପରେ ବସିଲା
ନଖ ଥଣ୍ଟ ଘାତେ ରଥ ଅଶ୍ୱ ନାଶ କଲା ।
ରଥ ଅଶ୍ୱ ନାଶ କରି ଆକାଶେ ଉଡିଲା
ରାବଣ ବଦନ ଚାହିଁ ଏମନ୍ତ ବୋଇଲା ।
ଛାଡ଼ ଛାଡ଼ ରାବଣ ତୁ ଜନକକୁମାରୀ
ତ୍ରିଭୁବନେ ଅଯଶ ନ କର ନାରୀ ଚୋରି ।
ଯେବେ ନ ଛାଡିବୁ ସୀତା ମୋହୋର ବଚନେ
ଲଙ୍କାକୁ କେମନ୍ତେ ଆଜ ଯିବୁ ତୁ ଜୀବନେ ।
ରାବଣ ବୋଇଲା ପକ୍ଷୀ ପଥ ଛାଡ଼ିଦିଅ
ରାମଙ୍କୁ କମାଇ ତୋର ଏତେକ ସେନେହ ।୪୫।

ମୋତେ ଯୁଦ୍ଧ କରନ୍ତୁ ସେ ଶ୍ରୀରାମ ଲକ୍ଷ୍ମଣ
ତୁ କମ୍ପାଇ ବଳିବ ହେଉଛୁ ଅକାରଣ ।
ଜଟାୟୁଷ ବୋଇଲେ ଅଧର୍ମ କର୍ମ କରୁ
ରାମ ନାରୀ ନେବ ବଳେ ଏମନ୍ତ ବସ୍ତୁରୁ ।
ଧର୍ମ ଥିଲା ପ୍ରାଣୀଙ୍କର ସଦା ପୁଣ୍ୟେ ଆଶ
ଅଧର୍ମ ହୋଇଲେ ପ୍ରାଣୀ ନରକେ ପ୍ରବେଶ ।
ଜଟାୟୁଷ ବାଣୀ ଯହୁଁ ଶୁଣିଲା ରାବଣ
ପୁଣି କୋପେ ଦଶଭୁଜେ ପ୍ରହାରିଲା ବାଣ ।
ହୃଦୟ ଚରଣ ଡେଣା ଉପରେ ପଡ଼ିଲା
ଜଟାୟୁଷ ସର୍ବ ଅଙ୍ଗେ ରୁଧିର ଗଳିଲା ।
ଲାଞ୍ଜରେ ମାଡ଼ିଲେ ଯେସନ୍ତେ ପନ୍ନଗର ରୋଷ
ଜଟାୟୁଷ ଲଙ୍କପତି ନିକଟେ ପ୍ରବେଶ ।
ପୁଣିହୁଁ ଚରଣଘାତ ହୃଦରେଣ ମାରି
ଆକାଶେ ଉଡ଼ିଲା ପୁଣି ଗଗନେ ସଞ୍ଚରି ।
ଆକାଶକୁ ରାବଣ ପେଷିଲା ଘୋର ବାଣ
ଡେଣା ବାଏ ସମସ୍ତ ନାଶିଲେ ସେହିକ୍ଷଣ ।
ଆକାଶୁଁ ପଡ଼ିଲେ ଢେଇଁ ରଥର ଉପର
ଭାଙ୍ଗିଣ ରାବଣ ରଥ ହୋଇଗଲା ଚୂର ।
ଯେତେବେଳେ ରଥ ଭଗ୍ନ ହୋଇଲା ତାହାର
ପାଦଗତି ହୋଇ କଲା ଦୁଃସହ ସମର ।
ଜଟାୟୁଷ ରାବଣର ସଂଗ୍ରାମ ସମୟେ
ଥର ଥର ହୋଇ ସୀତା ପଳାଇଲେ ଭୟେ ।
ଏକ ତରୁବର ତଳେ ଲୁଚିଲା ସୀତାୟା
କଦଳୀ ପଲ୍ଲବ ଜାଣି କମ୍ପୁଅଛି କାୟା ।
ନୟନରୁ ନୀର ସ୍ରବୁଅଛି ନିରନ୍ତରେ
ରାମ ତ ନଇଲେ ବୋଲି ଭାଳଇ ମନରେ ।

ଜଟାୟୁ ରାବଣର ଦୁଃସହ ସମର
ଦୁହିଙ୍କର ଶରୀରେ ରୁଧିର ଜରଜର ।
ଦଶଭୁଜେ ଧନୁ ତାର ଦଶଭୁଜେ ଶର
ଅସଂଖ୍ୟ ପେଷିଲା ବାଣ ପକ୍ଷୀର ଉପର ।୬୦।
ରାବଣର ବାଣ ଯହୁଁ ପଡ଼ିଲା ଶରୀରେ
ଧାଇଁ ପକ୍ଷୀ ବସିଲା ରାବଣ ମସ୍ତକରେ ।
ତା ବେନି ଚରଣେ ଗୋ ମୁକୁଟ ତାର ଝୁଣି
ଭୂମିଗତେ ପକ୍ଷିବର ପକାଇଲା ଠାଣି ।
ହେଲା ମୁକୁଳିତ କେଶ ପ୍ରେତବେଶ ପ୍ରାଏ
ଆକାଶେ ବସନ୍ତି ହସି ସର୍ବ ଦେବତାଏ ।
ପୁଣି ଧନୁ ଶର ଧରି ଧାଇଁଲା ରାବଣ
ଜଟାୟୁ ହୃଦରେ ପ୍ରହାର କଲା ବାଣ ।
ବାଣଘାତେ ଘୂର୍ମିତ ହୋଇଲେ ପକ୍ଷିବର
ନିମିଷେ ଅଚେତ ତାର ହୋଇଲା ଶରୀର ।୬୫।
ସହଜେ ଚେତନା ପକ୍ଷୀ ପାଇଲାକ ଯହୁଁ
ରାବଣ ଉପରକୁ ଧାଇଁଲା ପୁଣି ତହୁଁ ।
ଆକ୍ରୋଶିଣ ପକ୍ଷ ବର ଡେଣାଘାତ କଲେ
ରାବଣ ହସ୍ତରୁ ଶସ୍ତ୍ର ପଡ଼ିଲା ଭୂମିରେ ।
ଜଟାୟୁ ପକ୍ଷୀ ସେ ଅନେକ କାଳ ବୃଦ୍ଧ
ରାବଣର ସଙ୍ଗତେ କଲାକ ଘୋର ଯୁଦ୍ଧ ।
ଥକିଲା କର ଚରଣ ସଂଗ୍ରାମର ଶ୍ରମେ
ରାବଣ ଖଡ଼୍ଗ ଘେନି ଧାଇଁଲାକ ତମେ ।
ଦୁଇ ଡେଣା ଛେଦିଲା ସେ ଖଡ଼୍ଗର ଘାଏ
ଅଚଳେ ରହିଲା ପକ୍ଷୀ ମୁଣ୍ଡା ବୃକ୍ଷ ପ୍ରାଏ । ୭୦ ।
ପକ୍ଷୀକି ସଂଗ୍ରାମେ ମାରି ବସ୍ତ୍ରିଲା ମନେ
ସୀତା ତ ଏଠାରେ ନାହିଁ ପଶିଲା କି ବନେ ?

ଲେଉଟିଯାଇ ରାବଣ ଦେଖିଲା ବୃକ୍ଷ ମୂଳେ
ଭୟେ ଲୁଚିଅଛି ସତୀ ତରୁବର ତଳେ ।
ରାବଣ ଧଇଲା ଯାଇଁ ସୀତାୟା-ବସନେ
ଲୁଚିଲେ ବଞ୍ଚିବୁ ବୋଲି ବସ୍ତୁ କି ମନେ ?
ଓଟାରନ୍ତେ ତରୁବର ଧଇଲେ ସୀତାୟା
ସେକ୍ଷେ କେଶ ଧଇଲା ସେ ଚଣ୍ଡାଳ ନିର୍ଦ୍ଦୟା ।
ଆକର୍ଷି ଉଠାଇ ଆଣି ବସାଇ କାଖରେ
ଭୁଜଙ୍ଗ ଭଳି ରାବଣ ଉଡ଼ିଲା ଆକାଶରେ ।୨୫।
କାଖରେ ବସାଇଛି ସୀତାୟା ମହାସତୀ
ଆକାଶରେ ଗମଇ ରାବଣ ଲଙ୍କପତି ।
କହେ ରାଜା ଗୋବିନ୍ଦ ରାବଣ ଶୀଘ୍ର ଯାଉ
ଆଦିତ୍ୟମଣ୍ଡଳ-ତଳେ କ୍ଷଣେହେଁ ନ ଥାଉ ।

---

କାଖରେ ବସାଇଛି ସୀତାୟା ମହାସତୀ
ଆକାଶରେ ଗମଇ ରାବଣ ଲଙ୍କପତି ।
ବନଘନ ଗିରିବର ଲଙ୍ଘଇ ରାବଣ
ସୀତାୟା ଡାକନ୍ତି ରଖ ଶ୍ରୀରାମ ଲକ୍ଷ୍ମଣ ।
କାମରୂପୀ ରାକ୍ଷସ ଗମଇ ଶୂନ୍ୟମାର୍ଗେ
ପ୍ରବେଶ ହୋଇଲା ଋଷ୍ୟମୂକ ଗିରି ଲାଗେ ।
ଜାମ୍ବବ ସୁଷେଣ ସଙ୍ଗେ ହନୁମାନ ବୀର
ସେ ଗିରିତଟରେ ରହିଛନ୍ତି ସୁଗ୍ରୀବର ।
ଶ୍ରବଣେ ଶୁଭିଲା ଆସି ସୀତାୟାର ବାଣୀ
ଡାକଇ ଶ୍ରୀରାମ ରକ୍ଷାକର ଚାପପାଣି । ୫ ।
ଶବଦକୁ କାନରେ ଉଠିଲେ ଧାଡିକାରେ
ଦେଖିଲେ ରାବଣ ଯାଉଅଛି ଆକାଶରେ ।
ଅଛି ଏକ ସୁବର୍ଣ୍ଣୀଏ ରାବଣ ଭୁଜରେ
ଉଡ଼ଇ ଅଞ୍ଚଳ ତାର ଗ୍ରୀବାର ବେଳରେ ।

ଡାକୁଅଛି ରାମ ରାମ ଲକ୍ଷ୍ମଣ ଲକ୍ଷ୍ମଣ
ମୋତେ ହରି ନେଉଅଛି ଲଙ୍କାର ରାବଣ ।
ଶବଦକୁ ବାନରେ ଗୋଡ଼ାଇଛନ୍ତି ତଳେ
ବୋଲନ୍ତି ଡାକଇ ଏ ତ ପରମ ଆକୁଳେ ।
ବାନରନ୍ତ ଦେଖି ସୀତା ମନେ ମନେ ଭଳି
ଅମଳାନ ବସନେ ବାନ୍ଧିଲେ ରତ୍ନଚୂଡ଼ୀ । ୧୦ ।
ବାନରନ୍ତ ସ୍ମୁହଁ ସୀତା ପକାଇଲେ ତଳେ
ରାମଙ୍କୁ ବାରତା କହ ଭକନ୍ତ ଚହ୍ନଲେ ।
ସୁଗ୍ରୀବର ନିକଟେ ପଡ଼ିଲା ରତ୍ନଚୂଡ଼ୀ
ଯାଉଛି ରାବଣ ଭୟେଁ ଯେସନେ ବତୁଲି ।
ସାଗର ମଧ୍ୟରେ ଯାଇଁ ହୋଇଲେ ପ୍ରବେଶ
ନ ଦିଶିଲା ବନ ଟିକି ନ ଦିଶିଲା ଦେଶ ।
ସୀତମ୍ମା ବୋଲନ୍ତି ଅରେ ଶୁଣ ମୂଢ଼ ବାଇ
ସାଗର ଜଳରେ ମୋତେ ଦିଅ ତୁ ପକାଇ ।
ଜଳଜନ୍ତୁମାନେ ମୋର ଭକ୍ଷନ୍ତୁ ଶରୀର
ନିବୃତ୍ତ ହୋଇବେ ଧର୍ମ ହୋଇବ ତୋହୋର ।୧୫।
କାଲ ଜାତ ପ୍ରାଏକ ସେ ନ ଶୁଣଇ କିଛି
ଲଙ୍କାର ସମ୍ମୁଖ ହୋଇ ଗମନ କରୁଛି ।
ସୀତମ୍ମାଙ୍କୁ ଘେନିଣ ସେ ଲଙ୍ଘିଲା ସାଗର
ପ୍ରବେଶ ହୋଇଲା ଯାଇଁ ଲଙ୍କାଗଡ଼ଦ୍ୱାର ।
ଭିତରେ ପ୍ରବେଶ ଯାଇଁ ହୋଇଲା ପ୍ରବେଶ
ପାଇଲଇଁ କାର୍ଯ୍ୟ ବୋଲି ହେଉଛି ହରଷ ।
ମନେ ବିଚାରଇ ସୀତା ରଖିବଇଁ କାହିଁ
ଯେଉଁ ସ୍ଥାନେ କେଣୁସି ଜନର ଗମ୍ୟ ନାହିଁ ।
ମନେ ବିଚାରିଲା ସେ ଅଶୋକ ମହାବନ
ସୀତମ୍ମାଙ୍କୁ ରଖିବାକୁ ଉଚିତ ସେ ସ୍ଥାନ ।୨୦।

ବସ୍ତ୍ର ସୀତାଙ୍କୁ ଘେନି ରାବଣ ରାକ୍ଷସ
ଅଶୋକ ବିପିନେ ଯାଇଁ ହୋଇଲା ପ୍ରବେଶ ।
ବିବିଧ ପାଦପ ତହିଁ ଅଛନ୍ତି ଗହଳ
ନାନା ପକ୍ଷିଗଣ ନାଦ କରନ୍ତି ଚହଳ ।
ବନ ମଧ୍ୟସ୍ଥଳରେ ସେ ଅଶୋକ ମୂଳରେ
ନାନାରତ୍ନ ଖଞ୍ଜିଛନ୍ତି କାଞ୍ଚନ ବେଦୀରେ ।
ସେ ବେଦୀ ଉପରେ ନେଇ ସୀତମ୍ବା ବସାଇ
ରାକ୍ଷସୀମାନଙ୍କୁ ବେଗେ ଆଣିଲେ ଡକାଇ ।
ବୋଇଲା ସୀତମ୍ବା ଜଗିଥାଅ ନିରନ୍ତରେ
ଆନ ଦୃଷ୍ଟି ସର୍ବସ୍ଥାନ କରିବା ଯତ୍ନରେ ।୨୫।
ଶତେଜଣ ରାକ୍ଷସୀ ସେ ସୀତାଙ୍କୁ ଜଗାଇ
ଭୁବନକୁ ଅଇଲା ସେ ଭୋଜନର ପାଇଁ ।
ଛନଛନ ହୋଏ ମନ ନ ଭୁଲଇ ମନ
ନିରନ୍ତରେ ସୀତାରୂପ କରୁଥାଇ ଧ୍ୟାନ ।
ପାପୀରେ ଜାଣିଲେ ଇନ୍ଦ୍ର ସୀତମ୍ବାହରଣ
ବୋଇଲେ ହୋଇବ ଏବେ ରାବଣ ମରଣ ।
ସୀତମ୍ବା ଯେ ରହିଲେ ଅଶୋକ ବିପିନରେ
ଆହାର ତ ନ ଭକ୍ଷିବେ ଦୁଃଖିତ ମନରେ ।
ସୀତମ୍ବାର ଶରୀର ହୋଇବ ଯଦି ନାଶ
ନାଶ ତ ନ ଯିବ ତେବେ ରାବଣର ବଂଶ ।୩୦।
ଏତେ ବୋଲି ପୁରନ୍ଦର ମନ୍ତ୍ର ଯଜ୍ଞ କରି
ଯଜ୍ଞରୁ ଉପୁଜିଲା ଅମୃତ ନାମେ କ୍ଷୀର ।
କ୍ଷୀରପାତ୍ର ହସ୍ତେ ଧରି ଦେବ ଶଚୀପତି
ଗୁପତେ ଅଇଲେ ଯହିଁ ଛନ୍ତି ମହାସତୀ ।
ରାକ୍ଷସୀମାନଙ୍କୁ ନିଦ୍ରା ମୋହିତ କରାଇ
ସୀତମ୍ବା ଆଗରେ ଯାଇଁ ପ୍ରବେଶ ଯେ ହୋଇ ।

ସୀତାୟୀ ଆଗରେ ଉଭା ହୋଇ ପୁରନ୍ଦର
ବୋଲନ୍ତି ସୀତାୟୀ ଶୁଣ ମୋହୋର ଉତ୍ତର ।
ମାୟାରେ ରାବଣ ସୀତା ଆଣିଲା ଗୋ ତୋତେ
ରଖିଲା ଅଶୋକ ବନେ ପରମ ଗୁପତେ ।୩୫।
ଶୁଣିଲୁ କଷଣ ତୋର ରାବଣ ସକାଶେ
ଏ ଘୋର ପ୍ରବେଶ ମୁଁ ହୋଇଲି ତୋର ପାଶେ ।
ଶୁଣ ଗୋ ସୀତାୟୀ ତୋତେ କହୁଛି ପ୍ରମାଣ
ଆଣିଛି ପାୟସ ମୋତେ ଇନ୍ଦ୍ର ବୋଲି ଜାଣ ।
ଶ୍ରୀରାମଙ୍କ ଛେଦେ ଅନ୍ନ ନ କରୁ ଆହାର
କେମନ୍ତେ ପାଇବ ରକ୍ଷା ତୋହୋର ଶରୀର ।
ଏ କ୍ଷୀର ଆହାର ତୁ ଗୋ କରନ୍ତେ ସୀତାୟୀ
କ୍ଷୁଧା ତୃଷା ନ କରିବ ନ ତୁଟିବ କାୟା ।
ଇନ୍ଦ୍ରର ବଚନ ଶୁଣି କହନ୍ତି ସୀତାୟୀ
ନୋହୁ ଇନ୍ଦ୍ର, ରାବଣ ଆସିଛୁ କରି ମାୟା ।୪୦।
ମନ୍ଦିରେ ନ ଥିଲେ ମୋର ସ୍ୱାମୀ ରଘୁପତି
ଯତିରୂପ ହୋଇ ତୁ ଯେ ଗଲୁ ଦୁଷ୍ଟମତି ।
ବିବିଧ ମାୟାରେ ଦୁଷ୍ଟ ଆଣିଲୁ ତୁ ହରି
କି ମାୟା ଭିଆଣ କରି ଆଣିଅଛୁ କ୍ଷୀରି ।
ପୁରନ୍ଦର ବୋଇଲେ ନୁହଇ ମାୟା ସତି
ନିଶ୍ଚଏ ତୁ ଜାଣ ମୁଁ ପ୍ରମାଣ ସୁରପତି ।
ରାମଚନ୍ଦ୍ର ଅଟନ୍ତି ପ୍ରତ୍ୟକ୍ଷେ ନାରାୟଣ
ତାହାଙ୍କ ହସ୍ତରେ ନାଶଯିବ ଏ ରାବଣ ।
ଦେବଙ୍କାର୍ଯ୍ୟେ ପୃଥ୍ୱୀରେ ଜନମ୍ଭୁ ବିଷ୍ଣୁ ଆସି
ତୁ ଦେବୀ ପ୍ରତ୍ୟକ୍ଷେ ଲକ୍ଷ୍ମୀ ଶ୍ୱେତପଦ୍ମବାସୀ ।୪୫।
କର ଗୋ ପାୟସ ଭୋଗ ଶୁଣ ଗୋ ସୀତାୟୀ
ନିଶ୍ଚୟ ମୁଁ ଦେବ ଇନ୍ଦ୍ର ନାହିଁ କିଛି ମାୟା ।

ସୀତାୟୀ ବୋଇଲେ ନଷ୍ଟେ ଯେବେ ପୁରନ୍ଦର
କର ଅନୁଗ୍ରହ ମୋତେ ନିଜ ରୂପ ଧର ।
ସତୀର ବଚନେ ଇନ୍ଦ୍ର ନିଜ ରୂପ ହୋଇ
ମୁକୁଟ କୁଣ୍ଡଳ ସହସ୍ର ଲୋଚନ ଶୋହଇ ।
ପିଚ୍ଛୋଡ଼ା ନ ପଡ଼ଇ ଶୂନ୍ୟରେ ଉଭାହୋଇ
କ୍ଷୀର ପାତ୍ର ସୀତାୟୀର ଆଗରେ ଯୋଗାଇ ।
ବୋଇଲେ ଗୋ ରାମଙ୍କର ଜନକ ଦୁହିତା
ଆସିବେ ନି ଶ୍ରୀରାମ ନ କର ମନେ ଚିନ୍ତା ।୫୦।
ଦେବଶତ୍ରୁ ରାବଣକୁ ରଣେ ନାଶକରି
ସଗୋତ୍ର ସହିତେ ତାର ସର୍ବ ବଳ ମାରି ।
ଉଦ୍ଧାରିବେ ତୋତେ ଗୋ ଚନ୍ଦ୍ରଶ୍ରେ ରୂପପାଣି
ମିଥ୍ୟା ଏ ନୁହଇ ଶୁଣ ଜନକଦୁଲଣୀ ।
ଶୁଣି ପ୍ରତେ ଗଲେ ଦେବୀ ଜନକ କୁମାରୀ
ବୋଇଲେ ନୁହଇ ଏ ମାୟାବୀ ଦଶଶିରୀ ।
ସୁରପତି ବଚନ ମୁଁ ଭାଙ୍ଗିବି କେସନେ
ଟଳେ କ୍ଷୀର ଭୋଜନ ଯେ ଇନ୍ଦ୍ରର ବଚନେ ।
କ୍ଷୁଧା ତୃଷା ହରିଲା ନୋହିଲା କାନ୍ତିହୀନ
ରାମଚନ୍ଦ୍ର ଚରଣ ଭାବନ୍ତି ରାତ୍ରଦିନ ।୫୫।
କ୍ଷୀର ପାନକରାଇ ଯେ ଦେବ ପୁରନ୍ଦର
ଅନ୍ତର୍ଦ୍ଧାନ ହୋଇଗଲେ ଅମର ନଗର ।
ଅଶୋକ ତରୁମୂଳରେ ଏକାକୀ ବସନରେ
ଲୁହମାନ ପଡ଼ିଅଛି ଚନ୍ଦ୍ର ବଦନରେ ।
କ୍ଷଣେ କ୍ଷଣେ ରୋଦନ୍ତି ସେ କ୍ଷଣେ ହୋନ୍ତି ସ୍ଥିର
ଶ୍ରୀରାମ ସୁମରି ନେତ୍ରେ ପୂରିଥାଇ ନୀର ।
ବୋଲନ୍ତି ଲଲାଟେ ଯାହା ହୋଇଛି ଲିଖନ
ପୂର୍ବର ପାତକ ତାହା କେ କରିବ ଆନ ?

ଜନକରାଜାର ଯଜ୍ଞ ହୋଇଛି ମୁଁ ଜାତ
ଭୂମି ମୋର ଜନନୀ ଜନକ ମୋର ତାତ ।୭୦।
ଧନୁର୍ଦ୍ଧର ସୁନ୍ଦର ରାଜାର ଜ୍ୟେଷ୍ଠ ସୁତ
ସର୍ବଗୁଣେ ଗୁଣମଣି ରାମ ମୋର କାନ୍ତ ।
ଦଶରଥ ରାଜାର ଅଟଇ କୁଳବଧୂ
ମେଦିନୀ ମଣ୍ଡଳରେ ମହିମା ଯାର ସାଧୁ ।
ଭରତ ଲକ୍ଷ୍ମଣ ଶତ୍ରୁଘ୍ନ ଏ ଦିଅର
ଭବନ ଅଟଇ ମୋର ଅଯୋଧ୍ୟା ନଗର ।
ଏତେକ ଛଡାଇଲା ସେ ଦଇବ ନିର୍ଦ୍ଦୟା
ଅରଣ୍ୟେ ଭ୍ରମିଲୁ ରାମ ଲକ୍ଷ୍ମଣ ସୀତୟା ।
ତହିଁ ପୁଣି ଅନ୍ୟୋଽନ୍ୟ ନ ଗଲା ମୋର ଦିନ
ହୋଇଲି (ପାଇଲି) ରାମ ବିଚ୍ଛେଦ କର୍ମ ମୋର ହୀନ ।
କାହିଁ ସେ ଅଯୋଧ୍ୟା କାହିଁ ରାକ୍ଷସ ନଗରୀ
ରହିଲି ସମୁଦ୍ରପାରେ ଶ୍ରୀରାମ ସୁମରି ।
ଏତେ କହି ବେନି କର ଲଲାଟେ ମାଇଲେ
ଆକୁଳେ କାଞ୍ଚନବେଦୀ ଉପରେ ଶୋଇଲେ ।
ଗୁଣି ଗୁଣି ଉଠନ୍ତି ଶୁଅନ୍ତି ପୁଣ ପୁଣି
ସ୍ରବଇ ଲୋତକଧାରା ରାମ ଗୁଣ ଗୁଣି ।
ମହାରାଜା କିପାଇଁ ପେଷିଲ ଘୋରବନ
ଶ୍ୟାମଳ ସୁନ୍ଦର ରାମ ଜୀବନଲୋଚନ ।
ରଖ ରଖ ଲକ୍ଷ୍ମଣ ଶୁଭିଲା ଉଚେ ବାଣୀ
ଭଲ ମନ୍ଦ ଦୁଇ ନ ଜାଣିଲି ଖଣ୍ଡାକୁଣୀ ।୭୦।
ଲକ୍ଷ୍ମଣଙ୍କୁ ପେଷିଲି ମୁଁ ତୁମ୍ଭର କଟକ
ତିକ୍ତ କର କାଏ କହି ଦେଲା ବିପତ୍ତିକ ।
ଦୁଇ ଭାଇଙ୍କର ଦୁତେ ଭଲ ମନ୍ଦ ଶୁଣି
ପ୍ରାଣତ୍ୟାଗ ଅବଶ୍ୟ କରିବ ରଘୁମଣି ।

ସରମା ନାମେ ରାକ୍ଷସୀ ଥିଲା ତହିଁ ବସି
ସୀତା ଦୁଃଖ ଶୁଣି ନାରୀ କହିଲା ଆଶ୍ୱାସି ।
ଶୁଣ ଗୋ ସୀତମ୍ମା ସୁଖଦୁଃଖ ଦୁଇ କଥା
ପ୍ରାଣୀଙ୍କ ସର୍ବଥା ଏହା କରୁଛି ବିଧାତା ।
ଆକାଶେ ଭ୍ରମନ୍ତି ଦେଖ ଚନ୍ଦ୍ର ସୂର୍ଯ୍ୟ ବେନି
ତାହାଙ୍କୁ ଗ୍ରାସଇ ରାହୁ ସର୍ବକାଳ ଜାଣି ।
କର୍ମଫଳେ ଇନ୍ଦ୍ରହିଁ ହୋଇଲେ ସସ୍ରଯୋନି
ପୁତ୍ର କଷ୍ଟ ପାଇଲେ ବଶିଷ୍ଠ ମହାମୁନି ।
କେତେକୁ ବଡ଼ ବିପତ୍ତି ପଡ଼ଇ ଗୋ ସତି
ଧର୍ମେ ନାଶିବ ତୋର ସକଳ ଦୁର୍ଗତି ।
ଯେଉଁ କର୍ମ କରଅଛି ଲଙ୍କାର ନୃପତି
ନିଶ୍ଚୟେ ହୋଇବ ତାର ନିକଟେ ଦୁର୍ଗତି ।
ଘୋର ତପ କରି ଗୋ ବ୍ରହ୍ମାଙ୍କୁ ତୋଷ କରି
ପାଇଲା ଅମର ବର କାଞ୍ଚନ ନଗରୀ ।
ନାରୀ ଯାର ମନ୍ଦୋଦରୀ ପରମ ସୁନ୍ଦରୀ
ପୁରେ ପୂରିଅଛନ୍ତି କନ୍ଦରୀ ଅପସରୀ ।
ପୁତ୍ର ନାତି ଅଛନ୍ତି ଗୋ ପଦ୍ମବନ ଜାଣି
ଦାଇବରେ ମୋହିତ ହୋଇଲା ବଂଶପାଣି ।
ରାମ ଲକ୍ଷ୍ମଣଙ୍କୁ ସଙ୍ଗ ପାଇବୁ ତୁ ଭେଟି
ଅବଶ୍ୟ ନାଶିବେ ତୋର ଦୁଃସହ ସଙ୍କଟି
ସରମା ବଚନ ଶୁଣି ଜନକ-ଦୁଲଣୀ
ମୁଖେ ଜଳ ସିଞ୍ଚିଲେ ଯେସନେ ମୋହ ପ୍ରାଣୀ ।
ସୀତମ୍ମା ବୋଇଲେ ଧନ୍ୟ ସରମା ତୋ ବାଣୀ
ଜଳନ୍ତା କୁଣ୍ଡିରେ ଜଳ ସିଞ୍ଚୁଅଛୁ ଆଣି ।
ତୋହୋର ବଚନ ମୋତେ ମଳୟ ପବନ
ଶୀତଳ ହୋଇଲା ଶୁଣି ମୋହୋର ଜୀବନ ।

କହେ ରାଜା ଗୋବନ୍ଦ ଶୁଣ ଗୋ ସ୍ତ୍ରମାନାସି
ପରମ ଲକ୍ଷ୍ମୀର ତୁ ହୋଇଲୁ ପବ୍ବାସି ।

---

ଏଥୁଅନନ୍ତରେ କଥା ଶୁଣ ଏକ ଚିତ୍ତେ
ପଡିଲା କନକମୃଗ ରାମଶରଘାତେ ।
ଯାର ନାମ ମାନବେ ପରମ ଲାଭ ପାଇ
ଅନ୍ତକାଳେ ମାରୀଚ ତାହାର ମୁଖ ଚାହିଁ
ଜାଣି ରାମ ମହିମା ସେ ରାମ ବାଣେ ମଲା
ଊର୍ଦ୍ଧ୍ୱପଥେ ଯାଇ ଦେବ ଥାନରେ ବସିଲା ।
ପଡିଲା କନକମୃଗ ଜାଣି ରଘୁମଣି
ଧାଇଁ ମୃଗ ନିକଟେ ମିଳିଲେ ସେହିକ୍ଷଣି ।
ଦେଖିଲେ ବିବିଧ ରତ୍ନେ ହୋଇଛି ମଣ୍ଡିତ
ବୋଇଲେ ସୀତାର ଏବେ ଶାନ୍ତ ହେଉ ଚିତ୍ତ ।୫।
ବୋଇଲେ କନକମୃଗ ଲୁଚାଇଣ ଥିବ
ନ ପାଇଲି ବୋଲି ଦଣ୍ଡେ ଭଣ୍ଡାଉଣ ଥିବ ।
ପୁଣି ବିଚାରିଲେ ଲୁଚାଇବ କି ନିମନ୍ତେ
ଦୁଃଖିତ ହୋଇବ ସୀତା ମୃଗ ନ ଦେଖନ୍ତେ ।
ମୋର ଯିବା ପାଇଁ ସୀତା ଚାହୁଁଥିବ ପଥ
ମୃଗ ମାରି ଅବଶ୍ୟ ଆସିବେ ରଘୁନାଥ ।
ଦୂରହୁଁ ଦେଖିବେ ଯେବେ ମୋହର ବଦନ
ଆସିବ ମୃଗଲୋଚନା ତେଜିଣ ସଦନ ।
ଜଳପାନ ସୀତାୟୀ ହସ୍ତରେ ଥିବ ଘେନି
ହସି ହସି ହେଉଥିବ ମରାଳଗମନୀ ।୧୦।
ନିକଟେ ପ୍ରବେଶ ଆସି ହୋଇବ ସୀତାୟୀ
ଶ୍ରମ ଯିବ ଶୀତଳ ହୋଇବ ମୋର କାୟା ।

ଏମନ୍ତ ବସ୍ତୁର ରାମ କରନ୍ତି ମନରେ
ଲକ୍ଷ୍ମଣ ପ୍ରବେଶ ଆସି ହୋଇଲେ ସମ୍ମୁରେ ।
ଦଣ୍ଡମତେ ଶୋଇଲେ ଶ୍ରୀରାମ ପଦ୍ମ ପାଦେ
ଉଠ ହୋ ଲକ୍ଷ୍ମଣ ବୋଲି ତୋଳିଲେ ବଷାଦେ ।
ବୋଇଲେ ଲକ୍ଷ୍ମଣ ମୋର ସୀତା ଅଛି କାହିଁ ।
ଏକା ହୋଇ ଅଇଲୁ ତ ସୀତା ସଙ୍ଗେ ନାହିଁ ।
ଧନୁଶର ଥୋଇଲେ ଯୋଡ଼ିଲେ ବେନି କର
ବୋଇଲେ ଜାନକୀନାଥ ଶୁଣ ମୋ ଉତ୍ତର ।୧୫।
ସୀତାଙ୍କୁ ବସାଇ ପର୍ଣ୍ଣ କୁଟୀର ଭିତର
ଦ୍ୱାରେ ଉଭା ହୋଇଥିଲି ଘେନି ଧନୁଶର ।
ଅଦ୍ଭୁତ ହୋଇ ଦେବ ଶୁଭିଲା ଶବଦ
ରଖ ରଖ ଲକ୍ଷ୍ମଣ ବୋଲିଣ ଶୋକନାଦ ।
ତୁମ୍ଭର ବଚନ ପ୍ରାଏ ସୁସ୍ୱର ଶୁଭଇ
ସୀତମ୍ମା ଶୁଣିଲେ ଯେ ଶୁଣିଲି ଦେବ ମୁହିଁ ।
ଶୁଣି ତ ତା ସୀତମ୍ମା ପାଇଲେ ବଡ଼ ତ୍ରାସ
ବୋଇଲେ ଲକ୍ଷ୍ମଣ ଯା ସ୍ୱାମୀଙ୍କି ଘେନି ଆସ ।
ବେଗେ ଯାଅ ଆକୁଳ ହେଉଛି ମୋର ଚିତ୍ତ
କେବଣ ଦାନବ ରଣେ କରୁଅଛି ହତ ।୨୦।
ମୁଁ ବୋଇଲି ସୀତମ୍ମା ନ କର ଦୁଃଖ ଚିତ୍ତ
ରାମଙ୍କୁ ଜିଣିବା ଭଳି ନାହିଁ ନା ଜଗତ ।
ବହୁତ ପ୍ରକାରେ ତାଙ୍କୁ କହିଲି ବୁଝାଇ
କେହୁଣି ପ୍ରକାରେ ମୋର ବୋଲ ନ ଘେନାଇ ।
ଅନେକ ପ୍ରକାରେ ତାର ବଚନ ନ କଲି
ରାମଙ୍କୁ ଜିଣନ୍ତା ନାହିଁ ବୁଝାଇ କହିଲି ।
ଶୁଣି କୋପେ ବୋଇଲା ସେ ଜନକଦୁଲଣୀ
ରାମ ବନ୍ଧୁ କରବୁ କି ତୋହୋର ଘରଣୀ ?

ମୁଁ ବୋଇଲି ସୁମିତ୍ରା, ଯେସନ ମୋର ମାତା
ତେସନ ଜନନୀ ତୁ ଗୋ ଜନକଦୁହିତା । ୨୫ ।
ଶୁଣି କୋପେ ବୋଇଲେ କପଟ କଥା କହୁ
ପାପ ପ୍ରତିଆଶାରେ ନ ଯାଇ କିମ୍ପା ରହୁ ।
ଅନେକ ଝିଙ୍ଗାସି * ଯହୁଁ ବୋଇଲା ବଚନ
ଅଯଶ କଥାକୁ ଭୟ କଲା ମୋର ମନ ।
ପଦ୍ମକୁଟୀ ଭିତରେ ମୁଁ ସୀତାକୁ ବସାଇ
ଅଇଲି ଶ୍ରୀରାମ ତୋତେ ଲୋଡିବାର ପାଇଁ ।
ଶୁଣି ସ୍ତମ୍ଭୀଭୂତ ଯେ ହୋଇଲେ ଦାଶରଥି
ବୋଇଲେ ଜୀବନେ ଅଉ ନାହିଁ ମୋର ସଙ୍ଗୀ ।
ଧନୁଶର ପକାଇ ବସିଲେ ରଘୁମଣି
ବୋଇଲେ କୁଶଳେ ନାହିଁ ଜନକଦୁଲଣୀ ।୩୦।
ଲକ୍ଷ୍ମଣ ବୋଇଲେ ଦେବ ଶୁଣ ମୋ ଉତ୍ତର
ବେଗ ହୋଇ ଯିବା ଦେବ ବିଷାଦ ନ କର ।
ଲକ୍ଷ୍ମଣ ଧଇଲେ ବେଗେ ମୃଗର ଚରଣ
ଧନୁଦଣ୍ଡ ଗଳାଇ ବହିଲେ ବେନିଜନ ।
ବେଗେ ରାମ ଲକ୍ଷ୍ମଣ ଆସନ୍ତି ମନ ଦୁଃଖେ
ପ୍ରଚଣ୍ଡ ପବନ ତାଙ୍କୁ ବହିଲା ସମ୍ମୁଖେ ।
ଶ୍ରୀରାମ ବୋଲନ୍ତି ଶୁଣ ସୁମିତ୍ରା-କୁମର
ଅଦଭୁତ ହୋଇ ମନ ଭ୍ରମୁଛି ମୋହୋର ।
ପ୍ରଚଣ୍ଡ ପବନ ମୋର ଶରୀରେ ଲାଗଇ
ନିଶ୍ଚୟେ-ଜାଣିଲି ଭଲେ ନାହିଁ ବଇଦେହୀ । ୩୫ ।
ଶୁଣି ରାମ ବୋଲନ୍ତି ହୋ ସୁମିତ୍ରା-ନନ୍ଦନ
କରିବେନ ବନଜୀବେ ସୀତାକୁ ନିଧନ ।

*ଝିଙ୍ଗାସି—ଧିକ୍କାର କରି ।

ଦେଖ ମୃଗଗଣ ମୋତେ ବାମ କରୁଛନ୍ତି
ଦେଖ ଦଶଦିଗ ମୋତେ ଶୁଭ ନ ଦିଶନ୍ତି ।
ଆଶ୍ରମ ନିକଟେ ରାମ ପ୍ରବେଶ ହୋଇଲେ
ଲକ୍ଷ୍ମଣଙ୍କୁ ଚାହିଁ ରାମ ବଚନ ବୋଇଲେ ।
ଦେଖ ଦେଖ ଲକ୍ଷ୍ମଣ ଦିଶଇ ପର୍ଣ୍ଣଘର
ମୋତେ ଦେଖି ସୀତାୟା ତ ନୋହିଲା ବାହାର ।
ଯେତେ ଯେତେ ନିକଟ ହୁଅଇ ପର୍ଣ୍ଣଘର
ସୀତାଙ୍କୁ ନ ଦେଖିଣ ଆକୁଳ ରଘୁବୀର ।
ଅନେକ ବିଳାପ କରି ଦେବ ରଘୁନାଥ
ପର୍ଣ୍ଣଘର ଦ୍ୱାରେ ଯାଇ ହୋଇଲେ ପ୍ରାପତ ।
କାଞ୍ଚନ କୁରଙ୍ଗୀ ରାମ ଭୂମିରେ ପକାଇ
ପର୍ଣ୍ଣଘର ଭିତରେ ପ୍ରବେଶ ହେଲେ ଯାଇଁ ।
ଚଉଦିଗ ଚାହାନ୍ତି ଡାକନ୍ତି ସୀତା ସୀତା
କେତେ ଦୁଃଖ ଦେଉ ମୋତେ ଜନକଦୁହିତା ।
କେଣେ ଗଲୁ ସୀତାୟା ଗୋ ମନ୍ଦିରେ ନ ରହି
ଜୀବନ ସମାନ ପ୍ରିୟା ଲୁଚିଅଛୁ କାହିଁ ।
ମୋହୋର ଦୁଃଖିତ ଚିତ୍ତ ଦଣ୍ଡେ ହେଁ ନ ସହୁ
ଏତେ କରି ଡାକୁଛି ଗୋ କଥା ତ ନ କହୁ ।
ସୀତାଙ୍କୁ ନ ଦେଖି ରାମ ହୋଇଲେ ବାହାର
ପୃଥିବୀରେ ଶୋଇଲେ ପକାଇ ଧନୁଶର ।
ଶ୍ରୀରାମ ଆକୁଳ ଯହୁଁ ଦେଖିଲେ ଲକ୍ଷ୍ମଣ
ବୋଇଲେ ଶରୀରେ କ୍ଷମା ରହିବ କି ପ୍ରାଣ ।
ଏତେ କହି ଶ୍ରୀରାମର ଧରି ଶ୍ରୀପୟର
ଉଠ ରଘୁମଣି ଦୁଃଖ ମନରେ ନ ଧର ।
ଆମ୍ଭମାନେ ସୀତା ଅବା ଅଛି କେଉଁଠାରେ
ଧନୁଶର ଘେନି ନାଥ ଖୋଜିବା ବନରେ ।

ସୁଶୀତଳ ଜଳ ନେଇ ମୁଖରେ ସିଞ୍ଚିଲେ
କୋମଳ ପଲ୍ଲବ ଘେନି ଲକ୍ଷ୍ମଣ ବିଞ୍ଚିଲେ ।
ଘଡ଼ିକ ଉତ୍ତାରେ ରାମ ଚେତନା ପାଇଲେ
ଲକ୍ଷ୍ମଣ ବଦନ ଚାହିଁ ଏମନ୍ତ ବୋଇଲେ ।
ସୀତାଙ୍କୁ ଏକା ଛାଡ଼ି ଗଲୁ ଦୁଷ୍ଟ ମତି
ପ୍ରାଣ ସମ ପ୍ରିୟା ନାଶଗଲା ମହାସତୀ ।
ଶୁଣ ରେ ଲକ୍ଷ୍ମଣ ତୋତେ କରିବି ରେ ଦଣ୍ଡ
ବାଣଘାତେ ଶରୀର କରିବି ଖଣ୍ଡ ଖଣ୍ଡ ।
ଲକ୍ଷ୍ମଣ ବୋଲନ୍ତି ସ୍ୱାମୀ ଅପରାଧ ମୋର
ଦଣ୍ଡ କର କିଛି ପାପ ନୋହିବ ତୋହୋର ।
ଆଜ୍ଞା ମେଣ୍ଟି ଅରଣ୍ୟେ ସୀତାଙ୍କୁ ଛାଡ଼ି ଗଲି ।
ସ୍ୱହସ୍ତେ ସୀତାଙ୍କାନ୍ତ ମହାଦୋଷ କଲି ।
ଲକ୍ଷ୍ମଣ ବଚନ ଶୁଣି ଉଠି ଦାଶରଥି
କୋଳକରି ଲକ୍ଷ୍ମଣଙ୍କୁ ଧଇଲେ ତଡ଼୍ଚି ।
କି ବୋଇଲି ବାବୁ ତୋତେ ଦୁଷ୍ଟ ବଚନରେ
ନ ଜାଣଇ ସାବତରେ ଦୁଃଖିତ ମତରେ ।
ପରମ ସୁବୁଦ୍ଧି ସୁଲକ୍ଷଣ ମୋର ଭାଇ
ରାଜ୍ୟ ପିତା ମାତା ଛାଡ଼ି ଅଇଲୁ ଗୋଡ଼ାଇ ।
ତୋତେ ପୁଣି କହିଲି ମୁଁ ନିଷ୍ଠୁର ବଚନ
(ନୁ)ଲୁଛି ହୋଇଯିବ ବାବୁ ତୋହୋର ଜୀବନ ।
ଲକ୍ଷ୍ମଣ ବୋଇଲେ ସ୍ୱାମୀ ଭୃତ୍ୟ ମୁଁ ତୋହୋର
ମୋତେ ବୋଲିବାକୁ କ୍ଷମା ବଗୁର ତୋହୋର ।
ଉଠ ସ୍ୱାମୀ ଶ୍ରୀଭୁଜରେ ଘେନ ଧନୁ ଶର
ସୀତାଙ୍କୁ ଲୋଡ଼ିବା ବନରେ ଧାଣ୍ଡିକାର ।
ଲକ୍ଷ୍ମଣ ବଚନେ ରାମ ଧନୁଶର ଘେନି
ପଞ୍ଚବଟୀ ବନରେ ଭ୍ରମନ୍ତି ଭାଇବେନି ।

ଲେଉଟନ୍ତି ଫିରି କନ୍ଦରେ ଗହନ ବନରେ
ସୀତା ସୀତା ଡାକନ୍ତି ସେ ଦୁଃଖିତ ମନରେ ।
ଗହନ ବନ ଭିତରେ ବୃକ୍ଷଙ୍କ ମୂଳରେ
ଲେଉଟୁଛନ୍ତି ବେନି ଭାଇ ଆକୁଳ ମନରେ ।
ଘନବନେ ଗିରିବରେ ଗୋଦାବରୀ ତୀରେ
ଖୋଜନ୍ତି ସୀତାଙ୍କୁ ରାମ ଆକୁଳ ମନରେ ।୬୫।
ଭ୍ରମନ୍ତେ ଦେଖିଲେ ପଥେ ରଥଚକଚିହ୍ନ
ବୋଲନ୍ତି ତୁ ଦେଖ ବାବୁ ସୁମିତ୍ରାନନ୍ଦନ ।
ରଥଚକ ଚିହ୍ନ ଦେଖ ଗହନ ବନରେ
ସୀତାଙ୍କୁ ମୋହୋର ନିଶ୍ଚେ ନେଲା ଏ ପଥରେ ।
ଏତେ କହି ଧନୁଶର ପକାଇ ଭୂମିରେ
ଆଉଜି ବସିଲେ ଯାଇଁ ବୃକ୍ଷର ମୂଳରେ ।
କର ଯୋଡି ଲକ୍ଷ୍ମଣ କହଇ ରାମ ଆଗେ
ଧଇର୍ଯ୍ୟ ହୋଇବା ଏ ଖୋଜିବା ବନଭାଗେ ।
କାତର ହୋଇଲେ କାର୍ଯ୍ୟ ହୁଅଇ ବିନାଶ
କି ଅବା ନ ଜାଣ ସ୍ୱାମୀ କହିବ ମୁଁ କିସ ।୭୦।
ଲକ୍ଷ୍ମଣ ବୋଇଲେ ଯହୁଁ ଉଠିଲେ ଶ୍ରୀରାମ
ସୀତା ସୀତା ବୋଲିଣ ପଶିଲେ ଘୋର ବନ ।
ଯେଉଁ ମାର୍ଗେ ପଡିଅଛି ରଥଚକ ଚିହ୍ନ
ଚିହ୍ନ ଦେଖି ବେନି ଭାଇ କରନ୍ତି ରୋଦନ ।
ଯେଉଁ ଠାରେ ପଡିଅଛି ପକ୍ଷୀ ଜଟାୟୁଷ
ସେଠାବରେ ବେନି ଭାଇ ହୋଇଲେ ପ୍ରବେଶ ।
ପଡିଅଛି ସେଠାବରେ ଧନୁଶରମାନ
ରଥ ଭାଙ୍ଗି ଧ୍ୱଜ ଚକ ହୋଇ ଭିନ୍ନ ଭିନ୍ନ ।
ରାବଣର ଶରୀରୁ ରୁଧିର ପଡିଅଛି
ହାବୋଡେ ସକଳ ତରୁ ଭଗ୍ନ ହୋଇଅଛି ।

ଶ୍ରୀରାମ ବୋଲନ୍ତି ଶୁଣ ସୁମିତ୍ରାତନୟ
ଦିଶୁଅଛି ଏଠାରେ ସଂଗ୍ରାମ ଭୂମି ପ୍ରାୟ ।
ପଡ଼ିଅଛି ପକ୍ଷିବର ଲୋଚନେ ଦେଖିଲେ
ଏତେ କହି ଭେଡା କେତେ ଆଗ ହୋଇ ଗଲେ ।
ଛିଡ଼ିଅଛି ବେନି ଡେଣା ଖଡ଼୍ଗର ଘାଏ
ବୋଇଲେ ଏହାଙ୍କୁ କେ ସଂଗ୍ରାମେ କଲା ଜୟେ ।
ଆଶ୍ୱାସି ପୁଚ୍ଛନ୍ତି ରାମ ଶୁଣ ପକ୍ଷିବର
କେଉଁ କାରଣରୁ ଏଡ଼େ ଅବସ୍ଥା ତୋହୋର ।
ସକଳ ବେଭର ପକ୍ଷୀ କହ ମୋର ଆଗେ
ମହାକଷ୍ଟ ପାଇଣ ପଡ଼ିଛୁ ବନଭାଗେ ।୮୦।
ଜୀବାର ନିମନ୍ତେ ପ୍ରାଣ ହେଉଛି ଆକୁଳ
କଥାଏ କହଇ ପୁଣି ହୁଅଇ ବିକଳ ।
ପକ୍ଷିବର କହଇ ତୁ ଶୁଣ ଧନୁର୍ଦ୍ଧର
ଦଶରଥ ରାଜା ପୂର୍ବେ ମଇତ୍ର ମୋହୋର ।
ସେ ରାଜାର କୁଳବଧୂ ଜନକଦୁହିତା
ରାବଣ ରାକ୍ଷସ ହରି ନେଉଥିଲା ସୀତା ।
ରଥରେ ଡାକଇ ବସି ଶ୍ରୀରାମ ଲକ୍ଷ୍ମଣ
ମୋତେ ହରି ନେଉଅଛି ଲଙ୍କାର ରାବଣ ।
କେ ଅଛ ଅରଣ୍ୟବାସୀ ଶୁଣ ମୋ ଉତ୍ତର
ରାମଲକ୍ଷ୍ମଣଙ୍କୁ ଯାଇଁ କହ ଧାଡ଼ିକାର ।୮୫।
ବୋଲିବ ରାବଣ ସୀତା ନେଉଅଛି ହରି
ସୀତାୟାକୁ ଉଧର ରାବଣ ପ୍ରାଣେ ମାରି ।
ଶ୍ରବଣେ ମୁଁ ଶୁଣିଲି ଯେ ସୀତାର ଆରତ
ଗିରିବରେ ଥିଲି ଆସି ମିଳିଲି ତୁରିତ ।
ସୀତାୟାକୁ ରଥରେ ରାବଣ ଥିଲା ଧରି
ରଥ ନେଉଅଛି ସେ ପବନ ଗତି କରି ।

ଏମନ୍ତ ସମୟେ ଆଗେ ଓଗାଳିଲି ଯାଇଁ
ବୋଇଲି ଜାନକୀ ନେଉଅଛୁ କାହିଁ ପାଇଁ ।
ରାବଣ ବୋଇଲା ପକ୍ଷୀ ଛାଡିଯାଅ ପଥ
ନୋହିଲେ ସଂଗ୍ରାମେଣ କରିବି ପ୍ରାଣେ ହତ ।୯୦।
ମୁହିଁ ତାକୁ କହିଲି ନସ୍ୱଶ କଥାମାନ
ସୀତୟାଙ୍କୁ ନ ଛାଡିଲେ ହରିବି ଜୀବନ ।
ଧର୍ମ ଅର୍ଥ କଥାମାନ କହିଲି ଥୋକାଏ
ସର୍ବଥା ସେ ନ ଛାଡିଲା ଚଣ୍ଡାଳ ନିର୍ଦ୍ଦୟେ ।
ଏ ଘେନି ତାହାର ଭୁଲେ ଘୋର ରଣ କଲି
ବୃଦ୍ଧ ସିନା ରଣଶ୍ରମେ ଥକିତ ହୋଇଲି ।
ଖଡ୍ଗର ଘାଏ ମୋର ବେନି ଡେଣା ହାଣି
ସୀତା ଘେନି ଶୂନ୍ୟମାର୍ଗେ ଗଲା ବିଂଶପାଣି ।
ଶରୀର ତେଜିବା ମୋର ନିକଟ ହେଉଛି
ଏ ଘେନି ଅଧିକ କିଛି କହି ନ ପାରୁଛି ।୯୪।
ମଇବ ନନ୍ଦନ ବସ୍ତୁ ମାନବ ଶରୀର
ତୋତେ ମୁଁ ଦେଖିଲି ଧନ୍ୟ ଜୀବନ ମୋହୋର ।
ଯାଉଅଛି ରଘୁପତି ଅମରମଣ୍ଡଳେ
ସୀତୟାଙ୍କୁ ରାବଣ ନିଶ୍ଚୟେ ନେଲା ବଳେ ।
ଏତେ କହି ମଉନ ହୋଇଲା ପକ୍ଷି (ଷି)ବର
ଶୁଣନ୍ତେ ସ୍ରବିଲା ରାମ ନୟନରୁ ନୀର ।
ବୋଇଲେ ତୁ ପିତା ମୋର ଦଶରଥ ପ୍ରାଏ
ମୋହୋର ନିମନ୍ତେ ତୋର ଏତେ କଷ୍ଟ କାୟେ ।
ଦଶରଥ ନୃପତି ହୋଇଲେ ପ୍ରାଣେ ନାଶ
ଛାଡିଲି ଅଯୋଧ୍ୟା ପୁର ବନେ କଲି ବାସ ।୧୦୦।
ବନରେ ହୋଇଲା ପୁଣ ସୀତୟା-ହରଣ
ତହୁଁ ଆସି ଦେଖୁଅଛି ତୋହୋର ମରଣ ।

ଭେ ପିତା ତୋହ୍ମୋର କଷ୍ଟ ଦେଖନ୍ତେ ନୟନେ
ସୀତୟ୍ୟା-ହରଣରେ ଅଧିକ ତାପ ମନେ ।
ଭେ ପିତା ତୋହ୍ମୋର ଆଗେ କରୁଛି ବିନୟ
ସ୍ୱର୍ଗଭୁବନକୁ ତୁ ଯେ କରୁଛୁ ବିଜୟ ।
ଦେବଗଣ ଘେନି ବସିଥିବେ ଶଚୀନାଥ
ଯେଠାରେ ଥିବେ ମୋର ପିତା ଦଶରଥ ।
ଯେତେ କଷ୍ଟ ମୋହ୍ମୋର ହୋଇଲା ବନଭାଗେ
ସୀତୟ୍ୟା ହରଣ ନ କହିବୁ ପିତା ଆଗେ ।୧୦୯।
ସୀତୟ୍ୟା-ହରଣ ଯେବେ ଶୁଣିବେ ପିଅର
ଦେବସଭା ମଧେ ମୋତେ କରିବେ ଧିକ୍କାର ।
ବୋଲିବେ ଯାହାର ବଂଶେ ରାଜା ମାନଧାତା
ସପତ ସାଗରେ ସାତ ଦ୍ୱୀପରେ କୈରତା ।
ଭଗୀରଥ ନାମେ ପୁତ୍ର ଯେବଣ ବଂଶରେ
ବ୍ରହ୍ମଲୋକୁଁ ଗଙ୍ଗା ଆଣି କଲା ପୃଥିବୀରେ ।
ରାମଚନ୍ଦ୍ର ନାମେ ପୁତ୍ର ହୋଇଲା ସେ କୁଳେ
ରଖି ନ ପାରିଲା କେ ଭାରିଯା ନେଲା ବଳେ ।
ହସିବେ ଯେ ଦେବତାଏ ଶୁଣି ଏହୁ କଥା
ଦଶରଥ ନୃପତି ପୋତିବେ ଲାଜେ ମଥା ।୧୧୦।
ଯଦ୍ଧ ଦର୍ପବଲେ ମୁଁ ହୋଇବି ସିନ୍ଧୁ ପାରି
ଲଙ୍କା ଧ୍ୱଂସ କରିବି ରାକ୍ଷସବଳ ମାରି ।
ଭ୍ରାତାବନ୍ଧୁ ସହିତେ ରାବଣ ଯିବ ନାଶ
ମାରିବି ସକଳ ଯଦ୍ଧ ରାବଣର ବଂଶ ।
ପୁତ୍ର ନାତି ବନ୍ଧୁ ସୈନ୍ୟ ସଙ୍ଗତରେ ପାଇ
ସୁରପତିସଭାରେ ରାବଣ ହେବ ଯାଇଁ ।
ଦେବଗଣମାନେ ପଚାରିବେ ରାବଣକୁ
ସଗୋତ୍ର ସହିତେ ତୁ ତ ଅଇଲୁ ସ୍ୱର୍ଗକୁ ।

ତେତେବେଳେ କହିବ ରାବଣ ଲଙ୍କପତି
ହରି ଯେ ଆଣିଥିଲି ମୁଁ ରାମର ଯୁବତୀ । ୧୧୫ ।
ସେ ଅପ୍ରାଧେ ସାଗର ବାନ୍ଧିଲ ରଘୁବୀର
ମାରି ସର୍ବ ରାକ୍ଷସ ଛେଦିଲ ଦଶଶିର ।
ଭୋ ତାତ ତୁ ନ କହିବୁ ଅମର ସଭାରେ
ଆପଣେ ରାବଣ ସେ କହିବ ସେହିଠାରେ ।
କହୁଁ କହୁଁ ପକ୍ଷିବର ହାରିଲା ଚେତନ
ମୁଖ ବିସ୍ତାରିଲା କଲା ବିକୃତ ବଦନ ।
ନୟନ ବୁଲାଇ ପ୍ରାଣ ଛାଡିଲା ତାହାର
ବାପୁ ବାପୁ ବୋଲିଣ ବୋଇଲେ ରଘୁବୀର ।
ଆକାଶୁଁ ବିମାନ ଆସି ପ୍ରବେଶ ହୋଇଲା
ରାମ ରୂପ ଗ୍ରହିଁଣ ବିମାନେ ବସିଗଲା । ୧୨୦ ।
ଅନ୍ତକାଳେ ଚାହିଁଲା ଶ୍ରୀରାମ ଶ୍ୟାମକାୟ
ବସିଲା ପରମସ୍ଥାନେ ଗଲା ତାର ଭୟ ।
ଧନୁଶର ଥୋଇ ରାମ ଲକ୍ଷ୍ମଣ ସହିତେ
ବେନିଭାଇ କାଠମାନ ଆଣିଲେ ତୁରିତେ ।
ଚିତା (ତି) ସଜାଡିଣ ପକ୍ଷୀ ଦହନ କରାଇ
ଜଟାୟୁଷ ପକ୍ଷୀକି ବହିଲେ ବେନି ଭାଇ ।
ଚିତାର ଉପରେ ଜଟାୟୁଷକୁ ବସାଇ
ଶିର ପାରୁଶରେ ଦେଲେ ଅନଳ ଲଗାଇ ।
ଜଟାୟୁଷ ଦହନ କରାଇ ବେନି ଭାଇ
ସ୍ନାହାନ କରନ୍ତି ଯାଇଁ ଜଳରେ ସମ୍ଭାଇ । ୧୨୫ ।
ଜଟାୟୁଷ ପକ୍ଷୀକି ସେ ଜଳକ୍ରିୟା କଲେ
ତହୁଁ ରାମ ଲକ୍ଷ୍ମଣ ଅରଣ୍ୟେ ସମ୍ଭାଇଲେ ।
ସୀତା ସୀତା ବୋଲନ୍ତି ଗମନ୍ତି ବେନି ଭାଇ
ଜଳ କନ୍ଦମୂଳ କିଛି ଆହାର ନ ଖାଇ ।

ଯେଉଁ ଅରଣ୍ୟରେ ଅଛି କବନ୍ଧ ରାକ୍ଷସ
ଯୋଜନ ଅନ୍ତରେ ପାତିଥାଇ ବାହୁ ଫାଶ ।
ହୃଦୟରେ ଅଛି ତାର ଏକଇ ନୟନ ।
ଉଦରେ ବଦନ ଅଛି ବିକଟ ଦଶନ (ଦର୍ଶନ) ।
ଗଣ୍ଡାଗଣ ଗୟଳ ସକଳ କରେ ଗ୍ରାସ
ଦେହଧାରୀ ସକଳ କରନ୍ତି ତାକୁ ତ୍ରାସ ।୧୩୦।
ବେନି ଭାଇ ଭ୍ରମନ୍ତି ଆକୁଳ ହୋଇ ମନେ
ପଥ କି ବିପଥ କିଛି ନ ଜାଣନ୍ତି ବନେ ।
କବନ୍ଧ ନିକଟେ ସେ ପ୍ରବେଶ ହେଲେ ଯାଇଁ
ବେନି ବାହୁ ଭିତରେ ପଶିଲେ ବେନି ଭାଇ ।
ଦେଖିଣ ହରଷଚିତ୍ତ କବନ୍ଧ ରାକ୍ଷସ
କୁଣ୍ଡଳ କରଇ ବାହୁ କରିବାକୁ ଗ୍ରାସ ।
ଦେଖିଲେ ପର୍ବତ ପ୍ରାୟ ଦିଶୁଅଛି କାୟ
ବାହୁ ବେନି ଦିଶଇ ଅନ୍ତକଦାଣ୍ଡ ପ୍ରାୟ ।
ଶ୍ରୀରାମ ବୋଲନ୍ତି ଶୁଣ ସୁମିତ୍ରା-କୁମର
ଦୁର୍ଗତି ପଡ଼ିଲାଟି ଖଡ଼୍ଗ ବେଗେ ଧର । ୧୩୫ ।
ଏତେ କହି ବେନି ଭାଇ ଖଡ଼୍ଗ କରେ ଘେନି
ବାମ ଦକ୍ଷିଣକୁ ସେ ଧାଇଁଲେ ଭାଇ ବେନି ।
ବେନି ଭାଇ ବେନି ବାହୁ ଛେଦିଲେ ତୁରିତେ
ଗିରିଶୃଙ୍ଗ ଛିଡ଼ଇ ଯେସନେ ବଜ୍ରଘାତେ ।
କବନ୍ଧ ରାକ୍ଷସ ଗଲା ଦେହ ତ୍ୟାଗକରି
ବିମାନ ବସି ଗଲା ଗନ୍ଧର୍ବ ରୂପ ଧରି ।
ବିମାନରେ ବସିଲା ଯୋଡ଼ିଲା ବେନି କର
ଶ୍ରୀରାମ ଶ୍ରୀମୁଖ ଚାହିଁ କଲା ନମସ୍କାର ।
କହେ ରାଜା ଗୋବିନ୍ଦ ଅଗତି ଗତିଦାତା,
ରାମ ମୋର ଭ୍ରାତା ବନ୍ଧୁ ରାମ ପିତା ମାତା । ୧୪୦ ।

କବନ୍ଧ କହଇ ବସି ବିମାନ ଉପର
ମୋହୋର ବଚନ ଦେବ ଶୁଣ ରଘୁବୀର ।
ଆମ୍ଭ ଅପରାଧେ ଶାପ ପାଇଥିଲୁ ପୂର୍ବେ
ଚରଣ ଦର୍ଶନେ ଦୁଃଖ ନାଶ କଲୁ ଏବେ ।
ପରମ ଯୋଗୀଙ୍କ ନୋହୁ ଲୋଚନେ ଗୋଚର
ଶାପ ଯାହା ଦେଲେ ମୋତେ ହୋଇଲା ସେ ବର ।
ଯେବଣ ଚରଣ ଲାଗି ଗଉତମନାରୀ
ତେଜିଲା ପାଷାଣ କାୟ ଗଲା ସୁଖେ ତରି ।
ସେ ଚରଣ ବନ୍ଧୁ ଲୋକ ଦେଖିଲୁ ନୟନେ
ତେଜିଲୁ ସକଳ ଦୁଃଖ ବସିଲୁ ବିମାନେ ।୫।
ଯାହାର ପ୍ରସନ୍ନେ ମୋକ୍ଷଗତି ଏ ଶୟୂଲେ
ସେ ଚରଣ ଦେଖିଲୁ ମୁଁ ଲୋଚନ-ଯୁଗଳେ ।
ନିରଞ୍ଜନ ପୁରୁଷ ହୋଇଛ ନରକାଏ
ସୃଷ୍ଟି ପୁଷ୍ଟି ପଡ଼ୁଛି ତୋହୋର ପଦ୍ମପାଏ ।
ଭୋ ଦେବ କରୁଣାସିନ୍ଧୁ ହୁଅ ସାବଧାନ
ସର୍ବଜ୍ଞ ପୁରୁଷ ଶୁଣ ମୋହୋର ବଚନ ।
ସୀତାଙ୍କୁ ଲଙ୍କାର ରାବଣ ନେଲା ହରି
ସୁଗ୍ରୀବ ସମସ୍ତ ଜାଣି ଅଛି ନିଶ୍ଚେ କରି ।
ବାଳୀ ନାମେ ବାନର ସେ କିଷ୍କିନ୍ଧା ରାଜନ
ସୁଗ୍ରୀବ ତାହାର ଭାଇ ତାହା ତହୁଁ ସାନ ।୧୦।
ଦୁଇ ଭାଇ ଯୋଗରେ ସେ ହୋଇଲେ ବିରୋଧୀ
ସୁଗ୍ରୀବ ବାନରକୁ ରାଜ୍ୟରୁ ଦେଲା ଖେଦି ।
ସୁଗ୍ରୀବ ବାନର ତାକୁ ପାଇଅଛି ତ୍ରାସ
ଋଷ୍ୟମୂକ ଗିରିବରେ କରଅଛି ବାସ ।
ଜାମ୍ବବାନ ହନୁମାନ ସୁଷେଣ ସହିତେ
ନଳ ନୀଳ ଶତବଳି ଅଛନ୍ତି ସଙ୍ଗତେ ।

ଋଷ୍ୟମୂକ ଗିରିକି ବିଜୟ କର ରାମ
ସୁଗ୍ରୀବ ବାନର ଯହିଁ କରିଛି ବିଶ୍ରାମ ।
ତାହାକୁ ଭେଟିବ ଋଷ୍ୟମୂକ ଗିରିବରେ
ସୀତଯ୍ୟା ସନ୍ଦେଶ ସବୁ କହିବ ଛାମୁରେ ।୧୯।
ତାହାକୁ ଆଶ୍ୱାସି ସଖା କରିବୁ ଗୋସାଇଁ
ସୀତଯ୍ୟାକୁ ଲୋଡ଼ିବ ତୋହୋର ଦୁଃଖ ପାଇଁ ।
ତୋତେ ବଳବନ୍ତ କଥା ନାହି ଏ ଜଗତେ
ହେତୁ ମାତ୍ର ସୁଗ୍ରୀବ ସେ ତୋହୋର ସଙ୍ଗତେ ।
ତେଣୁ ସେ ପ୍ରାପତ ତୋତେ ହେବ ମହାସତୀ
ଉପାୟ କରିବ ସବୁ ବାନରନୃପତି ।
ଏତେ କହି ରାମଙ୍କୁ ସେ ପ୍ରଦକ୍ଷିଣ କରି
ଶିରେ କର ଦେଇଣ ଚଳିଲା ସ୍ୱର୍ଗପୁରୀ ।
କଥା ହୋଇନ୍ତେ ନିଶି ଆସି ହୋଇଲା ପ୍ରବେଶ
ଆଦିତ୍ୟ ହୋଇଲେ ହତ (ଅସ୍ତ) ଚନ୍ଦ୍ରମା ପ୍ରକାଶ ।୨୦।
ରାମଚନ୍ଦ୍ର ବଞ୍ଚେକଲେ ତରୁବର ତଳେ
ବସିଲେ ଲକ୍ଷ୍ମଣ ବୀର ଚନ୍ଦ୍ରମା ଉଜ୍ଜ୍ୱଳେ ।
ଜାନକୀବିଚ୍ଛେଦେ ରାମ ବିହ୍ୱଳିତ ଚିତ୍ତ
ସୀତା ସୀତା ବୋଲି ପୁଣି ହୋଇଲେ ମୋହିତ ।
ଚେତନା ପାଇଣ ପୁଣି ବୋଲନ୍ତି ବଚନ
ଶୁଣ ବାବୁ ଲକ୍ଷ୍ମଣ ରେ ସୁମିତ୍ରାନନ୍ଦନ ।
ଆଦିତ୍ୟକିରଣ କିମ୍ବା ଦହୁଅଛି କାୟ
ମୋତେ ଜଣୁଅଛି ହୋ ଅନଳ ବୃଷ୍ଟି ପ୍ରାୟ ।
ତରୁବର-ଛାୟାରେ ତୁ ବସ ଭାଇ ମୋର
ଆଦିତ୍ୟକିରଣ-କଷ୍ଟୀ ନ କର ଶରୀର ।୨୧।
କହଇ ଲକ୍ଷ୍ମଣ ବୀର ଯୋଡ଼ି ଦେନି କର
ଆଦିତ୍ୟକିରଣ ଏ ନୋହଇ ନୃପଧର ।

ଆଦିତ୍ୟ ହୋଇଲେ ହତ ଚନ୍ଦ୍ରମା ଉଦୟ
ଚନ୍ଦ୍ରମାକିରଣକୁ ନ କର ଦେବ ଭୟ ।
ଶ୍ରୀରାମ ବୋଇଲେ ବାବୁ ଶୁଣ ମୋର ବାଣୀ
ସର୍ବକାଳେ ଉଦୟ ହୁଅନ୍ତି ନିଶାମଣି ।
ଏ ଯେବେ ଚନ୍ଦ୍ରମା କମ୍ପା ଦେଉଅଛି ତାପ
ଏତେ ବୋଲି ଶ୍ରୀ ଭୁଜେ ଧଇଲେ ଶରଚାପ ।
ଦେବଇଁ ତାପର ଫଳ କରିବଇଁ ଦଣ୍ଡ
ଛେଦିବ ଚନ୍ଦ୍ରମଣ୍ଡଳ କରି ଖଣ୍ଡ ଖଣ୍ଡ ।
ଲକ୍ଷ୍ମଣ ବୋଲନ୍ତି ଦେବ କୋପ କର ଶାନ୍ତି
ଚିତ୍ତ ଭ୍ରମିହେଉଅଛି ବିଚ୍ଛେଦୁଁ ମହାସତୀ ।
ଶରଦ-ସମ୍ପୂର୍ଣ୍ଣ-ଚନ୍ଦ୍ରମୁଖୀ ଦେବୀ ସୀତା
ଜଗତର ଜନନୀ ଯେ ତୋହୋର ବନିତା ।
ନିକଟେ ସେ ନ ଥିଲାରୁ ବିଚ୍ଛେଦ-ଅନଳ
ସୀତମ୍ବା ବିହୁନେ ଦେବ ଅମ୍ଭା ତୋ ବିକଳ ।
ଶ୍ରୀରାମ ବୋଲନ୍ତି ଯାହା କହୁ ବଚନରେ
ସୀତମ୍ବା କପାଇଁ ମୋର ନାହିଁ ନିକଟରେ ।
ଲକ୍ଷ୍ମଣ ବୋଲଇଁ ଆମ୍ଭେ ଘରେ ନ ଥିଲଇଁ
ସୀତମ୍ବାକୁ କେହୁ ହରିନେଲ ବନସ୍ତଇଁ ।
ଲକ୍ଷ୍ମଣର ବଚନ ଯେ ରାମଚନ୍ଦ୍ର ଶୁଣି
ସୀତା ସୀତା ବୋଲି ରାମ ଶୋଇଲେ ଧରଣୀ ।
ଧନୁଶର ପକାଇଲେ ସୁମିତ୍ରାକୁମର
କୋଳକରି ଶ୍ରୀରାମକୁ ଧଇଲେ କୋଡର ।
ଧଇର୍ଯ୍ୟ ହୋଇବା ସ୍ୱାମୀ ନୋହୁବା ଦୁଃଖିତ
ଉଦଯୋଗ କରିବା ହରଷ ହୁଅ ଚିତ୍ତ ।
କ୍ଷଣେ କ୍ଷଣେ ଚେତନା କ୍ଷଣକେ ଅଚେତନ
କ୍ଷଣେ କ୍ଷଣେ ସୀତା ସୀତା ବୋଲନ୍ତି ବଚନ ।

ଏମନ୍ତ ପ୍ରକାରେ ତହିଁ ବସି ଦୋନ ବୀର
ହୋଇଲା ପ୍ରଭାତ କାଳ ନାଶି ଅନ୍ଧକାର ।୪୦।
କବନ୍ଧ ଗନ୍ଧର୍ବର ବଚନ ରାମ ଶୁଣି
କାହିଁ ଥିବ ସୁଗ୍ରୀବର ତଥ୍ୟ ତ ନ ଜାଣି ।
ଯାଉଁ ଯାଉଁ ବାଟରେ ସେ ଭେଟିଲେ ତାହାକୁ
ଭଲିକଙ୍କର କାର୍ଯ୍ୟେ ବହୁ କରନ୍ତି କଷ୍ଟକୁ ।
ଏତେ ବୋଲି ଅରଣ୍ୟେ ଗମନ୍ତି ଦୋନ ଭାଇ
ଜଳଇ ବିରହ ଅଗ୍ନି ସୀତାକୁ ହରାଇ ।
ପମ୍ପାସରୋବରକୁ ସେ ଅଟଇ ପଶ୍ଚିମ
ଶ୍ରମଣା ଶବରୀ ଯହିଁ କରନ୍ତି ଆଶ୍ରମ ।
ତହୁଁ ଯାଇଁ ପ୍ରବେଶ ହୋଇଲେ ଦୋନ ବୀର
ଦେଖିଣ ଶବରୀ ହୋଏ ଗୃହରୁ ବାହାର ।୪୫।
ବିବିଧ କୁସୁମ ଉପହାର କରେ ଘେନି
ଯଥାଶକ୍ୟ (ଶକ୍ତ ବା ଶକ୍ତି) ଭାବରେ ପୂଜିଲା ଭାଇ ଦୋନି ।
କରପଦ ଯୋଡ଼ି କହେ ଶ୍ରୀରାମ ଆଗର
ସାବଧାନେ ଶୁଣ ଦେବ ମୋହୋର ଉତ୍ତର ।
ଏ ଆଶ୍ରମେ ତପ କରୁଥିଲେ ମୁନିଗଣ
ମୁହିଁ ସେବା କରୁଥିଲି ତାହାଙ୍କ ଚରଣ ।
ତପୋବଳେ ମୁନିଗଣ ଗଲେ ସ୍ୱର୍ଗପୁର
ଯାହା କହିଗଲେ ମୋତେ ଶୁଣ ରଘୁବୀର ।
ଦଶରଥ ନନ୍ଦନ ଶ୍ରୀରାମଚନ୍ଦ୍ର ନାମ
ତୋର ଭାଗ୍ୟବଳେ ସେ ଆସିବେ ଏ ଆଶ୍ରମ ।୫୦।
ତାହାଙ୍କର ଚରଣ ତୁ ଦେଖିବୁ ନୟନେ
ଆନନ୍ଦେ ବସିବୁ ଯାଇଁ ଅମର ଭୁବନେ ।
ହେ ଦେବ ମୋହୋର ଭାଗ୍ୟେ ଅଇଲ ଏ ବନ
ତୁମ୍ଭ ରୂପ ଦେଖି ଗଲା ପାତକ ଦହନ ।

ଆଦିତ୍ୟ ହୋଇଲେ ହତ ଚନ୍ଦ୍ରମା ଉଦୟ
ଚନ୍ଦ୍ରମାକିରଣକୁ ନ କର ଦେବ ଭୟ ।
ଶ୍ରୀରାମ ବୋଇଲେ ବାବୁ ଶୁଣ ମୋର ବାଣୀ
ସର୍ବକାଳେ ଉଦୟ ହୁଅନ୍ତି ନିଶାମଣି ।
ଏ ଯେବେ ଚନ୍ଦ୍ରମା କମା ଦେଉଅଛି ତାପ
ଏତେ ବୋଲି ଶ୍ରୀ ଭୁଜେ ଧଇଲେ ଶରଚାପ ।
ଦେବଇଁ ତାପର ଫଳ କରିବଇଁ ଦଣ୍ଡ
ଛେଦିବି ଚନ୍ଦ୍ରମଣ୍ଡଳ କରି ଖଣ୍ଡ ଖଣ୍ଡ ।୭୦।
ଲକ୍ଷ୍ମଣ ବୋଲନ୍ତି ଦେବ କୋପ କର ଶାନ୍ତି
ଚଉ ଭୂମିହେଉଅଛି ବିଚ୍ଛେଦୁଁ ମହାସତୀ ।
ଶରଦ-ସମ୍ପୂର୍ଣ୍ଣ-ଚନ୍ଦ୍ରମୁଖୀ ଦେବୀ ସୀତା
ଜଗତର ଜନନୀ ଯେ ତୋହୋର ବନିତା ।
ନିକଟେ ସେ ନ ଥିଲାରୁ ବିଚ୍ଛେଦ-ଅନଳ
ସୀତଯ୍ଯା କହୁନେ ଦେବ ଅମ୍ବା ତୋ ବିକଳ ।
ଶ୍ରୀରାମ ବୋଲନ୍ତି ଯାହା କହୁ ବଚନରେ
ସୀତଯ୍ଯା କପାଇଁ ମୋର ନାହିଁ ନିକଟରେ ।
ଲକ୍ଷ୍ମଣ ବୋଲଇଁ ଆମ୍ଭେ ଗୃହେ ନ ଥିଲାଇଁ
ସୀତଯ୍ଯାକୁ କେହୁ ହରିନେଲା ବନସ୍ତଇଁ ।୭୫।
ଲକ୍ଷ୍ମଣର ବଚନ ଯେ ରାମଚନ୍ଦ୍ର ଶୁଣି
ସୀତା ସୀତା ବୋଲି ରାମ ଶୋଇଲେ ଧରଣୀ ।
ଧନୁଶର ପକାଇଲେ ସୁମିତ୍ରାକୁମର
କୋଳକରି ଶ୍ରୀରାମକୁ ଧଇଲେ କୋଡର ।
ଧଇର୍ଯ୍ୟ ହୋଇବା ସ୍ୱାମୀ ନୋହିବା ଦୁଃଖିତ
ଉଦଯୋଗ କରିବା ହରଷ ହୁଅ ଚିତ୍ତ ।
କ୍ଷଣେ କ୍ଷଣେ ଚେତନା କ୍ଷଣକେ ଅଚେତନ
କ୍ଷଣେ କ୍ଷଣେ ସୀତା ସୀତା ବୋଲନ୍ତି ବଚନ ।

ଏମନ୍ତ ପ୍ରକାରେ ତହିଁ ବସି ବେନି ବୀର
ହୋଇଲା ପ୍ରଭାତ କାଳ ନିଶି ଉଜାଗର ।
କବନ୍ଧ ଗନ୍ଧର୍ବର ବଚନ ରାମ ଶୁଣି
କାହିଁ ଥିବ ସୁଗ୍ରୀବର ତଥ୍ୟ ତ ନ ଜାଣି ।
ଯାଉଁ ଯାଉଁ ବାଟରେ ସେ ଭେଟିଲେ ତାହାଙ୍କୁ
ଋଷିଙ୍କର କାୟେ ବହି କରିଛ କଷ୍ଟକୁ ।
ଏତେ ବୋଲି ଅରଣ୍ୟେ ଗମନ୍ତି ବେନି ଭାଇ
ଜାଳଇ ବିରହଅଗ୍ନି ସୀତାକୁ ହରାଇ ।
ପମ୍ପାସରୋବରକୁ ସେ ଅଟଇ ପଶ୍ଚିମ
ଶ୍ରମଣା ଶବରୀ ଯହିଁ କରିଛି ଆଶ୍ରମ ।
ତହିଁ ଯାଇଁ ପ୍ରବେଶ ହୋଇଲେ ବେନି ବୀର
ଦେଖିଣ ଶବରୀ ହୋଏ ଗୃହରୁ ବାହାର ।
ବିବିଧ କୁସୁମ ଉପହାର କରେ ଘେନି
ଯଥାଶକ୍ୟ (ଶକ୍ତ ବା ଶକ୍ତି) ଭାବରେ ପୂଜିଲା ଭାଇ ବେନି ।
କରପଦ୍ମ ଯୋଡି କହେ ଶ୍ରୀରାମ ଆଗର
ସାବଧାନେ ଶୁଣ ଦେବ ମୋହୋର ଉତ୍ତର ।
ଏ ଆଶ୍ରମେ ତପ କରୁଥିଲେ ମୁନିଗଣ
ମୁହିଁ ସେବା କରୁଥିଲି ତାହାଙ୍କ ଚରଣ ।
ତପୋବଳେ ମୁନିଗଣ ଗଲେ ସ୍ୱର୍ଗପୁର
ଯାହା କହିଗଲେ ମୋତେ ଶୁଣ ରଘୁବୀର ।
ଦଶରଥ ନନ୍ଦନ ଶ୍ରୀରାମଚନ୍ଦ୍ର ନାମ
ତୋର ଭାଗ୍ୟବଳେ ସେ ଆସିବେ ଏ ଆଶ୍ରମ ।
ତାହାଙ୍କର ଚରଣ ତୁ ଦେଖିବୁ ନୟନେ
ଆନନ୍ଦେ ବସିବୁ ଯାଇଁ ଅମର ଭୁବନେ ।
ହେ ଦେବ ମୋହୋର ଭାଗ୍ୟେ ଅଇଲ ଏ ବନ
ତୁମ୍ଭ ରୂପ ଦେଖି ଗଲା ପାତକ ଦହନ ।

ଏତେ କହି ଶ୍ରୀରାମଚରଣେ ଦେଇ ଶିର
ଶୂନ୍ୟରେ ମିଶିଲ ସେ ଶବରୀ ସୁରପୁର ।
ସେଦିନରେ ବେନି ଭାଇ ରହିଲେ ସେଠାରେ
ରାତିଶେଷେ ସେଠାରୁ ଗଲେ ଧାଣ୍ଡକାରେ ।
ପମ୍ପା ନାମେ ସରୋବରରେ ହୋଇଲେ ପ୍ରବେଶ
ତୃଷା ଶେଷ କଲେ ତହିଁ କରି ଜଳଗ୍ରାସ ।୫୫।
କହେ ରାଜା ଗୋବିନ୍ଦ ସେ ଧନ୍ୟ ସରୋବର
ଯାର ଜଳ ଗ୍ରାସ କଲେ ଜଗତସୋଦର ।
ଶରଣ ଦ୍ରୋହୀ ଗୋବିନ୍ଦ ଶ୍ରୀରାମ ପଦ୍ମରେ
ଜନ୍ମେ ଜନ୍ମେ ବିଚ୍ଛେଦ ନୋହିବ ହୃଦୟରେ ।

---

ଜଳହଂସ ବେନି ଗୋଟି ଶରେ ନାଶ କରି
କ୍ଷୁଧା ନାଶ କଲେ ହବି ପିତୃକାର୍ଯ୍ୟ କରି ।
ଦିବସ ହୋଇଲା ଶେଷ ରଜନୀ ପ୍ରବେଶ
ସୀତାକୁ ସ୍ମରି ରାମ ଛାଡନ୍ତି ନିଃଶ୍ୱାସ ।
ବିଶ୍ରାମିଲେ ବେନି ଭାଇ ତରୁବର ତଳେ
ପ୍ରକାଶ ସକଳ ଦିଗ ଚନ୍ଦ୍ରମା ଉଜ୍ଜ୍ୱଳେ ।
ହୋଇଛି ବସନ୍ତ ଋତୁ ଷଡ଼ଋତୁ ରାଜା
ହୋଇଲେ ସକଳ ଜନ୍ତୁ ଅନଙ୍ଗର ପ୍ରଜା ।
ଚୂତ ତରୁମାନେ ବଉଳିଲେ ତା ରାଜ୍ୟରେ
କୋକିଳ ପଞ୍ଚମ ସ୍ୱର ଡାକଇ ସୁସ୍ୱରେ ।୫।
ଘନବନ ପୂରିଅଛି ଝିଙ୍କାରିର ସ୍ୱନ
ସୁଗନ୍ଧି ସହିତେ ବହେ ମଳୟ ପବନ ।
ବୃକ୍ଷରୁ କୁସୁମମାନେ ପଡୁଛନ୍ତି ଖସି
ମଞ୍ଜରିରେ ଭ୍ରମରେ ପିବନ୍ତି ମଧୁ ବସି ।

ଯୋଡ଼ ଯୋଡ଼ ହୋଇଛନ୍ତି ବାନର ବାନରୀ
ଡାକଇ ପିପିଆ ପକ୍ଷୀ ପ୍ରିୟା ପ୍ରିୟା କରି ।
ବନଜୀବେ କ୍ରୀଡ଼ନ୍ତି ବନରେ ମତ୍ତଭରେ
ରାମଚନ୍ଦ୍ର ଦେଖିଲେ ସକଳ ନୟନରେ ।
ବୋଲନ୍ତି ଲକ୍ଷ୍ମଣ ଶୁଣ ପ୍ରାଣ ସମ ଭାଇ
ଦହଇ ଶରୀର ମୋର ସୀତାକୁ ହରାଇ ।
ସୀତାୟା'-ବିଚ୍ଛେଦ ମୋର ଜାଣିଲା ମଦନ
ବସାଇ ପଞ୍ଚମ ଶର ବିନ୍ଧୁଅଛି ବାଣ ।
ନିରନ୍ତରେ ପ୍ରହାରଇ ହୃଦରେ ମୋହର
ସହିବି କେମନ୍ତେ କହ ସୁମିତ୍ରାକୁମର ।
ବନଜୀବେ କ୍ରୀଡ଼ା ଦେଖ କରନ୍ତି ବନରେ
ଯୋଡ଼ ଯୋଡ଼ ହୋଇଛନ୍ତି ହରଷମନରେ ।
ସୀତାୟାର ସଙ୍ଗ ମୋର ଭଙ୍ଗ କଲା ବିହି
ମଦନେ ଦହନ ମନ ଛନ୍ନ ମୋର ଦେହି ।
ଲକ୍ଷ୍ମଣ କହଇ ତୁ ଯେ ପରମ ପୁରୁଷ
କି ଅବା ନ ଜାଣୁ ଦେବ କହିବି ମୁଁ କିସ ।
କୋଟି ମେରୁ ଗିରି ଜିଣି ଧଇର୍ଯ୍ୟ ଯାହାର
ଗଭୀରେ ନୁହନ୍ତି ସମ ଯା କୋଟି ସାଗର ।
କାରୁଣ୍ୟ ବଚନ ତୁ କହିଲୁ ଦୟାନିଧି
ବୃହସ୍ପତି ବେଳେ ତୋତେ ନୋହିବ ପ୍ରବୋଧି ।
ଆପଣାକୁ ଆପଣ ପ୍ରବୋଧ ଦେବ କର
ତୁ ତ ଜାଣୁ ଦୟାନିଧି ସକଳ ବିସ୍ତର ।
ଡାକେ ଦ୍ରୋହୀ ଗୋବିନ୍ଦ ଶ୍ରୀରାମ ରକ୍ଷା କର
ନିଗମେ ଅଗମ୍ୟ ଦେବ ମହିମା ତୋହୋର ।
କଥାବାର୍ତ୍ତା ହୋନ୍ତେ ନିଶି ହୋଇଲା ପ୍ରଭାତ
ପୂର୍ବ ଦିଗେ ପ୍ରକାଶ ହୋଇଲେ ଦିନନାଥ ।

ପମ୍ପାସରୋବରରେ ରାମ ନିତ୍ୟକର୍ମ ସାରି
ପିତୃଗଣମାନଙ୍କୁ ସେ ଜଳଦାନ କରି ।
ବେନି ଭାଇ ଅଙ୍ଗରେ କବଚ ବେନି ଭିଡ଼ି
ତୂଣ ବାଣ ଖଡ୍ଗ ବାନ୍ଧିଲେ ଦୃଢ଼ କରି ।
ବାମେ ଧନୁ ଧଇଲେ ଦକ୍ଷିଣେ ତୀକ୍ଷ୍ଣ ଶର
ଋଷ୍ୟମୂକଗିରିକୁ ବିଜୟେ ବେନି ବୀର ।
ଘନବନ ଗିରିବର ଲଙ୍ଘି ବେନି ଭାଇ
ଋଷ୍ୟମୂକ ନିକଟେ ପ୍ରବେଶ ହେଲେ ଯାଇ ।
ସୁଗ୍ରୀବର ରହିଥିଲେ ଋଷ୍ୟମୂକ ଗିରି
ଯୂଥପତିମାନ ହନୂମାନ ଆଦି କରି ।୨୫।
ଋଷ୍ୟମୂକ ଗିରିବରୁ ଉଣ୍ଡାଇ ସକଳ
ପୃଥ୍ୱୀରେ ଗମନ୍ତି ସକଳ ମହାବୀର ।
ଦୂରନ୍ତୁଁ ଦେଖିଲେ ସର୍ବ ବାନରସଇନ
ବେନି ବୀର ଦିଶନ୍ତି କି ପ୍ରଚଣ୍ଡ ବହନ ।
ସୁଗ୍ରୀବର କହଇ ତୁ ଶୁଣ ହନୂମାନ
ଧନୁଶର ଧରି କେ ଆସନ୍ତି ବେନି ଜନ ।
କରେ ଶସ୍ତ୍ର ଘେନିଣ ଆସନ୍ତି ବେନି ବୀରେ
ତେଜ ଦେଖିଣ ତ୍ରାସ ବାରୁ ଲାଗୁଛି ମୋହୋରେ ।
ନରଲୋକ ଦେବଲୋକ ଦାନବ ଲୋକରେ
ସର୍ବ ଧନୁର୍ଧର ଦେଖିଅଛି ନୟନରେ ।୩୦।
ଏମନ୍ତ ପରମଜ୍ୟୋତି ଦେଖିଲି ତ ନାହିଁ
କାହୁଁ ଆସି ପ୍ରବେଶ ହୋଇଲେ ଥିଲେ କାହିଁ
ପଳାଇବା ହନୂମାନ ଏ ଅରଣ୍ୟ ଛାଡ଼ି
ପ୍ରଳୟ ଅନଳ ପ୍ରାୟେ ଆସୁଅଛି ମାଡ଼ି ।
ଏତେ କହି ସୁଗ୍ରୀବର ଉଠିଲା ତତ୍କ୍ଷଣ
ଚିହ୍ନି ତେଜ ପଳାଇଲା ଘେନି ଯୂଥପତି ।

ଅନେକ ପର୍ବତ ତେଜି ସକଳ ବାନରେ
ପଳାଇ ପଶିଲେ ଗିରି ଗହନ କନ୍ଦରେ ।
ସର୍ବ ଯୂଥପତି ଘେନି ସୁଗ୍ରୀବ ବାନର
ସର୍ବଥା ଧଇର୍ଯ୍ୟ ତାର ନୋହିଲା ଶରୀର ।୩୫।
ଯୂଥପତି ସହିତେ ସେ କରଇ ବିଚାର
ଆଇଲେ କେବଣ ସ୍ଥାନୁ ବେନି ଧନୁର୍ଦ୍ଧର ।
ତୁମ୍ଭେ ଅବା କି ବୋଲ ମୋହୋର ବଡ଼ ଭୟ
ମଣଇ ମୁଁ ବାଳିର ସେ ପକ୍ଷ ଲୋକ ପ୍ରାୟ ।
ଋଷିତପ-ତେଜବଳେ ନ ପାରଇ ଆସି
ସେ ଘେନି ବେନି ବୀରଙ୍କୁ ଦେଇଅଛି ପେଷି ।
ଗୁପତେ ଆମ୍ଭଙ୍କୁ ଅରଣ୍ୟରେ ଯିବେ ନାଶି
ଧନୁଶର ଧରଇ ପ୍ରତ୍ୟକ୍ଷେ କାଳଫାଶି ।
ମୋହୋର ବଚନ ଶୁଣ ସକଳ ବାନରେ
ଦିଗନ୍ତରେ ଯିବା ନ ରହିବା ଏ ବନରେ ।୪୦।
ସୁଗ୍ରୀବର ବଚନେ କହଇ ଜାମ୍ବବାନ
ମୋହୋର ବଚନ ଶୁଣ ବାନରସଜ୍ଜନ ।
ବେନି ଧନୁର୍ଦ୍ଧର ଯାହା ଦେଖିଲୁ ବନରେ
ତେଜକୁ ନୋହଇ ଚାହିଁ ବେନି ନୟନରେ ।
ପରମ ପୁରୁଷ ବେନି ହରିହର ପ୍ରାୟ
କପଟେ କି ଧରିଛନ୍ତି ମନୁଷ୍ୟର କାୟ ।
ବାଳିର ପ୍ରେଷିତ ପ୍ରାୟ ନ ଦିଶନ୍ତି ବେନି
ଦୂତ ପେଷି ବୁଝିବା ନିଶ୍ଚିତ ଭାବ ଘେନି ।
ଭୟ କି ନିର୍ଭୟ ସର୍ବ ଦିଗରୁ ବୁଝିବା
ଦୁଇ କଥା ଜାଣି କରି ଅରଣ୍ୟେ ପଶିବା ।୪୫।
ଶୌର୍ଯ୍ୟବନ୍ତ ସୁବୁଦ୍ଧି ଜାଣଇ ଧର୍ମଗତି
ଅଞ୍ଜନାର ନନ୍ଦନ ସେ ପବନସନ୍ତତି ।

ବେଗେ ଯାଉ ହନୁମାନ ତୋର ଆଜ୍ଞା ଘେନି
ବୁଝି କରି ଆସୁ ସେ ଯେ ମହାବୀର ବେନି ।
ଜାଣି ତ ନ ପାରି ରଜା ଦଇବର ବଳ
ତାହାଙ୍କରେ ଲଭି ଅବା ଲଭିବା ସକଳ ।
ଜାମ୍ବବବଚନେ ସୁଗ୍ରୀବର କହେ ବାଣୀ
ଯାଅ ବାବୁ ହନୁମାନ ଆସ ସର୍ବ ଜାଣି ।
ଏଠାରେ ରହୁଲେ ନ ହୋଇବ ଯଦ୍ଧ ନାଶ
ଭଲ ମନ୍ଦ ବୁଝ କଥା ବୁଝି କରି ଆସ ।୬୦।
ଆଜ୍ଞା ପାଇ ଉଠିଲା ସେ ପବନତନୟେ
ବେଳ ଘଡି ଲଗ୍ନଯୋଗ ବୁଝି ଶୁଭସୋଃୟେ ।
ଅଦ୍ଭୁତ ହୋଇ ଚିତ୍ତ ହେଉଛି ହରଷ
ଶ୍ରୀରାମ ନିକଟେ ଯାଇଁ ହୋଇଲା ପରବେଶ ।
ଦୂରରୁଁ ଦେଖିଲା ରାମ ପ୍ରସନ୍ନବଦନ
ରୂପରେ ଶୋହଇ ସମ କୋଟିଏ ମଦନ ।
ଶ୍ୟାମଳ ସୁନ୍ଦର ରାମ ପଙ୍କଜନୟନ
ଶିରେ ଜଟାଭାର କଟି ବଳ୍କଳବସନ ।
ରକ୍ତ କୁମୁଦ କରଚରଣର କାନ୍ତି
ଗଣ୍ଡମୂଳେ ବଟକ କୁଣ୍ଡଳ ବିରାଜନ୍ତି ।୬୫।
ହର ସଙ୍ଗେ ହର ପ୍ରାୟେ ଲକ୍ଷ୍ମଣ ଦିଶଇ
ବେନି ଶ୍ରୀଭୁଜରେ ଧନୁଶର ବିରାଜଇ ।
ଦୂରରୁଁ ଦେଖି ଜାଣିଲେ ପବନ ତନୟ
ନିରଞ୍ଜନ ପୁରୁଷ ହୋଇଲା ନରକାୟ ।
ନାହୁ ନାହୁ ବୋଲିଣ ତୋଳିଲା ବେନି କର
ଦଣ୍ଡବତେ ଶୋଇଲା କ୍ଷିତିରେ ମହାବୀର ।
ଲକ୍ଷ୍ମଣ ଜଣାଇ ଶୁଣ ଦେବ ରଘୁବୀର
ଦଣ୍ଡବତେ ଶୋଇଅଛି କେବଣ ବାନର ।

ସାବଧାନେ ମହାପ୍ରଭୁ କରିବା ସଦୟ
କରୁଣାବଚନେ ତାର ଛଡ଼ାଇବା ଭୟ ।୬୦।
କବନ୍ଧ ଗନ୍ଧର୍ବ ଯାହା ପୂର୍ବେ ଥିଲା କହି
ସୁଗ୍ରୀବ ବାନର ଏବା ହୋଇବଟି ଏହି ।
ଲକ୍ଷ୍ମଣ ବଚନ ଶୁଣି କରୁଣାସାଗର
ଆଜ୍ଞା ଦେଲେ ଉଠ ଉଠ ବନୟ ବାନର ।
ହରଷେ ପୁଲକ ତାର ସକଳ ଶରୀର
ଆନନ୍ଦରେ ନୟନୁଁ ବହଇ ଅଶ୍ରୁଜଳ ।
ବୋଲଇ ଦେଖିଲି ବ୍ରହ୍ମ ବେନି ଚର୍ମଡୋଳେ
ଏମନ୍ତ ବୋଲିଣ ବୀର ଉଭା ହୋଇ ଭେଲେ ।
ଲକ୍ଷ୍ମଣ କହଇ ଧନ୍ୟ ଜନନୀ ତୋହୋର
ଧନ୍ୟ ସୁତ ପାଇଅଛି ଯେ ତୋର ପିଅର ।୬୫।
ଶ୍ରୀରାମଚରଣେ ତୋର ଏତେ ଭକ୍ତି ବୁଦ୍ଧି
ବୁଡିଲୁ ବାନର ନିଶ୍ଚେ ଆନନ୍ଦପୟୋଧି ।
ହନୁମାନ ମସ୍ତକରେ ଦେଇ ରାମ କର
ବୋଇଲେ ହୋ ସୁସ୍ଥ ଚିତ୍ତେ କହ ତୁ ବାନର ।
କି ନିମନ୍ତେ ମୋତେ ତୋର ଏତେକ ସେନେହ
କି ନିମନ୍ତେ ଅଇଲୁ ସମସ୍ତ ମୋତେ କହ ।
କହଇ ପବନସୁତ ଯୋଡ଼ି ବେନି କର
ଋଷ୍ୟମୂକେ ଅଛି ଦେବ ସୁଗ୍ରୀବ ବାନର ।
ଆସନ୍ତେ ଦେଖିଲା ପଥେ ଧନୁର୍ଦ୍ଧର ବେନି
ଭୟେ ପଳାଇଲା ତୋତେ ନ ପାରିଲା ଚିହ୍ନି ।୭୦।
ଦେଖିଲା ତୋହୋର ତେଜ ଅନଳ ସମାନ
ଭୟ ପାଇ ଗିରିବର ଛାଡ଼ିବାକୁ ମନ ।
ଧଇର୍ଯ୍ୟ କରାଇ ତାକୁ ଅଇଲି ଗୋସାଇଁ
ପରମ ପୁରୁଷ ତୋତେ ଜାଣିବାକୁ ପାଇ ।

ପବନନନ୍ଦନ ମୋର ନାମ ହନୁମାନ
ପୂର୍ବ ଭାଗ୍ୟବଳେ ତୋର ପାଇଲି ଦର୍ଶନ ।
ତୋହୋର ଶ୍ରୀମୁଖ ଆଜ୍ଞା ପାଇକରି ଯିବ
ଯାହା ଆଜ୍ଞା ଦେବ ତାକୁ ସମସ୍ତ କହିବ ।
ମୁଁ କିସ କହିବ ତୁ ଯେ ସର୍ବ ଅନ୍ତର୍ଯାମୀ
କି ବୋଲି କହିବ ଆଜ୍ଞା ଦେବା ମୋତେ ସ୍ୱାମୀ ।୭୫।
ହନୁମାନ ମୁଖରୁ ବଚନୁ ବାଣୀ ଶୁଣି
ଆଜ୍ଞା ଦେଲେ ମେଘ ଯେ ଗମ୍ଭୀର ସ୍ୱରୁ ବାଣୀ ।
ସରଯୂ ନଦୀର ତଟେ ଅଯୋଧ୍ୟା ନଗର
ତହିଁର ରାଜନ ଦଶରଥ ନୃପବର ।
ତାହାର ନନ୍ଦନ ରାମଚନ୍ଦ୍ର ନାମ ମୋର
ଭରତ ଶତ୍ରୁଘ୍ନ ଭାଇ ଲକ୍ଷ୍ମଣ ସୋଦର ।
ଭାରିଯା ମୋହର ସୀତା ଜନକକୁମାରୀ
ମୋହୋରେ ଭଗତି ନାରୀ ପରମ ସୁନ୍ଦରୀ ।
କଉଶଲ୍ୟା ଅଟନ୍ତି ମୋହୋର ଗର୍ଭଧାରୀ
କଇକେୟୀ ସୁମିତ୍ରା ରାଜାର ତିନି ନାରୀ ।୮୦।
ରାଜ୍ୟରେ ରାଜନ ମୋତେ କରୁଥିଲେ ତାତ
କଇକେୟୀ ନାମେ ନାରୀ ଭରତର ମାତ ।
ସଉଭାଗୀ ସର୍ବଦା ସେ ଅଟନ୍ତି ରାଜାର
ସେବା ଫଳେ ତୁଷ୍ଟ ହୋଇ ରାଜା ଦେଲେ ବର ।
ବୋଇଲା ଭରତ ରାଜା ଅଯୋଧ୍ୟା ନଗର
ସତ୍ୟରେ ହୋଇଲେ ବନ୍ଦୀ ମୋହୋର ପିଅର ।
ପିତାସତ୍ୟ ନିମନ୍ତେ ମୁଁ ଅଇଲି ବନରେ
ସୀତା ହରାଇଲେ ପଞ୍ଚବଟୀ ବନସ୍ତରେ ।
ପଞ୍ଚବଟୀ ବନରେ ମୁଁ ସୀତା ହରାଇଲି
କେ[illegible] ନେଲା ସୀତୟାଙ୍କୁ ତଥ୍ୟ ନ ପାଇଲି ।୮୫।

ବନେ ପଶି ଖୋଜିଲି ସୀତାର ପ୍ରତିଆଶେ
ପ୍ରବେଶ ହୋଇଲି ଜଟାୟୁ ପକ୍ଷୀ ପାଶେ ।
ଜଟାୟୁ ପକ୍ଷୀ ଏକା କହିଲା ବାରତା
ଲଙ୍କାପତି ରାକ୍ଷସ ନିଷ୍ଠୁର ନେଲା ସୀତା ।
ତାହାର ବଚନେ ମୁଁ ଅବୋଧଚିତ୍ତ ହୋଇ
ଭ୍ରମଇ ଅରଣ୍ୟେ ପଶି ସୀତମ୍ମାର ପାଇଁ ।
ସୀତାଙ୍କୁ ଖୋଜନ୍ତେ ବନ ବନାନ୍ତରେ ପଶି
କବନ୍ଧ ରାକ୍ଷସକୁ ଭେଟିଲୁ ଆମ୍ଭେ ଆସି ।
ଆମ୍ଭନ୍ତ ଭକ୍ଷିବ ବୋଲି ବସ୍ତରିଲା ଚଢ଼େ
ଛେଦିଲୁ ତାହାର ବାହୁ ଖଡଗର ଘାତେ ।୧୦।
ଦେହତ୍ୟାଗ କରି ଯାଇଁ ବସିଲା ଗଗନେ
ଗନ୍ଧର୍ବ ସ୍ୱରୂପ ହୋଇ ବସିଲା ବିମାନେ ।
ବିମାନରେ ବସି ସେ କହିଲା ସ୍ତୁ ବାଣୀ
ମୋହର ବଚନ ତୁମ୍ଭେ ଶୁଣ ରଘୁମଣି ।
ଋଷ୍ୟମୂକେ ରହିଅଛି ସୁଗ୍ରୀବ ବାନର
ସୀତମ୍ମାର ସନ୍ଦେଶ ଜାଣଇ ମହାବୀର ।
ବେନିଭାଇ ଚାଲିଯାଅ ତାହାର ପାଶକୁ
ସୀତମ୍ମା ସନ୍ଦେଶ ସବୁ କହିବ ତୁମ୍ଭଙ୍କୁ ।
ତାହାର ବଚନ ଶୁଣି ଆଇଲୁ ଏ ସ୍ଥାନ
ସକଳ କହିଲୁ ତୋତେ ଶୁଣ ହନୁମାନ ।୧୫।
କାହିଁ ଅଛି ସୁଗ୍ରୀବ ପାଉଛି ମନେ ତ୍ରାସ
ଯାଅ ବାବୁ ପାବନି ତୁରିତେ ଘେନିଆସ ।
ଶ୍ରୀରାମ ମଧୁର ବାଣୀ ଶୁଣି ହନୁମାନ
ଶିରେ କର ଦେଇ ବୀର ଉଠିଲା ବହନ ।
ପ୍ରଦକ୍ଷିଣ କରି ଶିର ଚରଣେ ଲଗାଇ
ଗିରି ସର୍ବ ଲଙ୍ଘିଗଲା ପବନତନଇ

ସର୍ବ ବଳ ଘେନି ଯହିଁ ଅଛି ରଘୁବୀର
ପ୍ରବେଶ ହୋଇଲା ତହିଁ କେଶରୀକୁମର ।
ଦେଖିଲେ ହନୁକୁ ଦୂରୁ ସକଳ ବାନରେ
ହସ ହସ ହେଉଅଛି ହରଷମନରେ । ୧୦୦ ।
ଜାମ୍ବବାନ ମୁଖ ଚାହିଁ ସୁଗ୍ରୀବ କହଇ
ହରଷେ ତ ଆସୁଅଛି ପବନତନଇ ।
ଦୂତର ହରଷେ କାର୍ଯ୍ୟ ହୁଅଇ ସଫଳ
କଥା ହୋନ୍ତେ ପ୍ରବେଶ ହୋଇଲା ମହାବଳ ।
ସୁଗ୍ରୀବର ଜାମ୍ବବାନ ସୁଷେଣ ସହିତେ
ନମସ୍କାର କଲା ବୀର ହରଷିତ ଚିତ୍ତେ ।
ସୁଗ୍ରୀବ କହଇ ବାବୁ ଶୁଣ ହନୁମାନ
ଭୟ କି ନିର୍ଭୟ କହ କୁଶଳ ବଚନ ।
ହନୁମାନ କହେ ଶୁଣ ବାନର ନୃପତି
ଆଜିଠାରୁ ଗଲା ତୋର ସକଳ ଦୁର୍ଗତି ।୧୦୫।
ଅଯୋଧ୍ୟାନୃପତି ଦଶରଥର କୁମର
ଶ୍ରୀରାମ ଲକ୍ଷ୍ମଣ ନାମେ ବେନି ଧନୁର୍ଦ୍ଧର ।
ପରମପୁରୁଷ ରାମ ନର ରୂପ ଧରି
ତୋର ଭାଗ୍ୟବଳରୁ ଅଇଲେ କୃପା କରି ।
ବିଳମ୍ବ ନ କର ରାଜା ଉଠ ବେଗ ହୋଇ
ରାମଚନ୍ଦ୍ର ଚରଣେ ଶରଣ ପଶ ଯାଇଁ ।
ଦର୍ଶନେ ନାଶିବ ତୋର ସର୍ବ ଦୁଃଖଭାର
ଜନ୍ମ ମୃତ୍ୟୁ ଭୟ ଆଉ ନୋହିବ ତୋହୋର ।
ଯେଉଁ ଭାବେ ବନକୁ ଅଇଲେ ରଘୁପତି
ଯେଉଁ ଭାବେ ବିଚ୍ଛେଦ ହୋଇଲେ ମହାସତୀ ।୧୧୦।
ଯେଉଁ ଭାବେ ରାମକୁ କହିଲା ପକ୍ଷିବର
କବନ୍ଧ କହିଲା ଯାହା ବିମାନ ଉପର ।

ଯେତେ ସବୁ ଆଜ୍ଞା ଦେଇଥିଲେ ରଘୁପତି
ସୁଗ୍ରୀବ ଅଗରେ ସବୁ କହିଲା ମାରୁତି ।
ହନୁମାନବଚନେ ଉଠିଲା ସୁଗ୍ରୀବର
ରାମନାମ ଶବଦେ ପୂରିଲା ଗିରିବର ।
ଅଇଲା ସୁଗ୍ରୀବ ସବୁ ଯୂଥପତି ଘେନି
ପଥଯାକ ଶୁଭୁଅଛି ବାହି ରାମ ଧ୍ୱନି ।
ବସିଛନ୍ତି ବେନିଭାଇ ନଦୀର ତଟରେ
ଧନୁଶର ଘେନି ବେନି ପାଷାଣ ଉପରେ । ୧୧୫ ।
ସୁଗ୍ରୀବର ଆସନ୍ତେ କମ୍ପଇ ଗିରିବର
ସର୍ବଶାଖା ସହିତେ କମ୍ପନ୍ତି ତରୁବର ।
ଲକ୍ଷ୍ମଣ କହନ୍ତି ଦେବ ଶୁଣ ଦାଶରଥି
ଆସୁଅଛି ପରା ଦେବ ବାନରନୃପତି ।
ଗିରିବର କମ୍ପଇ କମ୍ପଇ ତରୁଡାଳ
ସୁଗ୍ରୀବ ଆସୁଛି ଘେନି ବାନର ସକଳ ।
ଏତେ କହୁ ଅଗରେ ହୋଇଲେ ଯାଇ ଉଭା
ଦ୍ୟୁତିତ କାଞ୍ଚନ ପ୍ରାଏ ଦିଶୁଅଛି ଶୋଭା ।
ଦୂରହୁଁ ଦେଖିଲା ରୂପ ସୁଗ୍ରୀବ ବାନର
ନିରାକାର ପୁରୁଷ ଏ ହୋଇଛି ଆକାର । ୧୨୦ ।
ଯେତେବେଳୁ ଦିଶିଲା ଶ୍ରୀରାମର ବଦନ
ଦଣ୍ଡବତେ ଶୋଇଲା ସେ ବାନରରାଜନ ।
ପୁଣି ପୁଣି ଉଠଇ ଶୁଅଇ ପୁଣି ପୁଣି
ପୁଣି ପୁଣି ଯୋଡ଼ଇ ମସ୍ତକେ ବେନି ପାଣି ।
ନିସ୍ତରିଲି ନିସ୍ତରିଲି ବାହୁ କର ରାମ
ସଂସାର ତାପକୁ ତୋର ଚରଣ ବିଶ୍ରାମ ।
ତୁ ଦେବ ନିର୍ମଳବସ୍ତୁ ପରମପୁରୁଷ
କୃପା କଲୁ ବାନର ଚକ୍ଷୁକୁ ଦେଲୁ ଦୃଶ ।

ବନସ୍ତରେ ପାଇଲି ଅମୃତମୟ ଗ୍ରାସ
ଜନ୍ମ-ମୃତ୍ୟୁ-କଷଣ ଦର୍ଶନେ ଗଲା ନାଶ ।
ସୁଗ୍ରୀବର କହନ୍ତେ ସନ୍ତୋଷ ସୀତାପତି
ଆଶ୍ୱାସେ ଡ଼ାକନ୍ତି ଶୁଣ ବାନରନୃପତି ।
ତୋହୋର ସନ୍ତୋଷଭାବ ଶୁଣିଥିଲୁ କର୍ଣ୍ଣେ
ତହୁଁ କି ଅଧିକ ତୋତେ ଦେଖିଲୁ ନୟନେ ।
ଏତେ କହି ଶ୍ରୀରାମ ତୋଳିଲେ ବେନି କର
ଆଶ୍ୱାସି ସୁଗ୍ରୀବରକୁ ବସାଇ ପାଶର ।
ଏଥୁ ଅନନ୍ତରେ ତହୁଁ ସୁଗ୍ରୀବରାଜନ
ଭଣେ ଦେବ ସୀତନ୍ୟୁକାନ୍ତ ହୁଅ ସାବଧାନ ।
ଉଠି ବେନି କର ଯୋଡ଼ି କହଇ ବଚନ
ସୀତାକୁ ଗଗନେ ନେଉଥିଲା ଦଶାନନ ।
ତାହାର କୋଳରେ ସୀତା ମହାସତୀ ଥାଇ
ଶ୍ରୀରାମ ଲକ୍ଷ୍ମଣ ବୋଲି ଉଚେ ଡ଼ାକ ଦେଇ ।
ତାହାଙ୍କ ବଚନ ଶୁଣି ବାନର ସକଳ
ଚଳେ ଧାଇଁଥିଲୁ ଚହୁଁ ଆକାଶମଣ୍ଡଳ ।
ଆମ୍ଭନ୍ତ ଦେଖିଣ ସତୀ ପରମ ଆକୁଳେ
ବୋଇଲେ ବଚନ ଶୁଣ ବାନର ସକଳେ ।
ଶ୍ରୀରାମ ଲକ୍ଷଣଙ୍କୁ ଦେଖିଲେ ଅରଣ୍ୟରେ
ମୋହୋର ଆକୁଳ ସବୁ କହିବ ଛାମୁରେ ।
କହିବ ସୀତାକୁ ନେଲା ଲଙ୍କାର ରାବଣ
ମୋହୋର ବଚନ ତୁମ୍ଭେ କପିଗଣ ଶୁଣ ।
ଅମଳାଣ ବସନରେ ବାନ୍ଧି ରତ୍ନଚୂଡ଼ୀ
ବାନରମଣ୍ଡଳ ମଧ୍ୟେ ପକାଇଲେ ତୋଳି ।
ଏତେ କହି ବସ୍ତ୍ର ଚୂଡ଼ୀ ଆଗରେ ଥୋଇଲେ
ଶିରେ କର ଦେଇ ଦଣ୍ଡବତରେ ଶୋଇଲେ ।

କହେ ରାଜା ଗୋବିନ୍ଦ ବାନରରାଜ ଧନ୍ୟ
ବଶେଷି କହିବ କେ ତୋହୋର ଯେତେ ପୁଣ୍ୟ ।
ନିର୍ମଳ ପୁରୁଷଙ୍କୁ ଦର୍ଶନ କଲୁ ଆସି
ଯାହାର ଦର୍ଶନେ ଦୂର ହୋଏ ଦୁଃଖରାଶି । ୧୩୯ ।

ଏଥୁ ଅନନ୍ତରେ ରାମ ସୁଗ୍ରୀବଙ୍କୁ ଚାହିଁ
ଦେଖ ଦେଖ ସୁଗ୍ରୀବ ମୋହୋର ଦୁଃଖ ତୁହି ।
ପିତା ସତ୍ୟ ନିମନ୍ତେ ମୁଁ ଅଇଲି ବନରେ
ସୀତା ହରାଇଲି ପଞ୍ଚବଟୀ ବନସ୍ତରେ ।
କବନ୍ଧ ନାମେ ଗନ୍ଧର୍ବ ବସି ବିମାନରେ
ତୋହୋର ଚରିତ ସବୁ କହିଲା ମୋହୋରେ ।
ତାହାର ବଚନେ ମୁଁ ଅଇଲି ତୋର ପାଶ
ଶୁଣିଲି ତୋହୋର ତହୁଁ ସୀତାୟୁ-ସନ୍ଦେଶ ।
ନ ଜାଣିଣ କେ ତୋହୋରେ ଦେଉଅଛି ଦୁଃଖ
କି ନିମନ୍ତେ ବନ୍ଧୁ ତୋତେ ହୋଇଛି ବିମୁଖ । ୫ ।
ଦୁଃଖ କହୁଁ କହୁଁ କୋପ ହୋଇଲା ମନରେ
ସଂହାର ସ୍ୱରୂପ ବାଣ ବସାଇ ଧନୁରେ ।
ଯଦି ଦୁଃଖ ଦେଉଅଛି ଦଶଦିଗପାଳ
ପ୍ରାଣେ ନାଶ କରି ଶିରୀ ହରିବି ସକଳ ।
ଯଦି ତୋତେ (ମୋତେ) ଦୁଃଖ ଦେଉଅଛି ସୁରପତି
ଦହିବ ଅମର ପୁର ନାଶିବି ସମ୍ପତ୍ତି ।
ବରଞ୍ଚି ବହ୍ନରେ ସିନା ସକଳ ସଂସାର
ତାହାରି କୃତ୍ୟରେ ଏତେ ଅବସ୍ଥା ମୋହୋର ।
ଦେଖ ତୁ ସୁଗ୍ରୀବ ମୋର ବାଣ-ବେଗ-ବଳ
ଛେଦିବି ବ୍ରହ୍ମମଣ୍ଡଳ ପକାଇବି ତଳୁଁ । ୧୦

ସମୁଦ୍ରଭିତରେ ଥିଲେ ସୀତାମ୍ମା ମୋହୋର
ବାଣଘାତେ ଶୁଖାଇବି ସପତ ସାଗର ।
କୋପ ଦେଖି ସୁଗ୍ରୀବ ବହୁର କଲା ଚିତ୍ତେ
ନାଶିବ ଜଗତ ରାମ ସୀତାର ନିମନ୍ତେ ।
ଉଠି ସୁଗ୍ରୀବର ଯୋଡ଼ି ମସ୍ତକରେ କର
ସାବଧାନ ହୋଇବା କୋଦଣ୍ଡ ରୂପଧର ।
ଯହୁଁ ଥିବ ମହାସତୀ ଜନକକୁମାରୀ
କାହିଁ ଅଛି ବସ୍ତୁର ଜାଣିମା ତଥ୍ୟ କରି ।
ତହିଁକି ଉପାୟ ସ୍ୱାମୀ କରିବା ବସ୍ତୁର
କୋପ ଶାନ୍ତ କର ଦେବ ନାଶିବ ସଂହାର ।୧୫
ସୁଗ୍ରୀବ କହନ୍ତେ ଶାନ୍ତ ଚିତ୍ତ ରାମ ହୋଇ
ପଚାରନ୍ତି ସୁଗ୍ରୀବଙ୍କୁ ପାଶରେ ବସାଇ ।
କହ ସୁଗ୍ରୀବର ରାଜା ମୋହୋର ବଚନେ
କି ନିମନ୍ତେ ବାନର ଆଶ୍ରମ କଲୁ ବନେ ।
ସୁଗ୍ରୀବ କହଇ ଦେବ ଶୁଣ ରୂପପାଣି
ବାଳି ନାମେ ବାନର କିଷ୍କିନ୍ଧାନୃପମଣି ।
ବଳବନ୍ତ ପଣରେ ସଂସାରେ ନାହିଁ ସରି
ଭାରିଯା ତାହାର ତାରା ପରମ ସୁନ୍ଦରୀ ।
ତର୍ପଣ କରଇ ନିତି ବହୁର ସିନ୍ଧୁ ଜଳେ
କେହୁ ତାଙ୍କୁ ସମ୍ମୁଖ ନୁହନ୍ତି ରଣଗୋଳେ । ୨୦
ମୁଁ ତାହାର କନିଷ୍ଠ ସୋଦର ରଘୁବୀର
ସାବଧାନେ ସେବଇ ମୁଁ ଚରଣ ତାହାର ।
ଏମନ୍ତେ ଥୋକାଏ କାଳ ଅନ୍ତରେଣ କଥା
ସାବଧାନେ ଶୁଣ ଦେବ କହଇ ବ୍ୟବସ୍ଥା ।
ଦୁନ୍ଦୁଭି ନାମରେ ସେ ଦଇତ ନିଶାଚର
ଭ୍ରମନ୍ତି ମଇଁଷି ରୂପେ ସକଳ ସଂସାର ।

ସମୁଦ୍ର ନିକଟେ ବୀର ହୋଇଲା ପ୍ରବେଶ
ବୋଲଇ ସମୁଦ୍ର ବେଗେ ଆସ ମୋର ପାଶ ।
ମୋର ସମ ବଳବନ୍ତ କାହିଁ ନ ଦେଖିଲି
ତେଣୁ ତୋର ସଙ୍ଗେ ଯୁଦ୍ଧ କରିତେ ଅଇଲି ।୨୫
ତୋହୋର ମୋହୋର ଆଜ କରିବା ସମର
ଅସୁରବଚନ ଶୁଣି କହେ ରତ୍ନାକର ।
ତୋହୋର ସମାନ ମୁଁ ନୁହଇ ବଳବନ୍ତ
ପାର୍ବତୀର ପିତା ହିମଗିରି ବଳବନ୍ତ ।
ତାହାର ସଙ୍ଗରେ ବୀର ସଂଗ୍ରାମ ତୁ କର
ଶୁଣି କୋପେ ଧାଇଁଲା ଦୁନ୍ଦୁଭି ମହାବୀର ।
ହିମବନ୍ତ ନିକଟେ ପ୍ରବେଶ ହେଲା ଯାଇଁ
ମହାନାଦ କରଇ ଖୋଳଇ ଖୁରେ ମହୀ ।
ତରୁଲତାମାନଙ୍କୁ ଭାଙ୍ଗଇ କୋପଭରେ
କୋପ ଦେଖି କହେ ଗିରି ଅସୁର ଆଗରେ । ୩୦ ।
ତୋହୋର ସଙ୍ଗତେ ମୁଁ ନୋହଇ ବଳେ ସମ
କିଷ୍କିନ୍ଧାରେ ରାଜା ମହାବଳୀ ବାଳି ନାମ ।
ତାହାର ସଙ୍ଗତେ ରଣ କର ବୀରବର
ଶୁଣି କୋପ କରି ବାହୁଡ଼ିଲା ମହାସୁର ।
ଗିରିରାଜ-ତହୁଁ ଶୁଣି ଦୁନ୍ଦୁଭି ରାକ୍ଷସ
କିଷ୍କିନ୍ଧା ନଗରେ ଆସି ହୋଇଲା ପ୍ରବେଶ ।
ଦୁଇ ମହାବଳଙ୍କର ଘୋର ସଂଗ୍ରାମରେ
ଗିରିବର ଭାଙ୍ଗିଲେ ଭାଙ୍ଗିଲେ ତରୁବରେ ।
ରାତ୍ରଦିବା ଅବିଶ୍ରାମ ଘୋର ସଂଗ୍ରାମରେ
ବାଳି ତାକୁ ବୁଲାଇଲା ଧରି ଚରଣରେ । ୩୫ ।
ବୁଲାବନ୍ତେ ଦୁନ୍ଦୁଭି ଛାଡ଼ିଲା ନିଜକାୟ
ଅସ୍ଥି ତାର ପଡ଼ିଅଛି ଗିରିବର ପ୍ରାୟ

ମାୟାବୀ ନାମରେ ଦୁନ୍ଦୁଭିର ଜ୍ୟେଷ୍ଠ ଭାଇ
ମହାବଳେ ବଳୀ ତାଙ୍କୁ ସମ ନାହିଁ କେହି ।
ଶୁଣିଲେ କର୍ଣ୍ଣରେ ବୀର ଦୁନ୍ଦୁଭି-ମରଣ
କିଷ୍କିନ୍ଧା ନଗରେ ଆସି ଆରମ୍ଭିଲା ରଣ ।
ବାଳିଙ୍କ ଦେଖି ଦାନବ ଧଇଲା ତୁରିତ
ବୋଇଲା ଭାଇଙ୍କ ମୋର କରିଅଛୁ ହତ ।
ଆଜ ତୁ ବାନର ରାଜା ଯିବୁ ଯମପଥ
ଯୁଦ୍ଧ ହେଲେ ଜାଣିବୁ ତୁ ମୋହୋର ଅନର୍ଥ ।୪୦।
ବାହାନାଦ କରଣ ଶୁଣିଲା ଦୀର୍ଘରଡ଼ି
ପୁର ଛାଡ଼ି ବାହାର ହୋଇଲା ବୀର ବାଳି ।
ବାଳିଙ୍କୁ ଦାନବ ସେ ଯେ ଧଇଲା ତୁରିତେ
ବାନର ନୃପତିଙ୍କ ମାଇଲା ବଜ୍ରମୁଠେ ।
ପାଷାଣ ଉପରେ ଯେସନ୍ତେ ପକ୍ୱଫଳ ପଡ଼ି
ତାର ବଜ୍ରମୁଠ କିଛି ନ ମାନିଲା ବାଳି ।
ଦାନବ ଜାଣିଲା ବାଳି ଅତି ବଳବନ୍ତ
ନ କମ୍ପିଲା ଦେହ ତାର ପଡ଼ି ବଜ୍ରମୁଠ ।
ଏତେ ବୋଲି ଦାନବ ବିଚାର କଲା ମନେ
ରହିଲେ ନ ବଞ୍ଚିବ ବାଳିର ସନ୍ନିଧାନେ ।୪୫।
ଏତେ ବୋଲି ଦାନବ ପଳାଇ ପିଠିଦେଇ
ତାହାର ପଛରେ ବାଳି ଧାଇଁଲା ଗୋଡ଼ାଇ ।
ଅନେକ ଯୋଜନ ଗଲା ପଳାଇ ତ୍ରାସରେ
ପ୍ରବେଶ ହୋଇଲା ଯାଇଁ ପାତାଳ ବିବରେ ।
ଗୋଡ଼ାଇ ବାନର-ରାଜା କରିଅଛି ଶେଷ
ପାତାଳ ବିବର ଦ୍ୱାରେ ହୋଇଲା ପ୍ରବେଶ ।
ପଶିଲା ବାନରରାଜା ବିବର ଭିତରେ
ସମସ୍ତେ ଗୋଡ଼ାଇଥିଲୁ ରାଜାର ପଛରେ ।

ପ୍ରବେଶ ହୋଇଲୁ ଯାଇଁ ବିବରଦ୍ୱାରରେ
ବିବର ବେଢି ରହିଲୁ ସକଳ ବାନରେ ।୫୦।
ଦାନବକୁ ବାନରସ୍ୱଜନ ରଣେ ଜିଣି
ଅବଶ୍ୟ ତ ବିଜୟ କରିବ ଏହିକ୍ଷଣି ।
ଏମନ୍ତ ବିସ୍ତର କରି ସକଳ ବାନରେ
ଉଭହୋଇ ରହିଥିଲୁ ସେ ବିବରଦ୍ୱାରେ ।
ବେନ ମାସ ରହିଥିଲୁ ବାନର ସକଳ
ବିବରୁ ବାହାର ସେ ନୋହିଲ ମହାବଳ ।
ବାଲି ନଖ ଦନ୍ତଘାତେ ଦଇତର କାୟ
ସ୍ରବିଲା ରୁଧିର ତାର ଗିରିନଦୀ ପ୍ରାୟ ।
ରୁଧିର ବାହାର ହେଲା ବିବରଦ୍ୱାରରେ
ଲୋଚନେ ଦେଖିଲେ ତାହା ସକଳ ବାନରେ ।୫୫।
ରୁଧିର ଦେଖନ୍ତେ ଆମ୍ଭେ ନ ଛାଡିଲୁ ଦ୍ୱାର
ପୁଣି ବେନ ମାସରେ ନଇଲା ମହାବୀର ।
ବେନ ବୀର ସଂଗ୍ରାମେ ନୋହନ୍ତି କେହି ଭଙ୍ଗ
ବେହୁଁ ବେଳ ବଟିଲା ଅନେକ ରଣରଙ୍ଗ ।
ସମସ୍ତେ ବୋଇଲେ ରାଜା ସଂଗ୍ରାମେ ପଡିଲା
ବିବରଦ୍ୱାରରେ ଦେଖ ରୁଧିର ସ୍ରବିଲା ।
ଦଇତକୁ ବାଳି ଯେବେ ସଂଗ୍ରାମେ ମାରନ୍ତା
ରଣ ଜୟ କରି ରାଜା ଅବଶ୍ୟ ଆସନ୍ତା ।
ବାଳିଙ୍କି ନିଶ୍ଚୟ ସେ ଦାନବ ନାଶ କଲା
ନୋହିଲେ କିମ୍ପାଇ ରାଜା ବାହାର ନୋହିଲା ।୬୦।
ବିଗୁର ଛାଡିଲେ ସେ ରାଜାର ପ୍ରତିଆଶ
ବୋଇଲେ ରାଜାକୁ ନିଶ୍ଚେଁ ମାଇଲା ରାକ୍ଷସ ।
ଏତେ ବୋଲି ଦଇତକୁ ମହାଭୟ କଲେ
ସମସ୍ତେ ବିବରଦ୍ୱାରେ ପାଷାଣ ପୋତିଲେ ।

ସମସ୍ତେ ରୋଦନ କଲୁ ବାଳିଙ୍କ ମରଣେ
ସମସ୍ତଙ୍କ ଲୋଚନରୁଁ ବହିଲା ଦୁଃଖବାରି ।
ମୋତେ ଘେନି ଅଇଲେ ସମସ୍ତ ମହାବଳୀ
କିଷ୍କିନ୍ଧାକୁ ସମସ୍ତ ବାନର ଗଲୁ ଚଳି ।
ଧର୍ମମତେ ନୃପତିଙ୍କ କ୍ରିୟା କର୍ମ କଲୁ
ରାଜ ବନ୍ଧୁ ସର୍ବଜନେ ଅନାସ୍ତ (ଛ) ହୋଇଲୁ ।୬୫।
ସର୍ବ ମନ୍ତ୍ରିଗଣମାନେ ବସିରଲେ ଚହେ
କିଷ୍କିନ୍ଧା ଭୁବନେ ରାଜା କରିବା ନିମନ୍ତେ ।
ଅଙ୍ଗଦ ରାଜାର ପୁତ୍ର ହୋଇଛନ୍ତି ବାଳୁତ
କିଷ୍କିନ୍ଧାକୁ ଶତ୍ରୁ ପଣେ ଅଛନ୍ତି ବହୁତ ।
ସୁଗ୍ରୀବ ଅଟଇ ସେ ରାଜାର ସାନ ଭାଇ
ଶୌର୍ଯ୍ୟବନ୍ତ ଧାର୍ମିକ ଏ ସୁବୁଦ୍ଧି ଅଟଇ ।
କିଷ୍କିନ୍ଧାରେ ଅଭିଷେକ କରିବା ଏହାର
ଏହାରେ ହରଷ ହୋଇ ସକଳ ବାନର ।
ଏତେ ବୋଲି ବସିରି ସମସ୍ତେ ଏକ ହୋଇ
ସମସ୍ତ ବାନରଙ୍କୁ ସେ ଦୂତ ପଠିଆଇ ।୭୦।
ଗିରିବରେ ତରୁବରେ ସର୍ବ ନଦୀତୀରେ
ନାନା ବନେ ନାନା ଥାନେ ଦିଗ ଦିଗନ୍ତରେ ।
ଯେ ଯାହାର ସନ୍ୟ (ସୈନ୍ୟ) ଘେନି ସକଳ ବାନରେ
ପ୍ରବେଶ ହୋଇଲେ ଆସି କିଷ୍କିନ୍ଧା ନଗରେ ।
ଗୃହି ମେଘେ ଯେସନେ କେ ମେଘ ସୈନ୍ୟ ଘେନି
ରହିଲେ ସକଳ ସ୍ଥାନେ ବାନର ସଇନି ।
ଜାମ୍ବବାନ ହନୁମାନ ସୁଷେଣ ସହିତେ
ନଳ ନୀଳ ଅଙ୍ଗ କରି ଯୂଥପତି ଯେତେ ।
କାଳାଞ୍ଜନ ଅଞ୍ଜନ ପବନ ଶତବଳ
ଗନ୍ଧମାଦନ ସହିତେ ସେନାଏ ସକଳ ।୭୫।

ପଞ୍ଚାଶ ଯୂଥପତି ସକଳ ବଳ ଘେନି
ମିଳିଲେ ମୋହୋର ଆଗେ ଘେନି ଦରଶନ ।
ଅଙ୍ଗଦକୁ କୋଳରେ ବସାଇ ଥିଲି ବସି
ସର୍ବ ସନମତେ ସତ୍ୟ ବାଳି ବାକ୍ୟ ଭାଷି ।
ଶୁଣ ସୁଗ୍ରୀବର ସର୍ବ ଯୂଥପତିମାନେ
ଏକ ଚିତ୍ତ ହୋଇ ଯାହା କହିଲେ ବଚନେ ।
ରାଜା ହୋଇଥିଲେ ବାଳି କିଷ୍କିନ୍ଧା ଭୁବନ
ବାହୁବଳେ ପାଳିଲା ଏ ସକଳ ଭୁବନ ।
ଦେବାସୁରେ ଭୟ ଆମ୍ଭେ ନ କଲୁ ତାହାରେ
ଦଇବବପାକେ ରାଜା ପଡିଲା ସମରେ । ୮୦ ।
ଅରାଜକ ହୋଇଅଛି କିଷ୍କିନ୍ଧା ନଗର
ତୋହୋରେ କରୁଛୁ ରାଜା ସକଳ ବାନର ।
କିଷ୍କିନ୍ଧା ନଗରେ ତୁ ଯେ ହୁଅ ନୃପବର
ସକଳ ବାନରଙ୍କୁ ତୁ ପ୍ରତିପାଳ କର ।
ସମସ୍ତେ ବିଚାର କରି ମୋତେ କଲେ ରାଜା
ଯୁବରାଜ ପଣେ ଅଙ୍ଗଦକୁ କଲେ ପୂଜା ।
ରୋମା ନାମେ ସୁନ୍ଦରୀ ମୋହୋର ପାଟରାଣୀ
ତାହାକୁ ସହିତେ ଅଭିଷେକ କଲେ ଆଣି ।
କିଷ୍କିନ୍ଧା ଭୁବନେ ଯେ ହୋଇଲି ମୁହିଁ ରାଜା
ଧର୍ମରେ ପାଳଇ ମୁଁ ତ ସକଳ ପରଜା । ୮୫ ।
ଏମନ୍ତେ ପାଳଇ ମୁଁ ଯେ କିଷ୍କିନ୍ଧା ଭୁବନ
ଅଙ୍ଗଦକୁ ଦେଖଇ ମୁଁ ଜୀବନ ସମାନ ।
ଏମନ୍ତେ ଥୋକାଏ ଦିନ ଅନ୍ତରେଣ କଥା
ଶୁଣିବାକ ରଘୁପତି ତହିଁର ବ୍ୟବସ୍ଥା ।
ଏମନ୍ତେ ଅନେକ ଦିନ ବିବର ଭିତରେ
ରାକ୍ଷସକୁ ବାଳି ରାଜା ମାରିଲା ସମରେ ।

ରାକ୍ଷସଙ୍କୁ ମାରି ତହୁଁ ବାଳିନୃପବର
ରଣଜୟ କରି ବାହୁଡ଼ନ୍ତେ ମହାବୀର ।
ପ୍ରବେଶ ହୋଇଲା ଆସି ବିବର ଦୁଆର
ଦେଖିଲା ପର୍ବତ ସମ ଅନେକ ପଥର ।
ନିବଦ୍ଧ ହୋଇଛି ପୋତା ବିବରଦୁଆର
ଦେଖି ରୋଷେ ମୁଥେ ପ୍ରହାରିଲା ମହାବୀର ।
ଉଡ଼ିଲେ ପାଷାଣ ସବୁ ପଡ଼ିଲେ ପୃଥ୍ୱୀର
ବିବରଦୁଆରେ ରାଜା ହୋଇଲା ବାହାର ।
ଦେଖିଲା ଦୁଆରେ ନାହିଁ ସକଳ ବାନରେ
ରୋଷଭରେ ବିସ୍ମର ସେ କଲାକ ମନରେ ।
ବୋଇଲା ମୋହୋର ଭାଇ ସୁଗ୍ରୀବର ଥିଲା
ସେ କିମ୍ପା ନିରାଶ ହୋଇ ମୋତେ ଛାଡ଼ିଗଲା ।
ବାନରନ୍ତ ଘେନି ମୋର ମନ୍ତ୍ରିଗଣ ଥିଲେ
ସେ କିମ୍ପା ନିରାଶ ହୋଇ ମୋତେ ଛାଡ଼ିଗଲେ ।
ଯେବେ ଗଲେ ପାଷାଣ ତ ପୋତିଲେ ଦୁଆର
ସେ କେମନ୍ତେ ଶୁଭ ଚିନ୍ତା ଚିନ୍ତିଲେ ମୋହୋର ।
ତଥାପି ନଗରେ ଯାଇଁ ଜାଣିମା ଉଦନ୍ତ
ସୁଗ୍ରୀବର ମନ୍ତ୍ରୀଙ୍କର ଚରିତ କେମନ୍ତ ।
ଏତେ ବୋଲି ରୋଷରେ ଧାଇଁଲା ପାଦଗତି
କିଷ୍କିନ୍ଧା ଭୁବନେ ଯାଇଁ ମିଳିଲା ତତ୍‌କ୍ଷଣ ।
ଗହ ଗହ ହୋଇ ସୈନ୍ୟ ଅଛନ୍ତି ଦୁଆରେ
ଶାଳ ଶିଳ ଘେନିଛନ୍ତି ସକଳ ବାନରେ ।
ଦେଖିଲା ମୁଁ ବସିଅଛି ରାଜ ଆସନରେ
ପଡୁଛି ବେନି ଚାମର ବେନି ପାରୁଶରେ ।
ବେଢି ସେବା କରୁଛନ୍ତି ସର୍ବ ମନ୍ତ୍ରିବରେ
ଏମନ୍ତ ସମୟେ ବାଳି ପ୍ରବେଶ ସଭାରେ ।

ଦେଖି ତାକୁ ଆସନ ତେଜିଲ୍ ଧାଡ଼ିକାରେ
ଦଣ୍ଡବତେ ଶୋଇଲ୍ ମୁଁ ରଜାର ପଦ୍ମରେ ।
ହୋଇଲୁ ମହା ହରଷ ସକଳ ବାନରେ
କରଯୋଡ଼ି ଉଭା ସର୍ବେ ହୋଇଲୁ ଛମୁରେ ।
ଭଲ ମନ୍ଦ ଦୁଇ କଥା ନ କଲା ବିଚାର
କ୍ରୋଧକଟାକ୍ଷରେ ଚାହିଁ ବୋଇଲା ଉତ୍ତର ।
ବୋଇଲ୍ ସୁଗ୍ରୀବ ମୁଁ ଜାଣିଲି ତୋର ଗତି
ବିବରେ ପାଷାଣ ପୋତି ହୋଇଲୁ ନୃପତି । ୧୦୯ ।
ଉଚିତ ସମୟୁ ଯଦି ଭେଟ ନ ପାଇଲ
ବିବର ଦୁଆର କମ୍ପା ପାଷାଣେ ପୋତିଲ ।
ଯେବେ କଷ୍ଟେ ଜାଣିଲ ସଂଗ୍ରାମେ ଗଲି ମାର
ଅଙ୍ଗଦକୁ ନ କଲ ତ ବାନରଈଶ୍ୱର ।
ନିଶ୍ଚୟେ ମୋହୋର ଶୁଭ ଚିନ୍ତା ତୋତେ ନାହିଁ
ଧର୍ମାଧର୍ମ ବିଚାର କରିବୁ ଅବା କାହିଁ ।
ମୁଁ ବୋଇଲି ଶୁଣ ଦେବ ବାନରରାଜନ
ପାପ ଚିନ୍ତା ଥିଲେ ହୃତ କରୁ ନିରଞ୍ଜନ ।
କିଷ୍କିନ୍ଧାର ନୃପତି ମୋହୋର ଜ୍ୟେଷ୍ଠ ଭାଇ
ପାପଚିନ୍ତା ଥିଲେ ଥିବ ନରକେ ସମ୍ଭାଇ । ୧୧୦ ।
ନିଶ୍ଚୟେ ନୃପତି ତୋତେ ନାହିଁ ପାପଚିନ୍ତା
ଏକଥା ବିଚାର ମୋର କହିବ ବିଧାତା ।
ମୋହୋର କହନ୍ତେ କିଛି ନ ଶୁଣିଲା କଣ୍ଠେ
ହୃଦରେ ପ୍ରହାର ମୁଥେ କଲା କୋପମନେ ।
କେଶ ଧରିବାକୁ ସେ ବଢାଇଦେଲା କର
ଆବୋରିଲା ହନୁମାନ ହୋଇଲା ଆଗର ।
ବୋଇଲି ମାତୁଳ କୋପ କରୁ କି ନିମନ୍ତେ
କିଛି ଦୋଷ ନାହିଁ ରଜା ବସ୍ତ୍ର ଝୁଁଷନ୍ତେ ।

ଅଟେ ସୁଗ୍ରୀବର ତୋର ପ୍ରୀତିଭଙ୍ଗ (?) ଭଲ
ତୋହୋର ବାହାରେ ଆନ କିଛି ନ ଜାଣଇ । ୧୧୫
ତାହାର ବଚନ ନ ଘେନିଲୁ କଦାଚିତେ
ଅନ୍ତଃପୁରେ ପଶିଲୁ ସେ ରୋମାର ନିକଟେ ।
× × × × ×
ଯିବ ଘେନି ଏବେ ତାର ରୋମା ଯେ ଯୁବତୀ ।
× × × × ×
ଏତେ ବୋଲି ଧଇଲୁ ରୋମାର କରବେଣି
× × × × ×
× × × ଧାଇଁଲେ ମହାବୀର
ଜାମ୍ବବାନ ସତବାଳୀ ହନୁମାନ ବୀର
ବୋଇଲେ ଅବିଚାର ତ କଲୁ ନୃପବର ।
ବିଚାରିଲେ ରାଜାକୁ ତ ନ କରିବା ମନ୍ଦ
ଏଠାରେ ରହିଲେ ତ ହୋଇବ ମହାଦ୍ୱନ୍ଦ୍ୱ ।
ଏମନ୍ତ ପ୍ରକାରେ ସର୍ବ ବାନର ବିଚାରି
ମୋତେ ଘେନି ଅଇଲେ ସେ ଋଷ୍ୟମୂକ ଗିରି ।
ଆମ୍ଭର ପଛରେ ଧାଇଁ ଥିଲୁ ରୋଷଭରେ
ଜାଣିଲୁ ପଶିଲୁ ଋଷ୍ୟମୂକ ଗିରିବରେ ।
ପଥରୁ ବାହୁଡ଼ିଯାଇ ମନ୍ଦିରେ ପ୍ରବେଶ
ନିରନ୍ତରେ ମୋହୋର ଉପରେ ମହାରୋଷ ।
ବୋଲଇ ସୁଗ୍ରୀବରକୁ ଦେଖିଲେ ନୟନେ
ମନ୍ତ୍ରିବ ସକଳ ଜାଣୁ ମାରିବ ଜୀବନେ । ୧୨୫ ।
ତାର ରୋମା ସହିତେ ସେ ବିହରଇ ପୁରେ
ସଂଗ୍ରାମରେ ଭୟ ନ କରଇ ଦେବାସୁରେ ।
ଭ୍ରାତୃନାରୀ ଘେନି କରି ହରୁଅଛି ଦିନ
ବିଚାରଇ ସୁଗ୍ରୀବକୁ କରିବ ନିଧନ ।

ଶ୍ରୀରାମ ବୋଲନ୍ତି ତୁ ହୋ ଶୁଣ କପିବୀର
ଶୁଣିଲି ତୋହୋର ତହୁଁ ସମସ୍ତ ଉତ୍ତର ।
ପୂର୍ବେ କହୁଥିଲୁ ହୋ ବାଳିର ଯେତେ ବଳ
ତର୍ପଣ କରଇ ବୀର ସ୍ପର୍ଶି ସିନ୍ଧୁ ଜଳ ।
ସମ୍ମୁଖ ସଂଗ୍ରାମେ ତାକୁ ନବାରି ନୁହଇ
ଋଷ୍ୟମୂକେ କେମନ୍ତେ ରହିଲ ଗୋପ୍ୟ ହୋଇ ।
କେଉଁ ତ ସଂଗ୍ରାମେ ତାକୁ ନ ପାରନ୍ତି ଠେଲି
ଏ ସ୍ଥାନକୁ କି ନିମନ୍ତେ ନ ଆସଇ ବାଳି ।
ସୁଗ୍ରୀବ କହଇ ଦେବ ଶୁଣ କୃପାପାଣି
କହିବି ତହିଁର କଥା ଶୁଣ ରଘୁମଣି ।
ପୂର୍ବେ ସେ ବାନରରାଜା ଦୁନ୍ଦୁଭିର ଭୁଲେ
ତେଜି ବୀରେ ମହାରୋଷେ ଘୋର ଯୁଦ୍ଧ କଲେ ।
ବହୁତ ଦିନ ଅନ୍ତରେ ବାଳି ମହାବୀର
ଫୁଟନ୍ତେ ଚରଣେ ସେ ଧରିଲା ଦୁନ୍ଦୁଭିର ।
ବୁଲାଇ ଚରଣ ସେ ଫିଙ୍ଗିଲା ରୋଷଭରେ
ପଡିଲା ଦଇତ ଋଷ୍ୟମୂକ ନିକଟରେ । ୧୩୯ ।
ଦୁର୍ବାସା କରନ୍ତି ତପ ଋଷ୍ୟମୂକ ତଟେ
ପଡିଲା ଦଇତ ଯାଇଁ ତାହାଙ୍କ ନିକଟେ ।
ଋଷ୍ୟମୂକ ଗିରିବରେ ଯେତେ ଜନ୍ତୁ ଥିଲେ
ଘୋର ଗର୍ଜନ ପଡନ୍ତେ ମହାଭୟ କଲେ ।
ଭୟେ ଧାଇ ଭ୍ରମନ୍ତେ ସକଳ ଜନ୍ତୁମାନେ
ଜନ୍ତୁଙ୍କ ତରସ୍ତ ମୁନି ଦେଖିଲେ ନୟନେ ।
ଦୁର୍ବାସା ବୋଇଲେ ମୋର ଅଗ୍ନେ (ଷୋ) ଭ ଆଶ୍ରମ
କେ ଅବା ବନଜୀବଙ୍କୁ କରିଇଲା ଭ୍ରମ ।
ଦୁନ୍ଦୁଭିର ପଛେ ଆସିଥିଲା ମହାବୀର •
ପ୍ରତ୍ୟକ୍ଷେ ଶୁଣିଲା ବାଳି ଦୁର୍ବାସାଉତ୍ତର । ୧୪୦ ।

କହୁଛନ୍ତି ଦୁର୍ବାସା ହୋଇଲେ କୋପମନ
ନ ପୁଣ ଶାପରେ ମୋତେ କରଇ ଦହନ ।
କିଷ୍କିନ୍ଧାରୁ ମହେଶ ଯେଉଁ ଠାବରେଣ ବସି
ସେଠାବରେ ବାନର ପ୍ରବେଶ ହେଲା ଆସି ।
କର ଶିରେ ଦେଇଣ ଶୋଇଲା ଦଣ୍ଡବତେ
କମ୍ପଇ ବାନରରାଜା ଜୀବନ ତରସ୍ତେ ।
ଦୁର୍ବାସା ବୋଇଲେ ଉଠ ଉଠରେ ବାନର
ତୋହୋରେ ହୋଇଲେ କ୍ଷୋଭ ଅରଣ୍ୟେ ମୋହୋର ।
ତୋହରେ ପାଇଲେ ତ୍ରାସ ସର୍ବଜୀବ ଜନ୍ତୁ
ନିକଟ ହୋଇ କାହିଁ ରେ ତୋର ନିଜ ମୃତ୍ୟୁ । ୧୪୫ ।
ଦୁନ୍ଦୁଭି ରାକ୍ଷସକୁ ଯେ ପ୍ରାଣରେ ମାରିଲୁ
କି ନିମନ୍ତେ ଆଶ୍ରମ ନିକଟେ ପକାଇଲୁ ।
କରଯୋଡ଼ି କହିଲା ସେ ବାନରରାଜନ
ଅପ୍ରାଧ କରିବ କ୍ଷମା ରଖିବା ଜୀବନ ।
ହେ ମୁନି ଶରଣ ମୁଁ ପଶିଲି ତୋର ପାଏ
ତୋହୋର କୃପାଏ ମୁଁ ଘୁଞ୍ଚିବ ପ୍ରାଣଭଏ ।
ଦୁର୍ବାସା ବୋଇଲେ ଶୁଣ ଶୁଣରେ ବାନର
ତୋହୋରେ ପାଇଲେ ତ୍ରାସ ସର୍ବ ବନଚର ।
ତୁ ଯେବେ ସର୍ବ ଜନ୍ତୁଙ୍କୁ କରାଇଲୁ ଭୟ
ଆର ବେଳେ ଆଇଲେ ହୋଇବୁ ନିଶ୍ଚେ କ୍ଷୟ । ୧୫୦ ।
ମୁନିଙ୍କର ବଚନେ ସେ ଗଲା ଜାଣି ପାଇ
ସେ ଘେନି ବାନର ଏ ବନକୁ ନ ପଶଇ ।
ପ୍ରବେଶ ହୋଇଲା ଯାଇଁ କିଷ୍କିନ୍ଧା ଭୁବନେ
ପାଳଇ ସକଳ ଜନ ହରଷିତ ମନେ ।
ତାର ତାର ପାଟରାଣୀ ଅଛିଥାଇ ପାଏ
ମୁଖ ତାର ଦିଶଇ ଶରଦ ଚନ୍ଦ୍ର ପ୍ରାଏ ।

ତାର ପ୍ରେମା ସହିତେ ବସଇ ଦିବ୍ୟପୁରେ
ଚରଣେ ଖଟନ୍ତି ତାର ସକଳ ବାନରେ ।
ସ୍ତିରୀ ରାଜ୍ୟ ହରାଇ ବଞ୍ଚଇ ବନେ ପଶି
କେତେ ଅବା କହିବ ମୋହୋର ଦୁଃଖରାଶି । ୧୬୫ ।
ଭ୍ରାତା ବଳୀ ହରିଲା ରାଜ୍ୟରୁ ଭ୍ରଷ୍ଟ କରି
ବଗୁରଇ ନିଶ୍ଚିନ୍ତ (ତୃପତ) ହୋଇବ ପ୍ରାଣେ ମାରି ।
ଭୟେ ଦେବ ତାହାର ଭୟେ ଚଉରର ପ୍ରାୟେ
ଋଷ୍ୟମୂକ ପର୍ବତେ ଲୁଚିଇ ଅଛି କାୟେ ।
ଭୟେ ଦେବ ଅନେକ କଷ୍ଟେ ବଞ୍ଚି ଅଛି ଦିନ
ଛିଦ୍ର ଯଦି ପାଇବ ସେ ହରିବ ଜୀବନ ।
ଆଜ ମୋତେ ସୁପ୍ରଭାତ ହୋଇଲା ଦିବସ
ଆଜ ମୋତେ ନିର୍ମଳ ଦିଶିଲା ଦଶଦିଶ ।
ଆଜ ମୋର ଜନମ ସୁଫଳ ଅନ୍ତର୍ଯାମୀ
ଆଜ ମୋର ତପସ୍ୟା ସୁଫଳ ଦେବ ସ୍ୱାମୀ । ୧୭୦ ।
ଯୋଗିଜନ ଯାହାର ଚରଣେ ଧ୍ୟାନ କରେ
ସେ ଚରଣ ଲାଗିଲା ମୋହୋର ମସ୍ତକରେ ।
ଆଜ ମୋର ଦୁଃଖରାଶି ପଡିଲା ସାଗରେ
ଦୁଃଖ ଭସ୍ମ ହୋଇଲା ବାଡ଼ବା ଅନଳରେ ।
ଆଜ ମୁଁ ପାଇଲି ରାଜ୍ୟ ପାଇଲି ଯୁବତୀ
ଆଜଠାରୁ ଗଲା ମୋର ସକଳ ଦୁର୍ଗତି ।
ଶୁଣି ରାମଚନ୍ଦ୍ର ଦେବ ବିଚାରିଲେ ଚିତ୍ତେ
କି କହିବ ଦୁଃଖ ମୁଁ ଏହାର ଦୁଃଖ ଏତେ ।
ବୋଇଲେ ସୁଗ୍ରୀବ ଶୁଣ ବାନର ରାଜନ
ତୋହୋର ମୋହୋର ଦୁଃଖ ହୋଇଲା ସମାନ ।୧୭୫।
ସୂର୍ଯ୍ୟବଂଶେ ଜାତ ମୁଁ ହୋଇଲି ଆସି ପୃଥ୍ୱୀ
ସୂର୍ଯ୍ୟର ନନ୍ଦନ ତୁ ଯେ ବାନରନୃପତି ।

ସୀତାକୁ ମୋହୋର ହରି ନେଲା ଦଶଶିର
ରୁମାକୁ ତୋହୋର ନେଲା ବାନରଈଶ୍ୱର ।
ରାଜ୍ୟ ନାରୀ ହରାଇ ମୁଁ ବୁଲଇ ବନରେ
ରାଜ୍ୟ ନାରୀ ବନ୍ଧୁ ତୁ ରହିଲୁ ଚିରିବରେ ।
ତୋହୋର ମୋହୋର ଦୁଃଖ ହୋଇଲା ସମାନ
ଦଇବ ସଂଯୋଗ ଯେବେ କଲା ଏକସ୍ଥାନ ।
ଶୁଣ ହୋ ବାନରରାଜା ମୋହୋର ଉତ୍ତର
ଆଜଠାରୁ ହୋଇଲୁ ତୁ ମଇତ୍ର ମୋହୋର ।୧୬୦।
କହଇ ସୁଗ୍ରୀବ ରାଜା ଯୋଡ଼ି ବେନି ପାଣି
ଗୁଞ୍ଜ ମାଣିକ୍ୟକୁ ପ୍ରଭୁ ସମ କର ଆଣି ।
ସାଗର ଜଳରେ ଆଣି କୂପ ସମ କରୁ
ବାଲିକଣିକାର ସଙ୍ଗେ ସମ କରୁ ମେରୁ ।
ନିରଞ୍ଜନ ପୁରୁଷ କପଟେ ନରକାୟ
ସଂସାର ଭିଆଇ ଖେଳୁ ବାଳୁତ ପରାୟ ।
ମୁଁ ଅଟଇ ଶାଖାମୃଗ ପଞ୍ଚଭୂତ କାୟ (ଏ)
ଭାଗ୍ୟ ଥିଲେ ଖଟିବା ତୋହୋର ପଦ୍ମପାୟ ।
ଶ୍ରୀରାମ ବୋଲନ୍ତି ଶୁଣ ବାନର-ନୃପତି
ଜାଣିଲି ନିଶ୍ଚୟ ତୋର ନିର୍ମଳ ଭକତି । ୧୬୫।
ତୋହୋର ଭକତିଭାବେ ବଶ ମୁଁ ହୋଇଲି
ନିଶ୍ଚୟେ ତୋହୋର ସଙ୍ଗେ ମଇତ୍ରୀ ମୁଁ କଲି ।
ଜାମ୍ବବାନ ଶୁଣିଣ ମସ୍ତକେ ଦେଲେ କର
ସାବଧାନ ଶ୍ୟାମଳ ସୁନ୍ଦର କଳେବର ।
କେତେ ଭାଗ୍ୟ କରିଛ ବାନର-ନୃପମଣି
ମିତ୍ରଭାବେ ସଦୟ କରୁଛି ଚକ୍ରପାଣି ।
ସୁଗ୍ରୀବର ସଙ୍ଗତରେ ଅଛୁ ଯେତେ ଜନ
ସୁଫଳ ଆମ୍ଭର ମନ ଲୋଚନ ଜୀବନ ।

ପରମ ପୁରୁଷଙ୍କୁ ଦେଖିଲୁ ଚର୍ମଡ଼ୋଳେ
ଏଡ଼େ ଲାଭ ପାଇବ କେ ଅବା ଭୂମଣ୍ଡଳେ ।
ଶ୍ରୀରାମ ବୋଲନ୍ତି ବେଗେ ଅଗ୍ନି ଘେନିଆସ
ଆସ ହୋ ବାନର-ରାଜା ନିକଟରେ ବସ ।
ଆଜ୍ଞା ପାଇ ନଳ ନୀଳ ଅଗ୍ନି ଘେନିଗଲେ
ଶ୍ରୀରାମ ସୁଗ୍ରୀବ ମଧ୍ୟେ ଅନଳ ଥୋଇଲେ ।
ନାନା ତୀର୍ଥ ଜଳ ଦେଇ ଥାପି ପୂର୍ଣ୍ଣକୁମ୍ଭ
ମଙ୍ଗଳ ଆରୋପଣର ସମସ୍ତ ଆରମ୍ଭ ।
ଅନଳରେ ଆହୁତି ଢାଳନ୍ତି ବିଧିମତେ
କରନ୍ତି ସକଳ ବିଧି ମଇତ୍ର ନିମନ୍ତେ ।
ଇନ୍ଦ୍ର ଚନ୍ଦ୍ର ଆଦି କରି ଦଶଦିଗପାଳ
ମଇତ୍ର ନିମନ୍ତେ ସାକ୍ଷୀ କରନ୍ତି ସକଳ ।
ଅଗ୍ନି ସାକ୍ଷୀ କରି ଧରି ସୁଗ୍ରୀବର କର
ଆଜୁଁ ତୁ ମଇତ୍ର ରାଜା ହୋଇଲୁ ମୋହୋର ।
ଶ୍ରୀରାମ ଧଇଲେ ଯହୁଁ ସୁଗ୍ରୀବର କରେ
ସୁଗ୍ରୀବର ଦେଲା କର ଶ୍ରୀରାମ ପୟରେ ।
ସୁଗ୍ରୀବର ସଙ୍ଗତେ ବାନର ଯେତେ ଥିଲେ
ଜାହି ରାମ ଜାହି ରାମ ସମସ୍ତେ ଡାକିଲେ ।
ସୁଗ୍ରୀବଙ୍କୁ କୋଳ କରି ଦେବ ରଘୁମଣି
ଦକ୍ଷିଣ ପାର୍ଶ୍ୱେ ତାଙ୍କୁ ବସାଇଲେ ଆଣି ।
ବୋଇଲେ ମଇତ୍ର ଯିବୁ ଆଜଠାରୁ ଭୟ
ତ୍ରିଭୁବନେ ହୋଇଲୁ ତୁ ନିଷ୍ଟୟେ ଅଜେୟ ।
ଆଜଠାରୁ ହୋଇଲୁ ତୁ କିଷ୍କିନ୍ଧାନୃପତି
ଆଜଠାରୁ ପାଇଲୁ ତୁ ଯୁବତୀ ସମ୍ପତ୍ତି ।
ତୋହୋର ନିମନ୍ତେ କରେ ଘେନି ଧନୁଶର
ବାଳିଙ୍କି ମାରିବି ଶୁଣ ବାନର-ଈଶ୍ୱର ।

ଶ୍ରୀରାମ ବଚନ ଶୁଣି ସୁଗ୍ରୀବ ସ୍ୱଜନ
ବୋଇଲା ତୋହୋର କାର୍ଯ୍ୟେ ମୋହୋର ଜୀବନ ।
ଯେଉଁ ଠାରେ ଥିବେ ସୀତା ଜନକକୁମାରୀ
ଦୂତ ପେଷି ସେ କଥା ବୁଝିବା ନିଶ୍ଚେ କରି ।
ଠାବ ନିଶ୍ଚେ କରି ମୁଁ କହିବି ତୋର ପାଶ
ଯାହା ଆଜ୍ଞା ଦେବୁ ତାହା କରିବି ଉପାୟ । ୧୯୫ ।
ଏକା ମନ ବଚନରେ ତୋର କାର୍ଯ୍ୟ ପାଇଁ
ପ୍ରାଣତ୍ୟାଗ ପର୍ଯ୍ୟନ୍ତେ କରିବି ଗୋସାଇଁ ।
ତୋତେ ତ ଅଶକ୍ୟ କଥା ନାହିଁ ଜଗତରେ
ମୋର ଭାଗ୍ୟ ଥିଲେ ସେବା କରିବି ପୟରେ ।
ମୋହୋର ଭଣଜା ଯେବେ ହନୁମାନ ବୀର
ତୋହୋର ଆଜ୍ଞାକୁ ଖଟିଥିବ ନିରନ୍ତର ।
ଶୌର୍ଯ୍ୟବନ୍ତ ସୁବୁଦ୍ଧି ଜାଣନ୍ତି ଧର୍ମଗତି
ସ୍ୱଦଣ୍ଡବା କରିଥିବ ଚରଣେ ଭକତି ।
ଜାମ୍ବବାନ ସୁଷେଣ ମୋହୋର ମନ୍ତ୍ରୀ ଦୁଇ
ଯଥାଶକ୍ତ ଥିବେ ସ୍ୱାମୀ ସେବା ସେ ଯୋଗାଇ । ୨୦୦ ।
ନଳ ନୀଳ ସନ୍ଧିନେ ଯେତେକ କପିବଳ
ଚରଣ ଆଶ୍ରୟ କରି ରହିଲେ ସକଳ ।
ଶ୍ରୀରାମ ବୋଲନ୍ତି ମିତ୍ର ଶୁଣ ତୁ ବଚନ
ଯାଅ ଋଷ୍ୟମୂକ ଯହିଁ କଟିକୁ ଭୁବନ ।
କାଲି ପ୍ରଭାତରେ ସୈନ୍ୟ ସାରି ନିତ୍ୟ କୃତ୍ୟ
ମୋହର ନିକଟେ ଆସି ହୋଇବ ପ୍ରାପତ ।
ଯେବ ତୁ ବାନର ସୈନ୍ୟ ହୋଇଲୁ ମୋହୋର
ହୃଦୟ ସନ୍ତାପ କ୍ଷମା ରଖିବ ତୋହୋର ।
ଆଜ୍ଞା ପାଇ ଉଠିଲା ବାନର କୁଳମଣି
ଦଣ୍ଡବତେ କପିବୀର ଶୋଇଲା ଧରଣୀ । ୨୦୫ ।

ଉଠି ଶିରେ କର ଦେଇ ହରଷିତ ମନେ
ପ୍ରବେଶ ହୋଇଲୁ ଯାଇ ଆପଣା ଭୁବନେ ।
ରାଜାର ସଙ୍ଗତେ ଚଳିଗଲେ ସର୍ବ ବଳ
ରହିଲୁ ଅଞ୍ଜନାସୁତ ଶ୍ରୀଚରଣ ତଳ ।
ନିଶି ହୋନ୍ତେ ରଘୁପତି ପହୁଡିବା ପାଇଁ
କୋମଳ ପଲ୍ଲବ ମାନ ପାଷାଣେ ବିଛାଇ ।
ଧନୁ ଧରି ଲକ୍ଷ୍ମଣ ରହିଲେ ଉଭାହୋଇ
ରହିଲେ ଚରଣ ତଳେ ପବନ ତନଇ ।
ଅଯୋଧ୍ୟା ରାଜ୍ୟରେଣ ବଚିତ୍ର କଥାମାନ
ରଘୁପତି ଲକ୍ଷ୍ମଣ କହନ୍ତି ହନୁମାନ ।
କଥା ହୋନ୍ତେ ନିଦ୍ରା ଆସି ଘାରିଲା ନୟନ
ଲକ୍ଷ୍ମଣ ଅଞ୍ଜନା ସୁତ ହୋଇଲେ ମଉନ ।
ସୁଗ୍ରୀବର ଜାମ୍ବବାନ ସୁଷେଣ ସହିତେ
କହନ୍ତି ରାମ ମହିମା ହରଷିତ ଚିତ୍ତେ ।
ନ ଭୁଞ୍ଜିଲେ ଫଳ ମୂଳ ନ କଲେ ଶୟନ
ରଘୁପତି ଦର୍ଶନେ ଉତ୍ସାହ କଲେ ମନ ।
ଯେମନ୍ତେ ଜଟା ମୁକୁଟେ ଯେମନ୍ତ କପୋଳ
ସୁନ୍ଦର ଭ୍ରୂଲତା ନାସା ଲୋଚନ କୁଣ୍ଡଳ ।
ଦନ୍ତପନ୍ତି କାନ୍ତି ଯେହ୍ନେ ସୁରଙ୍ଗ ଅଧର
ଯେମନ୍ତ ମେଘ ଗମ୍ଭୀର ବଚନ ମଧୁର ।
ଯେମନ୍ତ ଆଜାନୁ ବାହୁ ହୃଦୟ ବିସ୍ତାର
ମଧ୍ୟ କଟି ଜାନୁ ରାମ କଦଳୀ ଆକାର ।
ସୁଗ୍ରୀବ ସହିତେ ବସି ସକଳ ବାନରେ
ରୂପ ଗୁଣ କହି ଧ୍ୟାନ କରନ୍ତି ମନରେ ।
ବୋଇଲେ ଅଇଲୁ ଛାଡି କଲୁ ଏତେ କର୍ମ
କି ନିମନ୍ତେ ହୋଇଲେ ଏମନ୍ତେ ମତିଭ୍ରମ ?

କେତେବେଳେ ଦେଖିବା ଶ୍ରୀରାମ ପଦ୍ମମୁଖ
କେତେବେଳେ ଦହିବା ମନର ସର୍ବ ଦୁଃଖ ।
ସୁଗ୍ରୀବ କହନ୍ତି ରାତ୍ର ହୋଇଲା ତ ଶେଷ
ପରଂବ୍ରହ୍ମ ନିଷ୍ଟଯ୍ୟେ କି ହୋଇଲା ପ୍ରବେଶ । ୨୨୦ ।
ଅନ୍ତଅନ୍ତ ହରଷ ସକଳ କପିବଳ
ରଘୁପତି ଧ୍ୟାନେ ଚିତ୍ତ ହୋଇଣ ନିଶ୍ଚଳ ।
ସୁଗ୍ରୀବର ସହିତେ ସକଳ ଯୂଥପତି
କହି ରାମ ମହିମା ବଞ୍ଚିଲେ ପୁଣ୍ୟ ରାତି ।
ଅରୁଣକିରଣ ପୂର୍ବ ଦିଗରେ ପ୍ରକାଶ
ନିତ୍ୟ କୃତ୍ୟ ସାରିବାରେ ନଦୀରେ ପ୍ରବେଶ ।
ଜାମ୍ବବାନ ସୁଷେଣ ସହିତେ ମନ୍ତ୍ରୀମାନେ
ପ୍ରବେଶ ହୋଇଲେ ଆସି ରାଜା ସନ୍ନିଧାନେ
ସୁଗ୍ରୀବ କହନ୍ତି ଶୁଣ ସର୍ବ ମନ୍ତ୍ରୀମାନେ ।
ଚାଲିଯିବା ରାମଚନ୍ଦ୍ର ଚରଣ ଦର୍ଶନେ । ୨୨୫ ।

ଏତେ ବୋଲି ଉଠିଲେ ଶ୍ରୀରାମ ନାମ ଧରି
ସଙ୍ଗତେ ଗୋଡ଼ାଇଲେ ସମସ୍ତ ବନଚାରୀ ।
ଅନ୍ତଅନ୍ତ ହରଷେ ଚାଲନ୍ତି କପିବୀରେ
ପ୍ରବେଶ ହୋଇଲେ ରାମଚନ୍ଦ୍ର ନିକଟରେ ।
ନିତ୍ୟକର୍ମ ସାରି ରାମ ଧନୁଶର ଘେନି
ପାଷାଣ ଉପରେ ବସିଛନ୍ତି ଭାଇ ବେନି ।
ଆଗେ ଉଭା ହୋଇଛନ୍ତି କେଶରୀକୁମର
ଯୂଥପତି ସହିତେ ମିଳିଲେ ସୁଗ୍ରୀବର ।
ଦଣ୍ଡବତେ ଶୋଇଲେ ଭୂମିରେ ଦେଇ ଶିର
ଆଜ୍ଞା ପାଇ ଉଠିଲେ ମସ୍ତକେ ଦେଇ କର । ୨୩୦ ।

ଆସ ଆସ ମଇତ୍ର ଡାକନ୍ତି ରଘୁବୀର
ଆଜ୍ଞା ପାଇ ଦକ୍ଷିଣେ ବସିଲା ସୁଗ୍ରୀବର ।
ଯୂଥପତି ସହିତେ ସକଳ ମନ୍ତ୍ରୀବର
ଦଣ୍ଡବତ କରି ଉଭା ହୋଇଲେ ଘମୁର ।
କର ଯୋଡି ରାମଙ୍କୁ କହଇ ସୁଗ୍ରୀବର
ଋଷ୍ୟମୂକ ଗିରି କି ବିଜୟ ଦେବ କର ।
ପର୍ବତ ସହିତେ ଯେତେ ବନଜୀବମାନେ
ପବିତ୍ର ହୋଇବେ ରାମ ଦେଖିଲେ ନୟନେ ।
ସୁଗ୍ରୀବର ବଚନେ କହନ୍ତି ରଘୁବୀର
କେମନ୍ତେ ଭଞ୍ଜିବି ମିତ୍ର ବଚନ ତୁମ୍ଭର ।
ଉଠିଲେ ସୀତୟାକାନ୍ତ ଧରି ଧନୁଶର
ଋଷ୍ୟମୂକ ଯିବା ମିତ୍ର ହୁତ ଆଗ କର ।
ସୁଗ୍ରୀବ ବୋଲଇ ପଛେ ଥିବି ମୁଁ ଯୋଗାଇ
ଆଗରେ କଟାଉ ପଥ ପବନତନଇ ।
ସୁଗ୍ରୀବର ବଚନେ ରାମର ସେବା ପାଇଁ
ସାବଧାନ କରାଇ ଆଗରେ ବୀର ହୋଇ ।
ଋଷ୍ୟମୂକ ପର୍ବତେ ବିଜୟ ରଘୁମଣି
ନଦୀତୀର ଅରଣ୍ୟେ ରହିଲେ ବୃପପାଣି ।
ସୁଗ୍ରୀବ ସୁମିତ୍ରା ସୁତ ବସିଲେ ଡାହାଣେ
ବସିଲେ ବାମପାର୍ଶ୍ୱେ ସର୍ବ ମନ୍ତ୍ରୀଗଣେ ।
ନଳ ନୀଳ ହନୁମାନ ଘେନି ସର୍ବ ସୈନ୍ୟ
ଆଗରେ ହୋଇଲେ ଉଭା ଯୋଡି କର ଦେଇ
ସର୍ବସଭା ମଉନେ ଉଠିଲେ ସୁଗ୍ରୀବର
ଜାମ୍ବବାନ ସୁଗ୍ରୀବଙ୍କୁ ଘେନି ସଙ୍ଗତର ।
ସୁଗ୍ରୀବ କହଇ ପୁଣ ସୁଷେଣଙ୍କୁ ଚାହିଁ
ରାମଚନ୍ଦ୍ର ଶ୍ରୀଚରଣେ ଜଣାଇବା ପାଇଁ ।

ସୁଗ୍ରୀବର ବଚନେ ସୁଷେଣ ପାଏ ପଡ଼ି
ଉଠିକରି କହଇ ମସ୍ତକେ କର ଯୋଡ଼ି ।
ସୁଷେଣ କହଇ ସାବଧାନ ରଘୁପତି
ଶରଣ ପଶିଲା ତୋରେ ବାନର-ନୃପତି । ୧୪୫ ।
ମୁଁ କସ କହିବି ତୁ ଯେ ସର୍ବ ଅନ୍ତର୍ଯାମୀ
ଏଥିକି ଯେ ଉଚିତ କରିବା ଦେବସ୍ୱାମୀ ।
ଏତେ କହି ତିନି ଜଣେ ମଉନ ହୋଇଲେ
ସୁଗ୍ରୀବକୁ ଚାହିଁ ରାମ ଏମନ୍ତ ବୋଇଲେ ।
ଶୁଣ ତୁ ମଇତ୍ର ପୂର୍ବେ କହିଅଛି ତୋତେ
ବାଳିକି ମାରିବି ନିଶ୍ଚେ ତୋହୋର ନିମନ୍ତେ ।
ଆଗ ହୋଇ ଜଣାଅ ବାଳିର ନିଜ ସ୍ଥାନ
ଯିବଇଁ ତୋହୋର ପଛେ ଧରି ଶରାସନ ।
ଦୃଷ୍ଟିଗତ କରାଇ ମଇତ୍ର ଦେବୁ ମୋତେ
ମିତ୍ର ଅର୍ଥେ ବାଳିକି ମାରିବି ଶରଘାତେ । ୧୫୦ ।
ଭୟ ବସ ମିତ୍ର ତୁ ନ ଧର ଆନମନ
ସର୍ବଥା ନୋହଇ ଆନ ମୋହୋର ବଚନ ।
ଆଜ୍ଞା ପାଇ ବସିଲେ ସେ ସୂର୍ଯ୍ୟର ନନ୍ଦନ
ଶୁଣି ରାମ ବଚନ ହରଷ କରି ମନ ।
ଶ୍ରୀରାମ ବୋଇଲେ ମିତ୍ର ଯାଅ ନିଜ ସ୍ଥାନ
ଭକ୍ଷ କପି ଘେନି ଯାଅ କର ତୁ ଭୋଜନ ।
ଆଜ୍ଞା ପାଇ ଯେ ଯାହାରେ ନିଜ ସ୍ଥାନ ଗଲେ
ଫଳ ମୂଳ ତଣ୍ଡୁଳ ସମସ୍ତେ ଗ୍ରାସ କଲେ ।
ଶ୍ରୀରାମ ଲକ୍ଷ୍ମଣ ବେନି, କେଶରୀନନ୍ଦନ
ବନଫଳମାନ ତହିଁ କଲେକ ଭୋଜନ । ୧୫୫ ।
ସେ ଦିନ ଦିବସରାତ୍ର ରହିଲେ ସେ ସ୍ଥାନେ
ଆରମ୍ଭିଲେ ଯୋଗନିଦ୍ରା ଋଷ୍ୟମୂକ ବନେ ।

ଏଥୁ ଅନନ୍ତରେ ସେ ବାଳିର ଦୂତମାନେ
ନିରନ୍ତରେ ଭ୍ରମୁଥାନ୍ତି ଋଷ୍ୟମୂକ ବନେ ।
ସୁଗ୍ରୀବର ସଙ୍ଗେ ରାମ ଯେତେକ କଥାମାନେ
ବାଳିରାଜା ଚରମାନେ ଦେଖିଲେ ନୟନେ ।
ପ୍ରବେଶ ହୋଇଲେ ଯାଇଁ ବାଳି ଏକାନ୍ତରେ
ଋଷ୍ୟମୂକ ଚରିତ ସେ କହନ୍ତି ରାଜାରେ ।
ବୋଲନ୍ତି ତୁ ଶୁଣ ଦେବ କିଷ୍କିନ୍ଧାନୃପତି
ଋଷ୍ୟମୂକ ପର୍ବତେ ପ୍ରବେଶ ବେନି ଯତି ।
ମସ୍ତକେ ଜଟା ମୁକୁଟ କର୍ଣ୍ଣରେ କୁଣ୍ଡଳ
ପରମ ସୁନ୍ଦର ତନୁ ଲୋଚନ ବିଶାଳ ।
କଟିତଟେ ବକ୍କଲ-ବସନ ତାହାଙ୍କର
ବେନିପାଖେ ବେନି ତୂଣ କରେ ଧନୁ ଶର ।
ପ୍ରବେଶ ହୋଇଲେ ଋଷ୍ୟମୂକ ନିକଟର
ଦେଖି ତାଙ୍କୁ ଭୟେ ପଳାଇଲା ସୁଗ୍ରୀବର ।
ପଶିଲା ଗିରିକନ୍ଦରେ ମହାଭୟ ପାଇ
ବୋଇଲା ତୁ ହନୁମାନ ବୁଝି ଆସ ଯାଇ ।
କେ ଅବା ଅଇଲେ କାହୁଁ ବୁଝ ତୁ ସକଳ
ଭୟ କି ନିର୍ଭୟ ଜାଣି ଆସ ମହାବଳ ।
ସୁଗ୍ରୀବ ବଚନେ ଗଲା ପବନନନ୍ଦନ
ତେଜ ଦେଖି କଲା ତାର ଚରଣବନ୍ଦନ ।
ବୋଇଲା ସୁଗ୍ରୀବ ଆସୁଥିଲା ଏ ବନରେ
ଦେଖିଲା ତୋହୋର ରୂପ ପଳାଇଲା ଡରେ ।
ସେ ଯତି ବୋଇଲେ ମନେ ଭୟ ତୁ ନ କର
ଭୟ ଛାଡି ବେଗେ ଆସୁ ସୁଗ୍ରୀବ ବାନର ।
ସୁଗ୍ରୀବକୁ ଆଣିଲା ସେ ତାହାର ବଚନେ
ଅନେକ ଆଶ୍ୱାସ ତାକୁ କଲେ ଯତିମାନେ ।

ସୁଗ୍ରୀବ କହିଲା ତାର ଦୁଃଖ କଥା ଯେତେ
ରାଜ୍ୟଭ୍ରଷ୍ଟ ଅରଣ୍ୟେ ସେ ରହିଲା ଯେମନ୍ତେ । ୨୭୦ ।
ତାହା ଶୁଣି ରାମ ତାକୁ ବୋଇଲା ଉତ୍ତର
ଶରେ ମୁଁ ମାରିବ ମିତ୍ର ଶତ୍ରୁକୁ ତୋହୋର ।
ଶୁଣି କର * କପିରାଜା ସ୍ତମ୍ଭୀଭୂତ ହୋଇ
ଅଦ୍ଭୁତେ ଶତ୍ରୁ ସେ ଅଇଲା କାହିଁ ପାଇଁ ।
ବୋଇଲା ଦାଇବକୃତ୍ୟ ଥିବ ଯେବେ ମୋତେ
ତାହାର (ଅମ୍ଭେତ) ଆୟୁଷ ମୁଁ ହରିବ କି ନିମନ୍ତେ ।
ବଚନ କହଇ ଭୟେ ଡ଼ରଇ ମନରେ
ତାରକୁ କେବଳ ସେ କହଇ ଏକାନ୍ତରେ ।
ସୁରଗଣ ଡକାଇ କହଇ ବାଳିବର
ଯାଅ ବାବୁ ଥାଅ ଋଷ୍ୟମୂକଗିରିବର । ୨୭୫ ।
ଯେତେବେଳେ ଯେଉଁ କଥା ହୋଇବ ବନରେ
ନିରନ୍ତରେ କହୁଥିବ ମୋହୋର ଆଗରେ ।
ଆଜ୍ଞା ପାଇ ସୁରଗଣ ସମସ୍ତେ ଅଇଲେ
ଗୋପ୍ୟ ହୋଇ ଋଷ୍ୟମୂକ ବନରେ ରହିଲେ ।
ଏଥୁ ଅନନ୍ତରେ ତହୁଁ ସୁଗ୍ରୀବ ରାଜନ
ନିତ୍ୟକର୍ମ ସାରିଲେ ଡାକିଲେ ସର୍ବସୈନ୍ୟ ।
ସଙ୍ଗତରେ ମନ୍ତ୍ରିବର ସକଳ ବାନରେ
ପ୍ରବେଶ ହୋଇଲେ ଯାଇଁ ଶ୍ରୀରାମ ଆଗରେ ।
ଦଶରଥନନ୍ଦନ ଧନୁରେ ଗୁଣ ଦେଇ
ବୋଇଲେ ମଇନ୍ଦ ତୁ କଟାଅ ଆଗ ହୋଇ । ୨୮୦ ।
ଅଜ୍ଞା ପାଇ ସୁଗ୍ରୀବ ମସ୍ତକେ କର ଦେଇ
ଯୂଥପତି ସହିତେ ସେ ଆଗରେ ଚଳଇ ।

* ବାଳି

ମଧ୍ୟରେ ଶ୍ରୀରାମ ପଛେ ସୁମିତ୍ରା କୁମର
ତାହାଙ୍କ ପଛରେ ଚଳେ ହନୁମାନ ବୀର ।
କିଷ୍କିନ୍ଧା ନିକଟେ ଯାଇଁ ହୋଇଲେ ପ୍ରବେଶ
ଧନ୍ୟ ଧନ୍ୟ ଗୋ ଧନ୍ୟ ମଣ୍ଡିତ ସେହୁ ଦେଶ ।
ସୁଗ୍ରୀବ କହଇ ଦେବ ବାଳିର ଏ ପୁର
ଯହିଁ ନ ପାରନ୍ତି ଭୟେ ଦେବତା ଅସୁର ।
ତୋହୋର ଆଜ୍ଞାକୁ ଦେବ ନିର୍ଭୟ ହୋଇଲି
ତୋହୋର ଆଜ୍ଞାଏ ଦେବ ଏଥକୁ ଅଇଲି । ୧୮୫ ।
ଯେବେ ସ୍ୱାମୀ ମୋହୋରେ ପାରିବୁ ରକ୍ଷା କରି
ପୁରଦ୍ୱାରେ ବାଳିକି ଡାକିବି ନାମ ଧରି ।
ଏକ ତରୁ [ଓ] ଉହାଡ଼େ ରହିଲେ ରଘୁମଣି
ଦକ୍ଷିଣ କରରେ ଶର କାଳସର୍ପ ଜାଣି ।
ଧନୁର୍ଗୁଣ ମାଜି ହୋଇଲେ ସ୍ୱାମୀ ଉଭା
ତ୍ରିପୁର ବିନାଶନେ ଯେସନେ ରୁଦ୍ରଶୋଭା ।
ବୋଇଲେ ମଇତ ଯାଅ ପୁର ନିକଟକୁ
ନାମ ଧରି ଡାକ ମିତ ବାନର ରାଜାକୁ ।
ଆଜ୍ଞା ପାଇ ସୁଗ୍ରୀବ ଆଗରେ ଉଭା ହୋଇ
ଆସ ବାଳି ଆସିଅଛି ସଂଗ୍ରାମର ପାଇଁ । ୧୯୦ ।
ତାରି ପ୍ରେମା ସହିତେ କହରୁ ପୁରେ ପଶି
ନିକଟ ହୋଇଲା ତୋର କାଳଦଣ୍ଡ ଫାଶି ।
ଭ୍ରାତୃବଧୂ ହରିଲୁ ତୁ ଧର୍ମ ନ ବିଚାରି
ବେଗ ହୋଇ ନ ଆସି ରହିଛୁ କି ବିଚାରି ।
ସୁଗ୍ରୀବର ବଚନ ଶୁଣିଲା ରାଜା ବାଳି
ବୋଇଲା ମୋହୋରେ କେହୁ ଦେଉଅଛି ଗାଳି
ଶୁଭୁଅଛି ସୁଗ୍ରୀବର ବଚନ ପରାୟେ
ଶାର୍ଦ୍ଦୂଳ ଆଗରେ ମୃଗ ହୋଇଲା ନିର୍ଭୟେ ।

ମଞ୍ଜାର ଆଗରେ ମୂଷା କରୁଛି ଗର୍ଜ୍ଜନ
ମୋତେ ଡ଼ାକିବାକୁ ସୁଗ୍ରୀ ହୋଇଲା ଭଜନ ।
କେ ଅବା ପାରିବ ଜାଣି ଦଇବ କଷଣ
ଯାହା ମୋତେ କହିଲେ ସକଳ ସୁରଗଣ ।
ଡ଼ାକଇ ପାମର ଏ ତ ରଣ ସଂଗ୍ରାମରେ
କେବଣ ଭରସା ପାଇ ଡ଼ାକଇ ମୋହୋରେ ।
କେ ଜାଣିପାରିବ ଅବା ଭଲ ମନ୍ଦ ଗତି
ଏତେ ବୋଲି ବାହାର ସେ ହୋଇଲା ତଡ଼ିତି ।
ଯେସନେ ସ୍ୱର୍ଗରୁ ତାରା ଆକାଶେ ଖସଇ
ସୁଗ୍ରୀବର ନିକଟେ ପ୍ରବେଶ ହେଲା ଯାଇଁ ।
ତମଭରେ ଉଠିଲେ ସକଳ ତରୁବରେ
ଉଠନ୍ତି ପଡ଼ନ୍ତି ବେନି ଦୁଃସହ ସମରେ ।
ଧନୁରେ ବସାଇ ବାଣ ଦେବ ରଘୁମଣି
ବାଳି ସୁଗ୍ରୀବର ତନୁ ନ ପାରିଲେ ଚିହ୍ନି ।
ସମାନ ବୟସ ରୂପ କାନ୍ତି ଏହାଙ୍କର
ନ ଜାଣି କେମନ୍ତେ ମୁଁ ଛାଡ଼ିବି ଘୋରଶର ।
ନ ଜାଣି ମିତ୍ରକୁ ମୁଁ ମାଇଲେ ଶରଘାତେ
ମିତ୍ରଦ୍ରୋହୀ ବୋଲି ମୋତେ ବୋଲିବେ ଜଗତେ ।
ସୁଗ୍ରୀବର ମାଥେ ମୂଥ ପ୍ରହାରିଲା ବାଳି
ମୋହଗତେ ସୁଗ୍ରୀବ ପଡ଼ିଲା ବୀର ତଳି ।
ପଡ଼ନ୍ତେ ପାଦପ୍ରହାର କଲା ମସ୍ତକରେ
ପବନ ସମାନେ ଯାଇଁ ପଶିଲା ମନ୍ଦରେ ।
ଜାମ୍ବବାନ ସୁଷେଣ କହନ୍ତି କର ଯୋଡ଼ି
ସୁଗ୍ରୀବକୁ ସଂଗ୍ରାମେ ମାଇଲା ବୀର ବାଳି ।
ମନ୍ଥିଲା ସକଳ କାୟ ପଶିଲା ମନ୍ଦରେ
ମରଣ ଲଭିଲା କିବା ଅଛି ଜୀବନରେ ।

ଦେଖିବା ତାହାଙ୍କୁ ସ୍ୱାମୀ ସେଠାବକୁ ଯାଇ
ତୋହୋର କୃପାରେ ଅବା ଥିବ ପ୍ରାଣ ପାଇ ।
ଯେଉଁ ଠାରେ ପଡିଅଛି ସଂଗ୍ରାମ ଭୂମିରେ
ପ୍ରବେଶ ହୋଇଲେ ସୁଗ୍ରୀବର ନିକଟରେ ।
ମୋହ ତେଜି ଚେତନା ପାଇଲା ସୁଗ୍ରୀବର
ରାମର ବଦନ ଚାହିଁ କହିଲା ଉତ୍ତର ।
ମହାମେରୁ ବୋଲି ସ୍ୱାମୀ ଜାଣିଥିଲି ତୋତେ
ମୃଗତୃଷ୍ଣା ରୂପରେ ଦର୍ଶନ ଦେଲୁ ମୋତେ ।
ଅରଣ୍ୟେ ଯେସନେ କ୍ଷୁଦ୍ର ମର୍କଟସକଳ
ଡାଳେ ଡାଳେ ଭ୍ରମି ଭ୍ରମି ଭକ୍ଷୁଥାନ୍ତି ଫଳ
ତାହାଙ୍କୁ କେମନ୍ତେ ଶରେ ମାରିଅଛୁ ରାମ
ତାହା ପ୍ରାୟେ ବୁଝିଲୁ ବାଳିର ପରାକ୍ରମ ।
କ୍ଷୁଦ୍ର ପ୍ରାୟେ ବୁଝି ତୁ ପ୍ରତିଜ୍ଞା କରିଥିଲୁ
ଦେଖି ତାକୁ ଭୟେ ଧନୁ ଧରି ନ ପାରିଲୁ ।
ଯେବେ ତୁ ବାଳିକି ମାରି ନ ପାରିବୁ ରଣେ
ମୋତେ ଘେନି ଅଇଲୁ ତୁ କେବଣ କାରଣେ ।
ସୁଗ୍ରୀବର ବଚନ ଶୁଣିଣ ହନୁମାନ
କୋପଭର ହୋଇ ବୀର କହଇ ବଚନ ।
ବୋଇଲା ମାତୁଳ ଭ୍ରମ ହୋଇଲୁ ନିଶ୍ଚୟ
କହୁଲିତ କରୁଛୁ ବାତୁଳମତିପ୍ରାୟେ ।
ଯାହାର ଇଚ୍ଛାରୁ ଏ ସକଳ ସୃଷ୍ଟି ଜାତ
ଇଚ୍ଛା କଲେ ଜଗତ କରିବ ଶରେ ହତ ।
ତାହାକୁ ବୋଇଲୁ ତୁ ବାଳିକି ଭୟ କଲୁ
ଭ୍ରମ ହୋଇ ଏମନ୍ତ ବଚନ କପାଁ ବୋଲୁ ।
ହନୁମାନ ବଚନେ ସୁଗ୍ରୀବ ଜ୍ଞାନ ପାଇ
କରଯୋଡି ରାମଚନ୍ଦ୍ର ଛାମୁରେ ଜଣାଇ ।

ହେ ଦେବ ଜଗତଗୁରୁ ଦୋଷ କ୍ଷମାକର
ଭୃତ୍ୟଭାବେ ଯହୁଁ ତୋତେ ଭରସା ମୋହୋର ।
ବାଳିଠାରେ ପାଇଲି ବହୁତ ପରାଭବ
ଜାଣିଲି ପିଣ୍ଡରେ ଆଉ ପ୍ରାଣ ନ ରହିବ ।
ଏ ଘେନି ମୋହୋର ଦେବ ଦୁଃଖିତ ମନରେ
ବହୁତ ଅପ୍ରାଧ କଲି ପଦ୍ମଚରଣରେ ।
ହେ ଦେବ ଦୟାଳୁ ପ୍ରଭୁ ଦୋଷ କ୍ଷମା କର
ମୋହୋର କଞ୍ଚିତ ବୁଦ୍ଧି ଜାତିରେ ବାନର ।
ଶ୍ରୀରାମ ବୋଲନ୍ତି ମିତ୍ର ଆସ ମୋର ପାଶ
ତୋତେ କି ବୋଲିବି ମିତ୍ର ମୋହୋର ଅଯଶ । ୩୨୫ ।
ବଚନେ ବୋଲଇ ମିତ୍ର ତୋହୋର ନିମନ୍ତେ
ବାଳିକି ଅବଶ୍ୟ ମୁଁ ମାରିବି ଶରଘାତେ ।
ଦେଖିଲି ବାଳିକି ତୋର ସଂଗ୍ରାମ ସଂଶୟେ
ଏକଇ ବୟସ ତୁଲ୍ୟ ଦୁହିଁଙ୍କର କାୟେ ।
ସେ ଘେନି ଭ୍ରାନ୍ତିରେ ମିତ୍ର ନ ଛାଡିଲି ଶର
ବଚନ ବଅର୍ଥ ମିତ୍ର ହୋଇଛି ମୋହୋର ।
ଯାଦ ମୋର ଥିବ ବେନି ଭୁଜେ ଶରଚାପ
ସର୍ବଥା ମନରେ ମିତ୍ର ନ ଧର ସନ୍ତାପ ।
ଚାଲ ହେ ମଇତ୍ର ଯିବା ରୁଷ୍ୟମୂକ ସ୍ଥାନେ
ସର୍ବଥା କେବେହେଁ ଦୁଃଖ ନ ଧରିବା ମନେ । ୩୩୦ ।
ଦେହ ଶୋଧ କରି ପୁଣି ଲେଉଟି ଆସିବା
ତୋହୋର ନିମନ୍ତେ ମିତ୍ର ବାଳିକି ନାଶିବା ।
ସମ୍ପତ୍ତି ବିପତ୍ତି ଯେଉଁ କାଳରେ ଯେ କଥା
ପ୍ରାଣୀକି ଲଲାଟେ ଯାହା ଲିହିଛି ବିଧାତା
ଯେତେ ଦିନ ବାଳିକି ସେ ଅଛି ଭୋଗ ଯୋଗ
ଅର୍ଜିଲାର ଫଳ କର୍ମ କେ ଆନ କରିବ ।

ଯେଉଁ ଦିନୁଁ ଧର୍ମକୁ ସେ ଛାଡିଲା ନିଷ୍ଠୁର
ସେହି ଦିନୁ ନିକଟ ହୋଇଲା ତାର ମୃତ୍ୟୁ ।
ଏତେ କହି କପିଗଣ ସଙ୍ଗରେ ଲଗାଇ
ଋଷ୍ୟମୂକ ପର୍ବତରେ ମିଳାଇଲେ ଯାଇଁ । ୬୩୫ ।
ଆଜ୍ଞା ପାଇ ମନ୍ଦିରକୁ ଗଲା ସୁଗ୍ରୀବର
ରହିଲେ ରାମ ଲକ୍ଷ୍ମଣ ନଦୀର ତଟରେ ।
ରହିଲା ଅଞ୍ଜନାସୁତ ଶ୍ରୀ ଚରଣ ତଳେ
କରପଦ୍ମ ଯୋଡି ବୀର ରହିଲା ଅଚଳେ ।
କହେ ଦ୍ରୋହ୍ମୀ ଗୋବିନ୍ଦ ସେ ଧନ୍ୟ ହନୁମାନ
ବ୍ରହ୍ମଲୋକେ ତପସ୍ୟା କରୁଛି କେତେ ଦିନ ।
ବ୍ରହ୍ମାର ନନ୍ଦନ ସର୍ବ ଦେବଗଣ ଘେନି
ଶ୍ୱେତଦ୍ୱୀପେ ତପସ୍ୟା କରନ୍ତେ ସର୍ବ ମୁନି ।
ହୟଗ୍ରୀବ ରୂପେ ଶ୍ୱେତଦ୍ୱୀପେ ନରହରି
ପ୍ରସନ୍ନ କରାଇଲେ ଯେ ଘୋର ତପ କରି ।୬୪୦।
ଆଜ୍ଞା ଦେଲେ ଯାଅ ତୁମ୍ଭେ ସର୍ବ ଦେବଗଣ
ରାମ ଅବତାର ମୁଁ ହୋଇବି ନାରାୟଣ ।
ବାନର ସ୍ୱରୂପେ ଜାତ ହୋଇବ ସକଳ
କରିବ ଦର୍ଶନ ମୋର ଚରଣକମଳ ।
ସେ ଫଳ ପ୍ରାପତ ଆସି ହୋଇଲା ତୁମ୍ଭରେ
ଦେଖିଲ ପରମବ୍ରହ୍ମ ଚର୍ମ ନୟନରେ ।
ଫଳିଲା ସୁକୃତ ସର୍ବ ଦୁଃଖ ଗଲା ନାଶ
ଲଭିଲ ପରମ ମୋକ୍ଷ ଛେଦ ମୋହ ଫାଶ ।
ଏମନ୍ତେ ଦିବସେ ରାମେ ଋଷ୍ୟମୂକେ ରହି
ବାଲି ସୁଗ୍ରୀବରର ସଂଗ୍ରାମ କଥା କହି । ୬୪୫।
ରାହ ପ୍ରଭୃତିରୁ ରାମ ଦର୍ଶନ ନିମନ୍ତେ,
ସୁଗ୍ରୀବର ଜାମ୍ବବାନ ସୁଷେଣ ସହିତେ ।

ନଳ ନୀଳ ସତବାଳି ସହିତେ ବାନରେ
ପ୍ରବେଶ ହୋଇଲେ ରାଜା ସୁଗ୍ରୀବ ଅଗ୍ରରେ ।
ଶ୍ରୀରାମ ଲକ୍ଷ୍ମଣ ବସିଛନ୍ତି ନଦୀତୀରେ
ବେନି ପାଖେ ବେନି ତୂଣ ଧନୁଶର କରେ ।
ଆଗେ ଉଭା ହୋଇଅଛି ଅଞ୍ଜନା କୁମର
ପ୍ରବେଶ ହୋଇଲେ ଯାଇଁ ରାଜା ସୁଗ୍ରୀବର ।
ଯାର ପାଦପଦେ ମୁନି ଧାଉଥାନ୍ତି ନିତ୍ୟେ
ସେ ଚରଣ ସୁଗ୍ରୀବ ଧାଇଲା ଦଣ୍ଡବତେ ।
ଆସ ଆସ ମଇତ୍ର ଡାକନ୍ତି ରଘୁମଣି
ବାଳି ଭୁବନକୁ ମିତ୍ର ଯିବା ଏହିକ୍ଷଣି ।
ଆଜ୍ଞା ପାଇ କହନ୍ତି ସୁଗ୍ରୀବ ଯୋଡ଼ି କର
ମୋହୋର ବଚନ ଦେବ ଶୁଣ ରଘୁବୀର ।
ପୂର୍ବର ଚରିତ ଦେବ ଯାହା ଅଛି ଶୁଣି
ଆଜ୍ଞା ଦେଲେ କହିବି ଠାକୁର ରଘୁମଣି ।
ଶ୍ରୀରାମ ବୋଲନ୍ତି ମିତ୍ର ବସ ମୋ ପାଶରେ
ଯାହା ଶୁଣିଅଛ ମିତ୍ର କହିବା ମୋହୋରେ ।
ସୁଗ୍ରୀବ କହନ୍ତି ଶୁଣ କରୁଣାସାଗର
ବାଳି ଦୁନ୍ଦୁଭିର ପୂର୍ବେ ହୋଇଲା ସମର ।
ଦୁନ୍ଦୁଭିକି ସଂଗ୍ରାମେ ମାରିଲା ବାଳିରାଜ
ଅସ୍ଥି ତାର ପଡ଼ିଅଛି ଗିରିବର ପ୍ରାୟ ।
କେହି ବଳବନ୍ତେ ତାହା ନ ପାରନ୍ତି ଟାଳି
ମୁନି ତପୋବନର ନିକଟେ ଅଛି ପଡ଼ି ।
ଆଉ ଦେବ ଆକାଶବାଣୀ ଯାହା ଅଛି ଶୁଣି
ସେ କଥା କହିବି ଦେବ ଶୁଣ ଚକ୍ରପାଣି ।
ଶୁଣିଲି ହେ ଶୁଣ ତୁମ୍ଭେ ସକଳ ବାନରେ
ବାଳିକି ମାରନ୍ତେ ଆନ ନାହିଁ ପୃଥିବୀରେ ।

ଦୁନ୍ଦୁଭିରାକ୍ଷସ ଅସ୍ଥି ଯହିଁ ଅଛି ପଡି
କେହି ବଳବନ୍ତା ତାହା ନପାରନ୍ତି ଟାଳି ।
ଚରଣ ଆଘାତେ ଯେ ପାରିବ ତାହା ଠେଳି
ତାହାର ହସ୍ତରେ ନିଶ୍ଚେଁ ନାଶଯିବ ବାଳି ।
ଆଉର କଥାଏ ଦେବ କହିବି ଛାମୁରେ
ବିଶାଳ ସପତ ଶାଳ ଅଛି ଅରଣ୍ୟରେ ।
ବାଲି ବେନି ଶାଳ ଯେ ଭେଦଇ ନାରାଚରେ
ସାତ ଶାଳ ଭେଦନ୍ତା ହେ ନାହିଁ ଜଗତରେ ।
ଯେ ଭେଦିପାରିବ ସେ ସପତ ମହାଶାଳ
ତାହାର ଶରେ ମରିବ ସେହୁ ବାଳିବୀର ।
ଯାହା ଶୁଣିଥିଲି ଦେବ ମୋହୋର କର୍ଣ୍ଣରେ
ଶୁଣିବା ପଙ୍କଜନେତ୍ର କହିଲି ଛାମୁରେ ।
ମୁଁ ତ ନ ବୋଲିବି ଦେବ କରିବା ବିଜୟ
ନୟନେ ଦେଖିବି ଯଣ୍ଡ ହୋଇବ ନିର୍ଣ୍ଣୟ ।
ସୁଗ୍ରୀବର ତହୁଁ ଦେବ ଶୁଣି ତା ଉତ୍ତର
ଯୁବା ସିଂହ ପ୍ରାୟକ ଉଠିଲେ ଧାଷ୍ଟକାର ।
ଦୁନ୍ଦୁଭିର ଅସ୍ଥି ମିତ୍ର ଅଛି କେଉଁଠାରେ
ଆସ ଆସ ମଇତ୍ର ହୋ ଯିବା ଧାଷ୍ଟକାରେ ।
ଦୁନ୍ଦୁଭିର ଅସ୍ଥି ଅଛି କେମନ୍ତ ପ୍ରକାର
ଗିରିବର ପ୍ରାୟ କାୟ ଦେଖିବା ତାହାର ।
ଆଗରେ କଢାଇ ବାଟ ପବନକୁମର
ପଛରେ ବିଜୟେ ରାମ ଲକ୍ଷ୍ମଣ ସୋଦର ।
ସୁଗ୍ରୀବର ସୁଷେଣ ପଛରେ ଜାମ୍ବବାନ
ବିଜେ କରି ଗଲେ ପ୍ରଭୁ ଭୁବନମୋହନ ।
ଶ୍ରୀରାମ ପଛରେ ବିଜେ ସୁମିତ୍ରା କୁମର,
ସମସ୍ତ ବାନର ଘେନି ପଛେ ସୁଗ୍ରୀବର ।

ଦୁନ୍ଦୁଭିର ଅସ୍ଥି ପଡ଼ିଅଛି ଯେଉଁ ଠାଏ
ସେଠାରେ ସୁଗଣ୍ଡଦାତା କଲେକ ବିଜୟେ ।
ସୁଗ୍ରୀବ କହଇ ବେନି କରପଦ୍ମ ଯୋଡ଼ି
ସାବଧାନ ଦୁନ୍ଦୁଭିର ଅସ୍ଥି ଅଛି ପଡ଼ି ।
ସୁଗ୍ରୀବ କହନ୍ତେ ରାମ କର୍ଣ୍ଣରେ ଶୁଣିଲେ
ଦୁନ୍ଦୁଭିର ଅସ୍ଥି ବୋଲି ନିଶ୍ଚୟ ଜାଣିଲେ ।
ପଡ଼ିଅଛି ଅସ୍ଥି ତାର ଗିରିବର ପ୍ରାୟ
ସୁଗ୍ରୀବର ବଚନେ ଛୁଇଁଲେ ରାମରାୟ ।
ଚରଣ ଆଘାତେ ଅସ୍ଥି ଉଡ଼ିଲା ଆକାଶେ
ଅସ୍ଥିର ନିର୍ଘାତ ଯେ ଶୁଭିଲା ଦଶଦିଶେ ।
ଅସ୍ଥିର ଭିତରୁ ଜାତ ହୋଇଲା ପୁରୁଷେ
କରପଦ୍ମ ଯୋଡ଼ି ସ୍ତୁତି କରଇ ଆକାଶେ ।
ନମସ୍ତେ ନମସ୍ତେ ଦଶରଥର ନନ୍ଦନ
ଅଶେଷ ଜଗତ ତୋର ଚରଣ ବନ୍ଦନ ।
ନମସ୍ତେ ନମସ୍ତେ ଦେବ ଜାନକୀବଲ୍ଲଭ
ଧ୍ୟାନ ଧାରଣରେ ଯୋଗୀମାନଙ୍କୁ ଦୁର୍ଲ୍ଲଭ ।
ନମସ୍ତେ ନମସ୍ତେ ଦେବ ସୂର୍ଯ୍ୟବଂଶେ ଜାତ
ଲୀଳାଏ (ରେ) ମାନବ କାୟ ଜଗତର ନାଥ ।
ନମସ୍ତେ ନମସ୍ତେ ଦେବ ଶ୍ୟାମଳ ସୁନ୍ଦର
ପରମ ଅଙ୍କୁଶ (?) ଯୋଗିଜନମାନଙ୍କର ।
ନମସ୍ତେ ନମସ୍ତେ ଦେବ ଜଗତର ଗୁରୁ
ଅନେକ ଜନ୍ମର ଦୁଃଖ ନିମିଷକେ ହରୁ ।
ଭୋ ଦେବ ପୂର୍ବର ଦୋଷେ ରାକ୍ଷସ ହୋଇଲି
ଅଜ୍ଞାନ ଶରୀରେ ମୁଁ ଅନେକ ଯୁଗ ନେଲି ।
ପାଇଲି ଅନେକ କଷ୍ଟ ବ୍ରହ୍ମାର ଶାପରୁ
ତରିଲି ତୋହୋର ଶ୍ରୀ ଚରଣ ପ୍ରସାଦରୁ ।

କହୁଁ କହୁ ବିମାନ ପ୍ରବେଶ ହେଲା ଆସି
ରାମରୂପ ସ୍ମରୁଁଣ ବମାନେ ଗଲା ବସି ।
ନୟନେ ଦେଖିଲ ତାହା ସକଳ ବାନରେ
ନୋହଇ ବାନର ବୋଲି ଭାବନ୍ତି ମନରେ ।
ମନ୍ଦବୁଦ୍ଧି ସିନା ଆମ୍ଭେ ସଂଶୟୁ ବସ୍ତୁର
ବୋଇଲୁ ବାଳିକି ରାମ ନ ପାରିବେ ମାରି ।
ଯେଉଁ ରୂପେ ସମସ୍ତେ ଦେଖିଲୁ ନୟନରେ
ସର୍ବଥା କରନ୍ତା ନାହିଁ ଦେବତା ଅସୁରେ ।
ଶ୍ରୀରାମ ବୋଲନ୍ତି ମିତ୍ର ଏଠାବରୁ ଯିବା
କାହିଁ ଅଛି ସପ୍ତଶାଳ ମୋତେ କହିଦେବା ।
ସୁଗ୍ରୀବ କହଇ ଶୁଣ କୌଶଲ୍ୟାନନ୍ଦନ
ସପତ ଶାଳାକୁ ବାରୁ କଡ଼ାଅ ବହନ ।
ସୁଗ୍ରୀବବଚନ ଶୁଣି ଆଗ ହୋଇଗଲା
ସପତଶାଳା ଠାବକୁ ପଥ କଢ଼ାଇଲା ।
କହଇ କର ଦେଖାଇ ଶୁଣ ରଘୁବୀର ।
ଦେଖ ଦେବସପ୍ତଶାଳା ମହାତରୁବର ।
କେହି ତାହା ଭେଦ ନ ପାରନ୍ତି ରଘୁବୀର
ବେନି ଶାଳା ଭେଦଇ ସେ ବାଳି ମହାବୀର ।
ସୁଗ୍ରୀବ ବଚନେ ବାଣ ଗୁଣରେ ବସାଇ
ସପତ ଶାଳାକୁ ରାମ ଆନନ୍ଦେ ଅନାଇଁ ।
ଆକର୍ଣ୍ଣ ପୂରେଇ ରାମ ପ୍ରହାରିଲେ ଶର
ଭେଦିଲା ସପତଶାଳା ହୋଇଲା ବାହାର ।
ବିସ୍ମୟ ନାଶ ଅଟଇ ଯେ ଶ୍ରୀରାମର ଶର
ଛେଦିବ ବଜ୍ରସମ ସପତ ତରୁବର ।
ତହୁଁ ଭେଦି ଗଲେ ବାଣ ଋଷ୍ୟମୂକ ଗିରି
ପାତାଳେ ପଶିଲା ବାଣ ପୃଥିବୀ ବିଦାରି ।

ଯେତେ ଦୁଷ୍ଟ ରାକ୍ଷସ ପାତାଳପୁରେ ଥିଲେ
ରାମବାଣ ଅନଳେ ସେ ଦହନ ହୋଇଲେ ।
ପାତାଳ ଭୁବନେ ଦୁଷ୍ଟ ଦାନବଙ୍କୁ ମାରି
ଫେରିଲା ନାରାଚ ରାଜହଂସ ରୂପ ଧରି ।
ରାଜହଂସ ରୂପ ବାଣ ଆସଇ ଗଗନେ
ସୁଗ୍ରୀବର ସହିତେ ଦେଖନ୍ତି କପିମାନେ ।
ରାଜହଂସ ରୂପେ ବାଣ ଗଗନୁ ଖସିଲା
ସମସ୍ତେ ଦେଖିଲେ ରାମ ତୂଣୀରେ ପଶିଲା ।
ରାମ ବାଣ ଛେଦନ କରନ୍ତେ ତରୁବରେ
ମୂର୍ତ୍ତିବନ୍ତ ହୋଇଣ ବସିଲେ ମେଦିନୀରେ ।
କରଯୋଡ଼ି କହନ୍ତି ସେ ଶ୍ରୀରାମ ଛାମୁରେ
ଆବର ଜନମ ପାଇଥିଲୁ ପୃଥିବୀରେ ।
ନାରାଚରେ ଛେଦିଲୁ ଆମ୍ଭର ଦୁଃଖଭାର
ଅଜ୍ଞାନ ଘୋର ସଂସାରୁ କଲୁ ଦେବ ପାର ।
ତୋହର ମହିମା ଦେବ କେ ପାରିବ ଜାଣି
ଯାହା ନାମ ନିରତେ ଜପଇ ଶୂଳପାଣି ।
ତୁ ଅଟୁ ଜଗତ ବନ୍ଧୁ ତୁ ସେ ପିତାମାତା
ତୁ ତୋହୋର ସର୍ବ ରୂପ ଗଢିବା ବିଧାତା ।
କଉତୁକ ପୁରୁଷ ତୁ ସଂସାର ଭିଆଇ
ହେଉ ତୁ ଶରୀରଧାରୀ ଖେଳିବାର ପାଇଁ ।
ଆମ୍ଭଅପରାଧେ ତରୁ ଜନ୍ମ ହୋଇଥିଲୁଁ ।
ତୋହର ଦର୍ଶନେ ମହା ଦୁଃଖ ଦୂର କଲୁଁ ।
ରାମଚନ୍ଦ୍ର ଦର୍ଶନେ ନିର୍ମଳ ବପୁ ପାଇ
ବିମାନରେ ବସି ଗଲେ ଗଗନେ ସମ୍ଭାଇ ।
କହେ ରାଜା ଗୋବିନ୍ଦ ଜାନକୀ ପତି ରାମ
ସଂସାର ଘୋର ପାପକୁ ଚରଣେ ବିଶ୍ରାମ ।

ମୁଁ ଅତି ଦୁର୍ବୁଦ୍ଧି ତୁ ଯେ କୁବୁଦ୍ଧି ହରଣ
ଦାହୁ କର ଶ୍ରୀରାମ ତୋ ଚରଣ ଶରଣ ।
ଦେଖି ସ୍ତମ୍ଭୀଭୂତ ହୋଇ ସକଳ ବାନରେ
ଦେଖିଲୁ ଶୁଣିଲୁ ନାହିଁ ତିନି ଜଗତରେ ।
ଦେବଗଣ ସହିତେ ଯେସନେ ଚଉମାଥ
କ୍ଷୀରନିଧି ତଟରେ ଭେଟିଲେ ଜଗନ୍ନାଥ ।
ସେହି ମତ ସୁଗ୍ରୀବ ସକଳ ସୈନ୍ୟ ଘେନି
ଭେଟିଲୁ ଶ୍ରୀ ରଘୁନାଥ ଶ୍ରୀପଦ୍ମର ବେନି । ୪୧୯ ।
ସୁଗ୍ରୀବର ସହିତେ ସକଳ କପିଗଣ
ପ୍ରଦକ୍ଷିଣ କରି ଗୋଇ ଶ୍ରୀରାମ ଚରଣ ।
ଉଠିକରି ସର୍ବ କପି ଶିରେ କର ଦେଇ
ମହା ଭୟ ପାଇ ବୀର କହଇ ବନୋଇ ।
ବାସବ ସହିତେ ଯେତେ ସର୍ବ ଦେବଗଣ
ନିମିଷ ମାତ୍ର ସହି ନ ପାରିଲେ ତୋ ରଣ ।
ସେ ବାଳି ମାରିବ ବୋଲି ନ ଗଲି ପରତେ
ଦେଖ ଅଜ୍ଞାନ ପଣ ଅପ୍ରତେ କଲି ତୋତେ ।
ଅପ୍ରାଧ ଭଞ୍ଜନ ହେ ଅପ୍ରାଧ କ୍ଷମା କର
ଭବଜଳେ ବୁଡିଲି ଉଦ୍ଧରି ମୋତେ ଧର । ୪୨୦ ।
ପାଦଘାତେ ପଡିଲା ଦୁନ୍ଦୁଭି ମହାମେରୁ
ବାଣଘାତେ ଛେଦିଲ ସପତଶାଳ ତରୁ ।
ବାହୁଡି ବଜାୟୁ ଆସି କଲେ ନଦୀତୀରେ
ସଙ୍ଗତେ ଗୋଡ଼ାଇଛନ୍ତି ସକଳ ବାନରେ ।
ଏଥୁଅନନ୍ତରେ ସେ ବାଳିର ସ୍ତ୍ରୀମାନେ
ନିରନ୍ତରେ ଭ୍ରମୁଥାନ୍ତି ଋଷ୍ୟମୂକ ବନେ ।
ସୁଗ୍ରୀବର ସଙ୍ଗେ ରାମ ଯେତେ କଥାମାନ
ବୁଝି ଶୁଣିଗଲେ ସବୁ କସ୍ତୁରୀ ଭୁବନ ।

ଦୁନ୍ଦୁଭି ଅସ୍ଥି ଗୃଳିବା ତରୁଙ୍କ ଛେଦନ
ଦେଖି କରି ପତ୍ୟରନ୍ତି ସମସ୍ତ ବଧାନ ।
ପ୍ରବେଶ ହୋଇଲେ ଯାଇଁ କିଷ୍କିନ୍ଧା ନଗରେ
ବାଳିରାଜା ବିଜୟ କରିଛି ଆସ୍ଥାନରେ ।
ରାଜଆସନରେ ବିଜେ କରିଛି ନୃପତି
ଚେତ ସେବା କରୁଛନ୍ତି ଅନେକ ଯୁବତୀ ।
ମଣିମୟ ମୁକୁଟ ଶୋହଇ ମସ୍ତକରେ
ମାଳ ଚନ୍ଦନ ବିଲେପି ଅଛନ୍ତି ଶରୀରେ ।
ନାନାରତ୍ନ କୁଣ୍ଡଳ ଖଚିତ କର୍ଣ୍ଣମୂଳେ
ବିବିଧ କୁସୁମ ଖଞ୍ଜି ଅଛଇ କୁଣ୍ତଳେ ।
ବିଚିତ୍ର ବସନ ପିନ୍ଧିଅଛି କଟି ଭାଗେ
ଦାସୀ ତାଙ୍କୁ ତାମ୍ବୁଳ ଯୋଗାଇ ବସି ଲାଗେ ।
ଧରି ବେନି ଚରଣ ବସିଛି ରୋମା ନାରୀ
କେହୁ ବସେଁ ଆଲଟ ଚାମର କରେ ଧରି ।
ରତ୍ନମୟ ମନ୍ଦିର ସେ ମନ୍ଦ ମନ୍ଦ ଜାଣି
ସର୍ବଦା ବସଇ ତହିଁ କପିକୁଳମଣି ।
କପିରାଜା ବସିଛି କନକ ଆସନରେ
କହଇ ହରଷ କଥା ଅତି ହରଷରେ ।
ତାଙ୍କୁ ଧରଇ ସେହୁ ତାମ୍ବୁଳ ସହିତେ
ରୋମାକୁ ଚୁମ୍ବଇଁ ପୁଣି ହରଷିତ ଚିତ୍ତେ ।
ଦେବାସୁର ଦାନବେ ସେ ଭୟ ନ କରଇ
ରତ୍ନମୟ ଭୁବନ ଭିତରେ ବିହରଇ ।
ଏମନ୍ତ ସମୟେ ସେ ହୋଇଲେ ସର୍ବଗୁରେ
ପରବେଶ ଯାଇଁ କପିରାଜା ସିଂହଦ୍ୱାରେ ।
ଦ୍ୱାରପାଳ କହିଲା ସେ ବୃଦ୍ଧ ନାରୀଠାରେ
ଋଷ୍ୟମୂକ ପର୍ବତୁ ଆଇଲେ ସର୍ବଗୁରେ ।

ଯାଅ ମାତ କହ ଆମ୍ଭ ବଚନ ତ୍ୱରିତ
ବେଗ କର କହ ଯାଇଁ ରାଜାର ଅଗ୍ରତ ।
ଦ୍ୱାରପାଳ ବଚନେ ସେ ବୃଦ୍ଧ ନାରୀ ଯାଇଁ
ବେନି କରଯୋଡି ବାଳି ଆଗରେ ଜଣାଇ ।
ଶୁଣ ହେ ଦେବ ବାନର କୁଳ ଶିରୋମଣି
ସୁରମାନେ ପ୍ରବେଶ ହୋଇଲେ ଏହିକ୍ଷଣି ।
ତାହାର ବଚନ ଶୁଣି ବାନର ରାଜନ
ତାରା ରୋମା ମୁଖ ଚାହିଁ କହଇ ବଚନ ।
ଭିତର ଭୁବନକୁ ଯାଅ ଗୋ ସୁନ୍ଦରି
ତାରା ରୋମା ସଙ୍ଗତରେ ଯାଅ ସର୍ବ ନାରୀ ।
ଆଜ୍ଞା ପାଇ ଭିତରକୁ ଚଳିଲେ ସେମାନେ
ବୋଇଲେ ଏବେ ଆସନ୍ତୁ ସର୍ବ ସୁରଗଣେ ।
ଆଜ୍ଞା ପାଇ ଅଇଲେ ସକଳ ସୁରମାନେ
ଶିରେ କରଯୋଡି ଉଭା ହେଲେ ସନ୍ନିଧାନେ ।
ବୋଇଲେ ହେ ସୁରମାନେ ଋଷ୍ୟମୂକେ ଥିଲ
ଯେତେକ ଚରିତ ସବୁ ଦେଖିଲ ଶୁଣିଲ ।
କହ ସର୍ବ କଥା ସୁରେ ମୋହୋର ଆଗରେ
କେହୁଣି କଥାକୁ ଭ୍ରାନ୍ତି ନ କର ମନରେ ।
କରପଦ୍ମ ଯୋଡିଣ ସକଳ ସୁରମାନେ
ଦେଖି ଶୁଣି ଅଇଲୁ ଯା ଋଷ୍ୟମୂକ ବନେ ।
ସାବଧାନେ ଶୁଣ ଦେବ ବାନର ଈଶ୍ୱର
ପୂର୍ବେ ଜ୍ଞାତ କରିଛୁ ଚରିତ ଯା ତାଙ୍କର ।
ସମର ନିମନ୍ତେ ଯତ୍ନ କହିଲୁ ସେ ଯେତେ
କଦାଚିତେ ସୁଗ୍ରୀବର ନ ଗଲା ପରତେ ।
ବୋଇଲା ଦୁନ୍ଦୁଭିକି ମାଇଲା ରାଜା ବାଳି
ପର୍ବତ ପରାୟେ ତାର ଅଛି ଅସ୍ଥି ପଡି ।

କେହି ବଳବନ୍ତ ତାହା ନ ପାରନ୍ତି ଟଳି
ତାହା ଯେବେ ଚରଣେ ପାରିବୁ ଦେବ ଟେଳି ।
ତେବେ ପ୍ରତେ କରିବ ରଣେ ମରିବ ବାଳି
ସଂଗ୍ରାମ ଭୂମିରେ ସେ ଅଟଇ ମହାବଳୀ ।
ଆହୁରି କଥାଏ ଦେବ କହୁଛି ଛାମୁର
ଅରଣ୍ୟରେ ଅଛି ସାତଶାଳ ତରୁବର ।
ଦୁଇ ତରୁ ଭେଦଇ ବାନର ନୃପମଣି
ତାହା ଯଦି ଭେଦିବୁ, ପାରିବୁ ରଣେ ଜିଣି ।
ଶୁଣିଣ ଉଠିଲେ ସେ ଯେ ବେନି ମହାଯତି
ପ୍ରବେଶ ହୋଇଲେ ଅସ୍ଥି ନିକଟେ ତତ୍କ୍ଷତି ।
ଚଉଦିଗେ ଦେଖନ୍ତି ସମସ୍ତ କପିମାନେ
ଚରଣ ଆଘାତେ ଅସ୍ଥି ଉଠିଲା ଗଗନେ ।
ଦେଖିଣ ସ୍ତମ୍ଭିତ ହେଲେ ସକଳ ବାନରେ
ଉଡିଲା ସମସ୍ତେ ତାହା ଦେଖିଲେ ଚକ୍ଷୁରେ ।
ତହୁଁ ପୁଣ ଶୁଣ ଦେବ ଏଥୁ ଅନନ୍ତରେ
ସୁଗ୍ରୀବର ସଙ୍ଗତରେ ସମସ୍ତ ବାନରେ ।
ଯତିଙ୍କୁ କଢାଇଲେ ସେ ଅରଣ୍ୟ ଭିତରେ
ପ୍ରବେଶ ହୋଇଲେ ସପ୍ତଶାଳ ନିକଟରେ ।
କହିଲା କର ଦେଖାଇ ସୁଗ୍ରୀବ ବାନର
ସାବଧାନ ହୁଅ ଏ ସପତ ତରୁବର ।
ସୁଗ୍ରୀବର ବଚନେ ପ୍ରହାର କଲେ ଶର
ଛେଦିଲେ ନାରାଚଘାତେ ସପ୍ତ ତରୁବର ।
ଋଷ୍ୟମୂକ ପର୍ବତ ନାରାଚ ଭେଦିଗଲା
ଜାଣି ନ ପାରିଲୁଁ ବାଣ କାହିଁ ବିଶ୍ରାମିଲା ।
ସୁଗ୍ରୀବର ସହିତେ ସେ ବାହୁଡି ଅଇଲେ
ବିଶ୍ରାମିଲେ ଆସି ବେଗେ ସେହୁ ନଦୀକୂଳେ ।

ଦେଖିଲୁଁ ନୟନେ ଯାହା କହିଲୁ ନୃପତି
ଶୁଣିଲୁ କହିବାକୁ ସେ କରୁଛୁ ବିନତି ।
ଆଜ୍ଞା ଦେଲେ କହିବୁ ଶୁଣିଲୁ କଥାମାନ
କହ ବୋଲି ବାଳନୃପ ହେଲେ ସାବଧାନ । ୪୭୫ ।
ଋଷ୍ୟମୂକ ଗିରିବରେ ସକଳ ବାନରେ
କଥାମାନ ହେଉଥାନ୍ତି ଏକୁ ଆରକରେ ।
ସେ କଥା ସମସ୍ତ ଯାହା ଶୁଣିଲୁ କର୍ଣ୍ଣରେ
ସାବଧାନେ ମହୀପତି କହିବୁ ଛାମୁରେ ।
ଦଶରଥ ନାମେ ରାଜା ଅଯୋଧ୍ୟା ନଗରେ
ଧର୍ମରେ ଉନ୍ନତ ରାଜା ଆଦିତ୍ୟବଂଶରେ ।
ତାହାଙ୍କର ହୋଇଲେ ଯେ ଚାରିଗୋଟି ନନ୍ଦନ
ଶ୍ରୀରାମ ଲକ୍ଷ୍ମଣ ଯେ ଭରତ ଶତ୍ରୁଘ୍ନ ।
ଶ୍ରୀରାମକୁ ରାଜ୍ୟ ପିତା କରନ୍ତେ ନୃପତି
ସତ୍ୟ କରାଇଲା ତାଙ୍କୁ କେକୟୀ ଯୁବତୀ । ୪୮୦ ।
ହୋଇଲେ ଭରତ ରାଜା ଅଯୋଧ୍ୟା ନଗରେ
ଶ୍ରୀରାମ ଲକ୍ଷ୍ମଣ ସୀତା ପଶିଲେ ବନରେ ।
ପଞ୍ଚବଟୀ ବନରେ ସେ କରିଥିଲେ ବାସ
ସୀତାକୁ ହରିଣ ନେଲା ରାବଣ ରାକ୍ଷସ ।
ଭ୍ରମନ୍ତେ ବନରେ ପଶି ଜାନକୀ ନ ପାଇ
ଋଷ୍ୟମୂକ ପର୍ବତେ ପ୍ରବେଶ ହେଲେ ଯାଇ ।
ବିସ୍ତରି ଜାଣିଲା ସବୁ ପବନତନଇ
ସେଠାବରେ ସୁଗ୍ରୀବ ଦର୍ଶନ କଲାପାଇଁ ।
କେମନ୍ତ ପ୍ରକାରେ ରାମ ବନକୁ ଅଇଲେ
କେମନ୍ତ ପ୍ରକାରେ ରାମ ସୀତା ହରାଇଲେ । ୪୮୫ ।
ସୁଗ୍ରୀବକୁ କହିଲେ ସମସ୍ତ କଥା ସାର
ଯାହା ଶୁଣିଥିଲୁଁ ଦେବ କହିଲୁ ଛାମୁର ।

ଆପଣାର ଦୁଃଖ ରାମ ସୁଗ୍ରୀବକୁ କହି
ବୋଇଲେ ଏ ବନେ ତୁ କମାଇଁ ଅଛୁ ରହି ।
ଏହା ନାରୀ ହରଣ କହିଲା ସୁଗ୍ରୀବର
ବୋଇଲେ ସମାନ ଦୁଃଖ ତୋହୋର ମୋହୋର ।
ଶୁଣ ହେ ବାନର ମିତ୍ର ହୋଇଲୁ ମୋହୋର
ଶରଘାତେ ମାରିବି ମୁଁ ଶତ୍ରୁକୁ ତୋହୋର । ୪୮୦ ।
ରାଜ୍ୟନାରୀ ପ୍ରାପତ ମୁଁ କରିବି ତୋହୋରେ
ଏ କଥାକୁ ଭ୍ରାନ୍ତି ମିତ୍ର ନ କର ମନରେ ।
ସୁଗ୍ରୀବ ବୋଇଲା ଦେବ ତୋହୋର ନିମନ୍ତେ
ଜନକନନ୍ଦନୀ କି ମୁଁ ଖୋଜିବି ଜଗତେ ।
ଯେମନ୍ତ ପ୍ରାପତ ହେବ ଜନକନନ୍ଦନୀ
ଉପାୟ କରିବି ମୁଁ ବାନରବଳ ଘେନି ।
ଯାହା ଆମ୍ଭେ ଦେଖିଲୁ ଶୁଣିଲୁ ସେ ବନରେ
ସମସ୍ତ ଚରିତ ରାଜା କହିଲୁ ତୁମ୍ଭରେ ।
ଏ କଥାକୁ ଉପାୟ କରିବା ନିରନ୍ତରେ
ଇତର ଚରିତ ବୋଲି ନ ଧର ମନରେ । ୪୮୫ ।
ଶୁଣି କରି ଅନ୍ତରରେ ହୋଇଲା ମଉନ
ବୋଇଲା ଜାଣିବି କେବା ଦଇବ ବିଧାନ ।
ବେଣୁକାରମାନଙ୍କୁ ସେ କହଇ ଆପଣ
ବୋଇଲା ଡାକତେ ଥିବ ବେଣୁକାରଗଣ ।
ଆଜ୍ଞା ପାଇ ବେଣୁକାରେ ଧାଡିକାରେ ଗଲେ
ଯେ ଯାହାର ଡାକତରେ ସମସ୍ତେ ରହିଲେ ।
ଏମନ୍ତେ ଡାକୁଆକୁ ରାଇଲା କପିରାଇ
ବୋଲଇ ହୋ ମନ୍ତ୍ରିଗଣ ବେଗେ ଆଣ ରାଇ ।
ଆଜ୍ଞା ପାଇ ଡାକୁଆଏ ତୁରିତରେ ଗଲେ
ମନ୍ତ୍ରିଗଣମାନଙ୍କୁ ସେ ଡାକିଣ ଆଣିଲେ । ୪୯୦ ।

ସମୁରେ ପ୍ରବେଶ ହୋଇ ସର୍ବମନ୍ତ୍ରିବରେ
ଚରମାନେ ଥିଲେ ଋଷ୍ୟମୂକ ପର୍ବତରେ ।
ସେଠାରେ ଶୁଣିଲେ ସେ ଯେତେକ କଥାମାନ
କହ କହ ଚରଗଣେ ମନ୍ତ୍ରିସନ୍ନିଧାନ ।
ଆଜ୍ଞା ପାଇ କହିଲେ ସମସ୍ତ କଥାମାନ
ସବୁ ସେ ଶୁଣିଲେ ମନ୍ତ୍ରୀ ହୋଇ ଏକମନ ।
ଚରଙ୍କର ତହୁଁ ଯହୁଁ ଶୁଣିଲେ ବାରତା
ସମସ୍ତ ମନ୍ତ୍ରୀଏ କଲେ ଗୁରୁତର ଚିନ୍ତା ।
କହଇ ବାନରେଶ୍ୱର ଶୁଣ ମନ୍ତ୍ରିଗଣ
ବନେ ଧନୁର୍ଦ୍ଧର ଅଛୁ ଶ୍ରୀରାମ ଲକ୍ଷ୍ମଣ । ୪୯୫ ।
ତାଙ୍କର ମୋହୋର ତ ଅଇର ଭୟ ନାହିଁ
ମୋତେ କାମ୍ୟା ଶତ୍ରୁଚିନ୍ତା ସୁଗ୍ରୀବର ପାଇଁ ।
ଶୁଣିଣ ମଉନ ହୋଇ ସକଳ ବାନରେ
କରଯୋଡ଼ି କହୁଛନ୍ତି ବାଳିର ସମୁରେ ।
ଭୋ ଦେବ ବାନରେଶ୍ୱର ଶୁଣ ଚିତ୍ତ ଦେଇ
ଚରଙ୍କର ବାରତା ଏ ଇତର ନୋହଇ ।
ହେଳାପକ୍ଷ ହୋଇ ଦେବ କେବେହେଁ ନୋହିବା
ଯଥାଶକ୍ୟେ ଆପଣା ଉପାୟ କରୁଥିବା ।
ପୁର ଦ୍ୱାରେ ଦ୍ୱାରେ ଥିବେ ସର୍ବ ମହାବଳେ
ଶାଳ ଶିଳ ଧରି ଥିବେ ସର୍ବ କପିବୀରେ । ୫୦୦ ।
କପଟ ଶକଟ ବ୍ୟୂହ (ଭୁଅ) କରିବା ଦୁଆରେ
ସ୍ଥାନମାନ ଧରି ରହିଥିବେ ମାଲବୀରେ ।
ଆପଣେ ବିଜୟ କରିଥିବ ଅନ୍ତଃପୁର
ବଳେ କରିଥିବ ରାଜା ଉତ୍ତର ମନ୍ଦର ।
ଏମନ୍ତ ପ୍ରକାରେ ରାଜା ରାଜନୀତି ଘେନ
ସାବଧାନ ହୋଇଥିବା ସର୍ବସୈନ୍ୟ ଘେନ ।

ଋଷ୍ୟମୂକ ପାଶେ ଥିବେ ସର୍ବ ସୁରଗଣେ
ତାହାଁର ବାରତା କହୁଥିବେ କ୍ଷଣେ କ୍ଷଣେ ।
ଏ କଥାକୁ ନୃପତି ନୋହିବ ଅଚେତନ
ସର୍ବ କାର୍ଯ୍ୟ ସଂଯୋଗରେ ଦେଇଥିବା ମନ ।
ସୁଗ୍ରୀବର ଚରିତ ତ ସମସ୍ତେ ହେ ଜାଣି
ସମ୍ମୁଖ ସଂଗ୍ରାମେ ସେ ତ ନ ପାରିବ ଜିଣି ।
ସୁଗ୍ରୀବର ପ୍ରବେଶ ହୋଇଲେ ସିଂହଦ୍ୱାରେ
ସଂଗ୍ରାମକୁ ଆସ ବୋଲି ଡାକିବ ତୁମ୍ଭରେ ।
ଅନୁମାନେ ଜାଣିବା ବିଚାରି ଏହୁ କଥା
ସେ ବଡ଼ ପିଠିଆ କରି ଆସିଛି ସର୍ବଥା ।
ଅନୁମାନେ ଜାଣିବା ଶୁଣି ତ ଅଛୁ କର୍ଣ୍ଣେ
ବାହାର ନୋହିବ ଥିବ ଉତ୍ତର ଭୁବନେ ।
ଏ କଥା ବିଚାରି ଦେବ ନୋହିବ ନାଚଳ
ଅନ୍ତଃପୁରେ ବସେ କରିଥିବ ମହାବଳ ।
ତୁ ତ ରାଜେ ରାଜଧର୍ମ ଜାଣିଅଛୁ ସର୍ବ
ସମସ୍ତ ବିଚାରି କରି କର କାର୍ଯ୍ୟ ଦେବ ।
ରହିବେ ପୁର ଆବୋରି ସକଳ ବାନରେ
କଦାଚିତେ ବାହାର ତୁ ନୋହିବୁ ସମରେ ।
ଆମ୍ଭଙ୍କୁ ଯଦି ବିନାଶି ପଶିବ ଭିତରେ
ତାହାଁକୁ ଦେବ ଉଚିତ କରିବ ସମରେ ।
ଏମନ୍ତ ବିଚାରି ମନ୍ତ୍ରୀ ଯେ ଯାହାର ମତେ
ସଂଯୋଗ କରଣ ସୈନ୍ୟ ରହିଲେ ସମସ୍ତେ ।
ଏଥୁ ଅନନ୍ତରେ ରାମ ରାଜୀବ-ଲୋଚନ
ସୁଗ୍ରୀବକୁ ଶୁହିଁ ରାମ ବୋଲନ୍ତି ବଚନ ।
ଚଳ ହୋ ମଇଦ ଯିବା କିଷ୍କିନ୍ଧା ନଗର
ବାଳିର ସଙ୍ଗତେ ତୁମ୍ଭ ଦେଖିବା ସମର ।

ହୃଦୟେ ସନ୍ତାପ ତୁମ୍ଭ ଯେ ଅଛି ମନରେ
ଛଡ଼ାଇବା ବାଳିକି ମାରିବା ଘୋର ଶରେ ।
ଏମନ୍ତ ବୋଲି ଉଠିଲେ ଠାକୁର ଦାଶରଥି
ଆସ ହେ ମଇନ୍ଦ ଘେନି ତୁମ୍ଭ ଯୂଥପତି ।
ଆଜ୍ଞା ପାଇ ମନ୍ତ୍ରିଗଣ ସଙ୍ଗତେ ଲଗାଇ
ଆଗରେ ହୋଇଲେ ପଥ କଢାଇବା ପାଇଁ ।
କରନ୍ତି ବିଜୟ ରାମ ଲକ୍ଷ୍ମଣ ସହିତେ
ବାଳି ମାରି ସୁଗ୍ରୀବକୁ ଥାପିବା ନିମନ୍ତେ । ୫୬୦ ।
ପଛରେ ଚାଲଇ ବୀର ଅଞ୍ଜନା ନନ୍ଦନ
ରାମସେବା ବିନୁ ମନ ନ ଭାବଇ ଆନ ।
ଅମନ୍ଦ ମନ୍ଦ ପବନ ବହଇ ପୂର୍ବମାର୍ଗେ
ଶୁଭ ଅନୁକୂଳରେ ଚାଲନ୍ତି ବନଭାଗେ ।
ସୁଗ୍ରୀବ ଦକ୍ଷିଣ ଚକ୍ଷୁ ଘନଘନ ଫୁରେ
ଯାନ୍ତି ରଙ୍ଗଭଙ୍ଗଭରି ଉହାଡ଼ି ଆଗରେ ।
ଗୋରୁ ମୃଗ ବନଜୀବ ଦକ୍ଷିଣ ଭାଗରେ
ବନରୁ ଡ଼େଇଁଣ ହଂସ ପଡିଲା ଆଗରେ ।
କହେ ରାଜା ଗୋବିନ୍ଦ ହେ ଶୁଣ ସର୍ବଜନେ
ଯାହାକୁ ଚାହାଁ ଶ୍ରୀରାମ ରାଜୀବଲୋଚନେ । ୫୬୫ ।
ତାହାକୁ ଶୁଭ କେମନ୍ତେ ନୋହିବେ ସକଳ
ଯାହାର କୃପାରେ ପାଇ ଚଉବର୍ଗ ଫଳ ।
କେତେ ପୁଣ୍ୟ କରିଅଛି ବାନରନୃପତି
ଯାହାର ନିମନ୍ତେ ରଘୁନାଥ ପାଦଗତି ।
ତାହାର ତପସ୍ୟା କେ ବା କରିବ ନିଶ୍ଚୟେ
ଶରଣ ରାଜା ଗୋବିନ୍ଦ ଶ୍ରୀରାମର ପାୟେ ।

---

କିଷ୍କିନ୍ଧା ନିକଟେ ଯାଇଁ ହୋଇଲେ ପ୍ରବେଶ
ଡାକନ୍ତି ଶ୍ରୀରାମ ମିତ୍ର ନିକଟକୁ ଆସ ।

ପୂର୍ବେ ତୁ ସଂଗ୍ରାମ କଲୁ ବାଳିର ସଙ୍ଗତେ
ଦୁଇଙ୍କର ଏକରୂପ ନ ଚିହ୍ନିଲୁ ତୋତେ ।
ନାଗେଶ୍ୱର ପୁଷ୍ପ ରାମ ତୋଳାଣ ଶ୍ରୀକରେ
ଗୁନ୍ଥିଲେ ମାଳ ଗୋଟିଏ ବଚନ ପ୍ରକାରେ ।
ସୁଗ୍ରୀବର ଗଳାରେ ଲମ୍ବାଇଲେ ଶ୍ରୀରାମ
ଦିଶିଲା କପି ସୁଗ୍ରୀବ ଅତି ଅନୁପମ ।
ବୋଇଲେ ମଇନ ଉଠ କୁଅ ପୂର୍ବଦ୍ୱାରେ
ବାଳିଙ୍କି ସଂଗ୍ରାମ ପାଇଁ ଡାକ ଧାଡିକାରେ । ୫ ।
ପୂର୍ବପ୍ରାୟେ ମଣି ଭ୍ରାନ୍ତି ନ କରିବ ଚିତ୍ତେ
ଆଜ୍ଞା ତାଙ୍କୁ ମାରିବି ଅବଶ୍ୟ ବାଣଘାତେ ।
ସୁଗ୍ରୀବ ବୋଲଇ ଦେବ ତୁମ୍ଭର ଆଜ୍ଞାରେ
ସର୍ବଥା ମୋହୋର ଭୟ ନାହିଁ ଜଗତରେ ।
କିଷ୍କିନ୍ଧା କଟକପତି କରିବ ନିର୍ଭୟେ
ପାଦପଦ୍ମ ପ୍ରସାଦରୁ ହୋଇଲୁ ନିର୍ଭୟେ ।
ଏତେ ବୋଲି ବାନର ବୁଡିଲା ଭାବଜଳେ
ଶିର ସମର୍ପିଲା ରାମଚରଣକମଳେ ।
ଉଠ ବୋଲି ଆଜ୍ଞା ଦେଲେ ଜାନକୀର ପତି
ଅଭିଷେକରେ ଦେଲେ ରାମ କିଷ୍କିନ୍ଧା ସମ୍ପତ୍ତି । ୧୦ ।
ଚଳ ତୁ ସୁଗ୍ରୀବ କପି ଆଜ୍ଞା ଅନୁକୂଳେ
ରହିଲେ ଦୀନଦୟାଳୁ ଏକ ତରୁମୂଳେ ।
ଦୁଷ୍ଟ ନାଶି ସନ୍ଥ ରକ୍ଷା ଯେହୁ ବାହୁ ବେନି
ପ୍ରଳୟ ଅନଳ ସମ ଶର କରେ ଘେନି ।
ପୁରଦ୍ୱାରେ ଉଭା ହୋଇ ସୁଗ୍ରୀବ ବାନର
ଡାକଇ ବାଳିକି ଆସ କରିବା ସମର ।
ତୁମ୍ଭର ନଇଲା ଦେଖି ସକଳ ବାନରେ
ଅଭିଷେକ କଲେ ମୋତେ କିଷ୍କିନ୍ଧା ନଗରେ ।

ଅଙ୍ଗଦ କୁମାରକୁ ମୁଁ ଯୁବରାଜ କରି
ପାଳଇ ସକଳ ବନଚର ଋକ୍ଷ ହରି । ୧୫ ।
ମୁଁ ଯେବେ ତୋହର ବନ୍ଧୁ ବିସ୍ମରି ମନରେ
ହୋଇଲି ବାନରପତି କିଷ୍କିନ୍ଧା ନଗରେ ।
ଯେବେ ମୋର ଅଙ୍ଗଦକୁ ପାପଚିନ୍ତା ଥିବ
ଅଧର୍ମେ ହୋଇବ ହତ ସୁଗତି ନୋହିବ ।
ରାକ୍ଷସଙ୍କୁ ମାରି ତୁ ଆଇଲୁ ଯେତେବେଳେ
ଥିଲି ମୁଁ ରାଜଆସନେ ବାନରମଣ୍ଡଳେ ।
ତୋତେ ଦେଖି ହରଷ ନୋହିଲି ଯଦି ଚିତ୍ତ
ତେବେ ମୋର ସର୍ବ ଧର୍ମ ହୋଇବ ନା ହତ ।
ତେବେ ମୋର ସର୍ବ ଧର୍ମ ହୋଇବ ବିନାଶ
ସୁଗତି ନୋହିବ ମୁଁ ହୋଇବି ପ୍ରାଣେ ନାଶ । ୨୦ ।
ଦୋଷାଦୋଷ ମୋହୋର ତୁ ବିଚାର ନ କଲୁ
ହୃଦୟ ଉପରେ ମୋର ମୁଥେକ ମାଇଲୁ ।
ତଥାପି ତୋହୋର ତୁଲେ ନ କଲି ସମର
ରାଜା ଜ୍ୟେଷ୍ଠ ଭାଇ ବୋଲି ହୋଇଲି ଅନ୍ତର ।
ମୁହୂର୍ତ୍ତିମାନଙ୍କ କୋପ ଶାନ୍ତ ତୁ ନ କରି
ଭଲ ମନ୍ଦ କିଛି କଥା ମନେ ନ ବିଚାରି ।
ଦୋଷାଦୋଷ ଧର୍ମାଧର୍ମ ମନେ ନ ବିଚାରି
ଅନ୍ତଃପୁରେ ପଶିଲୁ ଆଣିଲୁ ରୋମା ନାରୀ ।
ମୁଁ ତୋହର ଅଟଇ ସୋଦର ସାନଭାଇ
ଭ୍ରାତୃବଧୂ ହରିବା ତ ଉଚିତ ନୋହଇ । ୨୫ ।
ଭ୍ରମ କଲା ଚିତ୍ତ ତୋର ଦଇବ ପୁରୁଷ
ସେ ଅଧର୍ମ ଦୋଷରେ ନିକଟେ ଯିବୁ ନାଶ ।
ତାର ରୋମା ବହୁରୁ ଯେ ଅନ୍ତଃପୁରେ ପଶି
ନିକଟ ହୋଇଲା ତୋର କାଳଦଣ୍ଡ ଫାଶି ।

ଆସ ତୁ ବାହାର ହୋଇ କରିବା ସମର
ଯେ ରଣେ ଜିଣିବ ରାଜ୍ୟ ହୋଇବ ତାହାର ।
ବାଳି ରାଜା ଅନ୍ତଃପୁରେ କନକ ଆସନେ
ତାରା ପ୍ରେମା ସଙ୍ଗତରେ ହରଷିତ ମନେ ।
ଏମନ୍ତ ସମୟେ ରାଜା ସୁଗ୍ରୀବ ବଚନ
ଶୁଣିଲା ଶ୍ରବଣେ ବାଳି ହୋଇଲା ଉଚ୍ଛନ୍ନ ।
କହଇ କପିନ୍ଦ୍ରପତି ଶୁଣ ଗୋ ସୁନ୍ଦରୀ
ଡାକଇ ସୁଗ୍ରୀବ ମୋତେ ବାହାନାଦ କରି ।
ଯାହା ମୋତେ କହିଗଲେ ଋଷ୍ୟମୂକ ପୁରେ
ଡାକଇ ବାନର ମୋତେ ସେହି ଭରସାରେ ।
ବରଷକେ ସମ୍ମୁଖ ନୋହଇ ମୋତେ ବାରେ
ଦୁଇ ବେଳ ଅଇଲା ସେ ମାସକ ଭିତରେ ।
ପିଠି ପାଇ କରି ଆସିଅଛି ସଂଗ୍ରାମକୁ
ଶୃଗାଳ ଆସଇ କାହିଁ କେଶରୀ ଆଗକୁ ?
ତଥାପି ହୁଁ ସଂଗ୍ରାମ ହିଁ ନ କରିବ ସଖି
ଜାଣିବା କେମନ୍ତେ ତାକୁ କେ ପାଳିବ ରଖି ।
ନଷ୍ଟେଁ ଆଜ ସଂଗ୍ରାମ କରିବ ଯେବେ ଜୟ
କରିବ ମେଦିନୀ ଭୋଗ ହୋଇଣ ନିର୍ଭୟ ।
ଯଦି ମାରି ରାଜା ମୁଁ ହୋଇବ ଧରଣୀରେ
ପରମ ଆନନ୍ଦରେ ବସିବ ସୁରପୁରେ ।
ଏତେ କହି ପରମ ଆନନ୍ଦ ମନ ହୋଇ
ବାହାର ହୋଇଲା ରାଜା ସଂଗ୍ରାମର ପାଇଁ ।
ପ୍ରବେଶ ହୋଇଲା ଯାଇଁ ସୁଗ୍ରୀବର ପାଶେ
ଆଦିତ୍ୟକୁ ଯେସନେକ ରାହୁ ଗହ ଗ୍ରାସେ ।
ଅନ୍ତରିକ୍ଷେ ସଂଗ୍ରାମ କରନ୍ତି ବେନି ବୀରେ
ହସ୍ତିନୀ ଲୁବ୍ଧେ ଯେସନ୍ତେ ବେନି କରିବରେ ।

ପୃଥିବୀ କମ୍ପନ୍ତି ବେନି ବୀର ପାଦଘାତେ
ହାବୋଡ଼େ ଝଡ଼ଇ ଗିରି ଯେସନ୍ତେ ବଜ୍ରଘାତେ ।
ଧରାଧରି ପଡ଼ାପଡ଼ି ମୁଥ ମରାମରି
ରୁଧିର ସ୍ରବନ୍ତି ନଖ ଦନ୍ତରେ ବିଦାରି ।
ସୁଗ୍ରୀବକୁ ବାଳି ରାଜା ପାତି ପୃଥିବୀରେ
ଜାନୁକଟି ଛନ୍ଦି ମାଡିବସିଲା ଉପରେ ।
ବାମ ଭୁଜେ ସୁଗ୍ରୀବକୁ ଧରଇ କଣ୍ଠରେ
ମୁଥ ମାରିବାକୁ କଲା ଦକ୍ଷିଣ ଭୁଜରେ ।
ଶ୍ରୀରାମଙ୍କ ସମ୍ମୁଖେ ବସିଲା ରାଜା ବାଳି
ସୁଗ୍ରୀବ ସଂଗ୍ରାମେ ତାକୁ ନ ପାରିଲା ଠେଲି । ୪୯ ।
ଛିଦ୍ର ପାଇ ନାରାଚ ବସାଇ ଧନୁ ଟାଣି
ଛାଡିଲେ ନାରାଚ ରାମ ବଜ୍ରଘାତ ଜାଣି ।
ମହାସର୍ପ ପଶିଲା କି ପର୍ବତ କନ୍ଦରେ
ପଡିଲା ଅଚଳ ବାଣ ବାଳିହୃଦୟରେ ।
ଶରଘାତେ ଘୂର୍ମିତ ହୋଇଲା ରାଜା ବାଳି
ମୁଖ ନାଶା କର୍ଣ୍ଣଦ୍ୱାରେ ରୁଧିର ନିକଳି ।
ଗିରି ଶୃଙ୍ଗ ଯେସନେ ଭଶଇ ଗିରିବରେ
ସେହି ମତ ରାମଶର ବାଳି ହୃଦୟରେ ।
ବାଳି ଶରଘାତ ଜାଣି ଉଠିଲା ସୁଗ୍ରୀବ
ବୋଇଲା ତୁ କାହା କରି ନ ପାରୁ ଦଇବ । ୫୦ ।
ବାଳି ସୁଗ୍ରୀବର ନାମ ଜଗତେ ବଢିତ
ଅଙ୍ଗଅଙ୍ଗ ପ୍ରୀତି ଭିନ୍ନାଭିନ୍ନ ନାହିଁ ଚିତ୍ତ ।
ଏମନ୍ତ ପ୍ରୀତିରେ ଭେଦ କଲୁ ତୁ ବଧାତା
ଏକଚିତ୍ତ ଏକ ହିତ ଏକ ପିତା ମାତା ।
ଏହାର ହୋଇଲା ବୁଦ୍ଧି ଭାରିଯା ହରଣେ
ମୋହୋର ହୋଇଲା ବୁଦ୍ଧି ଏହାର ମାରଣେ ।

ହେ ଦଇବ କାହା କର ନୋହଇ ତୋହ୍ନୋରେ
ଏଡ଼େ ବିଘଟଣା କଲୁ ଏଡ଼େ ସହୋଦରେ ।
ଧିକ ଧିକ ଜୀବନ ରହୁଛୁ କାହିଁ ପାଇଁ
ବେନି ନୟନରୁ ତାର ଲୋତକ ସ୍ରବଇ । ୫୫ ।
ଶ୍ରୀରାମ ଲକ୍ଷ୍ମଣ ସର୍ବ ଯୂଥପତିମାନେ
ପ୍ରବେଶ ହୋଇଲେ ବାଳି ଅଛି ଯେଉଁ ସ୍ଥାନେ ।
ଦେଖିଲା ରାମକୁ ବାଳି ଲୋଚନ ବିସ୍ତାରି
କେଉଁ ଦେଶୁ ଅଇଲୁ ମାୟାବୀ ଧନୁର୍ଧାରୀ ।
କେବଣ କାରଣେ ଧନୁ ପ୍ରହାରିଲୁ ମୋତେ
କହ ମୁଁ କେବଣ ଦୋଷ କରିଅଛି ତୋତେ ।
ଚୋର ବୃତ୍ତି କରି ତୁ ସଂଗ୍ରାମ କଲୁ ମୋତେ
ବ୍ୟାଧ ଯେହ୍ନେ ମୃଗକୁ ମାରଇ ଶରଘାତେ ।
କେଉଁ ଦେଶୁଁ ଆସି ତୁମ୍ଭେ କଲ ଏଡ଼େ କର୍ମ । ୬୦ ।
ଏ କଥା କି ବିହିତ ହୋଇବ ତୋର ଧର୍ମ ।
ଶ୍ରୀରାମ ବୋଲନ୍ତି ଶୁଣ ବାନର ନୃପତି
ଦଶରଥ ନାମେ ରାଜା ଅଯୋଧ୍ୟା ନୃପତି ।
ତାହାର ହୋଇଲୁ ଆମ୍ଭେ ଚତୁ(ର)ର୍ଥ ନନ୍ଦନ
ଶ୍ରୀରାମ ଲକ୍ଷ୍ମଣ ଯେ ଭରତ ଶତ୍ରୁଘ୍ନ ।
ପିତା ସତ୍ୟ ନିମନ୍ତେ ହୋଇଲି ବନଚାରୀ
ଭରତ ହୋଇଲା ଅଯୋଧ୍ୟାରେ ଦଣ୍ଡଧାରୀ ।
ଭରତ ଭରତଖଣ୍ଡେ ହୋଇଅଛି ରାଜା
ଧର୍ମରେ ପାଳଇ ଭୂମଣ୍ଡଳେ ଜନ ପ୍ରଜା ।
ଭରତ ସ୍ଥିବାରେ ତୁ ଅନ୍ୟାୟ କର୍ମ କଲୁ
ପାପକୁ ନ ଡରି ଭ୍ରାତୃବଧୂକୁ ହରିଲୁ । ୬୫ ।
ସେ ଅପ୍ରାଧେ ଭରତ ବିହିଲା ଦଣ୍ଡ ତୋତେ
ଅଧର୍ମ ଚରିତ ବୋଲି ଦୋଷ ଦେଲୁ ମୋତେ ।

କହଇ ବାନର ରାଜା ଶୁଣ ରଘୁପତି
ବାନରସକଳ ଏ ସ୍ୱଭାବେ ପଶୁଜାତି ।
ପୁରୁଷ ଗୌରବ କାହିଁ ବନଜନ୍ତୁଙ୍କର
ଏ କଥା କ୍ଷମାଇ ସ୍ୱାମୀ ନ କରୁ ବଧର ।
ନାନା ଜନ୍ତୁମାନେ ଯେତେ ଅଛନ୍ତି ବନରେ
ଏହି ଦୋଷ ବସ୍ତୁର ସମସ୍ତ ମାର ଶରେ ।
ଭଲେ ଦେବ ଶ୍ରୀରାମ ଯଦ୍ୟ ସୂର୍ଯ୍ୟବଂଶେ ଜାତ
ଦଶରଥ ନୃପତିର ଅଟ ଜ୍ୟେଷ୍ଠ ସୁତ । ୬୦ ।
ଅନ୍ୟାୟେ ସଂଗ୍ରାମ କ୍ଷମା କଲୁ ରଘୁବୀର
ଲୁଚି କରି କି ନିମନ୍ତେ ପ୍ରହାରିଲୁ ଶର ।
ସତ୍ୟବାଦୀ ବୀରଙ୍କର କଥା ଅଛୁ ଶୁଣି
ଅଧର୍ମଚରିତ କିମ୍ପା କଲୁ ରଘୁମଣି ।
ଯାହା ଧର୍ମ ସମସ୍ତ ତୁ ଜାଣୁ ରଘୁବୀର
ଜାଣି ଶୁଣି କଲୁ କିମ୍ପା ଏଡ଼େ ଅବିଚାର ।
ସଂଗ୍ରାମ ସମୟେ କେଶ ଫିଟଇ ଯାହାର
ସତ୍ୟବନ୍ତ କ୍ଷତ୍ରୀ ତାଙ୍କୁ ନ ମାରନ୍ତି ଶର ।
ଆନର ସଙ୍ଗତେ ଆନ କରନ୍ତେ ସମର
ସତ୍ୟବନ୍ତ କ୍ଷତ୍ରୀ ତାକୁ ନ ମାରନ୍ତି ଶର । ୬୫ ।
ସମ୍ଭାଳ ସମରେ ତାକୁ ନ ପେଷିଲୁ ଶର
ସମ୍ମୁଖେ ତ ସଂଗ୍ରାମ ନ କଲୁ ରଘୁବୀର ।
ସୁଗ୍ରୀବର ସଙ୍ଗତେ ମୋହୋର ଘୋର ରଣ
ତରୁବର ଉହାଡ଼େ ପ୍ରହାର କଲୁ ବାଣ ।
ତୋହୋର ସମାନ ବୀର ଅଛି କେ ଜଗତେ
ସମ୍ମୁଖ ସଂଗ୍ରାମେ କହ କେ ଜିଣିବ ତୋତେ ।
ସତ୍ୟବନ୍ତ ପଣେ ସମ କେ ଅଛି ସଂସାରେ
କେ ଅବା ପାଳିବ ଧର୍ମ ତୋହୋର ବାହାରେ ।

ଶ୍ରୀରାମ ବୋଲନ୍ତି ଶୁଣ ବାନର-ରାଜନ,
ପିତା ସତ୍ୟ ନିମନ୍ତେ ପ୍ରବେଶ ହେଲି ବନ । ୮୦ ।
ଭାଇ ମୋର ଲକ୍ଷ୍ମଣ ସାଧବୀ ସୀତା ନାରୀ
ପଞ୍ଚବଟୀ ବନରେ ରହିଲୁ ବସା କରି ।
ପରମ ସାଧବୀ ସୀତା ପରମ ସୁନ୍ଦରୀ
ଲଙ୍କାର ରାବଣ ନେଲା ବଳେ ଚୋରି କରି ।
ଆମ୍ଭେ ଦୁଇଭାଇ ଯାଇଥିଲୁ ମୃଗୟାରେ
ଆସି ନ ଦେଖିଲୁ ସୀତା ପର୍ଣ୍ଣକୁଟୀଦ୍ୱାରେ ।
ସୀତାକୁ ଖୋଜନ୍ତେ ଆମ୍ଭେ ବନଭିତରେ ପଶି
ଜଟାୟୁଷ ପକ୍ଷୀକି ଦେଖିଲୁ ଭାଗ୍ୟେ ଆସି ।
ରାବଣକୁ ଓଗାଳି ସେ କଲା ମହାରଣ
ଖଡଗେ ତାହାର ଡେଣା କାଟିଲା ରାବଣ । ୮୫ ।
ଶୂନ୍ୟମାର୍ଗେ ସୀତାକୁ ହରଣ ସେହୁ ନେଲା
ଜଟାୟୁଷ ଏ ବାରତା ଆମ୍ଭଙ୍କୁ କହିଲା ।
ତହୁଁ ଶେ କବନ୍ଧଠାରୁ ପାଇଲୁ ବାରତା
ରାବଣ ରାକ୍ଷସ ନିଶ୍ଚେ ହରିନେଲା ସୀତା ।
ତହୁଁ ଆସି ଋଷ୍ୟମୂକେ ହୋଇଲୁ ପ୍ରବେଶ
ପାଇଲୁଁ ସୁଗ୍ରୀବଠାରୁ ସୀତାଙ୍କ ସନ୍ଦେଶ ।
ସୀତାକୁ ରାବଣ ରାଜା ହରିନେଲା ବେଳେ
ଅମଳାଣ ରତ୍ନଚୂଡ଼ୀ ପକାଇଲା ତଳେ ।
ମୋହୋର ପାଶରେ ଯେତେ କହିଥିଲା ସୀତା
ପାଇଲି ସୁଗ୍ରୀବଠାରୁ ସମସ୍ତ ବାରତା । ୯୦ ।
ଜାଣେ ବଇରି ମୋତେ କଲା ଦଶାନନ
ଜାଣ ଭେଟ ପ୍ରୀତି ମୋତେ ସୁଗ୍ରୀବ-ରାଜନ ।
ଅମଳାଣ ବସନରେ ରତ୍ନଚୂଡ଼ୀ ପାଇ
ମୋତେ ଯେବେ ପ୍ରୀତି ନାଶ କଲା କସ ପାଇଁ (?)

ଯେଉଁ ହନୁ ଭେଟି ମୋତେ ପାଇଲି ବାନର
ଲକ୍ଷ୍ମଣ ସମାନ ଭକ୍ତ କରଇ ମୋହୋର ।
ଉପକାର କଲି ମୋତେ ରତ୍ନଚୂଡ଼ୀ ଦେଇ
ସଜ ହବା ଥାଇ ମୋର ଆଜ୍ଞାକୁ ଯୋଗାଇ ।
ମୋହୋର ଏହାର ଦୁଃଖ ହୋଇଲା ସମାନ
ଏ ହେତୁ ଏହାକୁ ମିତ୍ର କଲି ହେ ସଜ୍ଜନ । ୯୫ ।
ଶୁଝିବ ସୁଗ୍ରୀବ ଭକ୍ତ ମନରେ ମୁଁ ଗୁଣି
ଭ୍ରାତୃବଧୂ-ହରଣ ଅନ୍ୟାୟ ତୋର ଶୁଣି ।
ଦୁଇକଥା ବିଚାରି ଅଇଲି ତୋର ପୁରେ
ଅନ୍ୟାୟକୁ ମିତ୍ର ଛଳେ ମାଇଲି ତୋହୋରେ ।
ତୁ ହେ ବୋଲୁ ଅରଣ୍ୟରେ ଜନ୍ତୁମାନଙ୍କର
ଗୁରୁଗଉରବ ଦୋଷ ନାହିଁ ତାହାଙ୍କର ।
ପଶୁଗଣଙ୍କର ସଙ୍ଗେ ନୋହୁ ବନଚାରୀ
ନାମ ମାତ୍ର ଶାଖାମୃଗ ଦେବଗଣ ସରି ।
ତୁମ୍ଭେ କି ନ ଜାଣ ଧର୍ମାଧର୍ମର ବିଚାର
ଦଇବ-ମୋହିତ ଚିତ୍ତ ହୋଇଲା ତୁମ୍ଭର । ୧୦୦ ।
କିଷ୍କିନ୍ଧା ଭୁବନଜନ ବାନର ସକଳ
ଦେଖିଲେ ସଂଗ୍ରାମରେ ପଡ଼ିଲା ମହାବଳ ।
ଧାଇଁଯାଇ ସମସ୍ତେ କହିଲେ ଅନ୍ତଃପୁରେ
ପଡ଼ିଲା ବାନର ରାଜା ଆଜିର ସମରେ ।
ଶୁଣି ତାରା ଟଳିଲା ଅଚେତ ମୋହ ହୋଇ
ନାରୀଗଣମାନେ ମୁଖେ ଜଳେ ଦେଲେ ନେଇ ।
ଘଡ଼ିକ ଉତ୍ତାରେ ତାରା ପାଇଲା ଚେତନ
ଆକୁଳେ ଡାକଇ ସ୍ୱାମୀ ନ କଲୁ ବଚନ ।
ଭୁବନରୁ ବାହାର ହୋଇଲା ତାରା ନାରୀ
ସଙ୍ଗତରେ ଧାଇଁଲେ ଅନେକ ପରିବାରୀ । ୧୦୫ ।

କେଶ ବାସ ଅସମ୍ଭାଳ ହୋଇ ସର୍ବନାରୀ
ଉଠନ୍ତି ପଡ଼ନ୍ତି ସେ ଆରତନାଦ କରି ।
ସମୁଦ୍ର ମନ୍ଥନ ପ୍ରାୟେ ଶୁଭୁଅଛି ଗୋଳ
କେ କହିପାରିବ ଶୋକ-ନାଦର ଚହଳ
ବାଳିରାଣୀ ନିକଟେ ପ୍ରବେଶ ହେଲେ ଯାଇଁ
ସମସ୍ତେ ହୋଇଲେ ବାଳି ବିଚ୍ଛେଦରେ ବାଇ ।
ବାଳିଙ୍କ ବେଢିଣ ତାରା ଉର ଶିର କୋଡି
ଭେଳା ବୁଡ଼ାଇଲୁ ବୋଲି ପାଡ଼ନ୍ତି ବୋବାଳି ।
ତାରା ଯାଇଁ ପଡିଲା ବାଳିର ଚରଣରେ
ବେନିକର ଯୋଡ଼ିଇ ସମସ୍ତ ହୃଦୟରେ ।
କେବେହେଁ ମୋହୋର ସ୍ୱାମୀ କୋପଚକ୍ଷୁ ନୋହୁ
ମୋହୋର ମଳିନ ମୁଖ ଦେଖିହେଁ ନ ସହୁ ।
ଗଜଦନ୍ତ ପଲଙ୍କେ ନୋହଇ ନିଦ୍ରା ତୋତେ
ଏବେ କିମ୍ପା ଶୟନ କରିଛୁ ଭୂମିଗତେ ।
କୋଟି କୋଟି ବାନର ଖଟନ୍ତି ଯାର ପାୟେ
ଶ୍ମଶାନରେ ଶୋଇଲୁ ଅନାଥ ପ୍ରାଣୀ ପ୍ରାୟେ ।
ନିରନ୍ତରେ ହରଷ ନୟନେ ମୋତେ ଚାହିଁ
ଧରନ୍ତେ ବେନି ଚରଣ କଥା ତୁ ନ କହୁ ।
କିଷ୍କିନ୍ଧା ନଗରଜନେ ବନବାସୀ ଯେତେ
ପିତା ମାତା ପ୍ରାୟେ ଆଶ୍ରେ କରିଛନ୍ତି ତୋତେ ।
କୁବେର ଭଣ୍ଡାର ପ୍ରାୟେ ନାନା ରତ୍ନମାନ
ଅନେକ ସୁନ୍ଦରୀ ନାରୀ ଅଛନ୍ତି ଭୁବନ ।
ଇନ୍ଦ୍ରକୁ ଆଶ୍ରୟ ଯେସନ୍ତେ ଦେବତା ସକଳେ
ଆଶ୍ରେ କରିଥାନ୍ତି ତୋତେ କପି ମହାବଳେ ।
ଅଙ୍ଗଦ ବାଳୁତ ଏ ତୁମ୍ଭର ନିଜ ସୁତ
ପିତୃଭକ୍ତ ସୁତ ସେ କରୁଛି ଯେ ଉଚିତ ।

ନିମିଷେ ହେଁ ତୋତେ ନ ଦେଖନ୍ତେ ସେ କୁମାର
ଦିବସ ହିଁ ମଣଇ ନିବିଡ଼ ଅନ୍ଧକାର ।
ଏତେକ କାହାକୁ ଦେଇ ଯାଉଅଛ ସ୍ୱାମୀ
ଶୋକଜଳେ ବୁଡିଲି ମୁଁ କି ବୁଦ୍ଧି କରିମି ।
ଅତି ଘୋର ନାରୀଙ୍କର ଶୋକନାଦ ଶୁଣି
ଦୟାମୟେ ଦୁଃଖିତ ହେଲେ ରଘୁକୁଳମଣି ।
ଦେଖିଲେ ଶୟନ ବାଳି କ୍ଷିତି-ପଲଙ୍କରେ
କାଳସର୍ପ ପ୍ରାୟେ ବାଣ ପଶିଛି ହୃଦରେ ।
ପରମଦୟାଳୁ ପ୍ରଭୁ ନାହିଁ ମନେ ରୋଷ
ବୋଲେ କେମନ୍ତେ ଏହାକୁ କଲେ ପ୍ରାଣନାଶ ।
କର ଯୋଡି କହଇ ସେ ତାରା ମହାସତୀ
ଭଣେ ନାଥ ମୋହରେ ଦେଲ ଏମନ୍ତ ବିପତ୍ତି ।
କି ଅବା ଅପ୍ରାଧ କଲା ବାନର-ସ୍ୱଜନ
ମୋହର ସ୍ୱାମୀ କି କର୍ମ୍ମ କଲୁ ତୁ ନିଧନ ।
କାହାର ନନ୍ଦନ ତୁ ଅଇଲୁ କି ନିମନ୍ତେ
କି ନିମନ୍ତେ ଭର୍ତ୍ତାକୁ ନିଧନ କଲୁ ମୋତେ ।
ଶ୍ରୀରାମ ବୋଲନ୍ତି ପୁଣ ଶୁଣ ରେ ଯୁବତୀ
ସଂସାର ବେଭାର ଚାହିଁ ଶୋକ କର ଶାନ୍ତି ।
ଯେତେ ଦିନେ ଥାଇଛି ତାହାର ପରିକ୍ଷିତ
କେ ଆନ କରିବ ଦେବ ଫଳନ୍ତି ନିଯୁତ ।
ଜନମ ମରଣ କିବା ସମ୍ପତ୍ତି ବିପତ୍ତି
ଅର୍ଜିତ କରମ ଫଳେ ଉଦୟ ହୁଅନ୍ତି ।
ଏ କଥା ବିଚାରି ଶୋକ ଛାଡ଼ ଚନ୍ଦ୍ରମୁଖୀ
ଛାଡ଼ ତୁ ସକଳ ଚିନ୍ତା ଅଙ୍ଗଦକୁ ଦେଖି ।
ଯେମନ୍ତେ ଅଙ୍ଗଦ ଆଉ ନ ଲୋଡିବ ପିତା
ପୁତ୍ରକୁ ପ୍ରବୋଧ କର ଛାଡ଼ ପ୍ରୀତିଚିନ୍ତା ।

ଜନ୍ମ ହେଲେ ମରଣ ତ ଅଛି ଜଗତରେ
ଏ କଥାକୁ ସନ୍ତାପ ନ କର ହୃଦୟରେ ।
ପରଲୋକେ ଏହାର ଯେମନ୍ତେ ଶୁଭ ହୋଇ
ସେ କଥାରେ ଉଦଯୋଗ କର ମନ ଦେଇ ।
ରାମ-ବାଣୀ ଶୁଣି ବାଳି ଚେତନା ପାଇଲା
ମଧୁର କୋମଳ କରି ବଚନ କହିଲା ।
ହେ ଦେବ ! ଶ୍ରୀମୁଖୁ ତୋର ଶୁଣିଲି ବଚନ
ଦେଖିଲି ନୟନେ ତୋତେ ଦେବ ଭଗବାନ । ୧୩୫ ।
ରାବଣ ଦଇତ ଯେବେ ହରିନେଲା ସୀତା
ଜନକ ରାଜାର ସୁତା ତୋହୋର ବନିତା ।
ମୋତେ ଯେବେ ଆଜ୍ଞା ତୁ ଦେଇନ୍ତୁ ରଘୁବୀର
ନିମିଷକେ ଧରି ମୁଁ ଆଣନ୍ତି ଦଶଶିର ।
ବୋଇଲେ ସକଳ ବଳ ଲଙ୍କାର ରାକ୍ଷସ
ରାବଣ ସହିତେ ମୁଁ କରନ୍ତି ସର୍ବନାଶ ।
ତର୍ପଣ କରଇ ମୁଁ ଯେ ଚାରିସିନ୍ଧୁ ଜଳେ
ରାବଣ ଆଇଲା ଦିନେ ମୋର ସନ୍ଧ୍ୟାକାଳେ ।
ମୋତେ ମାରିବାକୁ ସେ ଉପାୟ ମନେ କରି
କାଖତଳେ ପଶିଲା ମୋହୋର ଦଶଶିରି । ୧୪୦ ।
ଘେନିଛି ଜଳ ଅଞ୍ଜଳି ତର୍ପଣ ନିମନ୍ତେ
ଜଳରେ ଦେଖିଲି ଛାୟା କାଖରେ ପଶନ୍ତେ ।
ଦେଖିଲି ଦଶବଦନ କୋଡ଼ିଏ ଲୋଚନ
ବିଂଶବାହୁ କାୟା କାନ୍ତି ଯେସନେ ଅଞ୍ଜନ ।
ଜାଣଇ ସଂଗ୍ରାମେ ମୋତେ ନୁହଇ ସେ ସରି
କାଖ ତଳେ ପଶୁଛି କପଟେ ମୋତେ ମାରି ।
ଏହାରି ସଙ୍ଗତେ ଯୁଦ୍ଧ କରିବ ମୁଁ ରଣ
ସନ୍ଧ୍ୟା ହିଁ ହୋଇବ ଲୋପ ନୋହିବ ତର୍ପଣ ।

ଏତେ ବୋଲି ଦଶମୁଣ୍ଡ ଯାକିଲି କାଖରେ
ପଳାଇ ସେ ନ ପାରିଲା ଯାକିବା କଷ୍ଟରେ । ୧୪୫ ।
କାଖରେ ଯାକିଣ ପୃଥ୍ୱୀ ଲଙ୍ଘିଲି ମୁଁ ହେଳେ
କଲି ମୁଁ ସନ୍ଧ୍ୟା ତର୍ପଣ ଚାରିସିନ୍ଧୁ ଜଳେ ।
ନିତ୍ୟକୃତ୍ୟ ସାରି ଗୃହେ ଆସିବାର ବେଳେ
ଲମ୍ବିଅଛି ଦଶମାଥ ମୋର କାଖ ତଳେ ।
ବର୍ଣ୍ଣିକା କଣ୍ଠରେ ନେଇଁ ବନରେ ପକାଇ
ପୁର ସଙ୍ଘ ମଧ୍ୟରେ ଅସ୍ଥାନ କଲି ଯାଇଁ ।
ମୋହଗତ ହୋଇ ପଡ଼ିଥିଲା ଦଶାନନ
ଅନେକ ବେଳରେ ସଞ୍ଜ୍ଞା ପାଇଲା ଚେତନ ।
କଷ୍ଟ କଷ୍ଟେ ଉଠିଲା ସେ ଅପମାନ ପାଇ
ଶୂନ୍ୟ ମାର୍ଗେ ଲଙ୍କାକୁ ସେ ଗଲାକ ପଳାଇ । ୧୫୦ ।
ଶାର୍ଦ୍ଦୂଳ ଯେସନେ କ୍ଷୁଦ୍ର ମୃଗକୁ ମଣଇଁ
କେଶରୀ ଯେସନେ ଗଜଯୂଥ ନ ମଣଇ ।
ସେହି ମତ ରାବଣକୁ ନ ମଣଇ କିଛି
କି କହିବ ବାଣ ମୋ ହୃଦରେ ପଡ଼ିଅଛି ।
ଯେତେଦିନେ ପୃଥିବୀରେ ଥିଲା ମୋର ଭୋଗ
ଭୁଞ୍ଜିଲି ସମସ୍ତ ଠିକ ଥିଲା ଏତେ ଯୋଗ ।
ଯାହା ଅର୍ଜିଥିଲି ଫଳ ଭୁଞ୍ଜିଲି ଆପଣେ
ତୋତେ ନିନ୍ଦା ବଚନ କହଇ ଅକାରଣେ ।
ତଥାପି ସୀତାଙ୍କୁ ଯେବେ ନେଲା ଦଶାନନ
ଜାଣିଲି ନିଶ୍ଚୟ ତାର ଛାଡ଼ିଲା ଜୀବନ । ୧୫୫ ।
ସୁଗ୍ରୀବ ଏ ମୋହର ଅଟଇ ସାନଭାଇ
ତୋର ପଦପଦ୍ମଙ୍କୁ ଆଶ୍ରୟ କଲା ଯାଇ ।
ଏହାକୁ ସଦୟେ କରିଥିବୁ ରୂପଧର
ଯଥାଶକ୍ୟେ କାର୍ଯ୍ୟମାନ କରିବ ତୋହର ।

ଶୌର୍ଯ୍ୟବନ୍ତ ଧାର୍ମିକ ଜାଣଇ କାର୍ଯ୍ୟଗର୍ଣ୍ଣ
ଜାଣେ କ ନିମନ୍ତେ କାର୍ଯ୍ୟ କରିବ ତତ୍କ୍ଷଣ ।
ହନୁମାନ ଜାମ୍ବୁବାନ ସୁଷେଣ ସହିତେ
ଶତବାଳି ନଳ ନୀଳ ଯୂଥପତି ଯେତେ ।
ଏକ ଏକ ପାରନ୍ତି ସକଳ ଲୋକ ଜିଣି
ଏମାନଙ୍କ ସଦୟେ କରିବୁ ନୃପପାଣି । ୧୬୦ ।
ମୋହର ନନ୍ଦନ ଏ ଅଙ୍ଗଦ ଯୁବରାଜ
କୃପା କରିଥିବୁ ଏ କରିବ କିଛି କାର୍ଯ୍ୟ
ମୋହର ବାଳକ ପୁଣି ନ ଜାଣଇ କିଛି
ଅନେକ ସୁଖରେ ଏ କୁମାର ବଢିଅଛି ।
ଏହାକୁ ସଦୟେ ନ ଛାଡିବୁ ରଘୁବୀର
ନିଜପୁତ୍ର ପ୍ରାୟେ ଦେବ ପ୍ରତିପାଳ କର ।
ମୋହୋର ବଚ୍ଛେଦେ ଏ ପରମ ସାଧୁ ପୁତ୍ର
ଦେଖ ରଘୁମଣି ଶୋକ କରୁଛି ବହୁତ ।
ଭୟେ ଶୋକ ଛଡ଼ାଅ ଏହାର ରଘୁମଣି
ଅଙ୍ଗଦକୁ ସମର୍ପି ଦେଉଛି ପୁଣ ପୁଣି । ୧୬୫ ।
କରୁଣାସାଗର ତୁ ଯେ ଅଧର୍ମ ତାରଣ
ଅଙ୍ଗଦ ପଶିଲା ତୋର ଚରଣେ ଶରଣ ।
ଶୁଣିଅଛି ଦେବଲୋକେ ଋଷି ମଣ୍ଡଳରେ
ନାନା ପୁଣ୍ୟ ସ୍ଥାନ ବନ ଜନଙ୍କ ସୋଦରେ ।
ଆଦି ଅନ୍ତ ମଧ୍ୟ ଯାର ନାମ ରୂପ ନାହିଁ
ତାହାର ମହିମା କେ ଜାଣିବ ଅବା କାହିଁ ।
ବ୍ରହ୍ମାଙ୍କ ବଚନେ ଦେବ କାର୍ଯ୍ୟ କରିବାରେ
ଦେହଧାରୀ ହୋଇ କ୍ରୀଡ଼ା କରିବ ସଂସାରେ ।
ସନ୍ଥ ରକ୍ଷା କରି ଦୁଷ୍ଟ ନାଶିବ ସଂସାର
ତାରିବ ଅନେକ ଜୀବ ଦର୍ଶନେ ଯାହାର । ୧୭୦ ।

ଦଶରଥ କଉଶଲ୍ୟା ଘୋର ତପ କଲେ
ରାମ ନାମେ ପୁତ୍ରେକ ଉପୁଜିବ ତାଙ୍କ କୋଲେ ।
ଯାହା ଶୁଣିଥିଲି ତାହା ଦେଖିଲି ନୟନେ
ନ ଜାଣି କହିଲି ତୋତେ ନିଷ୍ଠୁର ବଚନେ ।
ମୋହୋର ଭାଗ୍ୟରେ ବନେ ଅଇଲୁ ଗୋସାଇଁ
ନିର୍ମଳ ପୁରୁଷ ମୋତେ ଗତି ଦେବା ପାଇଁ ।
ଧ୍ୟାନ ଧାରଣାରେ ଯୋଗୀ ହୃଦୟକମଳେ
ଧରିବାକୁ ଲୋଡ଼ୁଥାନ୍ତି ଘୋର ତପବଳେ ।
କେହି ତାକୁ ଧରିବାକୁ ନ ପାରନ୍ତି ଚିତ୍ତେ
ପଡ଼ିଲି ମୁଁ ଶ୍ରୀରାମଙ୍କ ବାଣ ଶରଘାତେ । ୧୭୯ ।
ପ୍ରାଣତ୍ୟାଗ ସମୟେ ଆଗରେ ରଘୁପତି
ଦେଖୁଅଛି ଶ୍ୟାମଳ ସୁନ୍ଦର ଶାନ୍ତମୂର୍ତ୍ତି ।
ମସ୍ତକେ ଜଟା ମୁକୁଟ ବକଳ ବସନ
ବିଶାଳ ଲୋଚନ ଅତି ମଧୁର ବଚନ ।
ମନ୍ଦହାସେ କିଂଚିତେ ଦିଶଇ ଦନ୍ତ ଦୁଇ
ମନ୍ଦହାସ କିରଣ ସୁନ୍ଦର ପ୍ରକାଶଇ ।
ଏତେ କହି ରାମରୂପ ହୃଦରେ ଧ୍ୟାଇଲା
ଭାଗ୍ୟବଳେ ଭଗବାନ ନିକଟେ ପାଇଲା ।
ନୟନ ବୁଜିଲା ଦେହ କମ୍ପିଲା ତାହାର
କଣ୍ଠର ଗର୍ଜନେ ଶ୍ୱାସ ଉଠିଲା ଉପର । ୧୮୦ ।
ଟାଳଇ କରଚରଣ ବିକୃତ ବଦନ
ଦେଖାଇ ଦଶନପନ୍ତି ଛାଡ଼ିଲା ଜୀବନ ।
ବାନର ସ୍ୱଜନ ପ୍ରାଣ ଛାଡ଼ିବାର ବେଳେ
ନାରାୟଣ ନାରାୟଣ ଡାକିଲେ ସକଳେ ।
ଦେବକାୟା ପାଇଲା ଛାଡ଼ିଲା କପିକାୟେ
ଦିଶିଲା ବାନର ତେଜ ଆଦିତ୍ୟର ପ୍ରାୟେ ।

ଦିବ୍ୟ ବିମାନରେ ଯାଇ ବସିଲା ବାନର
ଗନ୍ଧର୍ବ କିନ୍ନର ନୃତ୍ୟ କରନ୍ତି ଆଗର ।
ଆଲଟ ଚାମର ପକାବନ୍ତି ଅପସରୀ
ହୁଳହୁଳି ମଙ୍ଗଳ କରନ୍ତି ଦେବନାରୀ । ୧୮୫ ।
ରାମରୂପ ଦର୍ଶନେ ନିର୍ମଳ ବପୁ ପାଇ
ସୁରସଭା ମଧ୍ୟରେ ବସିଲା ବୀର ଯାଇଁ ।
ଏଥି ଅନନ୍ତରେ ରାମ ରାଜୀବଲୋଚନ
ସୁଗ୍ରୀବକୁ ଚାହିଁ ରାମ ବୋଲନ୍ତି ବଚନ ।
ପ୍ରାଣତ୍ୟାଗେ ଭୂମିରେ ଏ ଶୋଇଛି ବାନର
ଯାଅ ମିତ୍ର ଦହନ ଏହାକୁ ବେଗେ କର ।
ପ୍ରେତକାର୍ଯ୍ୟ ଏହାର ଯେମନ୍ତେ ଭଲ ହୋଇ
ଅଳସ ନ କର ବେଗେ କର ମନ ଦେଇ ।
ଶାସ୍ତ୍ରବିଧି ପ୍ରମାଣେ ସକଳ କାର୍ଯ୍ୟ କର
ଜାଣ ତ ସକଳ ଧର୍ମ ବିଶେଷେ ସୋଦର । ୧୯୦ ।
ପିତା ସତ୍ୟ ନିମନ୍ତେ ନଗରେ ନ ପଶିଲେ
କିଷ୍କିନ୍ଧା ନିକଟେ ବନ ମଧ୍ୟରେ ରହିଲେ ।
ଆଜ୍ଞା ପାଇ ସୁଗ୍ରୀବ ଉଠିଲା ଧାଡିକାରେ
ସକଳ ବାନର ଘେନି ବହିଲା ତାହାରେ ।
ନଦୀ ତୀରେ ପ୍ରବେଶ ହୋଇଲେ ତାକୁ ଘେନି
ଚିତା ଶୁଆଇଣ ତାକୁ ଦେଲେ ମୁଖାଗ୍ନି ।
ବିଧିମତେ ସମସ୍ତେ ତାହାକୁ ଦାହ କଲେ
ସ୍ନାହାନ ସାରି ସକଳେ ଜଳ ଟେକି ଦେଲେ ।
ବିଧିମତେ ଏକାଦଶ ଦିନ ପରଯନ୍ତେ
ସର୍ବ କାର୍ଯ୍ୟ ସୁଗ୍ରୀବ ସେ କଲା ଶାସ୍ତ୍ରମତେ । ୧୯୫ ।
ଜାମ୍ବୁବାନ ସୁଷେଣକୁ ଚାହିଁ ରଘୁବୀର
ଆଜ୍ଞା ଦେଲେ ଶୁଣ ତୁମ୍ଭେ ସମସ୍ତ ବାନର ।

କିଷ୍କିନ୍ଧାରେ ସୁଗ୍ରୀବଙ୍କୁ ଅଭିଷେକ କର
ଚରଣେ ଖଟନ୍ତୁ ତାର ସମସ୍ତ ବାନର ।
ଏ ଅଙ୍ଗଦ କୁମାରଙ୍କୁ ଯୁବରାଜ କର
ପ୍ରତିପାଳ କର ମିତ୍ର ସର୍ବ ମନୋହର ।
ରାମ ଆଜ୍ଞା ପାଇଣ ସକଳ ମନ୍ତ୍ରିଗଣେ
ଅଭିଷେକ ବିଧି ନିବାଡ଼ିଲେ ଜଣେ ଜଣେ ।
ବୋଇଲେ ହେ ହନୁମାନ ଅଞ୍ଜନା କୁମର
ସକଳ ତୀର୍ଥର ଜଳ ଆଣ ଧାଡ଼ିକାର । ୨୦୦ ।
ଆଜ୍ଞା ପାଇ ଆକାଶେ ଉଡ଼ିଲେ କପିମଣି
ଭ୍ରମିଲ୍ଲ ସକଳଦିଗେ ଜାଣି ଦିନମଣି ।
କହିଲ୍ଲ ବାରତା ତୁମ୍ଭେ ଶୁଣ ସର୍ବକପି
ବାଳିଙ୍କ ମାରଣ ରାମ ସୁଗ୍ରୀବଙ୍କୁ ଥାପି ।
କିଷ୍କିନ୍ଧା ନଗରେ ରାଜା ହୋଇବେ ସୁଗ୍ରୀବ
ନାନାରତ୍ନ ଘେନି ରକ୍ଷ ହବ ତୁମ୍ଭେ ଯିବ ।
ଅଭିଷେକ ହୋଇବ ପଞ୍ଚମ ଦିବସରେ
ବେଗ ହୋଇ ଯାଅ ତୁମ୍ଭେ ସମସ୍ତ ବାନରେ ।
ବାରତା ସକଳ ଦିଗେ କହି ମହାବଳ
ପ୍ରବେଶ ହୋଇଲ୍ଲ ଘେନି ସର୍ବ ତୀର୍ଥଜଳ । ୨୦୫ ।
ପୁରମାନ ମଣ୍ଡିଣି ହୁଅଇ ନିରନ୍ତରେ
ମଙ୍ଗଳ ଶବଦ ଗୀତ ଗାନ୍ତି ଘରେ ଘରେ ।
କିଷ୍କିନ୍ଧାରେ ମିଳିଲେ ସକଳ କପିବଳ
ସମୁଦ୍ରମନ୍ଥନ ପ୍ରାଏ ଶୁଭଇ ଚହଲ ।
ସମସ୍ତେ ଉତ୍ସୁକ ରାମଦର୍ଶନ ନିମନ୍ତେ
ହରଷ ହୋଇଣ କପି ଅଇଲେ ସମସ୍ତେ ।
ରହିଲେ କିଷ୍କିନ୍ଧା ପୁରେ ତୋଠା ପୁରଦ୍ୱାର
ବୋଲନ୍ତି ଦର୍ଶନ ଯେ କରିବା ରଘୁବୀର

ଆମ୍ଭର ଭାଗ୍ୟରୁ ଯେ ବଜୟୁ ରଘୁପତି
ଦର୍ଶନ କରିବା ଚାଲ ସର୍ବ ଯୂଥପତି । ୨୧୦ ।
ସୁଗ୍ରୀବଙ୍କୁ କହିଲେ ହୋଇଲେ ସର୍ବେ ସଜ
ବୀରତୂର ବଜାଇ ଚଳିଲ ସୁଗ୍ରୀବରାଜ ।
ଶ୍ରୀ ରାମ ଲକ୍ଷ୍ମଣ ଛନ୍ତି ନଦୀତୀରେ ରହି
ସୁଗ୍ରୀବର ଜମ୍ବେବ ଦର୍ଶନ କଲେ ଯାଇଁ ।
ଚରଣେ ପଡ଼ିଲା ସୁଗ୍ରୀ ଶ୍ରୀରାମଙ୍କୁ ଚାହିଁ
ଉଠ ଉଠ ବୋଲିଣ ଶ୍ରୀରାମ ଆଜ୍ଞା ଦେଇ ।
ଉଠି କର ମସ୍ତକରେ ଦେଇ ସୁଗ୍ରୀବର
କହଇ ବିନୟ ହୋଇ ଶୁଣ ରଘୁବୀର ।
ଆଜ୍ଞା ପାଇଥିଲି ହନୁ ଯାଇଥିଲା ଆଣି
ଯୂଥପତିମାନେ ସବୁ ଅଇଲେ ପ୍ରମାଣି । ୨୧୫ ।
ଆଜ୍ଞା ଦେଲେ ଦର୍ଶନ କରିବେ ସର୍ବବଳ
ଉଭା ହୋଇଛନ୍ତି ଦେବ ବାନରସକଳ ।
ହସ ହସ ହୋଇ ରାମ କହନ୍ତି ବଚନ
ଆସନ୍ତୁ ବାନର ସବୁ କରନ୍ତୁ ଦର୍ଶନ ।
ରାମ ଆଜ୍ଞା ପାଇ ସୁଗ୍ରୀ ହନୁଙ୍କୁ କହିଲେ
ଯୂଥପତିମାନଙ୍କୁ ଆଣ ଯା ବୋଇଲେ ।
ସୁଗ୍ରୀବ ବଚନେ ହନୁମନ୍ତ ଚଳିଗଲା
ଯୂଥପତିମାନଙ୍କୁ ସେ କଢ଼ାଇଆଣିଲା ।
ବଢେ କରିଛନ୍ତି ରାମ ରାଜୀବଲୋଚନ
ଯୂଥପତିମାନେ ଯାଇଁ କରନ୍ତି ଦର୍ଶନ । ୨୨୦ ।
ବେନି କରପଦ୍ମ ଯୋଡ଼ି କହେ ସୁଗ୍ରୀବର
ଭୋ ଦେବ ଶୁଣିମା ହେଉ ଅଯୋଧ୍ୟାଠାକୁର ।
ପନସ କେଶରିକୁଳ କାମୋଦ ସୁନାସ
ଶତବାଳି ମହୀନ୍ଦ୍ର ମିଳନ୍ତି ଯହିଁ ପାଶ ।

ଗବୟ ଗବାକ୍ଷ କାଲାଞ୍ଜନ ବଳିମୁଖ
ରାମ ଦରଶନେ ସବୁ ଛଡ଼ାଇଲେ ଦୁଃଖ ।
ଏଥୁ ଅନନ୍ତରେ ଶୁଣ କଥା ମନ ଦେଇ
ଜାମ୍ବୁବାନ ସୁଷେଣଙ୍କୁ ରାମ ଆଜ୍ଞା ଦେଇ ।
ଯୂଥପତିମାନେ ଆସି ହୋଇଲେ ପ୍ରବେଶ
ଯେତେ ଯେତେ କଥାମାନ କହୁ ତାଙ୍କ ପାଶ ।
ଆଜ୍ଞା ପାଇ କହନ୍ତି ସୁଷେଣ ମନ୍ତ୍ରିବର
ଶୁଣ ତୁମ୍ଭେ ସମସ୍ତେ ବାନରଦଣ୍ଡଧର ।
ଶ୍ରୀ ରାମନାରାଚେ ହତ ହୋଇଲା ଏ ବାଳି
ସୁଗ୍ରୀବର ପାଇଲା କିଷ୍କିନ୍ଧା ମହାଅଳି ।
କାଲି ପ୍ରଭାତରେ ସୁଗ୍ରୀ ଅଭିଷେକ ହୋଇ
ଶୁଣି ଯୂଥପତିଏ ହରଷ ଚିତ୍ତ ହୋଇ ।
କେଶରୀ ପନସ ଯେ ସୁନାସ ଆସି କହି
ଭୋ ଦେବ ସୀତାପତି ଶୁଣ ମନ ଦେଇ ।
ଆମ୍ଭେ ବନଚର ବୁଦ୍ଧି କେତେକ ମାତର
ତୁମ୍ଭର ଆଜ୍ଞାରେ ସ୍ୱାମୀ ସକଳ ସଂସାର ।
ପୂର୍ବେ ଭାଗ୍ୟ କରିଥିଲୁ ଦେଖିଲୁ ନୟନେ
କୋଟି ଜନ୍ମ ପାପ ଛଡ଼ାଇଲୁ ଦରଶନେ ।
ଯାହା ତୁମ୍ଭେ ଅଜ୍ଞା କଲ ମୋତେ ରଘୁନାଥ
କାଲି ପ୍ରଭାତରେ ସୁଗ୍ରୀ ହୋଇବ ରାଜନ ।
ଶୁଣନ୍ତେ ସନ୍ତୋଷ ଚେ, ହୋଇଲେ ରଘୁପତି
ସୁଗ୍ରୀବ ମୁଖକୁ ଚାହିଁ ବଚନ କହନ୍ତି ।
ଯାଅ ମିତ୍ର ଆଜି ତୁମ୍ଭେ କିଷ୍କିନ୍ଧା ପୁରକୁ
କାଲି ପ୍ରଭାତରେ ରାଜା କରିବା ତୁମ୍ଭଙ୍କୁ ।
ଆଜ୍ଞା ପାଇ ସୁଗ୍ରୀବର କିଷ୍କିନ୍ଧାକୁ ଗଲେ
ସନ୍ୟ ସଖା ଘେନିଯାଇ ମନ୍ଦିରେ ମିଳିଲେ ।

ଯୂଥପତିମାନଙ୍କୁ ସେ ନାନା ବିଧିମତେ
ଫଳ ମୂଳ ଭୋଜନ ସେ ଦେଲାକ ତୁରତେ ।
ଜାମ୍ବୁବାନ ହନୁମାନ ସୁଷେଣଙ୍କୁ ରାଇ
କହଇ ସୁଗ୍ରୀବ ରାଜା ସନ୍ନିଧେ ବସାଇ ।
ଶ୍ରୀରାମ ଲକ୍ଷ୍ମଣ ପାଶେ ଫଳ ମୂଳ ଦିଅ
ରାଜନୀତିମାନ ତୁମ୍ଭେ ସକଳ ଭିଆଅ ।
ଆଜ୍ଞା ପାଇ ମନ୍ତ୍ରୀମାନେ ଯେ ଯାହାରେ ଗଲେ
ବିଧିମତେ ଫଳମୂଳ ରାମ ପାଶେ ଦେଲେ ।
ଏଥୁ ଅନନ୍ତରେ ତହୁଁ କିଷ୍କିନ୍ଧା ନଗରେ
ଉତ୍ସବ କରନ୍ତି ସେହୁ ରାଜାର ନବରେ ।
ପୂର୍ଣ୍ଣକୁମ୍ଭ ଚୂତପତ୍ର ନାରିକେଳ ଥୋଇ
ତୋରଣୀମାନ ବାନ୍ଧି ତହୁଁ ଦିଅନ୍ତି ଲମ୍ବାଇ ।
ରାଜାର ନବର କଲେ ମଣ୍ଡଣି ଅପାର
ସୁନ୍ଦୁଆ ଦର୍ପଣ ଖଞ୍ଜି ଖଞ୍ଜନ୍ତି ଚାମର ।
ହୁଳହୁଳୀ ଦେଇ ଗୋ ମଙ୍ଗଳ ଗୀତ ଗାଇ
ଢୋଲ ଦମା ଟମକ ସେ ମହୁରୀ ବଜାଇ ।
ରାଜ ପୁରପଦର ଗୋ ନାନାବିଧି କଲେ
ପ୍ରଭାତ ସମୟେ ପୁଣି ପାଶରେ ମିଳିଲେ ।
ଜାମ୍ବୁବାନ ହନୁମାନ ସୁଷେଣ ସହିତେ
ପ୍ରବେଶ ହୋଇଲେ ଆସି ଯୂଥପତି ଯେତେ ।
ଦ୍ୱିଜବରମାନେ ଆସି ହୋଇଲେକ ମେଳ
ଯୁବତୀଏ ମିଳିଣ ଦିଅନ୍ତି ହୁଳହୁଳୀ ।
ଢୋଲ ଦମା ଟମକ ବାଜଇ ବୀରତୁରୀ
କଂସାଳ ମୃଦଙ୍ଗ ବାଜେ ଶଙ୍ଖ ଯେ ମହୁରୀ ।
ଏମନ୍ତେ ଯେ ସୁଗ୍ରୀବର ସ୍ନାହାନ ସାରିଲେ
ସର୍ବ ଅଳଙ୍କାର କାଏ ଭୂଷଣ ହୋଇଲେ ।

ଅନ୍ତଃପୁରେ ରୁମା ତାରା ସୁବେଶ ହୁଅଇ
ନାନାରତ୍ନ ଆଭରଣ ଭୂଷଣ ହୁଅଇ ।
ସୁଗ୍ରୀବର ରାଏ ଯାଇଁ ଆସ୍ଥାନେ ବସିଲେ
ଅଙ୍ଗଦ କୁମାର ହନୁ ରାମପାଶେ ଗଲେ ।
ରୁମା ତାରା ବେନିଜନେ ଆଇଲେ ଚଳାଇ
ସୁଗ୍ରୀବର ବେନି ପାଶେ ବସାଇଲେ ନେଇ ।
ଜାମ୍ବୁବାନ ସୁଷେଣ ଗୋ ଦ୍ୱିଜବରେ ମିଳି
ଅଭିଷେକ ବିଧି ଯେ କରନ୍ତି ସର୍ବେ ମିଳି ।
ମୁକୁଟ କୁଣ୍ଡଳ ନାନା ଆଭରଣ ଦେଲେ
ଗନ୍ଧପୁଷ୍ପ ତୀର୍ଥଜଳ ଶିରରେ ଢାଳିଲେ ।
ରଙ୍ଗନାଟମାନ ତହିଁ କରନ୍ତି ବହୁତ
ଯୂଥପତିମାନେ ଛନ୍ତି ରାଜାର ଅଗ୍ରତ ।
କେହୁ ଛୁରି ଖଣ୍ଡା ଧରି ଚାମର ଢାଳନ୍ତି
ଆଲଟ ପକାଇ କେହୁ ଛନ୍ଦକୁ ଧରନ୍ତି ।
ଏମନ୍ତ ଅଙ୍ଗଦ ହନୁ ରାମପାଶେ ଯାଇ
ପାଏ ପଡି ଶୋଇଣ ସେ କହନ୍ତି ବିନୋଇ ।
କହନ୍ତି ରାମଙ୍କୁ ସେ ଅନେକ ସ୍ତୁତି କରି
ହେ ଦେବ କୌଶଲ୍ୟାସୁତ ଦେବ ନରହରି ।
ହେ ଦେବ ନାରାୟଣ କମଳା ଯାର ରାଣୀ
ଅଶେଷ ବ୍ରହ୍ମାଣ୍ଡର ଠାକୁର ରଘୁମଣି ।
ତୁମ୍ଭର ସର୍ଜିଲ ଦେବ ଜଗତ ସଂସାର
ସୁଗ୍ରୀବକୁ ଚରଣେ ଖଟାଇଲ ତୁମ୍ଭର ।
ତାହାଙ୍କୁ ସଦୟ ତୁମ୍ଭେ କଲ ସୀତାପତି
କୋଟି ଜନ୍ମ ପାପ ତାର ପଡିଲା ଦୁର୍ଗତି ।
କିସ୍କିନ୍ଧା ପୁରକୁ ଦେବ କରିବା ବିଜୟ(ଏ)
ଭୃତ୍ୟଙ୍କୁ ସଦଏ (ୟ) ଯେବେ ଅଛ ରାମରାୟ ।

ଅଙ୍ଗଦ ବଚନେ ରାମ ତୋଷଚିତ୍ତ ହୋଇ
ଆଶ୍ୱାସ କରଣ ତାଙ୍କୁ କହନ୍ତି ବସାଇ ।
ପିତାସତ୍ୟ ନିମନ୍ତେ ମୁଁ ନଗରକୁ ନ ଯିବ
ତୋହୋର ବଚନେ ପୁର ବାହାରେ ରହିବ ।
ଏତେ କହି ରାମଚନ୍ଦ୍ର ବିଜୟ କରନ୍ତି
ହନୁମନ୍ତ ଅଙ୍ଗଦ ଏ ସଙ୍ଗରେ ଅଛନ୍ତି ।
ଏକ ଦୂତ ଆଗରେ ଅଇଲା ବେଗ ହୋଇ
ସୁଗ୍ରୀବର ଠାରେ ସବୁ ଚରିତ କହଇ । ୨୬୫ ।
ହନୁମନ୍ତ ଅଙ୍ଗଦ ଆଗରେ ଦେଲେ ପେଷି
ବାରତା କହିବୁ ବଳେକଲେ * ଋଷିକେଶୀ ।
ଶୁଣି ସୁଗ୍ରୀବର ଗୋ ଉଠିଲେ ବେଗ ହୋଇ
ରୁମା ତାରା ସହିତେ ଗୋ ମନ୍ତ୍ରିଗଣ ଯାଇ ।
ଶ୍ରୀରାମ ବିଜୟ କଲେ ତରୁବର ତଳେ
ପ୍ରବେଶ ହୋଇଲେ ସୁଗ୍ରୀ ଏମନ୍ତର ବେଳେ ।
ସୁଗ୍ରୀ ତାରା ରୁମା ହସ୍ତେ ବସନ ଘେନିଲେ
ନିଉଛାଳି କରି ରାମପଦରେ ଶୋଇଲେ ।
ଉଠ ଉଠ ବୋଲି ରାମଚନ୍ଦ୍ର ଆଜ୍ଞା ଦେଲେ
ଆଜ୍ଞା ପାଇ ସୁଗ୍ରୀବର ବହନ ଉଠିଲେ । ୨୭୦ ।
ସ୍ତୁତି କରି ସୁଗ୍ରୀବର କହଇ ଛାମୁରେ
କରପଦ ଯୋଡ଼ି ଉଭା ହୋଇ ଶ୍ରୀଛାମୁରେ ।
ହେ ଦେବ ସୀତାସ୍ୱାମୀ ପତି ତୁମ୍ଭର ପ୍ରସାଦେ
ରାଜ୍ୟ ଧନ ଯୁବତୀ ପାଇଲି ଅପ୍ରମାଦେ ।
ହେ ଦେବ ଦୟାଳୁ ପ୍ରଭୁ ଫେଡ଼ିଲୁ ଦୁର୍ଗତି
ତୁମ୍ଭର ଚରଣେ ମୁଁ ହୋଇଲି ବଶ୍ୟାକୃତି ।

* ହୃଷୀକେଶୀ

ଏଥୁ ଅନନ୍ତରେ ରାମ ଲକ୍ଷ୍ମଣଙ୍କୁ ଚାହିଁ
ରାହାନ୍ତେ ଜାଣିଲା ତାହା ସୁମିତ୍ରାତନଇ ।
ଶ୍ରୀରାମ ହସ୍ତରେ ପାଟ ଯୋଗାଇଲେ ନେଇ
ସୁଗ୍ରୀବର ମସ୍ତକେ ବାନ୍ଧିଲେ ରଘୁସାଇଁ । ୧୭୫ ।
ଦେଖି ସ୍ୱର୍ଗ ଦେବତାଏ ଜୟ ଜୟ କଲେ
ସୁଗ୍ରୀବର ଶିରେ ଘନେ ପୁଷ୍ପ ବୃଷ୍ଟି କଲେ ।
କହନ୍ତି ରାଜା ଗୋବିନ୍ଦ ସୁଗ୍ରୀବ ରାଜା ଧନ୍ୟ
କେତେ ତପ କରି ତୁ ଦର୍ଶନ କଲୁ ରାମ ।
ଧନ୍ୟ ତୁ ବାନରରାଜା ଧନ୍ୟ ତୋର ମାତ
ନୟନରେ ଦେଖିଲୁ ତୁ ସୀତାଙ୍କର କାନ୍ତ ।

---

ଏଥୁ ଅନନ୍ତରେ ରାମ ରାଜୀବଲୋଚନ
ସୁଗ୍ରୀବଙ୍କୁ କହନ୍ତି ସେ ମଧୁର ବଚନ ।
ଯାଅ ମିତ୍ର ଭୁବନକୁ ନାରୀଗଣ ଘେନି
ଆଜ୍ଞା ଦେଇ ବିଜୟ ସେ କଲେ ଭାଇ ବେନି ।
ସୁଗ୍ରୀବର ଆଜ୍ଞା ପାଇ ମନ୍ଦିରକୁ ଗଲା
ଅନ୍ତଃପୁରେ ଯାଇ ରାଜା ପ୍ରବେଶ ହୋଇଲା ।
ଆସ୍ଥାନରେ ସୁଗ୍ରୀବର ବସି ଆଜ୍ଞା ଦେଇ
ଜାମ୍ବବାନ ହନୁମନ୍ତ ସୁଷେଣଙ୍କୁ ରାଇ ।
ହନୁମନ୍ତ ମୁଖ ଚାହିଁ ସୁଗ୍ରୀବ କହିଲେ
ଶ୍ରୀମୁଖ ପାଶକୁ ବାବୁ ଯାଅ ତୁ ବୋଇଲେ । ୫ ।
ଆଜ୍ଞା ପାଇ ହନୁମାନ ରାମପାଶେ ଗଲେ
ଯୂଥପତିମାନଙ୍କୁ ସେ ପୁଣି ଆଜ୍ଞା ଦେଲେ ।
ଶ୍ରୀରାମ ପ୍ରସାଦେ ମୁଁ ପାଇଲି ରାଜ୍ୟଶ୍ରୀରୀ
ତୁମ୍ଭେମାନେ ମୋହୋର ଯେ ପ୍ରାଣ ସମସରି ।

ଏତେ କହି ସୁଗ୍ରୀବର ବସ୍ତ୍ର ଅଲଙ୍କାର
ବାଧୂମତେ ସମସ୍ତଙ୍କୁ ଦେଲା କପିବୀର ।
ଏମନ୍ତେ ରଜନୀ ଆସି ହେଲା ପରବେଶ
ଭୋଜନ ଶୟନ କଲେ ଯେ ଯାହାର ବାସ ।
ପ୍ରଭାତ ସମୟେ ସୁଗ୍ରୀ ନିତ୍ୟକର୍ମ ସାରି
ଶ୍ରୀରାମ ଦର୍ଶନକୁ ସେ ଗଲେ ଦଣ୍ଡଧାରୀ ।
ଯୂଥପତି ସହିତେ ପ୍ରବେଶ ହେଲେ ଯାଇଁ
ରାମଙ୍କୁ ସୁହାଁଣ ସୁଗ୍ରୀ ଶିରେ କର ଦେଇ ।
ବସିଲା ସୁଗ୍ରୀବ ଯାଇଁ ରାମ ପାରୁଶରେ
ହସ ହସ ହୋଇ ରାମ କହନ୍ତି ତାହାରେ ।
ସୀତୟା କଥାରେ ମିତ୍ର ହୁଅ ସାବଧାନ
ହନୁମାନ ପେଷି ମିତ୍ର ଖୋଜାଅ କହନ ।
ଶୁଣି ସୁଗ୍ରୀବର ଯେ ମସ୍ତକେ କର ଦେଇ
ଦୂତ ଯେ ପେଷିବ ଦେବ ବୋଲିଣ ଜଣାଇ ।
ଜାମ୍ବବାନ ସୁଷେଣ ଅଙ୍ଗଦ ହନୁମନ୍ତ
ନଳ ନୀଳ ଘେନିଣ ହୋଇଲେ ଜଣ ସାତ ।
ହନୁମନ୍ତ ରଇ ରାମଚନ୍ଦ୍ର ଆଜ୍ଞା ଦେଲେ
ଗୁପତ କହଣ ହସ୍ତୁଁ ମୁଦ ଗୋଟି ଦେଲେ ।
ଗବୟ ଗବାକ୍ଷ ବେନି ପଶ୍ଚିମକୁ ଗଲେ ।
ଉତ୍ତରକୁ ଗଲେ ଶତବାଲି ଦୁଇ ଭୁଲେ
ପୂର୍ବକୁ ଚଳିଲେ ବୀରେ ଗନ୍ଧ ଯେ ମାଦନ
ଅଠ ଦିନେ ବାରତା କହିବ ହନୁମାନ ।
ଦକ୍ଷିଣକୁ ସାତ ବୀରେ ଚଳାଇଣ ଗଲେ
ଗ୍ରାମ ଦେଶ ବଣମାଳ ପର୍ବତେ ଖୋଜିଲେ ।
ଏଥୁ ଅନନ୍ତରେ ରାମ ଲକ୍ଷ୍ମଣ ଯେ ଯାଇ
ମାଲ୍ୟବନ୍ତ ପର୍ବତେ ରହିଲେ ବେନିଭାଇ ।

ପର୍ଣ୍ଣଶାଳା କରି ରାମ ସେଠାରେ ରହିଲେ
ଚାରିମାସ ବରଷା ପର୍ବତେ ଦିନ ନେଲେ ।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ମନ ଦେଇ
ଦୂତମାନେ ଗଲେ ସୀତା ଖୋଜିବାର ପାଇଁ ।
ଗ୍ରାମ ପୁର ପାଟଣା ଖୋଜନ୍ତି ଦେଶ ଦେଶ
କାହିଁ ଖୋଜି ନ ପାଇଲେ ସୀତାଙ୍କ ଉଦେଶ ।
ତିନି ଦିଗ ଦୂତମାନେ ଅନେକ ଖୋଜିଲେ
ବସ୍ତୁ ଚିହ୍ନ ନ ପାଇ ସେ ବାହୁଡ଼ି ଆଇଲେ ।
ସୁଗ୍ରୀବର ପାଶେ ଆସି ହୋଇଲେ ପ୍ରବେଶ
ଶିରେ କର ଦେଇଣ ସେ କହନ୍ତି ସନ୍ଦେଶ ।
ନାନା ପୁର ଦେଶ ବୁଲି ଖୋଜିଲୁ ବହୁତ
କାହିଁ ନ ପାଇଲୁ ଦେବ ଜନକ ଦୁହିତ ।
ଶୁଣି ସୁଗ୍ରୀବର ମହାବିସ୍ମୟ ହୋଇଲା
ତିନିଦିଗ ବାରତା ତ ଦୂତ ଆଣି ଦେଲା ।
ଏଥୁ ଅନନ୍ତରେ ତହୁଁ ସୁଗ୍ରୀବ ରାଜନ
ବିଚାର କରଇ ତହିଁ ସୂର୍ଯ୍ୟର ନନ୍ଦନ ।
ଦୂତମାନ ବରଗି ଅଣଇ ସୈନ୍ୟମାନେ
କେଶରୀ ପନସ ଡାକି କହଇ ବଚନେ ।
ଯାଅ ତୁମ୍ଭେ ବେନିଜଣେ ସୈନ୍ୟମାନ ଆଣ
ଦର୍ଶନ କରିବା ପାଇଁ ରଘୁକୁଳରାଣ ।
ଆଜ୍ଞା ପାଇ କେଶରୀ ପନସ ବେଗେ ଗଲେ
ଯୂଥପତିମାନଙ୍କୁ ବାରତା ନେଇ ଦେଲେ ।
ଆଜ୍ଞା ପାଇ ଯୂଥପତି ହୋଇଲେ ବାହାର
ସୈନ୍ୟ ସଖା ଘେନିଆସି ମିଳିଲେ ସତ୍ୱର ।
କାହାକୁ ଖଟନ୍ତି ଲକ୍ଷେ କୋଟି କୋଟି ବଳ
ଭଲ୍ଲୁକ ମର୍କଟ ଆସି ହୋଇଲେ ଗହଳ ।

କୋଟି ଲକ୍ଷ କାହାର ମର୍ଭ୍ରୁତ ପଞ୍ଚ ହୋଇ
ଶଙ୍ଖ ପଦ୍ମ କାହାର ମର୍ଭ୍ରୁତେ କ ଅଛଇ ।
ଏମନ୍ତ ସ୍ୱରୂପେ ସୈନ୍ୟ ହୋଇଲେ ପ୍ରବେଶ
ଦେଖି କରି ସୁଗ୍ରୀ ରାଜା ହୋଇଲେ ହରଷ । ୩୫ ।
ବସ୍ତୁର କରନ୍ତି କାଲି ଯିବ ରାମ ପାଶ
ଦର୍ଶନ କରିବ ଯାଇଁ ମନର ହରଷ ।
ଦୂତଙ୍କ ବାରତା ରାମ ପାଶରେ କହିବ
ସୈନ୍ୟ ସଖା ଘେନି ରାମ ପାରୁଶେ ରହିବ ।
ଏମନ୍ତ ସମୟେ ଆସି ରଜନୀ ପ୍ରବେଶ
ନିଦ୍ରାରେ ବଞ୍ଚିଲେ ନିଶି ହୋଏ ଅବଶେଷ ।
ଶଯ୍ୟା ଛାଡ଼ି ଉଠିଲେ ବାନର-କୁଳପତି
ନିତ୍ୟକର୍ମ କରି ସେହୁ ସାରିଲେ ତତକ୍ଷତି ।
ସୁଗ୍ରୀବର ଆଜ୍ଞା ଦେଲେ ବେତକାର ରାଇ
ସେନା ଯୂଥପତିମାନେ ଆଣନ୍ତୁ କଢାଇ । ୪୦ ।
ଆଜ୍ଞା ପାଇ ବେତକାରେ ଧାଇଁକାରେ ଗଲେ
ସୈନ୍ୟ ଯୂଥପତିମାନ ଡାକିଣ ଆଣିଲେ ।
ରାଜାଙ୍କୁ ଦର୍ଶନ କଲେ ଯୂଥପତିମାନେ
କହନ୍ତି ବଚନ ତାଙ୍କୁ ବାନରରାଜନେ ।
ସୈନ୍ୟ ସଖା ସଙ୍ଗକର ରାମ ପାଶେ ଯିବା
ଦର୍ଶନ କରିଣ ଆମ୍ଭେ ସେହିଠାରେ ଥିବା ।
ଆଜ୍ଞା ପାଇ ସୈନ୍ୟବଳ ସଜ ହୋଇ ଆସେ
ବୀରତୂର ବଜାଇ କେ ହୁଅନ୍ତି ହରଷେ ।
ନାନା ରୂପ ନାନା ବର୍ଣ୍ଣ ହୁଅନ୍ତି ବାହାର
ଛନ୍ଦ କେ ଚାମର କେ ଧରାଇ ଆସେ ବୀର । ୪୫ ।
ବୀରବେଶ ହୋଇଣ ଆସଇ ସୁଗ୍ରୀବର
ନାନା ଅଲଙ୍କାର * ଲାଇ ଦିଶଇ ସୁନ୍ଦର ।

---

* ଲାଇ—ଘେନି

ବୀର ମହାବୀରମାନେ ହୋଇଲେ ବାହାର
ତେଜ ବିସ୍ତାରଇ ଯେହ୍ନେ ଦିଶେ ଦିବାକର ।
ଛନ୍ଦ ଯେ ଚପଳ ଉଡେ ନ ଦିଶେ ଗଗନ
ଚଳନ୍ତେ ମେଦିନୀ ଗୋ ହୁଅଇ କମ୍ପମାନ ।
ସ୍ୱର୍ଗେ ବିସ୍ମରନ୍ତି ଦେଖି ଦେବଗଣମାନେ
ନିଶ୍ଚୟେ ମରିବ ଏବେ ବୀର ଦଶାନନେ ।
ଆମ୍ଭର ନିମନ୍ତେ ରାମଚନ୍ଦ୍ର କଷ୍ଟ ପାଇ
ବନେ ବନେ ବୁଲନ୍ତି ସେ ସୀତାଙ୍କର ପାଇଁ । ୫୦ ।
ଏଥୁ ଅନନ୍ତରେ ବୀର ସୁଗ୍ରୀବ ରାଜନ
ଧବଳୀ ପର୍ବତ ତଳେ ରହି ସୈନ୍ୟଗଣ ।
ଅନୁକୂଳ କରି ସୁଗ୍ରୀ ସେଠାରେ ରହିଲା
ପ୍ରଭାତ ସମୟେ ତହୁଁ ଚଳାଇଣ ଗଲା ।
ମାଲ୍ୟବନ୍ତେ ରହିଛନ୍ତି ଦେବ ରଘୁବୀର
ପ୍ରବେଶ ହୋଇଲା ଯାଇଁ ରାଜା ସୁଗ୍ରୀବର ।
ବିଜେ କରିଛନ୍ତି ଦେବ ମର୍କତ ଶିଳାରେ
ଚରଣେ ପଡିଲା ସୁଗ୍ରୀ ସୈନ୍ୟ ସଙ୍ଗତରେ ।
ଦେଖି ରାମଚନ୍ଦ୍ର ଉଠ ଉଠ ଆଜ୍ଞା ଦେଇ
ଆଜ୍ଞା ପାଇ ଉଠିଲା ସେ କପିକୁଳ ସାଇଁ । ୫୫ ।
ବୋଇଲେ ହେ ମିତ୍ର ଆମ୍ଭେ ବିସ୍ମର କରନ୍ତେ
ପ୍ରବେଶ ହୋଇଲ ଆସି ଆମ୍ଭର ଅଗ୍ରତେ ।
ଶୁଣି ସୁଗ୍ରୀବର ଉଚ୍ଚ ହୋଇଲେ ଛାମୁରେ
କରଯୋଡି କହଇ ଶୁଣିମା ରଘୁବୀରେ ।
ଉତ୍ତର ପଶ୍ଚିମ ପୂର୍ବ ଦିଗର ଏ ବୀରେ
ପ୍ରବେଶ ହୋଇଲେ ଦେବ ମୋହୋର ଅଗରେ ।
ବର୍ଷାକାଳ ବରଷା ହୋଇଲା ଶେଷ ଆସି
ମାଲ୍ୟବନ୍ତେ ବିଜେ କରିଛନ୍ତି ରଘୁଋଷି ।

ସୈନ୍ୟ ସଖା ଘେନି ଯାଇ ଦର୍ଶନ କରିବ
ସ୍ବାମୀଙ୍କର ବାରତା ସମ୍ମୁଖରେ ଜଣାଇବ ।
ଦକ୍ଷିଣର ଚର ମାନ ଆସି ନାହାନ୍ତି କେହି
ବିଚାର କରିବା ହେତୁ ଦେବ ଭିବରାହାନ୍ତି ।
ଶୁଣି ରଘୁବୀର ମହା ବିସ୍ମୟ ହୋଇଲେ
ଚାରି ମାସ ହେଲା ସେ ତ କିପାଇଁ ନଇଲେ ।
ରାମପାଶେ ମାଲ୍ୟବନ୍ତେ ସୁଗ୍ରୀବର ରହି
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ ।
ଦକ୍ଷିଣର ଚରମାନେ ବୁଲନ୍ତି ବନରେ
ଖୋଜନ୍ତେ ପ୍ରବେଶ ହେଲେ ପାତାଳ ନଗରେ ।
ପାତାଳ ଭୁବନେ ଯାଇଁ ହୋଇଲେ ପ୍ରବେଶ
ଅନ୍ଧକାର ଭୂମି ବାଟ ନ ଦିଶଇ ଦିଶ ।
ଗମନ୍ତେ ଦେଖିଲେ ଏକ ନଗରଟିପୁର
ପ୍ରବେଶ ହୋଇଲେ ଯାଇ ସମସ୍ତ ବାନର ।
ବାନରଙ୍କୁ ଦେଖି କହେ ରିକ୍ତା ସୁନ୍ଦରୀ
କାହୁଁ ଆସି ପ୍ରବେଶ ହୋଇଲ ରକ୍ଷ ହରି ।
ଶୁଣିକରି ଅଙ୍ଗଦ କହଇ ତାର ପାଶ
ଆମ୍ଭେ ଯୂଥପତି ଅଟୁ ଶ୍ରୀରାମର ଦାସ ।
ସୀତାଙ୍କୁ ହରାଇ ରାମ ବୁଲନ୍ତି ବନରେ
ଋଷ୍ୟମୂକ ପର୍ବତେ ଭେଟିଲେ ସୁଗ୍ରୀବରେ ।
ତାର ସଙ୍ଗେ ରାମଚନ୍ଦ୍ର ମଇତ୍ର ହୋଇଲେ
ମିତ୍ରଚ୍ଛଳେ ବାଳିକି ନାରାଚେ ନାଶ କଲେ ।
ମାଲ୍ୟବନ୍ତ ପର୍ବତେ ଅଛନ୍ତି ରଘୁପତି
ସୀତା ଖୋଜିବାକୁ ଦୂତ ପେଶି ଚଉକତି ।
ଆମ୍ଭ ସାନ୍ତିବାରେ ଖୋଜି ଏଠାରେ ପ୍ରବେଶ
(ଖୋଜି ଖୋଜି ନ ପାଇଲୁ କି ଦେବୁ ସନ୍ଦେଶ ।)

ଶୁଣିକରି କହଇ ସେ ଗିରିଜା ସୁନ୍ଦରୀ
ଲଙ୍କାର ରାବଣ ସେ ସୀତାଙ୍କୁ ନେଲା ହରି ।
ପାତାଳ ଭୁବନେ ତୁମ୍ଭେ ଏଥି କମ୍ପା ଆସି
ଲଙ୍କାପୁରେ ଅଛନ୍ତି ସୀତୟ୍ୟା ଶୁଭ୍ରକେଶୀ ।
କହଇ ଅଙ୍ଗଦ ବୀର ଶୁଣ ଗୋ ସୁନ୍ଦରୀ
ପାତାଳ ଭୁବନୁ ତୁମ୍ଭେ ଦଅ ପାରକରି ।
ଶୁଣିକରି କହିଲା ସେ ଗିରିଜା ଯୁବତୀ
ଚକ୍ଷୁ ବୁଜ ବାହାର ହୋଇବ ଯୂଥପତି ।
ଶୁଣିକରି ସାତ ବୀରେ ସାନନ୍ଦ ହୋଇଲେ
ଚକ୍ଷୁ ବୁଜି ଯାଇ ସିନ୍ଧୁକୂଳରେ ମିଳିଲେ ।
ଦେଖନ୍ତି ବସନ୍ତ ଋତୁ ହୋଇଲେ ପ୍ରବେଶ
ମନରେ ଭାଳନ୍ତି ସେ ଯେ ହୋଇଣ ବିରସ ।
କି ବୋଲିବେ ଆମ୍ଭଙ୍କୁ ସୀତୟ୍ୟାପ୍ରାଣପତି
ଭାଳିଣ ସେ କୁଶ ପାରି ଶୋଇଲେ ତଦ୍ଗତି ।
ମରିବାକୁ ଇଚ୍ଛା ସେ କରନ୍ତି ସାତ ବୀର
ଏଥିରୁ ଉଦ୍ଧାର କର ଦେବ ରଘୁବୀର ।
ଭାଳନ୍ତେ ଦେଖିଲେ ଗୋ ସମ୍ପାତି ନାମେ ପକ୍ଷୀ
ତୁମ୍ଭେ ଦେଖିଅଛ କି ସୀତୟ୍ୟା କମଳାକ୍ଷୀ ।
ଶୁଣିକରି କହଇ ସେ ପକ୍ଷୀ ମହାବଳ
ଲଙ୍କା ଭୁବନକୁ ନେଲା ସୀତା ଲଙ୍କମଲ୍ଲ ।
ପକ୍ଷୀଠାରୁ ବାରତା ପାଇଲେ କପିମାନ
ବୋଲନ୍ତି କେମନ୍ତେ ଯିବା ଲଙ୍କାର ଭୁବନ ।
ଏମନ୍ତେ କହଇ ହନୁ ପବନକୁମର
ଆଜ୍ଞା ଦେଲେ ଯୂଥପତି ଯିବ ଲଙ୍କପୁର ।
ଶୁଣି ସନମତ କଲା ବାଳିର ନନ୍ଦନ
ଲଙ୍କାକୁ ଚଳିଲା ସେହୁ ବୀର ହନୁମାନ ।

ଶ୍ରୀରାମ ସ୍ୱାମୀର ବୀର ଆକାଶେ ଗମଇ
ଶଏ ଯୂଣ ସମୁଦ୍ର ନିମିଷେ ତରିଯାଇ ।
ବାଟରେ ଦୁର୍ଗଣମାନ ପଡ଼ିଲକ ଯେତେ
ରଘୁନାଥ ସ୍ୱାମୀର ସେ ତରିଲ ଭୁଜବଳେ ।
ସନ୍ଧ୍ୟା ହୋଇଅଛି ହନୁ ପ୍ରବେଶ ହୋଇଲା
* ଦୁଇଘଡ଼ିମାନେ ଲଙ୍କା ପୁରରେ ପଶିଲା ।
ଗୁପତେ ଖୋଜଇ ସୀତା ଜନକକୁମାରୀ
ଘରେ ଘରେ ପୁରେ ପୁରେ ମନ୍ଦିରେ ସବୁରି ।
କାହିଁ ନ ଦେଖିଲା ସୀତା ଜନକଦୁହିତ
ମହା ବିସ୍ମୟ ହୋଇଲା ପବନର ସୁତ ।
ଗୁପତେ ରଖିଛି କାହିଁ ନେଇ ଦଶଶିରୀ
କେଉଁଠାରେ ଭେଟିବି ରାମର ମନୋହାରୀ ।
କାହିଁ ଥିବେ ସୀତାମ୍ବା ସେ ଜନକଦୋହିତ
ବିଚାର କରଇ ଚିତ୍ତେ ଖୋଜଇ ବହୁତ ।
ପ୍ରବେଶ ହୋଇଲା ଯାଇଁ ଅଶୋକ ବିପିନ
ହରଷ ହୁଅଇ ଚିତ୍ତେ ବୀର ହନୁମାନ ।
ବିଚାରଇ ଏଠାରେ କି ଭେଟିବି ସୀତାମ୍ବା
ଦେଖି ତା ହରଷ ଚିତ୍ତ ହେଉଅଛି କାମ୍ବା ।
ଦେଖଇ ଅଶୋକ ବନ ମହା ମହା ବଳ
ଧାଡ଼ି ଧାଡ଼ି ଶୋହଇ ସେ ଅତ୍ୟନ୍ତ ଗହଳ ।
ଶୁକ ଶାରୀ ଝିଙ୍କାରୀ ମୟୂରୀ କରେ ନାଦ
କୁହୁ କୁହୁ କୋକିଳ ଯେ କରଇ ଶବଦ ।
ନାନା ରୂପେ ନାନା ବର୍ଣ୍ଣେ ଅଛନ୍ତି ଚଢ଼ାଇ
ପ୍ରବେଶ ହୋଇଲା ହନୁ ପବନ ତନଇ ।

---

* ଦୁଇଘଡ଼ି ପରିମାଣ ରାତ୍ର ରେ

ସୁବର୍ଣ୍ଣ ଜଗତୀ ତହିଁ ଅଛି ନିର୍ମ୍ମ ହୋଇ
ଅସୁରୀଙ୍କ ମଧ୍ୟରେ ଅଛନ୍ତି ବଇଦେହୀ ।
ସେଠାବରେ ପ୍ରବେଶ ହୋଇଲା ହନୁମନ୍ତ
ଗୁପତେ ଦେଖଇ ସବୁ ଯେତେକ ଚରିତ ।
ଏମନ୍ତ ସମୟେ ଆସି ରାବଣ ହୋଇଲା
ସୀତାୟାଙ୍କୁ ଗୁହାଣ ସେ ବଚନ କହିଲା । ୧୦୦ ।
ନାନା ରୂପେ ବଖଣ୍ଡ ବଚନମାନ କହି
ଶୁଣି କୋପ କଲେ ସେ ଯେ ଜନକତନୟୀ ।
କସ କସ କହୁଅଛୁ ବଶ୍ରବାର ସୁତ
ମରଣ ତୋହୋର ଆସି ହୋଇଲା ନିୟତ ।
ରାମବାଣ ପ୍ରତାପ ତୁ ନ ଜାଣୁ ରେ ବାଇ
ଅନଳେ ପଶିତେ ତୋର ଚଉ ଅଛି ହୋଇ ।
ଶୃଗାଳ ନିର୍ଲଜ୍ୟା ତୋର କିଛି ଜ୍ଞାନ ନାହିଁ
କିଞ୍ଚିତ ନାସ୍ୱରେ ରାମ ପାରେ ତୋତେ ଦହି
ବିଷ ଭକ୍ଷିବାକୁ ତୋର * ଶକ୍ଷ ଅଛି କାହିଁ
ଯାଅ ରେ ଶୃଗାଳ ବେଗେ ନଥା ଏଥୋଁ ରହି । ୧୦୫ ।
ସୀତାୟା ବଚନ ଶୁଣି ରାବଣ ଡରିଲା
ମହା ଭୟ ପାଇଣ ଲେଉଟି ବୀର ଗଲା ।
ଏଥୁ ଅନନ୍ତରେ ଶୁଣ ବୀର ହନୁମନ୍ତ
ରାବଣ ଅଇଲା କଥା ବୁଝିଲା ଗୁପତ ।
ବସ୍ମର କରଇ ଚଢେ ପବନତନଇ
କେମନ୍ତେ ବାରତା ମୁଁ କହିବ ବଇଦେହୀ ।
ମୋତେ ଦେଖି ନାହିଁ ସତୀ କୋପ ନକ କର ?
ରାବଣ ବସ୍ମର ଶାପ ଦେବ ରାମନାରୀ ।

---

* ଶକ୍ଷ—ଶକ୍ତି

ମୁଦ୍ରି ଗୋଟି ଘେନିଥିଲା ପବନର ସୁତ
ରାମ ନାମ ଧରି ଆଗେ ହେଲା ହନୁମନ୍ତ ।
ଦେଖିଲେ ନୟନେ ମୁଦ୍ରି ଜନକଦୁଲଣୀ
ସ୍ତମ୍ଭୀଭୂତ ହୋଇଲେ ହସ୍ତରେ ତାହା ଘେନି ।
ନୟନୁ ବହଇ ନୀର ଜଳଧାର ପ୍ରାଏ
କି ନିମନ୍ତେ ମୁଦ୍ରି ତୁ ଛାଡ଼ିଲୁ ରାମ ପାଏ ।
ବେନି ଜନ ଥିଲୁ ଆମ୍ଭେ ଶ୍ରୀରାମର ପାଶ
ବିଚ୍ଛେଦ କଲା ବିଧାତା ଛଡ଼ାଇ ମୁହାଁସ ।
ତୋତେ ସ୍ନେହ କରି ରାମ ନ ଛାଡ଼ନ୍ତି କ୍ଷଣେ
କି ନିମନ୍ତେ ଛାଡ଼ିଣ ଅଇଲୁ ରଘୁରାଣେ ।
ଶୋକଭର ହୋଇ ଦେବୀ କହନ୍ତି ବଚନ
କାହୁଁ ତୁମ୍ଭେ କେମନ୍ତେ ଅଇଲ କପିଜନ ।
ଶ୍ରୀରାମର ହସ୍ତମୁଦ୍ରି ପାଇଲଟି କାହୁଁ
ପ୍ରତେ ଯେ ତୋ ଯାଇ ବୀର କହ ତାହା ତୁହି ।
ଶୁଣି କର ଯୋଡ଼ଇ ସେ କେଶରୀର ସୁତ
ସାବଧାନେ ଶୁଣ ତୁମ୍ଭେ ଜଗତର ମାତ ।
ଦଶରଥ ନୃପତି ଅଯୋଧ୍ୟା ଦଣ୍ଡଧାରୀ
ଚାରିପୁତ୍ର ଜାତ ହୋଇଥିଲେ ତାହାଙ୍କର ।
କଇକେୟୀ ରାଜାଙ୍କୁ ମାଗିଲେ ବରଦାନ
ଭରତ ହୋଇବେ ରାଜା ରାମ ଯିବେ ବନ ।
ଲକ୍ଷ୍ମଣ ସୀତାସ୍ଥା ରାମ ବନେ ତପସ୍ୱୀ
ପଞ୍ଚବଟୀ ବନରୁ ରାବଣ ସୀତା ହରି ।
ଦୁଃଖଚିତ୍ତ ହୋଇ ରାମ ବୁଲନ୍ତି ବନର
ଋଷ୍ୟମୂକ ପର୍ବତେ ଭେଟିଲେ ସୁଗ୍ରୀବର ।
ତାହାର ସଙ୍ଗତେ ରାମ ମଇତ୍ର ହୋଇଲେ
ସୁଗ୍ରୀବର ଜ୍ୟେଷ୍ଠ ଭାଇ ବାଳିକି ମାଇଲେ ।

ସୈନ୍ୟ ସଖା ଘେନି ରାମ ଚରଣେ ଖଟିଲି
ସୃର୍ ବିଗଳୁଇ ସୁଗ୍ରୀ ଭୁତ ବରଗିଲି ।
ମୁହିଁ ହନୁମନ୍ତ ନାମ କେଶରୀର ସୁତ
ଲଙ୍କାରେ ଭେଟିଲି ଆସି ଜନକଦୁହିତା ।
ଏବେ ଶ୍ରୀରାମନାରୀ ମୋତେ ଆଜ୍ଞା ବେଗେ ଦେବା
ଶ୍ରୀରାମ ଛାମୁରେ ଯାଇଁ ବାରତା କହିବା । ୧୨୫ ।
ଶୁଣନ୍ତେ ସନ୍ତୋଷ ହୋଇ ଜନକଦୁଲଣୀ
ମସ୍ତକରୁ ଫେଡ଼ିଣ ଘେନିଲେ ମଥାମଣି ।
ହନୁମନ୍ତ ହସ୍ତରେ ସୀତାୟୁ ତୋଳିଦେଲେ
ରାମପାଶେ ଦିଅ ବୋଲି ବାରତା କହିଲେ ।
ଜାନକୀର ଦେଲା ମଣି ହସ୍ତରେ ଘେନିଲା
ସୀତାୟୁପାଦରେ ପଡ଼ି ମେଲାଣି ମାଗିଲା ।
ଯାଅ ବୋଲି ଆଜ୍ଞା ଦେଲେ ଜନକଦୁଲଣୀ
ଶିରେ କର ଦେଇଣ ବାହୁଡ଼େ କପିମଣି ।
ଏଥୁ ଅନନ୍ତରେ ହନୁ ପବନତନୟ
କ୍ଷୁଧା ଲାଗୁଅଛି ମୋର ଅଶକତ କାୟ ।୧୩୦।
ମଧୁବନେ ପଶିବ ଖାଇବ ଫଳ ମୂଳ
ଅସୁରେ ଦେଖନ୍ତେ ସେ କରିବେ ମହାଗୋଳ ।
ଏମନ୍ତ ବସ୍ତୁର ହନୁମନ୍ତ ତହୁଁ ଗଲା
ମଧୁବନ ତୋଟାରେ ସେ ପ୍ରବେଶ ହୋଇଲା ।
ବୃକ୍ଷମାନ ଦେଖଇ ସେ ଅତି ଶୋଭବନ
ବୋଇଲା ଭାଙ୍ଗିବି ଆଜ ସବୁ ମଧୁବନ ।
ଏମନ୍ତ ବସ୍ତୁର ତହୁଁ ପବନର ସୁତ
ବୃକ୍ଷମାନ ଉପାଡ଼ି ସେ କରଇ ନିପାତ ।
ତରୁବର ଭାଙ୍ଗନ୍ତେ ଶୁଭଇ ଚଉପାଶ
ତୋଟା ରକ୍ଷୀମାନେ ଶୁଣି ପାଇଲେ ସେ ତ୍ରାସ ।୧୩୫।

ଦେଖିଣ ଧାଇଁଲେ ମହା କୋପଚିତ୍ତ ହୋଇ
ନାନା ଶସ୍ତ୍ର ଧରି ଆଗେ ଉଗାଳିଲେ ଯାଇଁ ।
ବିଚାରିଲା ହନୁ ଆଜ କରିବଇଁ ନାଶ
ଲଙ୍କାପୁର ଅସୁରେ ଚଳିବେ ଯମପାଶ ।
ବିଚାରି କାରଣ ଚିତ୍ତେ ମହାକୋପ କଲା
ଏକ ତରୁବର ହନୁ ହସ୍ତରେ ଧଇଲା ।
ମହାଭୀଷ୍ମ ମୂର୍ତ୍ତି ଧରି ଶ୍ରୀରାମର ଦାସ
ଅଶୀ ସହସ୍ର ଚୋଠାଳଙ୍କୁ ସବୁ କଲା ନାଶ ।
ଏକ ଯେ ଅସୁର ତହୁଁ ପଳାଇଲା ଡରେ
ପ୍ରବେଶ ହୋଇଲା ଯାଇଁ ରାବଣ ଛାମୁରେ ।୧୪୦।
ଶୁଣ ଦେବ ଲଙ୍କପତି ବିଶ୍ରବାର ସୁତ
ମଧୁବନ ଚୋଠା ସବୁ କପି କଲା ହତ ।
ଅଶୀ ସହସ୍ର ଚୋଠାଳ ମାଇଲା ରଣଗୋଳେ
ଗୋଟିଏ ନ ରଖି ଦେଇ ନାଶକଲା ହେଳେ ।
ଶୁଣି କୋପେ ପେଷଇ ସେ ମନ୍ଦୋଦରୀଝାଇଁ
ଅକ୍ଷୟ ସଙ୍ଗତେ ପାଞ୍ଚ ସେନାପତି ଯାଇଁ ।
ରଥୀ ହାତୀ ପଦାତି ଅନେକ ସୈନ୍ୟ ଗଲେ
ମଧୁବନ ଚୋଠାରେ ସେ ପ୍ରବେଶ ହୋଇଲେ ।
ମାର ମାର ଧର ଧର ଡାକନ୍ତି ଅସୁରେ
ଶୁଣି ହନୁମନ୍ତ ସେ ଧାଇଁଲା ଅତି ଖରେ ।୧୪୫।
କାହାକୁ ମାରଇ ପାଦେ କାହାକୁ ଧରଇ
ରଥଙ୍କ ଉପରେ ବେଗେ ରଥ କଚାଡ଼ଇ ।
ଅକ୍ଷୟ ସହିତେ ବଳ ଯେତେ ଆସିଥିଲେ
ହନୁମନ୍ତ ହସ୍ତରେ ସମସ୍ତେ ପ୍ରାଣ ଦେଲେ ।
ଏକ ଚର ରାବଣକୁ କହିଲା ବାରତ *
ସୈନ୍ୟବଳ ଅକ୍ଷୟେ ମାରିଲା ହନୁମନ୍ତ ।

* ବାରତ—ବାରତା

ଶୁଣନ୍ତେ ରାବଣ ତତେ ମହାକୋପ ହୋଇ
ଇନ୍ଦ୍ରଜିତ ରାଇ ଆଜ୍ଞା ଦେଲା ଲଙ୍କସାଇଁ ।
ସୈନ୍ୟବଳ ଘେନି ବୀର ଚଳାଇ ଅଇଲା
ମଧୁବନ ତୋଠାରେ ସେ ପ୍ରବେଶ ହୋଇଲା ।
ଦୋଣା ଖମ୍ବ ଉପରେ ବସିଛି ହନୁମନ୍ତ
ଇନ୍ଦ୍ରଜିତ ବୀର ଯାଇଁ ପ୍ରବେଶ ତୁରିତ ।
ସୈନ୍ୟବଳ ଦେଖି ହନୁମନ୍ତ ପଚାରଇ
ମରିବା ନିମନ୍ତେ କି ରେ ଆସୁଅଛ ଧାଇଁ ।
ଶୁଣି ଇନ୍ଦ୍ରଜିତ ବେଗେ ପେଷେ ନାଗପାଶ
ବନ୍ଧନରେ ପଡିଲା ଯେ ଶ୍ରୀରାମର ଦାସ ।
ବୀର ତୁରି ବଜାଇ ଚଳଇ ଇନ୍ଦ୍ରଜିତ
ରାବଣ ସମ୍ମୁଖରେ ନେଇ ଦେଲା ହନୁମନ୍ତ ।
ଦେଖି କରି ରାବଣ ପୁଚ୍ଛଇ ମୁଖ ଚାହିଁ
କାହୁଁ ଆସି ପ୍ରବେଶ ହୋଇଲୁ କପି ତୁହି ।
ଶୁଣି କରି କହେ ତହୁଁ ବୀର ହନୁମନ୍ତ
ଅଯୋଧ୍ୟା ଠାକୁରଙ୍କର ଅଟଇ ମୁଁ ଦୂତ ।
ପଞ୍ଚବଟୀ ବନରୁ ସୀତାଙ୍କୁ ହରିଲୁ
ଖୋଜିବା ନିମନ୍ତେ ଆମ୍ଭେ ଏଠାକୁ ଅଇଲୁ ।
ରାମରାଣୀ ହରିଲୁ କେବଣ ଧର୍ମଗତି
ନିଶ୍ଚୟ ମରିବୁ ତୁ ହୋ ଶୁଣ ଲଙ୍କପତି ।
ଅଶେଷ ବ୍ରହ୍ମାଣ୍ଡର ଠାକୁର ରଘୁମଣି
ହରିକରି ଆଣିଲୁ ତୁ ତାହାଙ୍କ ଘରଣୀ ।
ଖୋଜିବା ଲୋକକୁ ଏବେ କରୁଅଛୁ ବନ୍ଦୀ
ଧିକ ଧିକ ରାବଣ ତୋହୋର ଯେତେ ବୁଦ୍ଧି ।
ହନୁମନ୍ତ ବଚନେ କହଇ ଦଶଶିର
କେ ତୁମ୍ଭର ଜାଣଇ ଠାକୁର ରଘୁବୀର ।

କାହୁ ର ସୀତାୟା କେହୁ ହରିନେଲା ଆସି,
ଆମ୍ଭେ କସ ଜାଣୁ ତୋର ସୀତା ଶୁଭକେଶୀ ।
କାହାର ବଚନେ ଲଙ୍କାପୁରକୁ ଅଇଲୁ
କି ନିମନ୍ତେ ମର୍କଠ ଅକ୍ଷୟୁ ନାଶକଲୁ ।
ଦଶଶିର ବଚନେ କହଇ ହନୁମାନ
କାହୁଁ ତୁହ ଜାଣିବୁ ଠାକୁର ରଘୁନାନ ।
ତିଶିରି ଖର ଦୁଷଣ ସେନାବଳ ମାରି
ସୂର୍ପଣଖା ଶ୍ରବଣ ନାସା ଛେଦନ କରି ।୧୬୫।
ଅଯୋଧ୍ୟା ଠାକୁର ସେ ଯେ ବୀର ରଘୁମଣି
ଚୋରିକରି ଆଣିଅଛୁ ତାହାଙ୍କ ଘରଣୀ ।
ସୀତାଙ୍କୁ ଖୋଜନ୍ତେ ଋଷ୍ୟମୂକରେ ପ୍ରବେଶ
ସୁଗ୍ରୀବ ସଙ୍ଗେ ମଇତ୍ର ହୋଇଲେ ରଘୁଈଶ ।
ମିତ୍ରଛଳେ ବାଳିଙ୍କି ନାରଚେ ରାମ ମାରି
କିଷ୍କିନ୍ଧା ଭୁବନେ ତାକୁ ଦଣ୍ଡଧାରୀ କରି ।
ଏବେ ବସୁରନ୍ତି ସେ କରିବେ ତୋତେ ନାଶ
ସୀତା ଦେଇ ଚରଣେ ଶରଣ ଯାଇଁ ପଶ ।
ହନୁମନ୍ତ ବଚନ ଶୁଣିଲା ଦଶଶିର
କୋପଭରେ କହିଲା କପିଙ୍କି ବେଗେ ମାର ।୧୭୦।
ରାଜା ଆଜ୍ଞା ପାଇଣ ମାଇଲେ ମହାବଳୀ
ଛେଲି ଚକ ବାବଲଙ୍କେ ମାରେ ଭୁଜ ତୋଳି ।
ନାନା ରୂପେ ମାରନ୍ତେ ନୋହିଲା ତାର କିଛି
ଠହ ଠହ ହସୁଅଛି ପବନର ବଛି ।
କୋପଭର କରି ହନୁ ରାବଣକୁ କହି
ଶ୍ରୀରାମ ପ୍ରସାଦେ ମୋତେ ଭୟଶଙ୍କା ନାହିଁ ।
ଆଜ୍ଞା ଯେବେ ଦେଇଥାନ୍ତେ ସୀତାୟାର କାନ୍ତ
ମୁଣ୍ଡ ମୋଡି ଲଙ୍କାଯାକ କରନ୍ତି ଧୂମାନ୍ତ ।

'ଯେତେ ରୂପେ ମାଇଲେ ମୋହୋର ନାଶ ନାହିଁ
ବନ୍ଦୀକଲ ପ୍ରାଣୀକି ମାରୁଛ କିସ ପାଇଁ ।୧୭୬।
ଯେବେ ତୋର ଶରଧା ହୋଇଲା ମୋତେ ମାର
ଶୁଣ ତୁ ମୋହୋର ବାଣୀ ଲଙ୍କା ଦଣ୍ଡଧାରୀ ।
ପୂର୍ବେ ଶାପ ଦେଇଅଛି ଋଷି ବିପ୍ରମାନ
ତୁଳ ମୋହୋର ଲାଞ୍ଜେ କରିବ ବନ୍ଧନ ।
ତୈଳ ଦେଇ ଅଗ୍ନି ତହିଁ ଦେବୁ ତୁ ଲଗାଇ
ତେବେ ମୋର ଶରୀରୁ ଜୀବନ ଛାଡ଼ିଯାଇ ।
ଅନେକ ପ୍ରକାରେ ଆମ୍ଭ ଦୁଃଖ ମୋର ହୋଇ
ଦେବାସୁର ଶସ୍ତ୍ରେ ମୋର ପ୍ରାଣ ନ ଛାଡ଼ଇ ।
ଶୁଣି ତୋଷ ହୋଇଲା ସେ ଲଙ୍କାର ରାଜନ
ମିଥ୍ୟା ନ କହନ୍ତି ଏ ଯେ ବନ କପିମାନ ।୧୮୦।
ପୂର୍ବେ ଶାପ ଦେଇଥିଲେ ଋଷି ବିପ୍ରଗଣ
ବସ୍ତ୍ର ବେଗେ ଆଣ ବୋଲି ବୋଇଲା ରାଜନ ।
ଆଜ୍ଞା ପାଇ ବୀରମାନେ ଗଲେ ଧାଡିକାରେ
ବସ୍ତ୍ର ତୈଳ ଘେନି ଆସି ମିଳିଲେ ଛାମୁରେ ।
ହନୁମନ୍ତଲାଞ୍ଜେ ବସ୍ତ୍ର ବାନ୍ଧ ବୋଲି କହୁ
ଅଜ୍ଞା ପାଇ ବାନ୍ଧିଲେ ସେ ବସ୍ତ୍ରମାନ ନେଇ ।
ତୈଳ ଦେଇ ଅଗ୍ନି ଲାଞ୍ଜେ ଲଗାଇଲେ ନେଇ
ଇନ୍ଦ୍ରଜିତ ନାଗପାଶ ବନ୍ଧ ଫେଡି ଦେଇ ।
ଏମନ୍ତ ବିପତ୍ତିରେ ତହିଁ ବୀର ହନୁମନ୍ତ
ପୁଚ୍ଛରେ ଲାଗିଲା ମୋର ଅଗ୍ନି ଯେ ବହୁତ ।୧୮୪।
ହସ ହସ ହୋଇ ହନୁ ରାବଣକୁ କହୁ
କି ନିମନ୍ତେ ଲଙ୍କପତି ମୋର ଦେହ ଦହୁ ।
ମାୟାବନ୍ତ ବୋଲି ତୋତେ ବୋଲନ୍ତି ଜଗତେ
ମୋର ମାୟା ନ ଜାଣିଲୁ ତୋର ହୃଦଗତେ ।

ଏହିକ୍ଷଣି ଦହିବ ତୋହୋର ଲଙ୍କାପୁର
ବାରତା କହିବ ଯାଇଁ ଶ୍ରୀରାମଛାମୁର ।
ଏମନ୍ତ କହିଣ ହନୁ ଆକାଶେ ଉଠିଲା
ରାବଣମନ୍ଦିରେ ଯାଇଁ ଲାଞ୍ଜ ବଢାଇଲା ।
ଜଗତୀ ଅଟ୍ଟାଳୀ କାଚପୁର ଗଲା ଜଳି
ଦେଖିଣ ରାବଣ ଚିତ୍ତେ ମହାଭୟେ ଭଳି ।୧୯୦।
ବୋଇଲା କି ନିମନ୍ତେ ଦହୁଛୁ ମୋର ପୁରୀ
ତୋର ବଚନକୁ ଦେବେ ଛନ୍ତି ଅବଧରି ।
ଏମନ୍ତ ବଚନ ଶୁଣି ବୀର ହନୁମନ୍ତ ।
କପୋଳେ ଘଷଇ ଲାଞ୍ଜ ନେଇ ହନୁମନ୍ତ
ବ୍ରହ୍ମଅଗ୍ନି ଜାତ କଲା ବୀର ହନୁମାନ
ଲଙ୍କାପୁର ଦହନ କରଇ ହୁତାଶନ ।
ଘରେ ଘରେ ପୁରେ ପୁରେ ସମସ୍ତ ଦହିଲା
ପୁଷ୍ପ ବିମାନରେ ଲଙ୍କପତି ରକ୍ଷା କଲା ।
ବ୍ରହ୍ମା ଆଦି ଯେତେ ଦେବଗଣମାନେ ଥିଲେ
ସ୍ୱର୍ଗେର ଫିରିବାର ବେଳେ ହନୁକୁ କହିଲେ ।୧୯୫।
ଯାଅ ତୁମ୍ଭେ ହନୁମନ୍ତ ରାମକାର୍ଯ୍ୟ କର
ଏ ଲଙ୍କା ଭୁବନ ଦହି ସୀତା ଠାବ କର ।
ଯେବଣ ଅନଳ ତୁ ହୋ କରଅଛୁ ଜାତ
ଗର୍ଭକୁଇ କ୍ଷେପ ତୁ ଯେ ବୀର ହନୁମନ୍ତ ।
ଏତେ କହି ଦେବଗଣେ ଆକାଶରେ ଗଲେ
ପବନର ସୁତ ଶାନ୍ତମୂର୍ତ୍ତି ସେ ହୋଇଲେ ।
ବ୍ରହ୍ମ ଅଗ୍ନି ଗର୍ଭକୁ କ୍ଷେପିଲା ହନୁମନ୍ତ
ଶୁଭ ଯୋଗେ ରହିଲେ ସୁବଳସ୍ଥା ପର୍ବତ ।
କହେ ରାନା ଗୋବିନ୍ଦ ଶୁଣିମା ସାଧୁଜନ
ଯେତେ କୃତ୍ୟ ଲଙ୍କାରେ ସେ କଲା ହନୁମାନ ।୨୦୦।

ଶ୍ରୀରାମ ପ୍ରସାଦେ ତାର ଏତେ ବୁଦ୍ଧି ହୋଇ
ଲଙ୍କାଗଡ ଦହି ଠାବ କଲା ବଇଦେହୀ ।
ଏଥୁ ଅନନ୍ତରେ ଶୁଣ ଯେମନ୍ତ ହୋଇଲା
ଲଙ୍କାଗଡ଼ ପୋଡ଼ନ୍ତେ ରାବଣ ଶୋକ କଲା ।
ଏ କଥା ଜାଣିଣ ବ୍ରହ୍ମା ବିଶ୍ୱକର୍ମା ପେଷି
ରାତକ ଭିତରେ ଲଙ୍କା ନିର୍ମାଣ କରସି ।
ଶୁଣି ବିଶ୍ୱକର୍ମା ବେଗ ହୋଇଣ ଅଇଲେ
ରାତକ ଭିତରେ ଲଙ୍କାଗଡ ଗଢି ଦେଲେ ।
ଏ କଥା ଉତ୍ତାରେ ତହୁଁ ବୀର ହନୁ ବୀର
ସମୁଦ୍ରଲଙ୍ଘନେ ସେତୁ କରଇ ବିସ୍ତର ।୫।
ଶ୍ରୀରାମ ସୁମରି ବୀର ଆକାଶେ ଝେପିଲା
ଦୁଇ ଘଡିମାନେ ସିନ୍ଧୁ ପାର ହୋଇଗଲା ।
ଯେଉଁ ଠାରେ ବସିଛନ୍ତି ଅଙ୍ଗଦ କୁମାର
ସେଠାବରେ ପ୍ରବେଶ ହୋଇଲା ହନୁ ବୀର ।
ଜାମ୍ବବାନ ସୁଷେଣ ଅଙ୍ଗଦ ନଳ ନୀଳ
ହନୁମନ୍ତ ସଙ୍ଗତେ ହୋଇଲେ ସର୍ବେ ମେଳ ।
ଯେତେ ଯେତେ କଥାମାନ ଲଙ୍କାପୁରେ ହୋଇ
ଜାମ୍ବବାନ ଅଙ୍ଗଦ ଆଗରେ ସବୁ କହି ।
ଶୁଣି ତା ସନ୍ତୋଷ ସେ ହୋଇଲେ ସର୍ବଜନ
ଆଗ ପଛ ହୋଇ କରି କରନ୍ତି ଗମନ ।୧୦।
କେତେକ୍ଷଣେ ଲଙ୍କାପୁର ନିର୍ବାଣ ହୋଇଛି
ପଥରେ ଚାଲନ୍ତେ କହେ ପବନର ବଚ୍ଛି ।
ଏକକୁ ଆରକେ ସେ ଚାଲନ୍ତି ମହାଖରେ
ମାଲ୍ୟବନ୍ତ ପର୍ବତେ ବିଜୟ ମହାବୀରେ ।
ଶ୍ରୀରାମ ବିଜୟ କରିଛନ୍ତି ଗିରିବରେ
ଯୂଥପତି ସୁଗ୍ରୀବର ଅଛନ୍ତି ଛମୁରେ ।

ଏମନ୍ତ ସମୟେ ଦୂତ ପ୍ରବେଶ ହୋଇଲେ
ଶ୍ରୀରାମଙ୍କୁ ଦେଖି ପାଏ ପଡ଼ଣ ଶୋଇଲେ ।
ଉଠ ଉଠ ବୋଲିଣ ଶ୍ରୀରାମ ଆଜ୍ଞା ଦେଇ
ହରଷ ହୋଇଣ ସେ ଡାକନ୍ତି ରଘୁସାଇଁ ।୧୯।
ବେଗ ହୋଇ ମୋହୋର ଛାମୁକୁ ବେଗେ ଆସ
ସୀତାର ବାରତା କହ ମନ ମୋର ତୋଷ ।
ଆଜ୍ଞା ପାଇ ଉଠିଲେ ଶିରରେ କର ଦେଇ
ବେନି ପାରୁଶରେ ରାମ ବସାଇଲେ ନେଇ ।
କର ଯୋଡ଼ି କହଇ ସେ ବୀର ହନୁମନ୍ତ
ସାବଧାନ ହୁଅ ଦେବ ସୀତୟାର କାନ୍ତ ।
ତୁମ୍ଭର ଆଜ୍ଞାରେ ଦେବ ସୀତା ଖୋଜିଗଲୁ
ନାନା ଦେଶ ଗିରିବର ଅରଣ୍ୟେ ବୁଲିଲୁ ।
ବୁଲନ୍ତେ ପାତାଳ ପୁରେ ହୋଇଲୁ ପ୍ରବେଶ
ଗିରିଜା ସୁନ୍ଦରୀଠାରୁ ପାଇଲୁ ସନ୍ଦେଶ ।୨୦।
ତାହାର ବଚନେ ଦେବ ପାର ହୋଇଗଲୁ
ସମୁଦ୍ରକୂଳରେ ଯାଇ ପ୍ରବେଶ ହୋଇଲୁ ।
ସମ୍ପାତିର ଠହୁଁ ଦେବ ପାଇଲୁ ବାରତା
ଲଙ୍କାପୁରେ ଛନ୍ତି ଯାଇ ଜନକଦୁହିତା ।
ତାହାର ବଚନେ ମୁହିଁ ସମୁଦ୍ର ଲଙ୍ଘିଲି
ଲଙ୍କା ଭୁବନରେ ଯାଇଁ ପ୍ରବେଶ ହୋଇଲି ।
ଗୁପତେ ଖୋଜିଲି କାହିଁ ନ ଦେଖିଲି ସୀତା
ଅଶୋକ ବନରେ ଦେବ ତୋହୋର ବନିତା ।
ସେ ବନରେ ଠାବ କରି ଗୁପତେ ରହିଲି
ରାବଣ ଅଇଲାର ମୁଁ ଚରିତ ବୁଝିଲି ।୨୧।
ମହାକୋପ କରି ସତୀ ବଚନ କହିଲେ
ଡରେ ଲଙ୍କପତି ଦେବ ବାହୁଡ଼ିଣ ଗଲେ ।

ଏଥୁ ଅନନ୍ତରେ ଦେବ ସୀତା ପାଶ ଗଲି
ମୁଦ୍ରିଗୋଟା ଦେଇଣ ସମସ୍ତ ଜଣାଇଲି ।
ମୁଦ୍ରି କରେ ଘେନି ଦେବୀ ଶୋକଭର ହୋଇ
କଷ୍ଟ ଯେତେ ପାଇଛନ୍ତି ସବୁ ମୋତେ କହି ।
ମସ୍ତକରୁ ରତ୍ନମଣି ଫେଡି ମୋତେ ଦେଲେ
ଶ୍ରୀରାମ ଛାମୁରେ ଦେବୁ ବୋଲିଣ କହିଲେ ।
ଏତେ କହି ହନୁମନ୍ତ ମଣି ଫେଡିଦେଇ
ହସ୍ତରେ ଘେନିଲେ ମଣି ରଘୁକୁଳସାଇଁ ।୩୦।
ଶୋକଭର ହୋଇ ରାମ ମଉନ ହୋଇଲେ
ଘଡିକ ଉତ୍ତାରେ ରାମ ବଚନ ବୋଇଲେ ।
ଝର ଝର ନୟନୁଁ ବହଇ ନୀରଧାର
ଜାନକୀର ରୂପ ଗୁଣ ଗୁଣନ୍ତି ମନର ।
ଯେତେ ଯେତେ କଥା ଯେତେ ଭାବ ଥିଲା ହୋଇ
ସମସ୍ତ ଚିନ୍ତନ୍ତି ଚିତ୍ତେ ରଘୁକୁଳସାଇଁ ।
କହେ ରାଜା ଗୋବିନ୍ଦାଇ ଶ୍ରୀରାମ ପୟରେ
ଦଶଶିର ଛେଦିବେ ଘେନିଣ ତୀକ୍ଷ୍ଣଶରେ ।
ସରୋଜ ସହିତେ ଦେବ କରିବେ ବିନାଶ
ମନେ ଯେତେ ତାପ ହୋଇ ସମସ୍ତ ବିନାଶ ।୩୫।

---

ଏଥୁ ଅନନ୍ତରେ ରାମ ସୁଗ୍ରୀବକୁ କହି
ଏଠାରେ ରହିବା ମିତ୍ର କିଛି କାର୍ଯ୍ୟ ନାହିଁ ।
ବେଗେ ଯିବା ରାବଣ କରିବା ପ୍ରାଣନାଶ
ହନୁମନ୍ତ କହିଲଣ୍ଟି ସୀତାଙ୍କ ସନ୍ଦେଶ ।
ଶ୍ରୀରାମର ଆଜ୍ଞା ପାଇ କହେ ସୁଗ୍ରୀବରୁ
କି ନିମନ୍ତେ ରହିବା ଠାକୁର ରଘୁବୀର ।

ଜାମ୍ବବାନ ସୁଷେଣଙ୍କୁ ସୁଗ୍ରୀବ କହଇ
କେତେବେଳେ ଅନୁକୂଳ କରିବା ଯୋଗାଇ ।
ବିଚାର କରଣ ମନ୍ତ୍ରୀ କହିବା ଛାମୁରେ
କେତେବେଳେ ଭଲଟି ହୋଇବ ରଘୁବୀରେ ।
ଶୁଣିକରି ବେନି ମନ୍ତ୍ରୀ ଦିନ ବିଚାରନ୍ତି
ଶ୍ରୀରାମଙ୍କ ତାର ଚନ୍ଦ୍ର ବଳ ସେ ଧରନ୍ତି ।
ଉତ୍ତରାଫାଲଗୁନି ସେ ଭଲ ଲଗ୍ନ ହୋଇ
ଅନୁକୂଳ କରିବେ ଠାକୁର ରଘୁସାଇଁ ।
ଏଥୁ ଅନନ୍ତରେ ଶୁଣ ରାଜୀବଲୋଚନ
ଅନୁକୂଳ କଲେ ପ୍ରଭୁ ଜାନକୀରମଣ ।
ସୈନ୍ୟବଳ ଘେନି ରାମ ସଙ୍ଗରେ ଅଛଇ
ବନଗିରି ପର୍ବତ ଲଙ୍ଘିଲେ ରଘୁସାଇଁ ।
ସମୁଦ୍ରର କୂଳେ ଯାଇଁ ହୋଇଲେ ପ୍ରବେଶ
ସ୍ତୁତିକରି ବରୁଣଙ୍କୁ କହେ ରଘୁଶିଷ ।
ଜାଣି ବେଗେ ବରୁଣ ପ୍ରବେଶ ହୋଏ ଆସି
କହ ମୋତେ ଆଜ୍ଞା ଦେବା ହେଉ ରଘୁବଂଶୀ ।
ବରୁଣ ମୁଖକୁ ଚାହିଁ ରାମଚନ୍ଦ୍ର କହ
ଥଳକୂଳ ରତ୍ନାକର ଉପ ମୋତେ କହ ।
ରାମଚନ୍ଦ୍ର ବଚନେ କହଇ ରତ୍ନାକର
ବନ୍ଧ ବାନ୍ଧ ନଳ ଦେବ ହୋଇବାକ ପାର ।
ସର୍ବେ ଦେବତାଏ ଦେବ ଅଛନ୍ତି ବିଚାରି
ବନ୍ଧ ବାନ୍ଧି ବିଜୟ କରିବା ଲଙ୍କପୁରୀ ।
ଶୁଣି ରାମ ରାଏ ଚିତ୍ତେ ହରଷ ହୋଇଲେ
ରତ୍ନାକର ମୁଖ ଚାହିଁ ଯାଅନା ବୋଇଲେ ।
ଆଜ୍ଞା ଘେନି ରତ୍ନାକର ମନ୍ଦିରକୁ ଯାଇ
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ ।

ସୁଗ୍ରୀବଙ୍କୁ ଚାହିଁ ରାମ ଏମନ୍ତ ବୋଇଲେ
ପର୍ବତ ଅଣାଅ ମିତ୍ର ବୋଲି ଆଜ୍ଞା ଦେଲେ ।
ରାମଚନ୍ଦ୍ର ବଚନେ କହଇ ସୁଗ୍ରୀବର
ଋକ୍ଷବଳ ଘେନି ଯାଅ ହନୁମନ୍ତ ବୀର ।
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ
ବାରତା କହିଲା ଚର ଶୁଣ ଲଙ୍କସାଇଁ ।
ବେନି ଯତି ପ୍ରବେଶ ହୋଇଲେ ସିନ୍ଧୁତୀରେ
ଲକ୍ଷ କପି ଠାଇ ହୋଇଛନ୍ତି ପୃଥିବୀରେ । ୧୦ ।
ଶୁଣି ବିସ୍ମୟ ହୋଇଲା ଲଙ୍କାର ଅଧିପତି
କହେ ବିଭୀଷଣ ଶୁଣ ମନ୍ଦୋଦରୀପତି ।
ସିନ୍ଧୁତୀରେ ପ୍ରବେଶ ହୋଇଲେ ରଘୁସାଇଁ
ସୀତା ଦେଇ ଚରଣେ ଶରଣ ପଶ ଯାଇଁ ।
ଶୁଣି କୋପ କଲା ଚାହିଁ ବିଶ୍ରବାସନ୍ତତି
ତୋହୋର ମରଣକୁ ହୋଇଲା ବଡ଼ ଭୀତି ।
ଯାଅ ତୁ ପଳାଇ ରାମ ଶରଣ ତୁ ପଶ
ଥିଲେ ତୋତେ କରିବଇଁ ନିଶ୍ଚେ ପ୍ରାଣନାଶ ।
ଶୁଣି ବିଭୀଷଣ ମନେ ମହାଭୟ କଲା
ଆକାଶ ମାର୍ଗରେ ବୀର ଚଳାଇଣ ଗଲା । ୧୫।
ସିନ୍ଧୁତୀରେ ବିଜେ କରିଛନ୍ତି ରଘୁରାଣ
ଏମନ୍ତ ସମୟେ ଆସି ହୋଏ ବିଭୀଷଣ ।
ଦୂରହୁଁ ଦେଖିଲା ବୀର ରାଜୀବଲୋଚନ
ପାଏ ପଡ଼ି ଶୋଇଲା ସେ ବିଶ୍ରବାନନ୍ଦନ ।
ଦେଖି ରାମଚନ୍ଦ୍ର ଉଠ ଉଠ ଆଜ୍ଞା ଦେଇ
କାହୁଁ ଆସିଅଛ ହନୁ ପଚାର ତୁ ଯାଇଁ ।
ଆଜ୍ଞା ପାଇ ହନୁମନ୍ତ ତାର ପାଶ ଗଲା
କାହୁଁ ଆସିଅଛ ବୀର କହିବା ବୋଇଲା ।

ହନୁମନ୍ତ ବଚନେ କହଇ ବିଭୀଷଣ
ଲଙ୍କାରୁ ଅଇଲି ମୁହିଁ ବିଶ୍ରବାନନ୍ଦନ । ୩୦ ।
ଘର ଯାଇ ରାବଣକୁ ବାରତା କହିଲା
ରାମଚନ୍ଦ୍ର ଆସି ସିନ୍ଧୁକୂଳରେ ହୋଇଲା ।
ତାହାର ବଚନେ ମୁଁ କହିଲି କଥାମାନ
ଶୁଣି କୋପ କଲା ମୋତେ ବୀର ଦଶାନନ ।
ତାହାର ବଚନେ ମୁହିଁ ଅପମାନ ପାଇ
ଶରଣ ନିମନ୍ତେ ମୁହିଁ ଅଇଲି ଚଳାଇ ।
ଶ୍ରୀରାମଚରଣ ବିନୁ ଆନ ଆଶ୍ରେ ନାହିଁ
ଶରଣ ରଖିବା ମୋତେ ପ୍ରଭୁ ଭବଗ୍ରାହୀ ।
ଶୁଣିକରି ହନୁମନ୍ତ ଚଳାଇ ଅଇଲା
ଶ୍ରୀରାମଛାମୁରେ ସବୁ ବାରତା କହିଲା । ୩୫ ।
ଶୁଣି ରାମଚନ୍ଦ୍ର ଯେ ହୋଇଲେ ହସ ହସ
କହିକି ଡାକିଲେ ଆସ ବିଶ୍ରବାର ଶିଷ୍ୟ ।
ଆଜ୍ଞା ପାଇ ବିଭୀଷଣ ପାଦରେ ପଡିଲା
ଉଠି କର ଯୋଡି ଯାଇଁ ଛାମୁରେ ହୋଇଲା ।
ଦେଖି ତାଙ୍କୁ ସୁଦୟା କରନ୍ତି ରଘୁସାଇଁ
ଲଙ୍କାପୁରେ ରାଜା ତୋତେ କରିବଇ ମୁହିଁ ।
ଏତେ କହି ଶିରେ ତାର ପାଟେକ ବାନ୍ଧିଲେ
ଆଜିଠାରୁ ଲଙ୍କାପତି ହୋଇଲୁ ବୋଇଲେ ।
କହେ ରାଜା ଗୋବିନ୍ଦ ଧନ୍ୟ ସେ ବିଭୀଷଣ
ଶୁଭଯୋଗେ ଭେଟିଲୁ ତୁ ରଘୁକୁଳରାଣ ।୪୦।
ଅଯତ୍ନ ପଙ୍କଜେ ଆସି ପଶିଲୁ ଶରଣ
ଯୁଗେ ଯୁଗେ କାଏ ତୋର ରଖିଲୁ ପ୍ରମାଣ ।

---

ଏଥୁ ଅନନ୍ତରେ ଶୁଣ ଏମନ୍ତ ହୋଇଲା
ଲକ୍ଷ କପି ଘେନି ହନୁମନ୍ତ ତହିଁ ଗଲା ।

ଅନେକ ପର୍ବତ ବୀର ଆଣିଲା ବୁହାଇ
ନଳକୁ ଛୁଆଇଁ ଜଳେ ପକାଇଲେ ନେଇ ।
ଶ୍ରୀରାମ ଆଜ୍ଞାରେ ସିନ୍ଧୁଜଳ ପୋତାଗଲା
ସେ କୂଳରେ ସୁବଳୟା ପର୍ବତ ଲଂଘିଲା ।
ଦେଖି ଚିତ୍ତ ସନ୍ତୋଷ କରନ୍ତି ସୀତାପତି
ଶୁଭଯୋଗେ ସୁବଳୟା ପର୍ବତେ ମିଳନ୍ତି ।
ଋକ୍ଷ କପି ବାନରେ ସମସ୍ତେ ମେଳ ହୋଇ
ଅଙ୍ଗଦକୁ ଗୃହୁଁ ରାମଚନ୍ଦ୍ର ଆଜ୍ଞା ଦେଇ । ୫ ।
ବେଗ ହୋଇ ଯିବ ତୁମ୍ଭେ ଲଙ୍କା ଭୁବନକୁ
ଆମ୍ଭର ଅଇଲା କଥା କହ ରାବଣକୁ ।
ଆଜ୍ଞା ପାଇ ଅଙ୍ଗଦ ଗୋ ଲଙ୍କାପୁର ଗଲା
ରାବଣ ନିକଟେ ଯାଇଁ ପ୍ରବେଶ ହୋଇଲା ।
ବସିଅଛି ଲଙ୍କପତି ଆସ୍ଥାନ ଉପର
ରାବଣକୁ କହଇ ଅଙ୍ଗଦ ମହାବୀର ।
ଅଯୋଧ୍ୟାର ଠାକୁର ଶ୍ରୀରାମଚନ୍ଦ୍ର ରାଏ
ସୁବଳୟା ପର୍ବତେ ପ୍ରବେଶ ଆସି ହୋଏ ।
ସୀତା ଦେଇ ଶରଣ ପଶିବୁ ପଦ୍ମପାଦେ
ଲଙ୍କାର ଭୋଗ ତୁ କରିବୁ ଅପ୍ରମାଦେ । ୧୦ ।
ନୋହିଲେ ତୋହୋର ଦଶ ଶିର ରାମ କାଟି
ରକ୍ଷାକରି ନ ପାରିବେ ତୋତେ ପରମେଷ୍ଠୀ ।
ଶୁଣି କୋପ କରଇ ଲଙ୍କାର ଅଧିପତି
କିସ କିସ କହଇ ବାନର ଅଧୋଗତି ।
ବେଳେକ ବାନରେ ଆସି ନାନା କୃତ୍ୟ କଲା
ଅକ୍ଷୟ କୁମର ମାରି ଲଙ୍କା ପୋଡ଼ି ଦେଲା ।
ଏବେ ଆସି କହଇ ରାମର ଆଜ୍ଞା ମୋତେ
ସୀତା ଦେଇ ଶରଣ ପଶିବୁ ତୁ ତୁରିତେ ।

ତ୍ରିଭୁବନବିଜୟୀ ରାବଣ ନାମ ମୋର
ନିର୍ଭୟ ହୋଇଣ ଆସି କହୁଇ ବାନର । ୧୫ ।
ଯାଅ ତୁ ବାରେକ କହ ଶ୍ରୀରାମର ପାଶ
କାଲି ପ୍ରଭାତରେ ରଣେ କରିବି ବିନାଶ ।
ଶୁଣି ବୀର ଅଙ୍ଗଦ ଗୋ ମହାକୋପ କଲା
ଆଜ୍ଞା ଥିଲେ ଶିର ମୋଡ଼ି ନିଅନ୍ତି ବୋଇଲା ।
ଯନ୍ତୁ ରାମ ଆଜ୍ଞା ଦେଇଛନ୍ତି କୋପ ମୂର୍ତ୍ତି
ଶରଘାତେ ମାରିବଇଁ ଲଙ୍କାର ନୃପତି ।
ଏ ଘେନି ସୃଗାଳ ତୋତେ ରଖିଲଇଁ ଆଜ
ନିଶ୍ଚୁ ମରିବୁ ତୁ ହୋ ବିଶ୍ରବାତନୁଜ ।
ଧର୍ମକୁ ପେଷିଲେ ମୋତେ ସୀତାସ୍ବାର ପତି
ଧର୍ମକୁ ଛାଡ଼ିଲୁ ତୁ ହୋ ବିଶ୍ରବାସନ୍ତତି । ୨୦ ।
ଏତେ କହି ଅଙ୍ଗଦ ଯେବଣ କୃତ୍ୟ କଲା
ଜଗଣର ତୁଲ ଘେନି ଆକାଶେ ଉଡ଼ିଲା ।
ଶ୍ରୀରାମ ସମ୍ମୁଖରେ ଯାଇଁ ହୋଇଲା ପ୍ରବେଶ
ତୁଲ ଥୋଇ ଚରଣେ ପଡ଼ଇ ବାଲିଶିଷ୍ୟ ।
ଉଠି ଉଭା ହୋଇ ଶିରେ କର ଦେଇ କହି
ସମସ୍ତ ଚରିତ୍ର ଦେବ କହିଲଇଁ ମୁହିଁ ।
ସୀତା ଦେଇ ଚରଣେ ତୁ ଶରଣ ପଶିବୁ
ନୋହିଲେ ରାମର ବାଣେ ବିନାଶ ହୋଇବୁ ।
ଶୁଣି କୋପ କଲା ସେ ଲଙ୍କାର ଅଧିପତି
ସାବଧାନେ ଶୁଣ ଦେବ ସୀତାସ୍ବାର ପତି । ୨୫ ।
ଏଥୁ ଅନନ୍ତରେ ଶୁଣ ବୀର ଦଶାନନ
ଲଙ୍କାପୁର ସୁବଦ୍ୱାରେ ରଖି ସୈନ୍ୟମାନ ।
ନାନା କୂଟ ଛନ୍ଦମାନ କରନ୍ତି ବିସ୍ତର
ଶସ୍ତ୍ରମାନ ଘେନିଣ ରହିଲେ ସିଂହଦ୍ୱାର ।

ଏଥୁ ଅନନ୍ତରେ ରାମ ରାଜୀବଲୋଚନ
ସୁଗ୍ରୀବକୁ ଡାକି ଗୋ କହନ୍ତି ରଘୁନାନ ।
ଅଙ୍ଗଦ କୁମାର ଯେତେ କଥା କହିଥିଲା
ସୁଗ୍ରୀବକୁ ରାମଚନ୍ଦ୍ର ସମସ୍ତ କହିଲା ।
ଶୁଣିଣ କହଇ ବାନରଙ୍କ ଅଧିପତି
ଆଜ୍ଞା ଦିଅ ରାକ୍ଷସଙ୍କୁ ମାରିବୁ ବଢୋଣ୍ଠ । ୩୦ ।
ଏହିକ୍ଷଣି ଦେବ ଲଙ୍କା ଭୁବନକୁ ଯିବା
ସଂଗ୍ରାମ କରିଣ ଦୈତ୍ୟବଳ ବିନାଶିବା ।
ସୁଗ୍ରୀବ ବଚନେ ଉଠିଲେ ସେ ଦୁଇ ବେନି
ବୀର ମହାବୀର ଯେନ ଚଳନ୍ତି ସଇନ୍ୟ ।
ସୁରଦ୍ୱାର ବେଢିଣ ରହିଲେ ରକ୍ଷ ହର
ରାବଣକୁ ଦୂର ଯାଇଁ କହେ ଆଗସର ।
ଶୁଣ ଦେବ ଅସୁରପତି ହୁଅ ସାବଧାନ
ଲଙ୍କା ସୁରଦ୍ୱାରେ ରହିଛନ୍ତି ରାମ ସୈନ୍ୟ ।
ପାଚେରୀ ଡେଇଁଣ ସେ ଯେ କରନ୍ତି ବଗୁର
ଲଙ୍କାପୁର ତୋହୋର କରିବେ ନାରଖାର । ୩୫ ।
ଦୂତଙ୍କ ବଚନେ ଗୋ କହଇ ଲଙ୍କପତି
ଶୁଣ ତୁମ୍ଭେ ଶୁକ ଯେ ସାରଣ ବେନି ମନ୍ତ୍ରୀ ।
କେତେ ବଳ ସୈନ୍ୟ ଅଛି ରାମ ସଙ୍ଗତରେ
ପୁଷ୍ପକ ବିମାନେ ବସି ଦେଖିବା ତାହାରେ ।
ଆଜ୍ଞା ପାଇ ବେନି ମନ୍ତ୍ରୀ ବିମାନ ଆଣିଲେ
ବିମାନରେ ଦଶମାଥ ଯାଇଣ ବସିଲେ ।
ଲକ୍ଷେକ ଚାମର ଲକ୍ଷେ ଛତ୍ର ଧରି ହୋଇ
ଆକାଶ ମାର୍ଗରେ ତାର ବିମାନ ଉଡ଼ଇ ।
ଅନ୍ତରୀକ୍ଷମାର୍ଗେ ଯାଇଁ ବିମାନ ରହିଲା
ବିମାନରେ ଥାଇ ଦଶାନନ ଦୃଷ୍ଟି ଦେଲା । ୪୦ ।

ଦେଖିଲା ପୃଥିବୀ ଛାଇହୋଇଛି ବାନର ।
ମହାଭୟ ଚିତ୍ତରେ ସେ କଲା ଦଶଶିର ।
ଏଥୁ ଅନନ୍ତରେ ରାମ କହନ୍ତି ବଚନ
କି ନିମନ୍ତେ ଅନ୍ଧକାର ଦିଶଇ ଗଗନ ।
ଶୁଣିଣ କହଇ କର ଯୋଡ଼ି ବିଭୀଷଣ
ସାବଧାନେ ଶୁଣ ଦେବ ରଘୁକୁଳରାଣ ।
ଲଙ୍କପତି ଦେଖୁଅଛି ଆକାଶରେ ରହି
ଛତ୍ରର ଗହଳେ ଦେବ ଅନ୍ଧକାର ମହୀ ।
ବିଭୀଷଣ ତହୁଁ ରାମ ଏମନ୍ତ ଶୁଣିଲେ
ତୀକ୍ଷ୍ଣ ଶର ରାମଚନ୍ଦ୍ର ହସ୍ତରେ ଘେନିଲେ । ୪୫ ।
ଗୁଣରେ ବସାଇ ରାମଚନ୍ଦ୍ର ଆଜ୍ଞା ଦେଇ
ଛତ୍ର ଛେଦ ଶର ତୁ ପବନୁ ବେଗେ ଯାଇଁ ।
ଧନୁ ଟାଣି ରାମଚନ୍ଦ୍ର ନାରାଚ ପେଷିଲେ
ପବନହୁଁ ବେଗେ ଯାଇ ଛତ୍ରକୁ ଛେଦିଲେ ।
ଛତ୍ର ଛେଦି ବାଣ ଆସି ତୂଣରେ ପଶିଲା
ଏଥୁ ଅନନ୍ତରେ ଦଶାନନ ପଚାରିଲା ।
କି ନିମନ୍ତେ ଛତ୍ର ମୋର ହୋଇଲାକ ନାଶ
କହ ବେନି ମନ୍ତ୍ରୀ ବେଗେ ମୋହୋର ଯେ ପାଶ ।
ଶୁଣି ବେନି ମନ୍ତ୍ରୀ ଯେ କହନ୍ତି କର ଯୋଡ଼ି
ଶ୍ରୀରାମ ନାରାଚେ ତୋର ସବୁ ଛତ୍ର ଛିଡ଼ି । ୫୦ ।
ଶୁଣି ଲଙ୍କପତି ଚିତ୍ତେ ମହାଭୟ କଲା
ବାହୁଡ଼ି ମନ୍ଦିରେ ଯାଇଁ ପ୍ରବେଶ ହୋଇଲା ।
ଏଥୁ ଅନନ୍ତରେ ରାମଚନ୍ଦ୍ର ଆଜ୍ଞା ଦେଇ
ଲଙ୍କାପୁରେ ବାନରେ ପଶନ୍ତୁ ବେଗେ ଡେଇଁ ।
ଆଜ୍ଞା ପାଇ ଧାଇଁଲେ ପଚିଶ ଯୂଥପତି
ସୈନ୍ୟବଳ ଘେନି ଗଡ଼େ ଡେଇଁଣ ପଶନ୍ତି ।

ଅସୁର ସଙ୍ଗତେ ମହାରଣ ଘୋର କଲେ
ଶାଳ ଶିଳ ଘେନି ଦୈତ୍ୟବଳ ବିନାଶିଲେ ।
ଲଗଣ୍ଡି ଅଟ୍ଟାଳି କୋଟପୁର ନାଶ କରି
ହସ୍ତୀ ଘୋଡ଼ା ଅସୁରଙ୍କୁ ରଣଘୋଳେ ମାରି । ୫୫ ।
ମହାତେଜ ମୂର୍ତ୍ତି ହୋଇ ବାନରସଇନ
ମାରନ୍ତି ଦଇତଙ୍କୁ ତାହାଙ୍କ ଶସ୍ତ୍ର ଘେନି ।
କଙ୍କ ଥଙ୍କ ଅଲେପି ସଲେପି ମହାବୀର
ଜୁନ୍ତୁପାକ୍ଷ କାକାକ୍ଷ ଆବର ମହୋଦର ।
କାଳଘଣ୍ଟ ଯମଘଣ୍ଟ ମହୀ ଯେ ରାବଣ
କୁମ୍ଭ ଯେ ନିକୁମ୍ଭ ଦେବ ଦୈତ୍ୟ ମିହ୍ନଘନ ।
ସିଂହ ଯେ ତୁରଙ୍ଗ ଆଦି ଯେତେ ଦୈତ୍ୟ ଥିଲେ
ଯୂଥପତିମାନେ ରଣଘୋଳେ ନାଶଗଲେ ।
ସିଂହଦ୍ୱାରେ ରାମର ସଙ୍ଗତେ ଯୁଦ୍ଧ କରି
ରାମବାଣେ ସମସ୍ତେ ଗୋ ହୋଇଲେ ସଂହାରି । ୬୦ ।
ଋକ୍ଷ କପି ସଂଗ୍ରାମେ ହୋଇଲେ କିଛି ହତ
ସନ୍ଧ୍ୟା ହୋନ୍ତେ ସ୍ୱବଳୟ୍ୟା ଗଲେ ସୀତାକାନ୍ତ ।
ଏଥୁ ଅନନ୍ତରେ ଲଙ୍କାପୁରେ ଦଶଶିର
ମୃତ୍ୟୁମାନ ଶୁଣିଲା ଗୋ ବୀରମାନଙ୍କର ।
ମହାଶୋକ କରଇ ସେ ମନ୍ଦୋଦରୀପତି
ନାଶ କଲେ ବେନି ଯତି ମୋହର ସନ୍ତତି ।
ସୁତ ନାତି ମହାରଥୀ ରାମନାଶ କଲା
ନାରାଜଘାତରେ ମୋର ବଂଶ କ୍ଷୟ କଲା ।
କେମନ୍ତେ ସଂଗ୍ରାମେ ବେନି ଯତି ସିବେ ନାଶ
ଲଙ୍କାପୁରେ ଲଗାଇଲା କାଳଦଣ୍ଡ ଫାଶ । ୬୫ ।
ବଂଶନାଶ କରିବାକୁ ହୋଇଅଛି ଆସି
କାଲି ପ୍ରଭାତରେ ତାଙ୍କୁ ପକାଇବି ନାଶି ।

ଏତେ କହି ରାବଣ ସେ ମହା କୋପ କଲା
ସଂଗ୍ରାମକୁ ଯିବ ବୋଲି ବାହାର ହୋଇଲା ।
ସମୁଦ୍ର ଉଲ୍ଲୋଳ ପ୍ରାୟ ଚଳନ୍ତି ସଇନ
ଥରହର କମ୍ପଇ ଗୋ ଆକାଶ ମେଦିନୀ ।
ସୁବଳଯୁକ୍ତ ନିକଟରେ ହୋଇଲା ପ୍ରବେଶ
ସଂଗ୍ରାମରେ ଋକ୍ଷକପି କରୁଅଛି ନାଶ ।
ଦେଖି ରାମଚନ୍ଦ୍ର ଯୂଥପତିମାନ ଘେନି
ସଂଗ୍ରାମରେ ପଶିଲେ ଗୋ ଆସି ଭାଇ ବେନି ।୬୦।
ମହାଘୋର ଯୁଦ୍ଧ ତହିଁ ହୋଇଲା ଅପାର
ଦୈତ୍ୟ ଋକ୍ଷ କପି ତହିଁ ହୋଇଲେ ସଂହାର ।
ଲକ୍ଷ ଲକ୍ଷ କୋଟି କୋଟି ଦୈତ୍ୟ ନାଶ ଯାଇ
ଶ୍ରୀରାମ ଲକ୍ଷ୍ମଣ ବାଣେ ହେଉଅଛି ଦହି ।
ଦେଖି କୋପ କରଇ ସେ ଦଶାନନ ବୀର
ଶକତି ମାଇଲା ନେଇ ଲକ୍ଷ୍ମଣ ଉପର ।
ଜୟ କଲି ବୋଲି ବୀର ବାହୁଡ଼ିଣ ଗଲା
ଲଙ୍କା ଭୁବନରେ ଯାଇଁ ପ୍ରବେଶ ହୋଇଲା ।
ଏଥୁ ଅନନ୍ତରେ ତହିଁ ରାମଚନ୍ଦ୍ର ଭଣି
ଜାମ୍ବବାନ ବଚନରେ ହନୁମାନ ଚଳି ।୬୨।
ମଉଷଧି ଆଣିଲା ସେ ପବନର ସୁତ
ଲକ୍ଷ୍ମଣର ହୃଦୟରେ ଦିଅଇ ତୁରିତ ।
ଶକ୍ତିଭେଦ ଭଲକଲେ ଜାମ୍ବବାନ ମନ୍ତ୍ରୀ
ଶ୍ରୀରାମ ଦେଖିଣ ଚଢ଼େ ତୃପତି କୁଅନ୍ତି ।
ବିଭୀଷଣ ମୁଖ ଚାହିଁ ରାମ ଆଜ୍ଞା ଦେଲେ
ଶକ୍ତି ମାରି ଲଙ୍କପତି ବାହୁଡ଼ିଣ ଗଲେ ।
କି ନିମନ୍ତେ ଆମ୍ଭେ ଆଉ ଏଠାରେ ରହିବା
ଲଙ୍କା ପୁରେ ଯାଇ ଆମ୍ଭେ ସଂଗ୍ରାମ କରିବା ।

ଶୁଣି ସନମତ କଲା ବୀର ବିଭୀଷଣ
ଲଙ୍କାକୁ ଯେ ବିଜେ କଲେ ରାମ ଯେ ଲକ୍ଷ୍ମଣ ।୮୦।
ଋକ୍ଷ କପି ଦଇତଙ୍କ ଭେଟଗଲା ହୋଇ
ସଂଗ୍ରାମ କରନ୍ତି କେହୁ ଘୁଞ୍ଚିବାକୁ ନାହିଁ ।
ଲଙ୍କପୁର ଦଇତେ ହୋଇଲେ ହତପ୍ରାଣ
ଋକ୍ଷକପି ବାନରେ କରନ୍ତି ମହାରଣ ।
ଜାମ୍ବବାନ ହନୁମାନ କେଶରୀ ପବନ
ଋକ୍ଷକପି ଘେନଣ କରନ୍ତି ମହାରଣ ।
ଦଧିମୁଖ ଗବୟ ଗବାକ୍ଷ କାଳାଞ୍ଜନ
ସୁଗ୍ରୀବର ନଳ ନୀଳ କେଶରୀ ପବନ ।
ସଂଗ୍ରାମେ କରନ୍ତି ହତ ଦଇତ ଯେ ବଳ
କୋଟି କୋଟି ସଂଗ୍ରାମେ ପଡ଼ନ୍ତି ଦୈତ୍ୟବଳ ।୮୫।
ଶ୍ରୀରାମ ଲକ୍ଷ୍ମଣ ବାଣେ ଦୈତ୍ୟ ଗଲେ ନାଶ
କୋଟି କୋଟି ଯେ ଚଳନ୍ତି ଯମରାଜା ପାଶ ।
ରକତ ବହଇ ନଦୀଧାର ପ୍ରାୟେ ହୋଇ
ଗୃଧ୍ର କାକ ଶୃଗାଳ ଭକ୍ଷନ୍ତି ସୁଖ ପାଇ ।
ମହାଘୋଳ ସଂଗ୍ରାମ କରନ୍ତି ସନ୍ଧ୍ୟ (?) ହୋଇ
ସୁବଳୟା ପର୍ବତେ ବିଜୟେ ରଘୁସାଇଁ ।
ନିତ୍ୟକର୍ମ ସାରି ଦେବ ଫଳମୂଳ ଭକ୍ଷି
ରଜନୀ ବଞ୍ଚିଲେ ତହିଁ ରଘୁକୁଳବହ୍ନି ।
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ
ରାବଣକୁ କହିଲା ବାରତା ଚର ଯାଇ ।୯୦।
ଶ୍ରୀରାମ ନାରାଚେ ତୋର ସୈନ୍ୟ ନାଶ ଗଲେ
ରଥ ଅଶ୍ୱ ହାତୀ ଦେବ ସଂହାର ହୋଇଲେ ।
ଶୁଣି ଲଙ୍କପତି ମହା ବିସ୍ମୟ ହୋଇଲା
ଇନ୍ଦ୍ରଜିତ ମୁଖ ଚାହିଁ ବଚନ ବୋଇଲା ।

ବେନି ଯତ୍ତ  ସଂଗ୍ରାମରେ ହେଲେ ସର୍ବନାଶ
କୁମ୍ଭକର୍ଣ୍ଣ ଭାଇକୁ  ନିଦ୍ରାରୁ ଘେନି ଆସ ।
ଆଜ୍ଞା ପାଇ ଗଲେ  କୁମ୍ଭକର୍ଣ୍ଣକୁ ତୋଳିଲେ
ରାବଣ ଛାମୁରେ କୁମ୍ଭକର୍ଣ୍ଣ  ଯେ ମିଳିଲେ ।
ସକଳ ବୃତ୍ତାନ୍ତ  ତାକୁ କହେ ଲଙ୍କପତି
ଶୁଣି କୋପେ ଧାଇଁଲା ସେ ବଣ୍ଡବାର ନାତି  ।୯୫।
ସିଂହନାଦ ଦେଇ ବୀର ସଂଗ୍ରାମେ ପଶିଲା
ଋକ୍ଷ କପି ବାନର ଅନେକ ନାଶ କଲା ।
ସୁଗ୍ରୀବର ଆଗେ ବୀର ସଂଗ୍ରାମ କରଇ
ବଳେ ତାକୁ ଧଇଲା ସେ କୁମ୍ଭକର୍ଣ୍ଣ ଯାଇ ।
ଦେଖି ରାମଚନ୍ଦ୍ର ତାକୁ ନାରାଚ ପେଷିଲେ
ବେନି ବାହୁ ତାହାର ଗୋ ଛେଦିପକାଇଲେ ।
ସୁଗ୍ରୀବକୁ ଛାଡି ବୀର ସଂଗ୍ରାମେ  ଧାଇଁଲା
ଋକ୍ଷପତି ବାନର ଗୋ ଅନେକ ମାଇଲା ।
ମହାକୋପ  କରି ରାମଚନ୍ଦ୍ର ଶର ପେଷି
ଶିର ତାର ଛେଦି ପକାଇଲେ ଋଷିକେଶୀ ।୧୦୦।
ଏଥୁ ଅନନ୍ତରେ କଥା ଶୁଣ ମନଦେଇ
ଦୁଇବେଳ ଇନ୍ଦ୍ରଜିତ  ଯୁଦ୍ଧ କରି ଯାଇ ।
ମାୟା ସୀତା ମାଇଲା ବାନ୍ଧିଲା ନାଗପାଶ
ବିନତାର ସୁତ ଆସି କଲା ସବୁ ନାଶ ।
ଲକ୍ଷ୍ମଣ ସଙ୍ଗତେ ଇନ୍ଦ୍ରଜିତ ଯୁଦ୍ଧ କଲା
ଶରଘାତେ  ଶିର ତାର  ଲକ୍ଷ୍ମଣ ଛେଦିଲା ।
ଏଥୁ  ଅନନ୍ତରେ ବୀର  କହିଲା ବାରତ
ଶୁଣ ଦେବ ସାବଧାନେ ମନ୍ଦୋଦରୀକାନ୍ତ ।
ସଂଗ୍ରାମରେ ଇନ୍ଦ୍ରଜିତ କୁମର ପଡିଲା
ଲକ୍ଷ୍ମଣର ଶରଘାତେ ଜୀବନ ଛାଡିଲା ।୧୦୫।

ଶୁଣି ଲଙ୍କପତି ଶୋକ କରଇ ବହୁତ
କାହୁଁ ଆସି ଯତି ମୋତେ କରୁଅଛି ହତ ।
ଇନ୍ଦ୍ରଜିତ ନାମ ଧରି ରୋଦନ କରଇ
ହାହା ପୁତ୍ର ବୋଲି ରାଜା ଭୂମିରେ ଶୁଅଇ ।
ପୁତ୍ର ନାତି କୁମ୍ଭକର୍ଣ୍ଣ ଇନ୍ଦ୍ରଜିତ ମଲ
ମନୁଷ୍ୟ ବାନର ମୋତେ ଏତେ କୁତ୍ୟ କଲ ।
ଭାଇ ବିଭୀଷଣ ଶତ୍ରୁ ପାଶରେ ରହିଲା
ରଥ ଗଜ ଅଶ୍ୱ ମୋର ସର୍ବନାଶ ଗଲା ।
ଶୋକ ଗ୍ଲାନି ଉଠିଲା ସେ ବୀର ଲଙ୍କପତି
ସଂଗ୍ରାମରେ ମାରିବଇଁ ମୁହିଁ ବେନି ଯତି ।୧୧୦।
ରାମ ଲକ୍ଷ୍ମଣଙ୍କୁ ଯେବେ କରିବଇଁ ନାଶ
ତେବେ ଆସି ଲଙ୍କାପୁରେ ହୋଇବି ପ୍ରବେଶ ।
ନୋହିଲେ ଶ୍ରୀ ରାମ ମୋତେ ନାରାଚେ ମାରିବ
ସୀତା ଘେନି ଅଯୋଧ୍ୟାପୁରକୁ ସେହୁ ଯିବ ।
ଏମନ୍ତ ବଚନ ତହୁଁ ଦଶାନନ କହି
ସୈନ୍ୟ ସଜ କର ମନ୍ତ୍ରୀ ବୋଲି ଆଜ୍ଞା ଦେଇ ।
ଆଜ୍ଞା ପାଇ ବେନି ମନ୍ତ୍ରୀ ସୈନ୍ୟ ସଜ କଲେ
ବସ୍ତ୍ର ଅଲଙ୍କାର ଶସ୍ତ୍ରମାନ ନେଇ ଦେଲେ ।
ଏଥୁ ଅନନ୍ତରେ ଲଙ୍କପତି ସଜ ହୋଇ
ଦିବ୍ୟ ଅଲଙ୍କାର ଅଙ୍ଗେ ଭୂଷଣ କରଇ ।୧୧୫।
ଶୁଭ ଯୋଗ ଲଗ୍ନ ଘେନି ବାହାର ହୋଇଲା
କାଳମୃତ୍ୟୁ ଆସି ରାବଣକୁ ଆଶ୍ରେ କଲା ।
କହେ ରାଜା ଗୋବିନ୍ଦ ତୁ ଶୁଣ ଲଙ୍କରାଏ
କାଳଶତ୍ରୁ ଆସି ଗ୍ରାସ କଲା ତୋର କାଏ ।
ଜଗତଜନନୀଙ୍କି ତୁ ଆଣିଲୁ ହେରଇ •
ନିଶ୍ଚୟେ ମରିବୁ ତୁ ହୋ ଶୁଣ ଲଙ୍କସାଇଁ ।

ଏଥୁ ଅନନ୍ତରେ ଯେ ଲଙ୍କାର ଅଦ୍ଧଗଣ୍ଡି
ସଂଗ୍ରାମ ନିମନ୍ତେ ସୁଷ୍ଟ ବିମାନେ ବସନ୍ତି ।
ଉତ୍ତର ଦୁଆରେ ବୀର ବାହାର ହୋଇଲା
ସୈନ୍ୟବଳ ଘେନି ଯାଇ ସଂଗ୍ରାମେ ମିଳିଲା ।
ମହା ତେଜବନ୍ତ ହୋଇ ଦଇତେ ଧାଇଁଲେ
ଋକ୍ଷ କପି ବାନରେ ସଂଗ୍ରାମ ଆସି କଲେ ।
ଯୂଥପତିମାନେ ଆସେ ସଂଗ୍ରାମ କରନ୍ତି
ତରୁଶିଳ ଘେନି ଦୈତ୍ୟବଳକୁ ମାରନ୍ତି ।
ବିଭୀଷଣ ସଂଗ୍ରାମ କରଇ ମହାଘୋର
ଶ୍ରୀରାମ ଲକ୍ଷ୍ମଣ ଆସି କରନ୍ତି ସମର ।
ଋକ୍ଷ କପିବଳ ଦୈତ୍ୟ ମାରନ୍ତି ଗୋଡ଼ାଇ
ନାରାଚ ଘାତରେ କପି ନ ପାରିଲେ ରହି ।
ଦେଖି ଯୂଥପତିମାନେ ମହାକୋପ କଲେ
ଶାଳଶିଳ ଘେନି ଦୈତ୍ୟ ଉପରେ ମାଇଲେ ।
ଶ୍ରୀରାମ ଲକ୍ଷ୍ମଣ ବାଣେ ସଂହାର କରନ୍ତି
ଲକ୍ଷ ଲକ୍ଷ କୋଟି କୋଟି ଦଇତ୍ୟେ ମରନ୍ତି ।
ଏମନ୍ତେ ପାଞ୍ଚ ଦିବସ ସଂଗ୍ରାମ ହୋଇଲା
ସସ୍ର ସସ୍ର ହୋଇ ତହିଁ କବନ୍ଧ ନାଚିଲା ।
ବ୍ରହ୍ମା ଇନ୍ଦ୍ର ଦେବଗଣେ କରନ୍ତି ବିଚାର
ପାଦଗତି ହୋଇ ରାମ କରନ୍ତି ସମର ।
ଦେବ ରଥ ମାତଳି ରାମଙ୍କୁ ଦେଉ ନେଇ
ରଥରେ ବସିଣ ଯୁଦ୍ଧ କରୁ ରଘୁସାଇଁ ।
ଆଜ୍ଞା ପାଇ ମାତଳି ବିମାନ ଘେନିଗଲା
ଶ୍ରୀରାମ ଛାମୁରେ ଯାଇଁ ପ୍ରବେଶ ହୋଇଲା ।
ଶିରେ କର ଦେଇଣ ମାତଳି କହେ ବାଣୀ
ସାବଧାନେ ଶୁଣ ତୁମ୍ଭେ ଦେବ ରଘୁମଣି ।

ବ୍ରହ୍ମା ଇନ୍ଦ୍ର ଦେବଗଣ ମୋତେ ପେଷିଦେଲେ
ଶ୍ରୀରାମ ଛାମୁରେ ରଥ ଦିଅ ତୁ ବୋଇଲେ ।
ରଥେ ବସି ରାବଣକୁ ବେଗେ କର ନାଶ
ଶୁଣି ରାମଚନ୍ଦ୍ର ଯେ ହୋଇଲେ ହସ ହସ ।
ନନ୍ଦିଘୋଷ ରଥେ ବିଜେ କଲେ ଦାଶରଥି
ଦେଖିଣ ରାବଣ ମନେ କଲା ମହାଭୀତି ।
ବୋଇଲା ନିଶ୍ଚୟ ଏବେ ହୋଇଲା ମୋ ହାର
ନିଶ୍ଚେ ରାମଚନ୍ଦ୍ର ଯେ ଅଟନ୍ତି ଚକ୍ରଧର ।୧୩୯।
ଏତେ କହି ରାବଣ ସଂଗ୍ରାମ ଘୋର କଲା
ନିଷାଣକେ ଲକ୍ଷେ ଲକ୍ଷେ ନାରାଚ ପେଷିଲା ।
କୁମ୍ଭକ ପ୍ରାୟେକ ବାଣ ନିରନ୍ତରେ ପେଷି
ବିଭୀଷଣ ଲକ୍ଷ୍ମଣ ବାଣରେ ଶର ନାଶି ।
ଯେତେବେଳେ ଅନେକ ସଂଗ୍ରାମ ଗୋଳ କଲେ
ବ୍ରହ୍ମଶର ରଘୁନାଥ ହସ୍ତରେ ଘେନିଲେ ।
ମନ୍ତ୍ର ପଢି ରାମ ବାଣ ଧନୁରେ ବସାଇ
ରାବଣକୁ ମାର ବୋଲି ରାମ ଆଜ୍ଞା ଦେଇ ।
ଧନୁ ଟାଣି ନାରାଚ ବିନ୍ଧିଲେ ରଘୁବୀର
ରାବଣ ହୃଦରେ ଯେ ପଶିଲା ବ୍ରହ୍ମଶର ।୧୪୦।
ବାହାର ହୋଇଣ ବାଣ ହୃଦୟରେ ଗଲା
ଶ୍ରୀରାମ ଉପରେ ଯାଇଁ ଆଶ୍ରମ ସେ କଲା ।
ଶ୍ରୀରାମକୁ ଅନ୍ଧକାର ଦିଶିଲା ସମସ୍ତ
ଆପଣାର ନାମ ସେ ଧରନ୍ତି ସୀତାକାନ୍ତ ।
ଅନ୍ଧକାର ଫିଟିଲା ଦିଶିଲା ଦଶ ଦିଶ
ଶ୍ରୀରାମଚନ୍ଦ୍ରଙ୍କ ମନ ହୋଇଲା ହରଷ ।
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ
ରାମଚନ୍ଦ୍ର ନାରାଚେ ରାବଣ ପ୍ରାଣ ଯାଇ ।

ଦେଖି ଋକ୍ଷ କପି ମହା ଆନନ୍ଦ ହୋଇଲେ
ରଥ ଘେନି ମାତଲି ସ୍ୱର୍ଗକୁ ଚଳିଗଲେ ।୧୪୫।
ଦେବସଭା ମଧ୍ୟରେ ସେ ମାତଲି ହୋଇଲା
ରାବଣ ସଂଗ୍ରାମ ହତ ବାରତା କହିଲା ।
ଶୁଣି ବ୍ରହ୍ମା ଇନ୍ଦ୍ର ମନେ ସାନନ୍ଦ ହୋଇଲେ
ସ୍ୱର୍ଗପୁର ମଣ୍ଡିଣ ଉତ୍ସବ ସେହୁ କଲେ ।
ଏଥୁ ଅନନ୍ତରେ କଥା ଶୁଣ ମନ ଦେଇ
ରାବଣ ପଡ଼ନ୍ତେ ତହୁଁ କେମନ୍ତ ହୁଅଇ ।
ସଂଗ୍ରାମ ତେଜିଲେ ଦୈତ୍ୟେ ମହାଭୟ କଲେ
ଲଙ୍କା ଭୁବନରେ ଯାଇଁ ପ୍ରବେଶ ହୋଇଲେ ।
ମନ୍ଦୋଦରୀ ଶୁଣିଲା ରାବଣ ନାଶଗଲା
ଶୋକଭରେ ସୁନ୍ଦରୀ ସେ ବାହାର ହୋଇଲା ।୧୫୦।
ଯେଉଁ ଠାରେ ରାବଣ ପଡ଼ିଛି ରଣଭୂଇଁ
ସେଠାରେ ପ୍ରବେଶ ହେଲେ ରାଣୀଗଣ ଯାଇଁ ।
ମହାମେରୁ ସମାନେ ପଡ଼ିଛି ଲଙ୍କପତି
କୋଳାଗ୍ରତ କରି ଯାଇଁ ଧଇଲେ ଯୁବତୀ ।
ଶିରେ କର ତାଡି କେହୁ କରଇ ରୋଦନ
ଉଚ୍ଚେ କେହୁ ଡାକେ ସ୍ୱାମୀ ହୋଇଲୁ ନିଧନ ।
ସ୍ତିରୀଙ୍କର ଆତଙ୍କ ଦେଖିଲେ ରଘୁପତି
ବିଭୀଷଣ ରାଇ ଆଜ୍ଞା ରାମଚନ୍ଦ୍ର ଦ୍ୟନ୍ତି ।
ଯାଅ ବିଭୀଷଣ ରାଣୀଗଣ ବୋଧକର
ଶୋକଭର ଛଡ଼ାଇ ରାବଣ ଦାହକର ।୧୫୫।
ଆଜ୍ଞା ପାଇ ବିଭୀଷଣ ଚଳାଇଣ ଗଲା
ମନ୍ଦୋଦରୀ ନିକଟରେ ପ୍ରବେଶ ହୋଇଲା ।
ଶ୍ରୀରାମର ଆଜ୍ଞା ବୋଲି ବିଭୀଷଣ କହି
ଶୋକ ଛାଡ଼ି ଅନ୍ତଃପୁରେ ଯାଅ ମହାଦେଇ ।

ବିଭୀଷଣ ବଚନେ କହଇ ମନ୍ଦୋଦରୀ
ସ୍ୱାମୀ କାର୍ଯ୍ୟ କରିବ ହୋ ଶୁଣ ଦଣ୍ଡଧାରୀ ।
ରାବଣ ପ୍ରାଏକ ସ୍ୱାମୀ ସଂଗ୍ରାମେ ପଡ଼ିଲା
କି ନିମନ୍ତେ * ଶ୍ୱରୀ ମୋର ରଖିବ-ବୋଇଲା ?
ମନ୍ଦୋଦରୀ ବଚନେ ସେ ବିଭୀଷଣ କହୁ
ଏ କଥା ତୁମ୍ଭର ଗୋ ଉଚିତ କିଛି ନୋହୁ ।୧୬୦।
ଲଙ୍କା ଭୁବନରେ ତୁମ୍ଭେ ଅଟ ଠାକୁରାଣୀ
ଅନ୍ତଃପୁରେ ଯାଅ ତୁମ୍ଭେ ସକଳ ତରୁଣୀ ।
ଶୁଣି ମନ୍ଦୋଦରୀ ଚିତ୍ତ ସାନନ୍ଦ ହୋଇଲା
ଲଙ୍କା ଭୁବନକୁ ସର୍ବ ନାରୀ ଘେନି ଗଲା ।
ଏଥୁ ଅନନ୍ତରେ ରାମଚନ୍ଦ୍ର ଆଜ୍ଞା ଦେଲେ
ଯୂଥପତି ମୁଖ ଚାହିଁ ଏମନ୍ତ ବୋଇଲେ ।
ଲଙ୍କପତି ପଡ଼ିଅଛି ସଂଗ୍ରାମ ଭୂମିରେ
ଦହନ କରାଇ ତାକୁ ଆସ ସର୍ବବୀରେ ।
ଆଜ୍ଞା ପାଇ ବିଭୀଷଣ ଯୂଥପତି ଗଲେ
ରାବଣକୁ ଘେନିଯାଇ ଦହନ ସେ କଲେ ।୧୬୫।
ଦାହ ସାରି ସର୍ବ ବୀରେ ପ୍ରବେଶ ହୁଅନ୍ତି
ବିଭୀଷଣ ମୁଖ ଚାହିଁ ରାମ ଆଜ୍ଞା ଦିଅନ୍ତି ।
ଲକ୍ଷ୍ମଣ ଅଙ୍ଗଦ ନଳ ନୀଳ ଘେନି ଯାଅ
ଅଭିଷେକ ଲଙ୍କାପୁରେ ତୁମ୍ଭେ ଯାଇଁ ହୁଅ ।
ଆଜ୍ଞା ପାଇଁ ବୀର ବିଭୀଷଣ ଚଳିଗଲେ
ଅଭିଷେକ ବିଧିମାନ ଘେନାଇ ଅଇଲେ ।
ବିଭୀଷଣ ବସିଲା ସେ ରାଜ ଆସନର
ମନ୍ଦୋଦରୀ ରାଣୀକି ସେ ବସାଇ ପାଖର ।

---

ଶ୍ୱରୀ — ଶରୀର

ବିଧିମତେ ଅଭିଷେକ କଲେ କପିମାନେ
ଲଙ୍କାର ନୃପତି ସେ ହୋଇଲେ ବିଭୀଷଣେ ।୧୭୦।
ମନ୍ଦୋଦରୀ ବିଭୀଷଣ ଉଠି ଉଭାହୋଇ
ଲକ୍ଷ୍ମଣର ପାଦରେ ସେ ଅନେକ ବନୋଇ ।
ଏଥୁ ଅନନ୍ତରେ ଯେ ଲକ୍ଷ୍ମଣ ବୀର ଗଲେ
ଶ୍ରୀରାମ ଛାମୁରେ ଯାଇଁ ପ୍ରବେଶ ହୋଇଲେ ।
ବିଭୀଷଣ ଲଙ୍କାରେ ହୋଇଲା ନୃପବର
ସାବଧାନେ ଶୁଣ ଦେବ ଅଯୋଧ୍ୟାଠାକୁର ।
ବିଭୀଷଣ ଆସୁଅଛି ଦର୍ଶନର ପାଇଁ
କହନ୍ତେ ପ୍ରବେଶ ହେଲେ ବିଭୀଷଣ ଯାଇଁ ।
ମନ୍ଦୋଦରୀ ସହିତେ ଦର୍ଶନ ଯାଇଁ କଲେ
ନଉଛାଳି କରି ବୀର ଚରଣେ ପଡିଲେ ।୧୭୫।
ଉଠ ଉଠ ବୋଲି ରାମଚନ୍ଦ୍ର ଆଜ୍ଞା ଦେଇ
ଉଠି ଶିରେ କର ଦେଲା ଲଙ୍କାପୁର ସାଇଁ ।
ବିଭୀଷଣ ମୁଖ ଚାହିଁ ରାମ ଆଜ୍ଞା ଦିଅନ୍ତି
ହନୁମନ୍ତ ଘେନି ତୁମ୍ଭେ ଯାଅ ଲଙ୍କପତି ।
ସୀତାଙ୍କୁ ମୋହୋର ନିକଟେ ଘେନି ଆସ
ଦେଖି କରି ଦୁଃଖ ମୋର ସବୁ ଯାଉ ନାଶ ।
ଆଜ୍ଞା ପାଇ ବିଭୀଷଣ ବୀର ହନୁମାନ
ପ୍ରବେଶ ହୋଇଲେ ଯାଇଁ ଲଙ୍କାର ଭୁବନ ।
ବିଭୀଷଣ କହେ ତୁମ୍ଭେ ଶୁଣ ମନ୍ଦୋଦରୀ
ସୀତାଙ୍କ ଛାମୁକୁ ତୁମ୍ଭେ ଯାଅ ଖର କରି ।୧୮୦।
ଶ୍ରୀରାମଚନ୍ଦ୍ରଙ୍କୁ ସତୀ କରିବେ ଦର୍ଶନ
ବସ୍ତ୍ର ଅଲଙ୍କାର ଜାଏ କରନ୍ତୁ ଭୂଷଣ ।
ବିଭୀଷଣ ବଚନ ଶୁଣିଣ ମନ୍ଦୋଦରୀ
ସୀତାଙ୍କ ଛାମୁକୁ ତୁମ୍ଭେ ଯାଅ ସର୍ବ ନାରୀ ।

(ସଙ୍ଗତରେ ଘେନଲେ ଅନେକ ପରିବାରୀ)

ଉଷୁମ କାକର କେହୁ ଧରିଛନ୍ତି ଜଳ
କେହୁ ଧରିଛନ୍ତି ସେନ୍ଦ୍ରମୁଣ୍ଡି,(?) ପୁଷ୍ପମାଳ ।
ଆଲଟ ଚାମର କେହୁ ଧରନ୍ତି ବିଅଁଣୀ
କେହୁ ଧରିଅଛନ୍ତି କର୍ପୂରବାସ ପାଣି ।
ଧରୁ ଝୀନ ଜାଲି କେହୁ ଧରିଛନ୍ତି ମୋଡ଼ି
କୁଙ୍କୁମ ହଳଦୀ କେହୁ ଠଭିରସ ଗୋଳି ।୧୮୬
ଏମନ୍ତ ପ୍ରକାରେ ମନ୍ଦୋଦରୀ ଚଳିଗଲେ
ସୀତାଙ୍କ ଛାମୁରେ ଯାଇଁ ପ୍ରବେଶ ହୋଇଲେ ।
କ୍ଷୀରସିନ୍ଧୁ ମନ୍ଥନରେ କମଳା ଉତ୍ପତ୍ତି
ଦିଶନ୍ତି ତେସନ ପ୍ରାଏ ସକଳ ଯୁବତୀ ।
ମୁଖରବ ଗୋଳ ଯେହ୍ନେ ସିନ୍ଧୁ ଉଛୁଳଇ
ତେସନ ପ୍ରାଏକ ଧ୍ୱନି ଶବଦ ଶୁଭଇ ।
ଧୀର ଧୀର ହୋଇ ସୀତା ଗମନ କରନ୍ତି
ବାନରନ୍ତ ଦେଖି ଦୈତ୍ୟେ ମାରିଗୋଡ଼ାବନ୍ତି ।୧୯୦
ଅସୁରଙ୍କ ତେଜ ଦେଖି ବାନରେ ପଳାଇ
ଶ୍ରୀରାମ ଆଗ୍ରତେ (ଯେ) କପି ରହିଲେକ ଯାଇଁ ।
ଗୋଳ ଦେଖି ପଚାରନ୍ତି ଶ୍ରୀରାମ ଗୋସାଇଁ
କିସ ଗୋଳ ହେଉଅଛି କପିଏ ପଳାଇ ।
ଶୁଣି କରି କହନ୍ତି ଜାମ୍ବବ ମନ୍ତ୍ରୀବର
ସୀତାଙ୍କ ଆସନ୍ତେ ମୁଖଧ୍ୱନି ଯେ ଅପାର ।
ଆଗରେ ଦଇତବଳ ଆସୁଛନ୍ତି ଧାଇଁ
ମାର ମାର ଶବଦକୁ କପିଏ ପଳାଇ ।
ମନ୍ତ୍ରୀର ବଚନେ ରାମଚନ୍ଦ୍ର ହସି ହସି
ମନରେ ବିଚାର ସେ କରନ୍ତି ହୃଷୀକେଶ ।

ବାନରଙ୍କୁ ଦେଖି ଦୈତ୍ୟେ କରୁଥିଲେ ଭୟ
ସୀତା ସଙ୍ଗେ ଥିବାରୁ ସେ ହୋଇଲେ ନିର୍ଭୟ ।୧୯୫।
ଜମ୍ବୁବାନ ବଚନେ କହନ୍ତି ରଘୁପତି
ହାନ୍ଦୋଲାରେ କି ନିମନ୍ତେ ବସେ ମହାସତୀ ।
ଦୈତ୍ୟ କପି ଋକ୍ଷ ମୋର ନାହିଁ ଭିନ୍ନାଭିନ୍ନ
ଋକ୍ଷ କପି ଦଇତେ ଧରିବେ ଆନ ମନ ।
କେଶରୀକି ଚାହିଁ ରାମଚନ୍ଦ୍ର ଆଜ୍ଞା ଦେଲେ
ସୀତାଙ୍କ ଠାବକୁ ତୁମ୍ଭେ ଯାଅ ଯା ବୋଇଲେ ।
ହାନ୍ଦୋଲା ତେଜିଣ ସତୀ ଆସୁ ଚାଲି କରି
ଦେଖି ତୋଷ ହେଉନ୍ତୁ ସେ ଦୈତ୍ୟ ଋକ୍ଷ ହରି ।
ଆଜ୍ଞା ପାଇ କେଶରୀ ସେ ଗଲା ଧାଡିକାରେ
ପ୍ରବେଶ ହୋଇଲା ଯାଇଁ ସୀତାଙ୍କ ଛାମୁରେ ।୨୦୦।
ଶ୍ରୀରାମର ଆଜ୍ଞା ବୋଲି କେଶରୀ କହିଲା
ହାନ୍ଦୋଳା ତେଜିଣ ସତୀ ଚାଲ ଗୋ ବୋଇଲା ।
ଶ୍ରୀରାମର ଆଜ୍ଞା ବୋଲି ଶୁଣିଲେ କର୍ଣ୍ଣରେ
ହାନ୍ଦୋଳା ତେଜିଣ ସତୀ ହୋଇଲେ ବାହାର
ଦେଖି ଋକ୍ଷ ଦଇତେ ଶିରରେ କର ଦେଇ
ସାଧୁ ସାଧୁ ସୀତାଙ୍କୁ ବୋଲିଣ ଧୀରେ କହି ।
ଧୀର ଧୀର ହୋଇ ସୀତା ଚାଲନ୍ତି ପଥରେ
ପ୍ରବେଶ ହୋଇଲେ ଯାଇଁ ଶ୍ରୀରାମ ଛାମୁରେ ।
ଦେଖନ୍ତେ ରାମଙ୍କୁ ସୀତା ଚରଣରେ ପଡି
ଉଠି ଉଭା ହୋଇ ସୀତା ବେନିକର ଯୋଡି ।୨୦୫।
ଶ୍ରୀରାମ ସୀତାଙ୍କୁ ଦେଖି କୋଳ କରି ଧରି
ବେନିଜନଙ୍କର ଶୋକ କହିବେ ନ ପାରି ।
ଶ୍ରୀରାମ ସୀତାଙ୍କୁ ଦେଖି ମହାଶୋକ କରି
ଦେଖି ଋକ୍ଷ କପିମାନେ ହାହାକାର କରି ।

ଶୋକ ଛାଡ ବିଜୟ କରନ୍ତୁ ରଘୁପତି
ଆଗେ ଭଗ୍ନ ହୋଇଛନ୍ତି ଜନକଦୁହିତା ।
କହେ ରାଜା ଗୋବିନ୍ଦ ଶୁଣିମା ସୀତାପତି
ଦ୍ୱାଦଶ ମାସରେ ଆସି ଭେଟ ମୁଁ ଯାସତୀ ।
ବେନିଜନଙ୍କର ଭେଟ ହୋଇଲା ତୁମ୍ଭର
ଦୟାକର ଦୟାନିଧି ଶରଣ ତୁମ୍ଭର ।୨୧୦।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ମନ ଦେଇ
ଯେତେ ଯେତେ କଥାମାନ ସେଠାବରେ ହୋଇ ।
ସୀତାୟା ମୁଖକୁ ଚାହିଁ ରାମ ଆଜ୍ଞା ଦେଲେ
ଯହିଁ ଇଚ୍ଛା ତୁମ୍ଭର ଗୋ ଯାଅ ଯା ବୋଇଲେ ।
ବରଷେ ରହିଲ ସୀତା ରାବଣ ମନ୍ଦିରେ
କେମନ୍ତେ ଗ୍ରାହ୍ୟ ମୁଁ ଗୋ କରିବି ତୁମ୍ଭରେ ।
ତୁମ୍ଭର ନିମନ୍ତେ ଗୋ ମାଇଲି ଦଶାନନ
ଏ କଥା ରହିଲା ସଖୀ ଏ ତିନି ଭୁବନ ।
ରାଜାଗଣମାନେ ମୋତେ କହିବେକ ବାଛି
ଦୋଷରୁଣୀ ଅଟଇ ସୀତାୟା କମଲାକ୍ଷୀ ।୨୧୫।
ଏ ବଚନ ଶୁଣିଣ କହଇ ମନ୍ଦୋଦରୀ
ଶୁଣ ଦେବ ଅଯୋଧ୍ୟା-ଠାକୁର ଦଣ୍ଡଧାରୀ ।
ଯେତେ ଯେତେ କଥା ଦେବ ସୀତାୟାକୁ କହ
ଅପ୍ରାଧରେ ତୁମ୍ଭର ଯେ ନାହିଁ ବଇଦେହୀ ।
ମନ୍ଦୋଦରୀ ବଚନେ ଶ୍ରୀରାମ ଆଜ୍ଞା ଦେଲେ
ଜନମୁଖଧ୍ୱନି ଆନ କେ କରିବ ଭଲେ ।
ଶ୍ରୀରାମର ନିରାଶ ବଚନ ସୀତା ଜାଣି
ବୋଲନ୍ତି ଶୁଣିମା ହେଉ ଦେବ ରଘୁମଣି ।
ଯାହା ଆଜ୍ଞା ଦେବ ସ୍ୱାମୀ ସେ କଥା କରିବି
ଯେମନ୍ତେ ପରତେ ଯିବା ତାହା ବିଚାରିବ ।୨୨୦ ।

ସୀତାର ବଚନେ ରାମ ଲକ୍ଷ୍ମଣଙ୍କୁ କହି
ଶର ମାରି ଅଗ୍ନି ଜାତ କରି ବେଗେ ତୁହି ।
ଆଜ୍ଞା ପାଇ ଲକ୍ଷ୍ମଣ ଧଇଲେ ଧନୁଶର
ନାରାଚ ବିନ୍ଧିଲେ ଅଗ୍ନି ହୋଇଲା ବାହାର ।
ଅଗ୍ନି ଦେଖି ମହାସତୀ ଆନନ୍ଦ ହୋଇଲେ
ଆଦିତ୍ୟଙ୍କୁ ଚାହିଁ ଦେବୀ ବଚନ ବୋଇଲେ ।
ରକ୍ଷକପି ଦଇତ୍ୟ ଆବର ମନ୍ଦୋଦରୀ
ନୟନରୁ ବହିଲା ଲୋତକଧାରା ବାରି ।
ଶ୍ରୀରାମଙ୍କୁ ଚାହି ଣ ବୋଲନ୍ତି ସର୍ବଜନ
ଏତେ କୃତ୍ୟ କଲ କମ୍ପା ଦେବ ରଘୁନାନ । ୧୨୫ ।
ଦେଖି ରାମ ଲକ୍ଷ୍ମଣ ବହୁତ ଶୋକ କଲେ
କି ନିମନ୍ତେ ଏତେ କୃତ୍ୟ କଲଟି ବୋଇଲେ ।
ରାମ ଶୋକ ଦେଖି ବ୍ରହ୍ମା ମନରେ ବିଚାରି
ଶ୍ରୀରାମଚନ୍ଦ୍ରଙ୍କୁ ଚାଲି ଯିବା ବୋଧ କରି ।
ବ୍ରହ୍ମା ଇନ୍ଦ୍ର ଦେବଗଣ ଦଶରଥ ଆସି
ସୁବଳୟାଗିରିରେ ଦେଖନ୍ତି ବ୍ରହ୍ମଋଷି ।
ଦେଖି ଦେବଗଣେ ଶିରେ ବେନି କରି ଢେଲେ
ସ୍ତୁତି କରି ରାମପାଦେ ବହୁତ କହିଲେ ।
ଶୁଣ ଦେବ ସୀତୟାପତି ହୁଅ ସାବଧାନ
କି ନିମନ୍ତେ ସୀତୟାକୁ ଧରି ଦୋଷ ମନ । ୧୩୦ ।
ଲକ୍ଷ୍ମୀ ଅବତାର ସୀତା ତୁମ୍ଭେ ନାରାୟଣ
ତୁହିଁତେ ଭର୍ଜନ କି ସେ ଅଟଇ ରାବଣ ।
ସୀତା ନାମ ଧରି ଏବେ ଡାକ ରଘୁପତି
ଅଗ୍ନିରୁ ବାହାର ହେଉ ଜନକଦୁହିତୀ ।
ବ୍ରହ୍ମା ଇନ୍ଦ୍ର ଦଶରଥ କହିଲେ ବଚନ
ଶୁଣି କରି ସାନନ୍ଦ ହୋଇଲେ ରଘୁନାନ ।

ସୀତା ସୀତା ବୋଲି ଡାକେ ଦଶରଥବନ୍ଧି
ଅଗ୍ନିରୁ ବାହାର ହୋଏ ସୀତା କମଳାକ୍ଷୀ ।
ରାମଚନ୍ଦ୍ର ଆଗେ ସୀତା ହୋଇଲେକ ଉଭା
ଶରଦଚନ୍ଦ୍ରମା ପ୍ରାଏ ପାଉଅଛି ଶୋଭା । ୨୩୫ ।
ବ୍ରହ୍ମା ଇନ୍ଦ୍ର ମୁଖ ଚାହିଁ ରାମ ଆଜ୍ଞା ଦେଇ
ସକଳ କଥାକୁ ଜ୍ଞାତା ଅଛ ତୁମ୍ଭେ ହୋଇ ।
ଏତେ ଦିନେ ଦୟାକର ଚତୁର-ବଦନ
ସଂଗ୍ରାମେ ପଡ଼ିଲେ ମୋର ଲକ୍ଷ କପିମାନ ।
ନିଜ କାୟା ପ୍ରାଣ ସେ ପାଇବେ ସର୍ବକାଳ
ଦୀନଜନ ଦୟାକର ବ୍ରହ୍ମା ଆଖଣ୍ଡଳ ।
ଶ୍ରୀରାମ ବଚନେ ବ୍ରହ୍ମା ଇନ୍ଦ୍ର ତୋଷ ହୋଇ
ଅମୃତ ସିଞ୍ଚିଲେ ଋକ୍ଷ କପି ପ୍ରାଣ ପାଇଁ ।
ଦୁଷ୍ଟ ପ୍ରାଣୀ ଯେତେକ ସକଳ ଗଲେ ନାଶ
ରାମ ଶରଘାତେ ତାଙ୍କୁ ସ୍ୱର୍ଗପୁରେ ବାସ । ୨୪୦ ।
ରାମଚନ୍ଦ୍ର ମୁଖ ଚାହିଁ ବ୍ରହ୍ମା କହୁଛନ୍ତି
ସାବଧାନେ ଶୁଣ ଦେବ ସୀତସ୍ୱାର ପତି ।
ରାବଣକୁ ଶରଘାତେ ତୁମ୍ଭେ କଲ ନାଶ
ସ୍ୱର୍ଗେ ଦେବଗଣମାନେ ହୋଇଲୁ ଉଲ୍ଲାସ ।
ଦୁଃଖ କଷ୍ଟ ସକଳ ଆମ୍ଭର ନାଶ କଲୁ
ନିର୍ଭୟ ହୋଇଣ ଦେବ ସ୍ୱର୍ଗରେ ରହିଲୁ ।
ସୀତା ଘେନି ଅଯୋଧ୍ୟା ପୁରକୁ ବିଜେ କର
ଶିରୁଁ ଜଟାଭାର ଦେବ ଉତାର ତୁମ୍ଭର ।
ରାବଣ କଷ୍ଟରୁ ରାମ ତାରିଲ ଆମ୍ଭଙ୍କୁ
ଆଜ୍ଞା ହୁଅ ଏବେ ଦେବ ଫିରୁ ଭୁବନକୁ । ୨୪୫ ।
ବ୍ରହ୍ମାର ବଚନେ ରାମ ତୋଷମନ୍ତ ହୋଇ
ଯାଅ ବୋଲି ଆଜ୍ଞା ଦେଲେ ସୀତସ୍ୱାର ସାଇଁ ।

ଆଜ୍ଞା ପାଇ ବ୍ରହ୍ମା ଇନ୍ଦ୍ର ଭୁବନକୁ ଗଲେ
ଦଶରଥ ସହିତେ ସେ ସ୍ୱର୍ଗରେ ମିଳିଲେ ।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ମନ ଦେଇ,
ଅଯୋଧ୍ୟାକୁ ବିଚାର କରନ୍ତି ରଘୁସାଇଁ ।
ମନ୍ଦୋଦରୀ ମୁଖ ଚାହିଁ ରାମ ଆଜ୍ଞା ଦେଲେ
ଲଙ୍କା ଭୁବନକୁ ତୁମ୍ଭେ ଯାଅ ଗୋ ବୋଇଲେ ।
ଶ୍ରୀରାମ ଚରଣେ ଯାଇଁ ମନ୍ଦୋଦରୀ ପଡି
ଉଠି ଉଭା ହୋଇଲେ ମସ୍ତକେ କର ଯୋଡି ।
ସୀତଯ୍ୱା ନିମନ୍ତେ ଆଭରଣ ଆଣିଥିଲା
ଶ୍ରୀରାମ ଛାମୁରେ ମନ୍ଦୋଦରୀ ନେଇ ଦେଲା ।
ଦେଖି ରାମଚନ୍ଦ୍ର ମନ୍ଦୋଦରୀଙ୍କି କହନ୍ତି
କି ନିମନ୍ତେ ସଜ୍ଜା ଆଣିଅଛ ଗୋ ବୋଲନ୍ତି ।
ଶୁଣି କର ଯୋଡି କହେ ମନ୍ଦୋଦରୀ ରାଣୀ
ସୀତଯ୍ୱା ନିମନ୍ତେ ଦେବ ରତ୍ନ ଅଛି ଆଣି ।
ମନ୍ଦୋଦରୀ ବଚନେ ସନ୍ତୋଷ ରଘୁସାଇଁ
ମନ୍ଦିରକୁ ଯାଅ ବୋଲି ରାମ ଆଜ୍ଞା ଦେଇ ।
ଶ୍ରୀରାମ ଆଜ୍ଞାରେ ମନ୍ଦୋଦରୀ ଚଳିଗଲା
ନାରୀଗଣ ସହିତେ ସେ ଲଙ୍କାରେ ମିଳିଲା ।
ବିଭୀଷଣ ସୁଗ୍ରୀବକୁ ରାମ ଆଜ୍ଞା ଦେଇ
ବେଗ ହୋଇ ଅଯୋଧ୍ୟା କେମନ୍ତେ ଆମ୍ଭେ ଯାଇ
ଶ୍ରୀରାମ ବଚନ ଶୁଣି କହେ ବିଭୀଷଣ
ସାବଧାନେ ଶୁଣ ଦେବ ଅଯୋଧ୍ୟା ରାଜନ ।
ଘଡିକରେ ପୃଥିବୀ ଭ୍ରମଇ ଯେଉଁ ରଥ
ପୁଷ୍ପକ ବିମାନେ ବିଜେ କର ରଘୁନାଥ ।
ଶୁକ ଯେ ସାରଣ ବେନି ମନ୍ତ୍ରୀଙ୍କି ଡକାଇ
ଲଙ୍କାଭୁବନରୁ ପୁଷ୍ପଯାନ ଆଣ ଯାଇଁ ।

ବିଭୀଷଣ ଆଜ୍ଞାରେ ସେ ବେଳ ମନ୍ତ୍ରୀ ଗଲେ
ଲଙ୍କାଭୁବନରେ ଯାଇଁ ପ୍ରବେଶ ହୋଇଲେ ।
ନାନା ଅଲଙ୍କାରେ ପୁଷ୍ପ ବିମାନ ମଣ୍ଡିଲେ
ଶ୍ରୀରାମ ସମ୍ମୁଖରେ ରଥ ନେଇ ଯୋଗାଇଲେ
ଦେଖି ରଘୁପତି ଚିତ୍ତେ ହରଷ ହୋଇଲେ
ସୀତା କର ଧରି ଯାଇଁ ବିମାନେ ବସିଲେ ।
ଲକ୍ଷ୍ମଣ ସୁଗ୍ରୀବ ବିଭୀଷଣ ଯୂଥପତି
ଋକ୍ଷ କପି ଦଇତେ ଯେ ସମସ୍ତେ ବସନ୍ତି ।
ଶ୍ରୀରାମ ସୀତାସ୍ତୁ ଯେତେବେଳେ ରଥେ ବସି
ବିମାନ ବିସ୍ତୁରେ ମୋର ଗଲା ପାପରାଶି ।
ଶ୍ରୀରାମର ଆଜ୍ଞା ପାଇ ବିମାନ ଉଡ଼ିଲା
ଧୀର ଧୀର ହୋଇ ରଥ ଆକାଶେ ଉଠିଲା ।
ଉତ୍ତର ଅଭିମୁଖେ ସେ ଚଳିଯାଇ ରଥ
ବିଚେଜ କରିଛନ୍ତି ଦଶରଥଙ୍କର ସୁତ ।
ଶ୍ରୀରାମ ସମ୍ମୁଖରେ ସୀତା ବିଜେ କରିଛନ୍ତି
ଯେତେଭାବେ ଯେଉଁ କଥା ରାମ ଆଜ୍ଞା ଦିଅନ୍ତି ।
କବନ୍ଧ ରାକ୍ଷସ କଥା ଶବର ଶବରୀ
ସୁଗ୍ରୀବର ସଙ୍ଗେ ଭେଟ ମଇତ୍ର ଯେ କରି ।
ବାଳିକି ମାଇଲେ ମାଲ୍ୟବନ୍ତରେ ରହିଲେ
ଯେତେ ଭାବେ ସ୍ଥିର ପେଷି ସୀତା ଠାବକଲେ ।
ସେତୁବନ୍ଧ ବାନ୍ଧିଲେ ରାବଣ କଲେ ନାଶ
ସବୁକଥା ସୀତା ଆଗେ କହେ ପୀତବାସ ।
ଏମନ୍ତେ ଆକାଶମାର୍ଗେ ବିମାନ ଚଳଇ
ଗଙ୍ଗା ନିକଟରେ ରଥ ହୋଇଲା ଯାଇ ।
ଭରଦ୍ୱାଜ ଋଷି ପର୍ଣ୍ଣଶାଳୀ ନିକଟରେ
ରଘୁନାଥ ଆଜ୍ଞା ଦେଲେ ରହ ଏହିଠାରେ ।
ଆଜ୍ଞାପାଇ ବିମାନ ଆକାଶରୁ ଖସଇ
ଋଷିଙ୍କର ପର୍ଣ୍ଣଶାଳା ଦ୍ୱାରରେ ମିଳଇ ।

ରଥରୁ ଓହ୍ଲାଇ ରାମ ମୁନିପାଶେ ଗଲେ
ପ୍ରଣାମ କରିଣ ଦଣ୍ଡବତରେ ଶୋଇଲେ ।
ଉଠି ରାମଚନ୍ଦ୍ର ମୁନି ପାଖରେ ବସନ୍ତି
କଲ୍ୟାଣ କରିଣ ମୁନି କୁଶଳ ପୁଚ୍ଛନ୍ତି ।
ସୁଗ୍ରୀବର ବିଭୀଷଣ ଯୂଥପତି ଗଲେ
ନମସ୍କାର କରି ମୁନି ନିକଟେ ମିଳିଲେ ।
ଭଲ୍ଲ ସେ ରାକ୍ଷସ ସବୁ ଏକମେଳ ହୋଇ
ରହିଲେ ମୁନିର ପାଶେ ମହାସୁଖ ପାଇ ।
ସକଳ ଚରିତ ମୁନି ରାମଙ୍କୁ ପୁଚ୍ଛନ୍ତି
ମୁନିଙ୍କର ପାଶେ ରାମ ସକଳ କହନ୍ତି ।
ଯେମନ୍ତ ପ୍ରକାରେ ଦଶଶିର ସୀତା ନେଲା
ସୁଗ୍ରୀବର ସଙ୍ଗେ ଯେତେ ଭାବେ ଭେଟ ହେଲା ।
ବାଳିକି ମାରିଲେ ମାଲ୍ୟବନ୍ତରେ ରହିଲେ
ସୀତା ପାଇଁ କପି ଯୂଥ ଚାରିଆଡ଼େ ଗଲେ ।
ସେତୁବନ୍ଧ ବାନ୍ଧିଲେ ରାବଣ କଲେ ହତ
ମୁନିପାଶେ ସମସ୍ତ କହିଲେ ସୀତାକାନ୍ତ ।
ଶୁଣିଣ ହରଷଚିତ୍ତ ହୋଇ ମୁନିବର
କେତେ ଶିବ ତୁମ୍ଭଙ୍କୁ ଅଟଇ ରଘୁବୀର ।
ଯାହା ଶରଘାତେ ତିନିପୁର ନାଶଯାଇ
ରାବଣ ଦଇତ ତୋତେ କେତେ ମାତ୍ର ହୋଇ ।
ଏମନ୍ତ କହିଣ ମୁନି ପୂଜାବିଧି କଲେ
ବିଧିମତେ ଅମୃତ ମଣୋହି ଆଣି ଦେଲେ ।
ହରଷଚିତ୍ତରେ ସର୍ବେ ଭୋଜନ କରନ୍ତି
ମୁନିଙ୍କ ନିକଟେ ରାମ ସେ ଦିନ ରହନ୍ତି ।
ଏଥୁ ଅନନ୍ତରେ ରାମ ହନୁମନ୍ତ ସାଇ
ଅଯୋଧ୍ୟାପୁରକୁ ତୁମ୍ଭେ ଯାଅ ବେଗ ହୋଇ ।
ଭରତ ଶତ୍ରୁଘ୍ନଠାରେ କହିବ ବାରତା
କାଲି ପ୍ରଭାତୁ ବିଜେ କରିବେ ସୀତାକାନ୍ତ ।

ଗୁହ ନାମେ ଶବର ଆମ୍ଭର ମିତ୍ର ହୋଇ
ଶୃଙ୍ଗବେର ପୁର ତାଙ୍କ ଗୃହ ଅଛି ହୋଇ । ୨୯୦
ସେଠାବରେ କହିବ ଅଯୋଧ୍ୟାପୁର ନୃ
ମୋହୋର ଚରଣେ ଯାଇଁ ଭର୍ତ୍ସନା କରିବେ
ଆଜ୍ଞା ପାଇ ହନୁମନ୍ତ ଆକାଶେ ମିଳିଲା
ଶୃଙ୍ଗବେର ପୁରେ ଯାଇଁ ପ୍ରବେଶ ହୋଇଲା
ଗୁହ ନାମେ ଶବର ସେ ଆଗରେ ପ୍ରବେଶ
ଶ୍ରୀରାମ ସନ୍ଦେଶ କହେ ପବନର ଶିଷ୍ୟ ।
ଆଜ୍ଞା ପାଇ ଶବର ହୋଇଲା ତୋଷଚିତ୍ତ
ବାରତା କହିଣ ସେ ଚଳିଲା ହନୁମନ୍ତ ।
ସୈନ୍ୟ ଘେନି ଗୁହ ନାମେ ଶବର ଚଳିଲା
ଅଯୋଧ୍ୟା ଭୁବନେ ଯାଇ ପ୍ରବେଶ ହୋଇଲା ।
ଆକାଶ ମାର୍ଗରେ ଗମେ ପବନର ସୁତ
ନନ୍ଦିଗ୍ରାମେ ପ୍ରବେଶ ହୋଇଲା ହନୁମନ୍ତ ।
ଭରତ ଶତ୍ରୁଘନ ସଭା କରି ବସିଛନ୍ତି
ଲକ୍ଷେ ଲକ୍ଷେ ରାଜା ଉଭା ହୋଇଣ ଅଛନ୍ତି । ୨୯୫ ।
ଏମନ୍ତ ସମୟେ ହନୁ ପ୍ରବେଶ ହୋଇଲେ
ଭରତ ଶତ୍ରୁଘନ ଦୁଇ ଭାଇଙ୍କି ଦେଖିଲେ ।
ଆଗେ ଉଭା ହୋଇ କହେ ପବନର ସୁତ
କାଲି ପ୍ରଭାତୁଁ ବିଜେ କରିବେ ରଘୁନାଥ ।
ଶୁଣନ୍ତେ ସନ୍ତୋଷ ହୋଇ ଭରତ ଶତ୍ରୁଘନ
ଉଠି କୋଳ କଲେ ଯାଇଁ ବୀର ହନୁମାନ ।
ହସ୍ତ ଧରି ହନୁକୁ ଭରତ ଧରି ନେଲେ
ପାଶରେ ବସାଇ ବୀର କୁଶଳ ପୁଚ୍ଛିଲେ ।
କାହୁଁ ବିଜେ କରିଛନ୍ତି ସୀତାଙ୍କର ପତି
କହ ହନୁ ସତ ଚିତ୍ତ ହେଉ ମୋ ଭୂପତି । ୩୦୦ ।
ଶୁଣି କରି କହଇ ସେ ବୀର ହନୁମାନ
ଭରଦ୍ୱାଜ ଋଷିଙ୍କ ଆଶ୍ରମେ ରଘୁନାଥ ।

କାଲି ପ୍ରଭାତରେ ରାମ କରିବେ ବିଜୟେ
ମୋତେ ଆଗେ ପେଷିଲେ ଶ୍ରୀରାମଚନ୍ଦ୍ର ରାଏ ।
[illegible] ଭରତ ବୀର ଚିତ୍ତେ ହରଷ ହୋଇଲେ
ରତ୍ନ ସୁବର୍ଣ୍ଣର ହନୁ ଶିରରେ ମଣ୍ଡିଲେ ।
ମାତୃଗଣମାନେ ଶୁଣି ହରଷ ହୋଇଲେ
ବସ୍ତ୍ର ଅଲଙ୍କାର ହନୁ ପାଶେ ନେଇ ଦେଲେ ।
ଏମନ୍ତେ ରଜନୀ ଆସି ହୋଇଲା ପ୍ରବେଶ
ନିଦ୍ରାରେ ବଞ୍ଚିଲେ ସେହୁ (କଏକଥା) ଶେଷ ।
ପ୍ରଭାତ ସମୟେ ବୀର ନିତ୍ୟକର୍ମ ସାରି
ଲକ୍ଷେ ରାଜା ଉଭା ହୋଇଛନ୍ତି ସଭାକରି ।
ଭରତ ଶତ୍ରୁଘନ ବେନି ଭାଇ ଉଭା ହୋଇ
ଶିରେ ଜଟାଭାର ଅଙ୍ଗେ ବିଭୂତି ଅଛଇ ।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ମନ ଦେଇ
ପ୍ରଭାତ ସମୟେ ରାମ ମୁନିପାଶେ ଯାଇ ।
ମୁନିଙ୍କି ଦେଖିଣ ରାମ ନମସ୍କାର କଲେ
ଆଜ୍ଞା ମାଗି ଯାଇଣ ବିମାନେ ବିଜେକଲେ ।
ଋଷି ଯେ ରାକ୍ଷସ ଯାଇ ସମସ୍ତେ ବସନ୍ତି
ବାଦ୍ୟନାଦ ବଜାଇ ସେ ଆନନ୍ଦ ହୁଅନ୍ତି ।
ରାମ ଆଜ୍ଞା ପାଇ ରଥ ଆକାଶେ ଗମଇ
ଉତ୍ତରକୁ ମୁଖ କରି ସଧୀରେ ଚଳଇ ।
ଘଡିକେ ପ୍ରବେଶ ଯାଇଁ ଅଯୋଧ୍ୟା ଭୁବନ
ଧୀରେ ଧୀରେ ଆକାଶରେ ଗମେ ପୁଷ୍ପଯାନ ।
ହନୁମନ୍ତ କହଇ ଭରତ ମୁଖ ଚାହିଁ
ଆକାଶରେ ଗମେ ରଥ ଦେଖ ବୀର ତୁହି ।
ହନୁମନ୍ତ ବଚନେ ଆକାଶେ ଦୃଷ୍ଟି ଦେଲେ
ରଥ ଦେଖି ସମସ୍ତେ ହରଷ ଚିତ୍ତ ହେଲେ ।
ଏମନ୍ତେ ବିମାନ ଆସି ପ୍ରବେଶ ହୋଇଲା
ନନ୍ଦିଗ୍ରାମ ସିଂହଦ୍ୱାର ଠାବରେ ରହିଲା ।

ସୁଗ୍ରୀବର ବିଭୀଷଣ ଋଷ ଯେ ବାନର
ଦୈତ୍ୟଗଣ ସହିତେ ସେ ହୋଇଲେ ବାହାର ।
ଋଷକପି ଧଇତେ ବଜାନ୍ତ ବାଦ୍ୟମାନ
ଦେଖନ୍ତି ହରଷ ଚିତ୍ତେ ଅଯୋଧ୍ୟା ର[illegible] ।
ଶ୍ରୀରାମ ଲକ୍ଷ୍ମଣ ସୀତା ରଥୁଁ ଓହ୍ଲେକର
ଭରତ ଶତ୍ରୁଘନ ଯାଇଁ ରାମ ପାଦ ଧରି ।
କୋଳାଗ୍ରତ କରି ରାମ ଭାଇଙ୍କି ଧରନ୍ତି
ଭରତ-ପାଦତଳେ ଯାଇଁ ଲକ୍ଷ୍ମଣ ପଡ଼ନ୍ତି ।
କୋଳାଗ୍ରତ କରି ଭରତ ଲକ୍ଷ୍ମଣଙ୍କୁ ଧରି
ଶତ୍ରୁଘନ ଲକ୍ଷ୍ମଣ ପାଦରେ ମାନ୍ୟ କରି ।
ଭରତ ଶତ୍ରୁଘନ ସୀତା ପାଦରେ ପଡ଼ିଲେ
ବେନି କରେ ବେନି ଭାଇ ବେନିଙ୍କି ତୋଳିଲେ ।
କାଏକୟୀ କଉଶଲ୍ୟା ସୁମିତ୍ରା ହିଁ ଘଲେ
ମାତାଙ୍କୁ ଦେଖିଣ ରାମ ନମସ୍କାର କଲେ ।
ଶ୍ରୀରାମ ଲକ୍ଷ୍ମଣ ସୀତା କୋଳ କରି ଧରି
ମୁଖରେ ଚୁମ୍ବନ ଦେଇ ଆଶ୍ୱାସନା କରି ।
ବିଭୀଷଣ ସୁଗ୍ରୀବର ଯୂଥପତିମାନ
ଭରତ ଶତ୍ରୁଘନଙ୍କୁ କହିଲେ ରଘୁନାନ ।
ସୁଗ୍ରୀ ବିଭୀଷଣ ଏଟି ବୋଲିଣ ବୋଇଲେ
ବିଧିମତେ ମାନ୍ୟ ଧର୍ମ ସମସ୍ତେ ହେଁ କଲେ ।
ଭରତ ଶତ୍ରୁଘନ ଯାଇ କୋଳାଗ୍ରତ କଲେ
ନାନା କଥାମାନ ତହିଁ କୁହାକୋହି ହେଲେ ।
ଲଙ୍କେ ରାଜା ଶ୍ରୀରାମଙ୍କ ଶ୍ରୀଚରଣେ ପଡ଼ି
ଉଠି ଉଭା ହୋଇଲେ ମସ୍ତକେ କର ଯୋଡ଼ି ।
ଏଥୁ ଅନନ୍ତରେ ରାମ ମନ୍ଦିରେ ପ୍ରବେଶ
ଗୃହ ଦେଖି ମନରେ ହୁଅନ୍ତି ହସ ହସ ।

ରାଜ୍ୟସୁଖ ଛାଡି ଭରତ ମୋହରେ ଭଜନ୍ତି
ଦୁଃଖ ପାଇ ବଞ୍ଚିଲେ ହୋଇଣ ବେଳ ଯତି ।
ଋଷିଙ୍କ ମନ୍ଦିର ପ୍ରାଏ ଗୃହ ହୋଇଅଛି
ବହୁତ ଦୁଃଖ କଲେ ରଘୁବଳ୍କି ।

ଏଥୁ ଅନନ୍ତରେ ରାମ ନନ୍ଦଗ୍ରାମେ ରହି
ଭରତ ଶତ୍ରୁଘ୍ନ ଫଳ ମୂଳମାନ ଦେଇ ।
ସୁଗ୍ରୀବର ବିଭୀଷଣ ଯୂଥପତିମାନ
ଋକ୍ଷ ଯେ ରାକ୍ଷସ ଆସି କରନ୍ତି ଭୋଜନ ।
ହରଷ ହୋଇଣ ଚଉଦ୍ଦ ନନ୍ଦଗ୍ରାମେ ରହି
ମୁଖରାବ ଶବଦେ ଉଚ୍ଚକୁ ଅଛି ମହୀ ।
ସୁମନ୍ତ ମନ୍ତ୍ରୀକି ଡାଇ ଭରତ ଆଜ୍ଞା ଦେଲେ
ଅଭିଷେକ ବିଧିମାନ କରନ୍ତୁ ବୋଇଲେ ।
ପୁର ପେଷି ଋଷି ବିପ୍ର ଅଣାଇ ଡକାଇ
ଅଯୋଧ୍ୟା ଭୁବନକୁ ମଣ୍ଡନ କର ଯାଇ ।
ଭରତ ଆଜ୍ଞା ପାଇ ମନ୍ତ୍ରୀ ବାହାର ହୋଇଲେ
ଯହୁଁ କି ଯେମନ୍ତ ବିଧି ପୁର ବରଗିଲେ ।
ଋଷି ବିପ୍ରମାନେ ଆସି ହୋଇଲେ ପ୍ରବେଶ
ମଣ୍ଡିଣି ହୋଇଲା ସେ ଅଯୋଧ୍ୟା ପୁର ଦେଶ ।
ବାରସ୍ୱଶି ଭୁବନ ପ୍ରାୟୁକ ଶୋଭା ପାଇ
ସୁବର୍ଣ୍ଣ କଲଶ ବସି ଚପଳ ଉଡ଼ଇ ।
ନବରତ୍ନେ ପୁରମାନ ଶୋଭା ପାଉଅଛି
ଯହୁଁ ବିଜେ କରିଛନ୍ତି ଦଶରଥବଳ୍କି ।
ଚୂତ ତରୁମାନେ ଗୋ ଶୋଭନ୍ତି ଧାଡି ଧାଡି
* ନଡ଼ୀକାଳମାନ ଗୋ ବୃକ୍ଷରେ ଛନ୍ତି ଫଳି ।
ବୃକ୍ଷମାନଙ୍କରେ ଲତାମାନେ ବେଢିଛନ୍ତି
ନାନା ବର୍ଣ୍ଣେ ପୁଷ୍ପ ଗୋ ଭ୍ରମର ଚୁମ୍ବୁଛନ୍ତି ।

* ନଡ଼ୀକାଳ—ନାରିକେଳ ?

ଯେଉଁ ଠାରେ ବିଜୟ କରିବେ ଭଗବାନ
ବୈକୁଣ୍ଠ ପ୍ରାଏକ ସେହି ସ୍ଥାନଟି ଅଟଇ ।
ଚାନ୍ଦୁଆ ବାନ୍ଧନ୍ତି କାହିଁ ଚାମର ବାନ୍ଧନ୍ତି
ପୁଷ୍ପମାଳମାନ ତୋରଣ ଖମ୍ବରେ ଲମ୍ବାନ୍ତି
କେଉଁ ଠାରେ ପୂର୍ଣ୍ଣକୁମ୍ଭ ଚୂତ ପତ୍ର ଦେଇ
କେଉଁ ଠାରେ କଦଳୀ ଗୋ ବୃକ୍ଷମାନ ରୋଇ
କେଉଁ ଠାରେ ନୃତ୍ୟ ଗୀତ କରୁଛନ୍ତି ମିଳି
ବାଦ୍ୟ ନାଦ ଶବଦେ ଗୋ ପୃଥିବୀ ଉଛୁଳି । ୩୪୫ ।
ଅଭିଷେକ ଦ୍ରବ୍ୟମାନ ସମସ୍ତ ଥୋଇଲେ
ବିଧିମତେ ସୁମନ୍ତ୍ର ଗୋ ସବୁ ଭିଆଇଲେ ।
ବ୍ରହ୍ମର୍ଷି ଦେବର୍ଷି ରାଜର୍ଷି ଆସି
ଅଯୋଧ୍ୟା ଭୁବନେ ଗୋ ମିଳିଲେ ବ୍ରହ୍ମର୍ଷି ।
ସମସ୍ତ ଭିଆଇ ଗୋ ସୁମନ୍ତ୍ର ଚଳିଗଲା
ଭରତ ଶତ୍ରୁଘ୍ନ ପାଶେ ଯାଇଁ ଗୋ ମିଳିଲା ।
କର ଯୋଡି କହଇ "ଶୁଣିମା" ମନ୍ତ୍ରିବର
ସମସ୍ତ ଭିଆଣ ଦେବ ହେଇଲା ତୁମ୍ଭର ।
ମନ୍ତ୍ରୀର ବଚନେ ଭରତ ବୀର ଚଳିଗଲେ
କର ଯୋଡି ରାମପାଶେ ଭରତ କହିଲେ । ୩୫୦ ।
ହେ ଦେବ ଅଯୋଧ୍ୟାପତି ହୁଅ ସାବଧାନ
ନିର୍ମଳ ଶଉଚ ଦେବ କରିବା ବିଧାନ ।
ଭରତ ବଚନେ ରାମଚନ୍ଦ୍ର ବିଜେକଲେ
ନିର୍ମଳ ଶତାଚରମ ସମସ୍ତ ସାରିଲେ ।
ଭରତ ଲକ୍ଷ୍ମଣ ଶତ୍ରୁଘ୍ନ ବେନିଭାଇ
ସୀତାଙ୍କୁ ସହିତେ ଗୋ ମାଜଣାଦି ହୋଇ ।
ବସ୍ତ୍ର ଅଳଙ୍କାର ରାମ ଭୂଷଣ ହୋଇଲେ
ପାତ୍ରମନ୍ତ୍ରୀମାନେ ଯାଇ ପ୍ରବେଶ ହୋଇଲେ ।

ଜାବାଳି ବଶିଷ୍ଠ ଗୋ କାଶ୍ୟପ ଋଷି କହି
ଅଯୋଧାପୁରକୁ ବିଜେ କର ରଘୁସାଇଁ । ୩୫୫ ।
[illegible] ବଚନେ ରାମଚନ୍ଦ୍ର ଉଭା ହୋଇ
ଶ୍ୱେତ ଅଶ୍ୱ ସୁମନ୍ତ ଗୋ ଜଗାଇଲେ ନେଇ ।
ଅଶ୍ୱ ଚଢି ରାମଚନ୍ଦ୍ର ବିଜୟ କରନ୍ତି
ଭରତ ଶତ୍ରୁଘ୍ନ ତାଙ୍କ ପଛରେ ଅଛନ୍ତି ।
ହାଣ୍ଡୋଳା ଚଢିଣ ସୀତା ହୋଇଲେ ବାହାର
ମାତୃଗଣ ସଙ୍ଗତେ ଚଳନ୍ତି ଧୀର ଧୀର ।
ସୁଗ୍ରୀବର ଯୂଥପତି ଅଶ୍ୱ ଆରୋହିଲେ
ବିଭୀଷଣ ହସ୍ତୀ ଚଢି ବାହାର ହୋଇଲେ ।
ଲକ୍ଷେ ରାଜା ବାହନ ଚଢିଣ ଆଗ ହୋଇ
ଛତ୍ର କେହୁ ରାମର କେ ଧରିଛନ୍ତି ରହି । ୩୬୦ ।
ହନୁମନ୍ତ ଅଙ୍ଗଦ ହସ୍ତୀର କାନ୍ଧେ ବସି
ଜାମ୍ବବାନ ନଳ ନୀଳ ସୁଷେଣ ଯେ ଆସି ।
ଗୁହ ନାମେ ଶବର ଶ୍ରୀରାମ ପାଶେ ଅଛି
ଅଯୋଧ୍ୟା ଭୁବନେ ବିଜେ ଦଶରଥବଛି ।
ରତ୍ନ ସିଂହାସନେ ବିଜେ କଉଶଲ୍ୟାସୁତ
ବାମପାଶେ ବସିଛନ୍ତି ଜନକ ଦୁହିତ ।
ଯୂଥପତି ଘେନି ସୁଗ୍ରୀବର ଉଭା ହୋଇ
ବିଭୀଷଣ ରାମର ତାଳଇ ଉଭା ହୋଇ ।
ଛତ୍ର ଧରି ଲକ୍ଷ୍ମଣ ହୋଇଅଛି ଉଭା
ଦେଖନ୍ତି ଶ୍ରୀରାମଚନ୍ଦ୍ର ଦିଶୁଛନ୍ତି ଶୋଭା । ୩୬୫ ।
ଭରତ ଶତ୍ରୁଘ୍ନ ଚାମରଖଣ୍ଡି (?) ଘେନିଛନ୍ତି
ରାମ ପାଦତଳେ ହନୁମନ୍ତ ବସିଛନ୍ତି ।
ବଶିଷ୍ଠ କାଶ୍ୟପ ଆଦି ଯେତେ ତପୋବନ୍ତେ
ଦେବଋଷି ବ୍ରହ୍ମଋଷି ଜାବାଳି ସଙ୍ଗତେ ।

ଅଭିଷେକ ବିଧି ଆଣି ସୁମନ୍ତ୍ର ଥୋଇଲେ
ବ୍ରହ୍ମା ଇନ୍ଦ୍ର ଦେବଗଣ ସମସ୍ତେ ମିଳିଲେ ।
ଶ୍ରୀରାମର ଅଭିଷେକବିଧି ହେଉଅଛି
ବଶିଷ୍ଠ କାଶ୍ୟପ ବ୍ରହ୍ମ କାଶ୍ୟପଙ୍କ [illegible] ।
ମନ୍ତ୍ର ପଢି ଅଭିଷେକ ବିଧି କରୁଛନ୍ତି
ଆଶୀର୍ବାଦ ତପୋବନ୍ତ ଶିରେ ଦେଉଛନ୍ତି । ୩୭୦ ।
ଚଣ୍ଡୁଳ ପଡନ୍ତେ ହନୁମନ୍ତ ଗ୍ରାସ କରି
ଲକ୍ଷ୍ମଣ ନୟନେ ଆସି ନିଦ୍ରାବତୀ ଘାରି ।
ହସ ହସ ହୋଇଲେ ଲକ୍ଷ୍ମଣ ମହାମତି
ମନରେ ଶ୍ରୀରାମଚନ୍ଦ୍ର ବିଚାର କରନ୍ତି ।
ସୀତସ୍ଥା ଚଉରେ ମହା ମନଦୁଃଖ ହୋଇ
ହନୁମନ୍ତ ଋଷିଏ ବିଚାର କଲେ ଚାହିଁ ।
ଲକ୍ଷ୍ମଣ ମୁଖକୁ ଚାହିଁ ରାମ ଆଜ୍ଞା ଦେଲେ
କି ନିମନ୍ତେ ହସିଲ କହିବାଟି ବୋଇଲେ ।
ଶ୍ରୀରାମ ବଚନ ଶୁଣି କହଇ ଲକ୍ଷ୍ମଣ
ସାବଧାନେ ଶୁଣ ଦେବ ରଘୁକୁଳ ରାଣ । ୩୭୫ ।
ଯେତେବେଳେ ବନବାସ ହୋଇଲ ତୁମ୍ଭର
ନୟନରେ ନିଦ୍ରା ଆସି ଘାରିଲା ମୋହର ।
ସ୍ତୁତିକରି ନିଦ୍ରାବତୀ ପାଶରେ କହିଲି
ବନବାସେ ନିଦ୍ରା ମୋତେ ନ ଘାର ବୋଇଲି ।
ମୋହର ବଚନେ ନିଦ୍ରାବତୀ ତୋଷଗଲା
ଏତେବେଳେ ଆସି ଦେବ ନୟନେ ଘାରିଲା ।
ବିସ୍ମରିଲି ବନସ୍ତେ ପାଇଲି ଏତେ ଦୁଃଖ
ରାମଚନ୍ଦ୍ର ଅଭିଷେକ ଦେଖିବହିଁ ସୁଖ ।
ଲକ୍ଷ୍ମଣ ବଚନେ ରାମ ତୁଷ୍ଟ ହୋଇଲେ
ମନେ ଯେତେ ଭ୍ରାନ୍ତି ଥିଲା ସବୁ ଦୂର କଲେ । ୩୮୦ ।

ଏଥୁ ଅନନ୍ତରେ ରାମ ଅଭିଷେକ ସାରି
ଶ୍ରୀରାମ ବ୍ରହ୍ମାର ରତ୍ନ ଆଭରଣ କରି ।
ଶ୍ରୀଅଙ୍ଗେ ଇନ୍ଦ୍ର ଅଳଙ୍କାରମାନ ଆଣି ଦେଲେ
ଅର୍ଦ୍ଧାଙ୍କ କରିଣ ରାମ ପାରୁଶରେ ଦେଲେ ।
ବିଭୀଷଣ ସୁଗ୍ରୀବର ଯୂଥପତିମାନ
ନାଉଛାଳି କରନ୍ତି ଦେଖନ୍ତି ସର୍ବଜନ ।
ରାଜାଗଣମାନ ଯେ ଅକ୍ଷତ ଆଣି ଦେଲେ
ବ୍ରହ୍ମା ରାମଚନ୍ଦ୍ରଙ୍କୁ ସେ ବନ୍ଦାପନା କଲେ ।
ଋଷି ବିପ୍ରମାନେ ବିଦା ପାଇକରି ଗଲେ
ଯେ ଯାହା ମନ୍ଦିରେ ଯାଇ ପ୍ରବେଶ ହୋଇଲେ ।୭୮୯।
ବିଭୀଷଣ ସୁଗ୍ରୀବକୁ ରାମ ଆଜ୍ଞା ଦେଲେ
ବସ୍ତ୍ର ଅଳଙ୍କାରମାନ ଆଭରଣ କଲେ ।
ଆଜ୍ଞା ପାଇ ସୁଗ୍ରୀବର ବିଭୀଷଣ ଗଲେ
* ଇସ୍କିନ୍ଧାରେ ଲଙ୍କାପୁରେ ପ୍ରବେଶ ହୋଇଲେ ।
ଏଥୁ ଅନନ୍ତରେ ରାମ ନବରେ ପ୍ରବେଶ
କଉଶଲ୍ୟା ସୁମିତ୍ରା କକେୟୀ ଆସି ପାଶ ।
ବନ୍ଦାପନା କରନ୍ତି ହରଷ ଚିତ୍ତ ହୋଇ
ରାଜା ଗୋବିନ୍ଦାଇ ରାମ ପଦ୍ମପାଦେ ଧ୍ୟାଇ ।
ରାମ ମୋର ପିତା ମାତା ରାମ ମୋର ବନ୍ଧୁ
ଦୁଃସହ ଦୁର୍ଗତି ନାହି କର ଜଗବନ୍ଧୁ ।୭୯୦।
ଏ ମାୟା ଅନ୍ଧକାରରୁ ମୋତେ ପାରିକର
ରାଜା ଗୋବିନ୍ଦାଇ ରାମ ଶରଣ ତୁମ୍ଭର ।୭୯୧।

ସ ମା ପ୍ତ

---

* ଇସ୍କିନ୍ଧା—କିସ୍କିନ୍ଧା

Printed by B. K. Kar, B.A. at the Saraswata Press, Cuttack—1940.

ଏଥୁ ଅନନ୍ତରେ ରାମ ଅଭିଷେକ ସାରି
ଶ୍ରୀରାମ ବ୍ରହ୍ମାର ରତ୍ନ ଆଭରଣ କରି ।
[illegible] ଇନ୍ଦ୍ର ଅଳଙ୍କାରମାନ ଆଣି ଦେଲେ
ଅସଂଖ୍ୟ କରିଣ ରାମ ପାରୁଶରେ ଦେଲେ ।
ବିଭୀଷଣ ସୁଗ୍ରୀବର ଯୂଥପତିମାନ
ନିଉଛାଳି କରନ୍ତି ଦେଖନ୍ତି ସର୍ବଜନ ।
ରାଜାଗଣମାନ ଯେ ଅଷତ ଆଣି ଦେଲେ
ବ୍ରହ୍ମା ରାମଚନ୍ଦ୍ରଙ୍କୁ ସେ ବନ୍ଦାପନା କଲେ ।
ଋଷି ବିପ୍ରମାନେ ବିଦା ପାଇକରି ଗଲେ
ଯେ ଯାହା ମନ୍ଦିରେ ଯାଇ ପ୍ରବେଶ ହୋଇଲେ ।୬୮୫।
ବିଭୀଷଣ ସୁଗ୍ରୀବଙ୍କୁ ରାମ ଆଜ୍ଞା ଦେଲେ
ବସ୍ତ୍ର ଅଳଙ୍କାରମାନ ଆଭରଣ କଲେ ।
ଆଜ୍ଞା ପାଇ ସୁଗ୍ରୀବର ବିଭୀଷଣ ଗଲେ
* ଇସ୍କିନ୍ଧାରେ ଲଙ୍କାପୁରେ ପ୍ରବେଶ ହୋଇଲେ ।
ଏଥୁ ଅନନ୍ତରେ ରାମ ନଗରେ ପ୍ରବେଶ
କଉଶଲ୍ୟା ସୁମିତ୍ରା କେକୟୀ ଆସି ପାଶ ।
ବନ୍ଦାପନା କରନ୍ତି ହରଷ ଚିତ୍ତ ହୋଇ
ରାଜା ଗୋବିନ୍ଦାଇ ରାମ ପଦ୍ମପାଦେ ଧାଇ ।
ରାମ ମୋର ପିତା ମାତା ରାମ ମୋର ବନ୍ଧୁ
ଦୁଃସହ ଦୁର୍ଗତି ନାହି କର ଜଗବନ୍ଧୁ । ୬୯୦ ।
ଏ ମାୟା ଅନ୍ଧକାରରୁ ମୋତେ ପାରିକର
ରାଜା ଗୋବିନ୍ଦାଇ ରାମ ଶରଣ ତୁମ୍ଭର । ୬୯୧ ।

ସ ମା ପ୍ତ

---

* ଇସ୍କିନ୍ଧା—କିସ୍କିନ୍ଧା

Printed by B. K. Kar, B.A. at the Saraswata Press, Cuttack—1940.